# ଧରିତ୍ରୀ DHARITRI

ବ୍ରହ୍ମପୁର, ସୋମବାର, ଜୁନ୍ ୨୦/୨୦୨୨ (୧୪ ପୃଷ୍ଠା) | Berhampur, Monday, June 20/2022 | Page 14 | ₹ 7.00 | ★★★

୧୮ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



Aakash + BYJU'S

# Total Preparation for Success

TOTAL PREPARATION: HIGH QUALITY TEACHING · DOUBT RESOLUTION & PRACTICE · REGULAR TESTING & FEEDBACK

- 85,000+ Rankers# from across India in NEET, JEE, NTSE & Olympiads
- 33+ Years of delivering outstanding results
- 275+ Branches & Centres across India
- 100% Digitalized classrooms

and more...



## Admissions Open

- Medical (NEET)
- Engineering (JEE)
- Foundation (Class 8-10)

Batches begin soon for NEET / JEE 2024 & Repeater / XII Passed Students

- Get up to 90% Scholarship*

Appear for Instant Admission & Scholarship Test

To Register for FREE visit: iacst.aakash.ac.in or scan the code

*Terms & Conditions apply.

#In the year 2021

**NEET-UG 2021** — Hat-trick of Perfect Scores

AIR 1 MRINAL KUTTERI, 2 Year Classroom (Perfect Score 720/720) · AIR 1 KARTHIKA G NAIR, 2 Year Classroom (Perfect Score 720/720) · AIR 1 TANMAY GUPTA, 2 Year Classroom (Perfect Score 720/720)

**JEE (Main) 2021** — Our Top Performers

AIR 3 PRAVAR KATARIA, 5 Year Classroom · AIR 9 ANMOL ARICHWAL, 4 Year Classroom · AIR 25 RANJIM PRABAL DAS, 5 Year Classroom · and many more...

**JEE (Advanced) 2021** — Our Top Performers

AIR 58 ANMOL ARICHWAL, 4 Year Classroom · AIR 60 PRAVAR KATARIA, 5 Year Classroom · AIR 75 VINAY TAYAL, 2 Year Classroom · and many more...

## Our Result in Medical & Engineering Ent. Exams from Odisha (Classroom Programs)

**NEET-UG 2021**

AIR 75 N S S Mishra, 4 Year Classroom (ODISHA TOPPER) · AIR 100 Geeti G Panda, 2 Year Classroom · AIR 124 Sooraj Nanda, 2 Year Classroom · AIR 285 Shree Rath, 2 Year Classroom · and many more...

**JEE (Advanced) 2021**

AIR 115 Goutam Das, 2 Year Classroom (ODISHA TOPPER) · AIR 848 Deepak Nanda, 2 Year Classroom · AIR 2039 N. Anuska, 2 Year Classroom · AIR 2066 Akash Ganeriwal, 2 Year Classroom · and many more...

**ODISHA BRANCHES:** Bhubaneswar (Bhouma Nagar): 7008005000 / 6372800243 / 9078884986 / 9337870700 (Chandrasekharpur): 7008005000 / 7008000100 / 9078884990 / 9337355746 Cuttack: 7008005000 / 7504438914 / 9337355773 / 9337355230 Information Centre: Rourkela: 9337355752

**OPENING SHORTLY:** Balasore: 7008005000 / 9311734469 / 9337355747
Berhampur: 7008005000 / 9078884998 / 9337355766

SCAN FOR NEAREST CENTRE

Download Aakash App — GET IT ON Google Play · Download on the App Store | CALL (TOLL-FREE) 1800-102-2727 | VISIT aakash.ac.in | Aakash + BYJU'S

# ବିବାହ କରିବାକୁ ରାଜି: ବିଜୟ ଶଙ୍କର


ଜଗତ୍‌ସିଂହପୁର ଅଫିସ, ୧୯।୬

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ (୩୦) ଓ ତାଙ୍କ ପ୍ରେମିକା ତଥା ସ୍ଥାନୀୟ ଦେଉଳୀ ଗ୍ରାମେଶ୍ୱର ଗ୍ରାମର ସଂଗ୍ରାମ କିଶୋର ଦାଶଙ୍କ ଝିଅ ସୋମାଲିକା (୨୯)ଙ୍କ ବିବାହ ପ୍ରସଙ୍ଗ ଦିନକୁ ଦିନ ଜଟିଳ ରୂପ ନେଉଛି। ଶନିବାର ସୋମାଲିକା ଜଗତ୍‌ସିଂହପୁର ଥାନାରେ ବିଧାୟକ ଦାସଙ୍କ ସମେତ ୮ରୁ ଅଧିକ ଲୋକଙ୍କ ନାଁରେ ଅଭିଯୋଗ କରିଥିଲେ। ଏଥିରେ ବିଧାୟକ ଦାସ ସେକ୍ସ ରାକେଟ୍ ଚଳାଇବା ସହ ତାଙ୍କୁ ଠକିଥିବା ନେଇ ଉଲ୍ଲେଖ କରାଯାଇଥିଲା। ପୋଲିସ ଅଭିଯୋଗ ଗ୍ରହଣ କରିବା ପରେ ମାମଲା (ନଂ.୩୭୯/୨୨) ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି। ରବିବାର ଏହି ପ୍ରସଙ୍ଗରେ ବିଧାୟକ ଦାସ ପୁଣି ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ମା'ଙ୍କ ଦେହ ଖରାପ ଯୋଗୁ ସେ ଚିନ୍ତିତ ରହୁଛନ୍ତି। ବିବାହ କରିବାକୁ ସେ କେବେ ମନା କରିନାହାନ୍ତି। ଏନେଇ ଆଉ ୨ ମାସ ସମୟ ଥିବାବେଳେ ସୋମାଲିକା ଓ ତାଙ୍କ ସମ୍ପର୍କୀୟମାନେ କାହିଁକି ବ୍ୟସ୍ତ ହେଉଛନ୍ତି ଜଣାପଡୁନାହିଁ। କୌଣସି ଭଲ ଦିନ ଦେଖି ବିବାହ କରିବା ପାଇଁ ସେ ଚିନ୍ତା କରୁଛନ୍ତି। ଏ ପରିସ୍ଥିତିରେ ସେ ସେକ୍ସ ରାକେଟ୍ ଚଳାଇଥିବା ଭଳି ଅଭିଯୋଗ ହେବା ଦୁର୍ଭାଗ୍ୟଜନକ। ତାଙ୍କ ନାମରେ ହୋଇଥିବା ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି।

ବିଧାୟକ ଦାସ ଓ ସୋମାଲିକା ବିବାହ କରିବାକୁ ନିଷ୍ପତ୍ତି ନେଇ ମେ'୧୭ରେ ଜଗତ୍‌ସିଂହପୁର ଜିଲା ସବ୍-ରେଜିଷ୍ଟ୍ରାର(ଡିଏସ୍‌ଆର୍)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆବେଦନ କରିଥିଲେ। ଆଇନ ଅନୁଯାୟୀ କାହାର କୌଣସି ଆପତ୍ତି ଅଭିଯୋଗର ଶୁଣାଣି ପାଇଁ ୩୦ ଦିନ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ଅଭିଯୋଗ ନ ଥିଲେ ୩୧ରୁ ୯୦ ଦିନ ମଧ୍ୟରେ ବିବାହ କରାଯାଇପାରିବ ବୋଲି ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଆବେଦନର ୩୧ ଦିନ ଅର୍ଥାତ୍ ଗତ ୧୭ ତାରିଖରେ ସୋମାଲିକା ବିବାହ ପାଇଁ ସମ୍ପର୍କୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ବିଧାୟକ ଦାସଙ୍କୁ ଅପେକ୍ଷା କରି ନିରାଶ ହୋଇ ଫେରିଥିଲେ। ଏହି ସମୟରେ ସେ ଗଣମାଧ୍ୟମ ସମ୍ମୁଖରେ କହିଥିଲେ, ଏହା ଭିତରେ ସେ ଏକାଧିକ ଥର ବିଧାୟକ ଦାସଙ୍କ ସହ କଥା ହୋଇଛନ୍ତି। କୋର୍ଟରେ ବିବାହ ପାଇଁ ଗତ ୧୭ ତାରିଖରେ ଦିନ ଧାର୍ଯ୍ୟ ହୋଇଥିଲା। ୧୬ ତାରିଖରେ ମଧ୍ୟ ଏ ବିଷୟରେ ବିଧାୟକ ଦାସଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। କିନ୍ତୁ ସେ ବିବାହ ପାଇଁ ନ ଆସିବାରୁ ସନ୍ଦେହ ଘନୀଭୂତ ହେଉଛି। ପୂର୍ବରୁ ସେ ବିଧାୟକ ଦାସଙ୍କ ନାଁରେ ଜଗତ୍‌ସିଂହପୁର ଥାନା ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ ଆପୋସ ବୁଝାମଣା ଭିତ୍ତିରେ ବିବାହ ପାଇଁ ସହମତି ପ୍ରକାଶ ପାଇଥିଲା। ଏବେ ଉକ୍ତ ମାମଲାକୁ ପୁନଃ ଚାଲୁ କରିବେ ବୋଲି ସୋମାଲିକା ସୂଚନା ଦେଇଥିଲେ। ତା'ପରେ ଅନଲାଇନ୍‌ରେ ଓ ଜଗତ୍‌ସିଂହପୁର ଥାନାରେ ବ୍ୟକ୍ତିଗତ ଭାବେ ବିଧାୟକ ଦାସଙ୍କ ସମେତ ମାନସ ଦାସ, ଦିଲିପ କୁମାର ଦାସ, ସୁଜିତ କୁମାର ଦାସ, ତୁଷାର ବିଶ୍ୱାଳ, ସରୋଜ ସ୍ୱାଇଁ, ବସନ୍ତ ମହାପାତ୍ର, ମନୋଜ ଭୋଇ ଓ ଅନ୍ୟମାନଙ୍କ ନାଁରେ ଏତଲା ଦେଇଥିଲେ।



ବିଧାୟକ ବିଜୟ ଶଙ୍କର ଦାସ



ସୋମାଲିକା ଦାଶ

- ସୋମାଲିକାଙ୍କ ଅଭିଯୋଗକୁ ଖଣ୍ଡନ କଲେ ବିଧାୟକ
- ଶନିବାର ଜଗତ୍‌ସିଂହପୁର ଥାନାରେ ଏତଲା ଦିଆଯାଇଥିଲା

# ଅଗ୍ନିପଥ ବିରୋଧରେ କଂଗ୍ରେସର ସତ୍ୟାଗ୍ରହ

ନୂଆଦିଲ୍ଲୀ,୧୯।୬

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ନିଯୁକ୍ତି ଯୋଜନା ବିରୋଧରେ ଆନ୍ଦୋଳନ ରବିବାର ପଞ୍ଚମ ଦିନରେ ପହଞ୍ଚିଛି। ଉକ୍ତ ଯୋଜନା ପ୍ରତ୍ୟାହାର କରିନେବା ଲାଗି ବିରୋଧୀ ଦଳ ସରକାରଙ୍କ ଉପରେ ଚାପ ପକାଇଆସୁଛନ୍ତି। ଅଗ୍ନିପଥ ବିରୋଧରେ ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇ କଂଗ୍ରେସ ଦିଲ୍ଲୀର ଜନ୍ତରମନ୍ତରଠାରେ ସତ୍ୟାଗ୍ରହ କରିଥିଲା। ଏଥିରେ ଦଳର ବରିଷ୍ଠ ନେତା ଓ ଏମ୍‌ପିମାନେ ସାମିଲ ହୋଇଥିଲେ। ନକଲି ଜାତୀୟତାବାଦୀଙ୍କୁ ଚିହ୍ନିବା ଲାଗି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି। ନୂଆ ନିଯୁକ୍ତି ଯୋଜନା ଯୁବ ସମାଜ ଏବଂ ସୈନ୍ୟବାହିନୀ ପାଇଁ କ୍ଷତିକାରକ ହେବ ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଲୋକ ସଭାରେ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀ, ହରିଶ ରାଓ୍ୱତ, ଜୟରାମ ରମେଶ, ସଲମାନ ଖୁର୍ସିଦ, ସଚିନ ପାଇଲଟ, ଦୀପେନ୍ଦର ହୁଡ୍ଡା, ଅଜୟ ମାକେନ ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଭାଜପା ନେତୃତ୍ୱାଧୀନ ସରକାରଙ୍କ ଅଗ୍ନିପଥ ଯୋଜନା ଯୁବକମାନଙ୍କ ପାଇଁ ଲାଭଦାୟକ ହେବନାହିଁ ଏବଂ ଏହା ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ବୋଲି କଂଗ୍ରେସ ନେତାମାନେ କହିଛନ୍ତି।



ଦିଲ୍ଲୀର ଜନ୍ତରମନ୍ତରଠାରେ ସତ୍ୟାଗ୍ରହରେ ବସିଥିବା ଏଆଇସିସିର ନେତୃବୃନ୍ଦ।

# ବ୍ଲକ, ନଗର କଂଗ୍ରେସ ପକ୍ଷରୁ ୨ ଦିନିଆ ବିକ୍ଷୋଭ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ପକ୍ଷରୁ କରାଯାଉଥିବା ଜେରାକୁ ନେଇ ଦେଶବ୍ୟାପୀ ବିରୋଧର ସ୍ୱର ତେଜିବାରେ ଲାଗିଛି। ସୋମବାର ରାହୁଲ ପୁଣି ଇଡିରେ ଜେରାର ସମ୍ମୁଖୀନ ହେବେ। ରାହୁଲଙ୍କୁ ବାରମ୍ବାର ଇଡି ପକ୍ଷରୁ ଜେରା କରାଯିବା ଘଟଣାରେ ଦେଶବ୍ୟାପୀ କଂଗ୍ରେସ ନେତା ଓ କର୍ମୀମାନେ ବିରୋଧ ଓ ପ୍ରତିବାଦ ଜାରି ରଖିଛନ୍ତି। ଆସନ୍ତା ୨୦ ଏବଂ ୨୧ ତାରିଖରେ ଦଳ ପକ୍ଷରୁ ରାଜ୍ୟର ସମସ୍ତ ନଗର ଏବଂ ବ୍ଲକ କଂଗ୍ରେସ କମିଟି ତରଫରୁ ବିକ୍ଷୋଭ କରିବା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଯେତେଦିନ କଂଗ୍ରେସ ନେତାଙ୍କୁ କେନ୍ଦ୍ରର ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ବ୍ୟବହାର କରି ଏହିଭଳି ବଦନାମ୍ କରିବାକୁ ଚେଷ୍ଟା କରିବ ସେତେଦିନ ଦଳ ଚୁପ୍ ବସିବ ନାହିଁ ବୋଲି ଶରତ କହିଛନ୍ତି। ଗତ ଶୁକ୍ରବାର କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଥିବା ବେଳେ ଏହାର ଦିନକ ଆଗରୁ ରାଜଭବନ ଆଗରେ ପ୍ରତିବାଦ ଓ ବିକ୍ଷୋଭ ସଭା କରିଥିଲା। ଏହା ପୂର୍ବରୁ କଂଗ୍ରେସ ନେତା ଓ କର୍ମୀମାନେ ରାଜ୍ୟର ଇଡି କାର୍ଯ୍ୟାଳୟ ଘେରାଉ କରିଥିଲେ।


# ବିଜେଡିରେ ମିଶିଲେ ଭାଜପା ନେତା

ପୁରୀ ଅଫିସ, ୧୯।୬

ବିଜୁ ଜନତା ଦଳର ପୁରୀ ଜିଲା କାର୍ଯ୍ୟାଳୟରେ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପାର ବରିଷ୍ଠ ନେତା ପତିତ ମଲ୍ଲିକ ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦେଇଛନ୍ତି। ଏହି ଅବସରରେ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ପୂର୍ବତନ ପୌର ସଦସ୍ୟ ଭକ୍ତ ଚରଣ ଦାସ, ନାରାୟଣ ପଟ୍ଟନାୟକ, ବିଜେଡି ଲିଗାଲ୍ ସେଲ୍ ଜିଲା ସଭାପତି ବିଶ୍ୱଜିତ ପ୍ରଧାନ, ଯୁବ ସଙ୍ଗଠକ ସୁଧାଂଶୁ ଜେନା, ଆଦିତ୍ୟ ନାରାୟଣ ବାରିକଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ବିଜେଡିରେ ସାମିଲ୍ ହୋଇଥିବା ସମସ୍ତ କର୍ମୀଙ୍କୁ ଜିଲା ସଭାପତି ମହାନ୍ତି ସ୍ୱାଗତ କରିଥିଲେ। ବିଜେଡିରେ ସାମିଲ ହୋଇଥିବା ବ୍ୟକ୍ତିମାନେ ଦଳର ସମ୍ମାନ ରଖିବା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବେ ବୋଲି ସଂକଳ୍ପ ନେଇଥିଲେ।

# ଆଜି ରୋମ୍ ଅଭିମୁଖେ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୬(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋମ୍ ଓ ଦୁବାଇ ଗସ୍ତରେ ଯିବେ। ସୋମବାରଠାରୁ ଏହି ଗସ୍ତ କରିବେ। ଭୋର୍ ୪ଟା ୧୫ ମିନିଟ୍‌ରେ ନୂଆଦିଲ୍ଲୀସ୍ଥିତ ଆନ୍ତର୍ଜାତିକ ବିମାନବନ୍ଦରରୁ ରୋମ୍ ଅଭିମୁଖେ ଗସ୍ତ କରିବେ। ମୁଖ୍ୟମନ୍ତ୍ରୀଙ୍କ ଇଟାଲୀ ଗସ୍ତ ଲାଗି ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଗୁଆ ରୋମ୍ ଯାଇ ସେଠାରେ ପ୍ରସ୍ତୁତି ତଦାରଖ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ୧୩ ଦିନ ଲାଗି ରାଜ୍ୟରେ ଅନୁପସ୍ଥିତ ରହୁଛନ୍ତି। ରୋମ୍‌ରେ ମୁଖ୍ୟମନ୍ତ୍ରୀ କ୍ୟାଥଲିକ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍କୋଙ୍କୁ ସାକ୍ଷାତ୍ କରିବେ। ୱାର୍ଲଡ ଫୁଡ୍ ପ୍ରୋଗ୍ରାମ(ଡବ୍ଲ୍ୟୁଏଫ୍‌ସି)ରେ ରୋମ୍‌ସ୍ଥିତ ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନାର ସଫଳତା ସମ୍ପର୍କରେ ଅବଗତ କରାଇବେ। ମୁଖ୍ୟମନ୍ତ୍ରୀ ୨୦ରୁ ୨୬ ପର୍ଯ୍ୟନ୍ତ ଇଟାଲୀରେ ରହିବେ। ସେଠାରୁ ଫେରି ୨୯ରେ ଦୁବାଇରେ ଭାରତ ସରକାର ଏବଂ ଫିକି ଦ୍ୱାରା ଆୟୋଜିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ଅଗ୍ନିପଥ ଯୋଜନାକୁ ବିରୋଧ କରି ନୂଆଦିଲ୍ଲୀରେ ରବିବାର ଆର୍‌ଜେଡି ନେତା ତଥା ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି।

# ବିଧାୟକ କ୍ୱାର୍ଟର୍ସ ସ୍ଥାନାନ୍ତରର ଯୋଜନା ନାହିଁ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

- ଆଜି ଆଉ ଏକ ମାମଲା ରୁଜୁ କରିବ ମହାନଦୀ ବଞ୍ଚାଅ ଆନ୍ଦୋଳନ
- ଟ୍ରି ଆକ୍ଟ ପାଳନ ହୋଇ ନ ଥିବା ଅଭିଯୋଗ
- ଦିଲ୍ଲୀ ମୋତିବାଗ୍ ପ୍ଲାନରେ ହେବ କ୍ୱାର୍ଟର୍ସ

ରାଜ୍ୟ ସରକାର ବିଧାୟକମାନଙ୍କ ଲାଗି ଅତ୍ୟାଧୁନିକ କ୍ୱାର୍ଟର୍ସ ନିର୍ମାଣ ନିମନ୍ତେ ପ୍ରାୟ ୮୭୦ ଗଛ କାଟିବା ଯୋଜନା କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ୩୫୦ ଗଛ କଟାଯାଇସାରିଛି। ଶହ ଶହ ବର୍ଷ ତଳର ବିରାଟକାୟ ଗଛ କାଟି କ୍ୱାର୍ଟର୍ସ ନିର୍ମାଣ କଥାକୁ ବିଭିନ୍ନ ମହଲରେ ବିରୋଧ ହେବା ପରେ ସେଥିରେ ରୋକ ଲାଗିଛି। ବର୍ତ୍ତମାନ ସେହି ପ୍ରକ୍ରିୟାକୁ ରାଜ୍ୟ ସରକାର ବନ୍ଦ ରଖିଛନ୍ତି। ଏହି ପ୍ରସଙ୍ଗରେ ଏକ ପିଆଇଏଲ୍ ଫାଇଲ କରାଯିବା କାରଣରୁ ଏହି କାର୍ଯ୍ୟ ବନ୍ଦ ରହିଥିବା ଜଣାପଡ଼ିଛି। ତେବେ କାମ ବନ୍ଦ ରହିଥିଲେ ମଧ୍ୟ ଆଗକୁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ କ୍ୱାର୍ଟର୍ସ ଅନ୍ୟତ୍ର କରିବା ନେଇ ଏ ପର୍ଯ୍ୟନ୍ତ ଓବିସିସି(ଓଡ଼ିଶା ବ୍ରିଜ କନ୍‌ଷ୍ଟ୍ରକଶନ କର୍ପୋରେଶନ) ଏବଂ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କିଛି ନିଷ୍ପତ୍ତି ହୋଇନାହିଁ। ଏହି ଗଛକଟା ଘଟଣାରେ ଯେଉଁ ପିଆଇଏଲ୍ ହୋଇଛି ସରକାରଙ୍କ ତରଫରୁ ତାହାର ଉତ୍ତର କେବଳ ରଖାଯାଉଥିବା ଜଣାପଡ଼ିଛି। ଅନ୍ୟପଟେ ଏହି ଘଟଣାରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ସୋମବାର ଆଉ ଏକ ମାମଲା ରୁଜୁ କରାଯିବ ବୋଲି ସୁଦର୍ଶନ ଦାସ ସୂଚନା ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ବଗାୟତ ଜମିରେ କିପରି କ୍ୱାର୍ଟର୍ସ ନିର୍ମାଣ ଲାଗି ଗଛ କଟା ହେଲା ସେନେଇ ମାମଲା କରାଯିବ। ହେଲେ ଜଣେ ବରିଷ୍ଠ ଅଧିକାରୀ କିନ୍ତୁ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଜମି, ତେଣୁ ସରକାର ଯାହା ଚାହିଁବେ ତାହା କରିପାରିବେ। ଏହା ଘରବାଡ଼ି ଜମି ବୋଲି ଅଧିକାରୀ ଜଣଙ୍କ ଯୁକ୍ତି ବାଢ଼ିଛନ୍ତି। ସେହିପରି ସୁଦର୍ଶନ କହିଛନ୍ତି, ଟ୍ରି ଆକ୍ଟ ଅନୁସାରେ କେଉଁଠାରେ ଗଛ କାଟିବ ନ କାଟିବ ତା'ର ନିୟମ ରହିଛି। ତେଣୁ ସେ ଦିଗରେ କ'ଣ ନିୟମ ଉଲ୍ଲଂଘନ କରାଯାଇଛି ସେନେଇ ମଧ୍ୟ ମାମଲା କରାଯିବ। ହେଲେ କ୍ୱାର୍ଟର୍ସ ନିର୍ମାଣ ଅନ୍ୟତ୍ର ସ୍ଥାନାନ୍ତର ହେବା ନେଇ କିଛି ଯୋଜନା ନାହିଁ ବୋଲି ସାଧାରଣ ପ୍ରଶାସନ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଦିଲ୍ଲୀର ମୋତିବାଗ୍ ପ୍ଲାନରେ ଏହି କ୍ୱାର୍ଟର୍ସ ନିର୍ମାଣ ହେବ ବୋଲି କହିଛନ୍ତି।

ଏହି ଘଟଣାରେ ଜଙ୍ଗଲ ଓ ପରିବେଶ ବିଭାଗ କ୍ଷେତ୍ର ଅଧିକାରୀ ମହେନ୍ଦ୍ର ନାଏକ କହିଛନ୍ତି, କାମ ଆମେ ବନ୍ଦ କରିଛୁ। ସରକାରୀ ନିର୍ଦ୍ଦେଶ ଆସିଲେ ପୁଣି କଟାଯିବ। ଏ ପର୍ଯ୍ୟନ୍ତ ୩୫୦ ଗଛ କଟା ସରିଛି। ମୋଟ ୮୭୦ ଗଛ କଟାଯିବ। ହେଲେ ପିଆଇଏଲ ଫାଇଲ୍ ହେବା ଯୋଗୁ ଏହାକୁ ବନ୍ଦ ରଖାଯାଇଛି। ଅନ୍ୟପଟେ କଟା ସରିଥିବା କାଠ ସେଠାରେ ପଡ଼ି ରହିଛି। ଏହି କାଠ କଟା ହେବାପରେ ସେଠାରେ ହିଁ ବିକ୍ରି ହୁଏ ନଚେତ୍ ଡିପୋକୁ ଚାଲିଯାଏ। ମୁଖ୍ୟତଃ ଆମ୍ବ, ବେଲ, ଦେବଦାରୁ, ମାହାଳ, ସଳପ ଓ ନଡ଼ିଆ ଗଛ କଟାଯାଇଛି। ସେସବୁ କାଠରୁ କିଛି ଚୋରି ହୋଇଛି। ବାକି ସବୁ ପଡି ରହିଛି। ତେବେ ଜଙ୍ଗଲ ଓ ପରିବେଶ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏହି ଘଟଣାରେ ମୁହଁ ଖୋଲିବାରୁ ତାଙ୍କର ବଦଳି ହୋଇସାରିଛି। ତେଣୁ ସତ କହିଲେ ଏପରି ହଇରାଣ ହେବାକୁ ପଡ଼ିବ। ତାଙ୍କ ଦାୟିତ୍ୱ ଥିଲା କେବଳ ଗଛ କାଟିବା। ମୁଖ୍ୟତଃ ସାଧାରଣ ପ୍ରଶାସନ ଏବଂ ଓବିସିସି ଏହିସବୁ ଦାୟିତ୍ୱ ତୁଲାଉଛି ବୋଲି ସେ କହିଛନ୍ତି।

ତେବେ ଦାୟିତ୍ୱରେ ଥିବା ଓବିସିସିର ଜଣେ ବରିଷ୍ଠ ଅଧିକାରୀ ଏନେଇ କିଛି ମୁହଁ ଖୋଲି ନାହାନ୍ତି। ତେବେ ଆଗକୁ ସେଠାରେ କ୍ୱାର୍ଟର୍ସ ହେବ ବୋଲି ବିଧାନସଭାର ଜଣେ ଅଧିକାରୀ କହିଛନ୍ତି। ବିଧାନସଭା ଏଏସ୍‌ଓ ଇ. ଚିନା ବାବୁ କହିଛନ୍ତି, ବିଧାୟକମାନଙ୍କ କ୍ୱାର୍ଟର୍ସ ସହିତ ସେଠାରେ ସାଧାରଣ ପ୍ରଶାସନ ବିଭାଗ କ୍ୱାର୍ଟର୍ସ ମଧ୍ୟ ହେବ। ତେଣୁ ବିଧାୟକଙ୍କ କ୍ୱାର୍ଟର୍ସ ଲାଗି ବିଧାନସଭା ଟଙ୍କା ଖର୍ଚ୍ଚ କରିବା ସହ ଜି.ଏ. କ୍ୱାର୍ଟର୍ସ ଟଙ୍କା ସେହି ବିଭାଗ ଖର୍ଚ୍ଚ କରିବ। ତେଣୁ ଆଗକୁ ବୈଠକ ବସିବାର ଅଛି। ବୈଠକ ବସିବା ପରେ କ୍ୱାର୍ଟର୍ସ ନିର୍ମାଣ ନେଇ କ'ଣ ଯୋଜନା କରାଯାଇଛି ସେନେଇ ଜଣାପଡିବ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨୭୫ କୋଟି ଟଙ୍କା ଖର୍ଚ୍ଚ କରି ଓଏମ୍‌ସି କାର୍ଯ୍ୟାଳୟଠାରୁ କମିଶନରେଟ ପୋଲିସ୍ କାର୍ଯ୍ୟାଳୟ ମଧ୍ୟରେ ୩୦୦ କ୍ୱାର୍ଟର୍ସ ନିର୍ମାଣ ଲାଗି ଯୋଜନା ରଖିଥିବା ବେଳେ ୨୦୨୪ ସୁଦ୍ଧା ନିର୍ମାଣ ସରିବ ବୋଲି ଲକ୍ଷ୍ୟ ରଖାଯାଇଛି।





**ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ**

କାନାଡ଼ିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂ ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି ରେଡ୍‌ବୁଲ୍ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ।


୧୦ ୦୯


**'ଅଫ୍‌ବାହ'ରେ ଭୂମି**

ସୁଧୀର ମିଶ୍ରାଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ 'ଅଫ୍‌ବାହ'ରେ ନଜରକୁ ଆସିବେ ବଲିଉଡ୍ ଅଭିନେତ୍ରୀ ଭୂମି ପେଡନେକର।



# କମ୍ପ୍ୟୁଟରରେ ମିଛ ପ୍ରମାଣ ଭରିଥିଲା ପୋଲିସ

## ଭୀମା-କୋରେଗାଓଁ ମାମଲା

ୱାଶିଂଟନ୍/ପୁଣେ,୧୯।୬

ମହାରାଷ୍ଟ୍ରର ବହୁଚର୍ଚ୍ଚିତ ଭୀମା-କୋରେଗାଓଁ ହିଂସା ମାମଲାରେ ପୁଣେ ପୋଲିସ ୧୬ ଜଣ ସାମାଜିକ କର୍ମୀ ଓ ବୁଦ୍ଧିଜୀବୀଙ୍କୁ ଗିରଫ କରିବା ପୂର୍ବରୁ ସେମାନଙ୍କ କମ୍ପ୍ୟୁଟରରେ ମିଥ୍ୟା ଫାଇଲ ପ୍ଲାଣ୍ଟ୍ କରିଥିଲା। ସରକାର ଓ ଏକ ଟେକ୍ନୋଲୋଜି ସଂସ୍ଥାର ମିଳିତ ଉଦ୍ୟମରେ ସ୍ୱର୍ଗତ ଷ୍ଟାନ୍ ସ୍ୱାମୀ, ୱାରାୱାରା ରାଓ, ରୋନା ୱିଲ୍‌ସନ ଏବଂ ହାନି ବାବୁଙ୍କ ବିରୋଧରେ ମିଛ ପ୍ରମାଣ ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ପୋଲିସ ହ୍ୟାକର୍ସ ଗ୍ରୁପ୍‌ର ସହାୟତା ନେଇଥିବା ବର୍ତ୍ତମାନ ଆମେରିକୀୟ ଟେକ୍ ଫାର୍ମ 'ସେଣ୍ଟିନେଲ୍ ୱାନ୍'ର ଗବେଷଣାରୁ ଜଣାପଡ଼ିଛି। ଏହାର ଏକ ବିସ୍ତୃତ ରିପୋର୍ଟ ସେଠାକରେ ଜଣାଶୁଣା ପତ୍ରିକା 'ୱାୟର୍ଡ'ରେ ପ୍ରକାଶ ପାଇଛି।

୧୮୧୮ରେ ବ୍ରିଟିଶ ସେନା ପକ୍ଷରୁ ପେଶୱାର ଆର୍ମି ବିରୋଧରେ ମାହାର ଦଳିତ ରେଜିମେଣ୍ଟ ଯୁଦ୍ଧରେ ବିଜୟୀ ହୋଇଥିଲା। ୨୦୧୮ ଜାନୁୟାରୀ ୧ରେ ପଶ୍ଚିମ ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଭୀମା-କୋରେଗାଓଁରେ ଏହାର ୨୦୦ତମ ବାର୍ଷିକୀ ପାଳନ



ୱାରାୱାରା ରାଓ



ଷ୍ଟାନ୍ ସ୍ୱାମୀ

ଅବସରରେ ଭୀମା କୋରେଗାଓଁ ଗ୍ରାମରେ ଦଳିତ ଓ ମରାଠୀ ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ହୋଇଥିଲା। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ଏଥିପାଇଁ ପୂର୍ବରାତିରେ ଏଲ୍‌ଗାର ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନଙ୍କ ଉତ୍ତେଜକ ଭାଷଣକୁ ପୋଲିସ ଦାୟୀ କରିଥିଲା। ଘଟଣାରେ ସ୍ୱର୍ଗତ ଷ୍ଟାନ୍ ସ୍ୱାମୀ, ୱାରାୱାରା ରାଓ, ରୋନା ୱିଲ୍‌ସନ, ହାନି ବାବୁ, ସୁଧା ଭରଦ୍ୱାଜ, ଅରୁଣ ଫେରେଇରା, ଅରୁଣ ଗୋନ୍‌ସାଲ୍‌ଭେସ୍, ଆନନ୍ଦ ତେଲ୍‌ତୁମ୍ବଡେ, ଗୌତମ ନଭ୍‌ଲଖା, ଭେରନୋନ ଗୋନ୍‌ସାଲ୍‌ଭେସ୍‌ଙ୍କ ସମେତ ୧୬ ଜଣଙ୍କୁ ପୁଣେ ପୋଲିସ ଗିରଫ କରିଥିଲା। ପରେ ଘଟଣାର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ନେଇଥିଲା। ଏନ୍‌ଆଇଏ ସମସ୍ତ ଅଭିଯୁକ୍ତଙ୍କ ନାମରେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ବଳରେ ମାମଲା ରୁଜୁ କରିଥିଲା। ସେମାନେ କେନ୍ଦ୍ର ସରକାରଙ୍କ ପତନ ପାଇଁ ଷଡ଼ଯନ୍ତ୍ର କରିଥିବା ଏନ୍‌ଆଇଏ ଅଭିଯୋଗ ଆଣିଥିଲା। ଏପରି କି ଅଭିଯୁକ୍ତମାନେ ମାଓବାଦୀଙ୍କ ସହ ସମ୍ପର୍କ ରଖିଥିବା ମଧ୍ୟ କୁହାଯାଇଥିଲା। ଗିରଫଙ୍କ ମଧ୍ୟରୁ କେତେଜଣ ସିପିଆଇ (ମାଓବାଦୀ)ର ସକ୍ରିୟ ସଦସ୍ୟ ଥିଲେ। ସେମାନେ ମାଓବାଦୀ ଚିନ୍ତାଧାରା ପ୍ରଚାର ସହ ହିଂସାକାଣ୍ଡ ଭିଆଇଥିଲେ ବୋଲି ଏହି ତଦନ୍ତକାରୀ ସଂସ୍ଥା କହିଥିଲା।

ସେଣ୍ଟିନେଲ୍ ୱାନ୍ ରିପୋର୍ଟ ମୁତାବକ, ପୁଣେ ପୋଲିସ ହ୍ୟାକର୍ସଙ୍କ ସହାୟତାରେ ରୋନା ୱିଲ୍‌ସନ ଏବଂ ୱାରାୱାରା ରାଓଙ୍କ କମ୍ପ୍ୟୁଟର ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ହ୍ୟାକ୍ କରିଥିଲା। ନେଟ୍‌ୱେର ମାଲ୍‌ୱେର ଜରିଆରେ ୱିଲ୍‌ସନ୍‌ଙ୍କ କମ୍ପ୍ୟୁଟରରେ ୩୨ଟି ଫାଇଲ ଏଣ୍ଟ୍ରି କରାଇଥିଲା। ଆର୍ସେନାଲ ବିଶେଷଜ୍ଞଙ୍କ ମତରେ ୱାରାୱାରାଙ୍କ ଇ-ମେଲ୍‌ରୁ ଯାଇଥିବା ଏକ ଆଟାଚ୍‌ମେଣ୍ଟରେ ମାଲୱେରକୁ 'ମଡିଫାଏଡ ଏଲିଫ୍ୟାଣ୍ଟ' ଜରିଆରେ ୱିଲସନ୍‌ଙ୍କ ଉପକରଣରେ ପ୍ଲାଣ୍ଟ୍ କରାଯାଇଥିଲା। ୱିଲ୍‌ସନ୍, ୱରାୱରା, ହାନି ବାବୁଙ୍କ ଇ-ମେଲ୍‌କୁ ଅନ୍ୟ ମେଲ୍ ଆଇଡି ଏବଂ ଫୋନ୍ ନମ୍ବରରେ ବ୍ୟାକ୍‌ଅପ୍ କରାଯାଇଥିଲା। ସେମାନଙ୍କ ଅଜାଣତରେ ଇ-ମେଲ୍ ଆଇଡିରୁ ଅନ୍ୟମାନଙ୍କୁ ମେଲ୍ ପଠାଯିବା ସହ ସମସ୍ତଙ୍କ ବ୍ୟକ୍ତିଗତ ତଥ୍ୟ, ଠିକଣା ଆଦି ପୁଣେ ପୋଲିସ ହାତେଇଥିଲା। ଯେଉଁମାନଙ୍କ ନିକଟକୁ ଫିଶିଂ-ମେଲ୍ ପ୍ରେରଣ କରାଯାଇଥିଲା, ପୋଲିସ ସେମାନଙ୍କୁ ମଧ୍ୟ ଗିରଫ କରିଥିଲା। ଏ ନେଇ ଆର୍ସେନାଲ ଫାର୍ମ ଅଧ୍ୟକ୍ଷ ମାର୍କ ସ୍ପେନ୍‌ସର ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କୁ ଜଣାଇଥିଲେ। ତେବେ ଏପରି ଘଟଣା ନୂଆ ନୁହେଁ। ୨୦୧୨ରେ ମଧ୍ୟ ସମାନ ହ୍ୟାକର୍ସ ଗ୍ରୁପ୍ ଅନେକ ସାମାଜିକ କାର୍ଯ୍ୟକର୍ତ୍ତା, ଆଇନଜୀବୀ, ଜର୍ନାଲିଷ୍ଟଙ୍କୁ ଟାର୍ଗେଟ କରିଥିଲେ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଏଭଳି କାର୍ଯ୍ୟ ଅନୈତିକ ବୋଲି ସେଣ୍ଟିନେଲ ୱାନ୍‌ର ସିକ୍ୟୁରିଟି ବିଶେଷଜ୍ଞ ଆଣ୍ଡ୍ରେସ୍ ଗୁଏରେରୋ-ସାଡେ କହିଛନ୍ତି। ସେ ଏବଂ ତାଙ୍କ ସହଯୋଗୀ ଟମ୍ ହେଗେଲ ଆସନ୍ତା ଅଗଷ୍ଟରେ ହେବାକୁ ଥିବା ବ୍ଲାକ୍ ହ୍ୟାଟ୍ ସିକ୍ୟୁରିଟି କନ୍‌ଫରେନ୍ସରେ ଗବେଷଣାର ବିସ୍ତୃତ ବିବରଣୀ ଉପସ୍ଥାପନ କରିବେ। ଏହା ଅଭିଯୁକ୍ତମାନଙ୍କୁ ଦୋଷମୁକ୍ତ କରାଇ ନ୍ୟାୟ ପ୍ରଦାନର ପଥ ପରିଷ୍କାର କରିବ ବୋଲି ସେଣ୍ଟିନେଲ ୱାନ୍ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି।

# ଦୋଷ ନ ଥାଇ ଜେଲଦଣ୍ଡ

## ତେଲୁଗୁ ଭାଷା ବୁଝିପାରିଲାନି ପୋଲିସ

- ୬ ମାସ ପରେ ଜେଲରୁ ଜାମିନରୁ ବାହାରିଲେ ମାନସିକ ରୋଗୀ
- ମୃତ ଭାବି ଘର ଲୋକେ ସାରିଦେଇଥିଲେ ଶୁଦ୍ଧିକ୍ରିୟା

ବଲାଙ୍ଗୀର ଅଫିସ,୧୯।୬

ଭାଷା ବୁଝି ନ ପାରି ରାଜ୍ୟ ବାହାରର ଜଣେ ମାନସିକ ରୋଗୀଙ୍କୁ ବଲାଙ୍ଗୀର ପୋଲିସ ଏଟିଏମ୍ ଲୁଟେରା ଭାବେ ଅଭିଯୁକ୍ତ କରି ମାମଲା ରୁଜୁ କରିବାରୁ ସମ୍ପୃକ୍ତ ଯୁବକଙ୍କୁ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିଛି। ଅନ୍ୟପକ୍ଷେ ପୁଅର ପତ୍ତା ନ ପାଇ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଠାରେ ତାଙ୍କ ପରିବାର ଲୋକେ ମାନସିକ ରୋଗୀ ପୁଅ ମୃତ ଭାବି ଶୁଦ୍ଧିକ୍ରିୟା ସାରିଦେଇଥିଲେ। ତେବେ ବଲାଙ୍ଗୀର ଜେଲ ଅଧୀକ୍ଷକ, ବିଚାର ବିଭାଗର ହସ୍ତକ୍ଷେପ ପରେ ସମ୍ପୃକ୍ତ ମାନସିକ ରୋଗୀ ଜଣକ ନିଜ ପରିବାରକୁ ଫେରିବା ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ପୋଲିସର ଦାୟିତ୍ୱହୀନତାକୁ ନେଇ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି।

ଗତ ଜାନୁୟାରୀ ୫ ତାରିଖରେ ବଲାଙ୍ଗୀର ସହର ସିଭିଲ କୋର୍ଟ ପାଖ ଏକ ଏଟିଏମ୍ କାଉଣ୍ଟର ଭିତରେ ଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଯୁବକ ଜଣକ ଏଟିଏମ୍ ଲୁଟେରା ବୋଲି ପୋଲିସ ଦର୍ଶାଇଥିଲା। ଯୁବକ ଜଣକ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ନିବାସୀ ଏସ୍.ପାଇଡି ରାଜୁ (୨୫) ବୋଲି ପରେ ତାଙ୍କୁ ଚିହ୍ନଟ କରାଯାଇଥିଲା। ବଲାଙ୍ଗୀର ଜିଲା କାରାଗାରରେ ସେ ଗତ ଜାନୁୟାରୀରୁ ବିଚାରାଧୀନ କଏଦୀ ଭାବେ ରହିଥିଲେ।



ଏସ୍.ପାଇଡି ରାଜୁ

ଡଷ୍ଟବିନ୍ ଭିତରେ ପକାଯାଇଥିବା ଆବର୍ଜନା ଖାଦ୍ୟକୁ ସେ ଖାଉଥିବା ଦେଖି ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁ ତାଙ୍କୁ ମାନସିକ ରୋଗୀ ବୋଲି ସନ୍ଦେହ ପ୍ରକାଶ କରି ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଔଷଧ ଖାଇବା ପରେ ସେ ସାମାନ୍ୟ ଭଲ ହୋଇଥିଲେ। ତେବେ ଜେଲ ଭିତରେ ତାଙ୍କ ଭାଷା କେହି ବୁଝିପାରୁ ନ ଥିବାରୁ ତାଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ ହୋଇ ପାରି ନ ଥିଲା। ☞ପୃଷ୍ଠା-୨

# ବଜ୍ରପାତରେ ପରିବାରର ୪ ମୃତ

ନୂଆପଡ଼ା ଅଫିସ/ଖଡ଼ିଆଳ, ୧୯।୬(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ମଲିକମୁଣ୍ଡା ଗ୍ରାମରେ ରବିବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ଅପରାହ୍ନରେ ବଜ୍ରପାତରେ ଗୋଟିଏ ପରିବାରର ୪ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ତୀର୍ଥ ନାଗ (୬୦), ଲକ୍ଷ୍ମଣ ନାଗ (୨୮), ଗୁଣ ସାଗର ନାଗ (୧୫), ଚୂଡାମଣି ନାଗ (୨୩)। ଅନ୍ୟ ଗୁରୁତର ୨ଜଣଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଯେ, ମଲିକମୁଣ୍ଡା ଗ୍ରାମର ଗୋଟିଏ ପରିବାରର ୧୦ଜଣ ଘର ଉପରେ ଆଜ୍‌ବେଷ୍ଟସ୍ ଲଗାଉ ଥିଲେ। ଏହି ସମୟରେ ହଠାତ ବର୍ଷା ଓ ବଜ୍ରପାତ ହୋଇଥିଲା। ଫଳରେ ☞ପୃଷ୍ଠା-୨



ଭୁବନେଶ୍ୱରରେ ରବିବାର ଅପରାହ୍ନରୁ ହୋଇଥିବା ମୌସୁମୀ ବର୍ଷାରେ ଜୟଦେବ ବିହାର-ନନ୍ଦନକାନନ ରୋଡ୍‌ସ୍ଥିତ ଜାଭିୟର ଛକର ଦୃଶ୍ୟ।


**ଆଜିର ସମ୍ପାଦକୀୟ**

ହାତୀ ମଲେ, ଜିଇଲେ


**ଆଜିର ମନ୍ତବ୍ୟ**

"ରାହୁଲ ଗାନ୍ଧୀଙ୍କୁ ଇଡି ଜେରା କରିବାରୁ କଂଗ୍ରେସ ହତୋତ୍ସାହିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଲ କାମରୁ ବି ତ୍ରୁଟି ଖୋଜୁଛି।

-ଭି. କେ. ସିଂ, କେନ୍ଦ୍ରମନ୍ତ୍ରୀ

# ପୋଲିସକୁ ଚକ୍‌ମା ଦେଇ ନାବାଳକଙ୍କ ଫେରାର ଉଦ୍ୟମ

## ରଜରେ ପୋଷାକ ପାଇଁ ମା'ଙ୍କୁ ହତ୍ୟା କରିଥିଲେ

କେନ୍ଦୁଝର, ୧୯।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ନୟାକୋର୍ଟ ଥାନା ଅଞ୍ଚଳରେ ରଜ ପୋଷାକ ପାଇଁ ମା'ଙ୍କୁ ହତ୍ୟା କରିଥିବା ନାବାଳକ ପୁଅଙ୍କୁ ରବିବାର ରାଉରକେଲାସ୍ଥିତ ବାଳାଶ୍ରମକୁ ନିଆଯାଉଥିବା ବେଳେ ଲହୁଣୀପଡ଼ା ନିକଟରେ ସେ ଚମ୍ପଟ ମାରିଥିଲେ। କିଛି ସମୟରେ ପରେ ତାଙ୍କୁ ପୁଣି କାବୁ କରାଯାଇଥିବା ସୂଚନା ମିଳିଛି। ଏସ୍‌ଡିପିଓ ପି. ଜେ. ଟପ୍ପୋ କହିଛନ୍ତି, ନାବାଳକଙ୍କୁ ନୟାକୋର୍ଟ ଥାନାରୁ ଅଣାଯାଇ ରବିବାର କେନ୍ଦୁଝର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯିବା ପରେ ରାଉରକେଲାସ୍ଥିତ ବାଳାଶ୍ରମକୁ ନିଆଯାଉଥିଲା। ଲହୁଣୀପଡା ନିକଟରେ ସମସ୍ତେ ଖାଇବା ଲାଗି ଏକ ଢ଼ାବା ନିକଟରେ ଅଟକିଥିଲେ। ଉକ୍ତ ନାବାଳକ ପରିସ୍ରା ଯିବା ବାହାନାରେ ପୋଲିସକୁ ଚକ୍‌ମା ଦେଇ ଫେରାର ଉଦ୍ୟମ କରିଥିଲେ। ତାଙ୍କୁ ଧରାଯାଇ ସୁରକ୍ଷିତ ଭାବେ ବାଳାଶ୍ରମକୁ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ବାଂଶପାଳ ବ୍ଲକ ଉପରବରଡା ଗ୍ରାମର ମୁଗ ସାଆନ୍ତ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇ ପୁଅ ସହିତ ରହୁଥିଲେ। ବଡ଼ ପୁଅ ପଞ୍ଚମ ଶ୍ରେଣୀରେ ଓ ସାନ ପୁଅ ତୃତୀୟ ଶ୍ରେଣୀରେ ପଢୁଥିଲେ। ରଜରେ ସମସ୍ତେ ନୂଆ ପୋଷାକ ପିନ୍ଧିଥିବାରୁ ☞ପୃଷ୍ଠା-୨

# ବର୍ଷକରେ ୧,୩୫୪ ଶିଶୁ, ୩୮ ମା'ମୃତ

## ନବରଙ୍ଗପୁର ଜିଲାରେ ପୁଷ୍ଟିହୀନତା

- ମା' ଓ ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ
- ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ
- କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ଯାଜପୁର ଅଫିସ,୧୯।୬

କେବଳ ଯାଜପୁର ଜିଲା ସୁକିନ୍ଦା ବ୍ଲକର ନଗଡ଼ା ନୁହେଁ, ରାଜ୍ୟର ନବରଙ୍ଗପୁର ଜିଲାରେ ମଧ୍ୟ ପୁଷ୍ଟିହୀନତା କାରଣରୁ ମା' ଓ ଶିଶୁ ମୃତ୍ୟୁସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଗତ ବର୍ଷକ ମଧ୍ୟରେ ନବରଙ୍ଗପୁର ଜିଲାରେ ୧,୩୫୪ ଶିଶୁ ଓ ୩୮ ଜଣ ମା'ଙ୍କ ପୁଷ୍ଟିହୀନତା କାରଣରୁ ମୃତ୍ୟୁ ଘଟିଛି। ଜନ୍ମରୁ ୫ ବର୍ଷ ମଧ୍ୟରେ ଏହି ଶିଶୁଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପୁଷ୍ଟିହୀନତା ଦୂର ପାଇଁ ସରକାର ଏକାଧିକ ଯୋଜନା କାର୍ଯ୍ୟକାରୀ କରୁଥିଲେ ବି କୌଣସି ସୁଫଳ ମିଳି ପାରିନାହିଁ। ଏହି ମର୍ମରେ ଉଷାରାଣୀ ଏନ୍‌ଏଚ୍‌ଆରସି (ନ୍ୟାଶନାଲ ହ୍ୟୁମାନ୍ ରାଇଟ କମିଶନ)ରେ ଏକ ମାମଲା (ନଂ.୧୬୧୮/୧୮/୧୦/୨୦୨୨) ରୁଜୁ କରିଥିଲେ। ଉକ୍ତ ମାମଲାର ଶୁଣାଣି କରି କମିଶନ ୮ ସପ୍ତାହ ମଧ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଅଜିତ କୁମାର ମହାନ୍ତି ଗତ ୧୭ ତାରିଖରେ ମହିଳା ଏବଂ ଶିଶୁ ବିକାଶ ସଚିବ, ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଏବଂ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସବିଶେଷ କାର୍ଯ୍ୟାନୁଷ୍ଠାନ ସମ୍ପର୍କୀତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ଏଚ୍‌ଆରସିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନବରଙ୍ଗପୁର ଜିଲାରେ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ବିଭିନ୍ନ ଅନିୟମିତତା ହେଉଛି। ଏହି ସମ୍ବେଦନଶୀଳ ସମସ୍ୟା କେବଳ ନବରଙ୍ଗପୁର ଜିଲା ନୁହେଁ, କୋରାପୁଟ, ମାଲକାନଗିରି, ରାୟଗଡ଼ା ଏବଂ ଗଜପତି ଜିଲାରେ ମଧ୍ୟ ଦେଖିବାକୁ ମିଳିଛି। ସମ୍ପୃକ୍ତ ଜିଲାଗୁଡ଼ିକରେ ମା' ଓ ଶିଶୁ ମୃତ୍ୟୁହାର ହ୍ରାସ କରିବାକୁ ଏକ ସମ୍ୟକ୍ ଅଧ୍ୟୟନର ଆବଶ୍ୟକତା ରହିଛି ବୋଲି ☞ପୃଷ୍ଠା-୨


# ନବୀନଙ୍କ ରାଜନୈତିକ ତୀର୍ଥଯାତ୍ରା

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଦେଶ ଗସ୍ତ ନେଇ ଏବେ ଚାରିଆଡ଼େ ଆଲୋଚନା। ସୋମବାର ସେ ନୂଆଦିଲ୍ଲୀରୁ ଇଟାଲି ଅଭିମୁଖେ ଯାତ୍ରାକରି ଭାଟିକାନ୍ ସିଟିରେ କ୍ୟାଥଲିକ୍‌ଙ୍କ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି)ର ନିମନ୍ତ୍ରଣକ୍ରମେ ରୋମ୍‌ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଓଡ଼ିଶାର ଖାଦ୍ୟ ନିରାପତ୍ତା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବେ ବୋଲି କୁହାଯାଉଛି। ଏହା ପରେ ମୁଖ୍ୟମନ୍ତ୍ରୀ ଦୁବାଇ ଗସ୍ତରେ ଯାଇ 'ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍'ରେ ଯୋଗଦେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଉଲ୍ଲେଖଯୋଗ୍ୟ ଯେ,



ପୋପ୍ ଫ୍ରାନ୍ସିସ୍



ନବୀନ ପଟ୍ଟନାୟକ



ମହମ୍ମଦ ବିନ୍ ରଶିଦ୍ ଅଲ୍ ମକ୍‌ତୁମ୍

୨୦୧୨ରେ ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତରେ ଲଣ୍ଡନ ଯାଇଥିଲେ। ତେବେ ତତ୍କାଳୀନ ଘନିଷ୍ଠ ସହଯୋଗୀ ପ୍ୟାରୀମୋହନ ମହାପାତ୍ରଙ୍କ ମିଲିଟାରୀ କୁ' ଭଳି ମିଡ୍‌ନାଇଟ୍ କୁ' ବିଷୟରେ ଜାଣିବାକୁ ପାଇଥିଲେ। ଲଣ୍ଡନରେ ବସି ଟେଲିଫୋନ୍ ଯୋଗେ ସମର୍ଥକମାନଙ୍କୁ କାର୍ଯ୍ୟରେ ଲଗାଇ ପ୍ୟାରୀଙ୍କ ଷଡ଼ଯନ୍ତ୍ରକୁ ବିଫଳ କରାଇ ଦେଇଥିଲେ। ଏଥିସହିତ ଗସ୍ତ କାର୍ଯ୍ୟକ୍ରମକୁ କାଟ୍‌ଛାଣ୍ଟ କରି ଓଡ଼ିଶା ଫେରିଆସିଥିଲେ। ତା'ପରେ ପ୍ୟାରୀଙ୍କୁ ଦଳରୁ ବିତାଡ଼ିତ କରାଯାଇଥିଲା। ଅନେକେ ଭାବୁଥିଲେ ପ୍ୟାରୀଙ୍କ ଅନୁପସ୍ଥିତିରେ ବିଜୁ ଜନତା ଦଳ ନିର୍ବାଚନରେ ଆଶାନୁରୂପ ସଫଳତା ପାଇବ ନାହିଁ। କିନ୍ତୁ ୨୦୧୪ ନିର୍ବାଚନରେ ବିଜେଡି ଅଧିକ ଶକ୍ତିଶାଳୀ ହୋଇଥିଲା। ଏବର ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତ ପଛରେ କ'ଣ ଉଦ୍ଦେଶ୍ୟ ରହିଛି ସମସ୍ତେ ଜାଣିବା ଲାଗି ଇଚ୍ଛୁକ। ବିଶ୍ୱ ବର୍ତ୍ତମାନ ପ୍ରବଳ ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏଥିସହିତ ଆଭ୍ୟନ୍ତରୀଣ ସାମାଜିକ ବିଭେଦ ଏବଂ ଅଶାନ୍ତ ବାତାବରଣ ଯୋଗୁ ଭାରତ ଅନ୍ତର୍ଜାତୀୟ ପୁଞ୍ଜିନିବେଶକଙ୍କ ପାଇଁ ଆକର୍ଷଣୀୟ ସ୍ଥଳ ହୋଇ ରହିନାହିଁ। ଏଭଳି ପ୍ରଚ୍ଛଦପଟରେ ନବୀନଙ୍କ ଦୁବାଇ ଗସ୍ତରେ ପୁଞ୍ଜିନିବେଶକଙ୍କୁ ଓଡ଼ିଶା ଆଣିବାର ଉଦ୍ଦେଶ୍ୟ କେତେଦୂର ସଫଳ ହେବ, ସେ ନେଇ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଉଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଦୁବାଇରୁ ଭାରତକୁ ପୁଞ୍ଜି ଆଣିବା ଅସମ୍ଭବ। ଅନ୍ୟପଟେ ଭାରତରୁ ଦୁବାଇକୁ ଭାରତୀୟ ପୁଞ୍ଜି ଏବଂ ଧନୀ ଭାରତୀୟଙ୍କ ସ୍ରୋତ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଆଲୋଚନା ହେଉଛି ଯେ, ପୁଞ୍ଜିନିବେଶ ପରିବର୍ତ୍ତେ ନବୀନଙ୍କ ଦୁବାଇ ଗସ୍ତ ପଛରେ ରାଜନୈତିକ ନିବେଶ ରହିଛି। ☞ପୃଷ୍ଠା-୨


**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ଚାହୁଁ ଚାହୁଁ ଆଷାଢ଼ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିର ଗୋଟିଏ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆଜିର ଏହି ପବିତ୍ର ଦିନରେ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

॥ ଶୋକସନ୍ତପ୍ତ ॥
ପରିବାରବର୍ଗ ଓ ବନ୍ଧୁ

**ଏଇଂ. ଉଦୟନାଥ ମହାପାତ୍ର**

ସି-୫୨, ମାର୍କେଟ ବିଲ୍ଡିଂ, ଶହିଦ ନଗର, ଭୁବନେଶ୍ୱର

ଆବିର୍ଭାବ: ୧୫।୦୧।୧୯୫୦ | ତିରୋଧାନ: ୨୫।୦୬।୨୦୨୧

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜେଲ ଗଲେ ଜଳେଶ୍ୱର ବିଡିଓ

କଟକ ଅଫିସ/ଭୁବନେଶ୍ୱର,୧୯ ।୬(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲା ଜଳେଶ୍ୱର ବିଡିଓ ଅଶ୍ୱିନୀ କୁମାର ଦାସଙ୍କୁ ଭିଜିଲାନ୍ସ ରବିବାର ଗିରଫ କରିଛି। ଚଢ଼ାଉ ଓ ଯାଞ୍ଚ ପରେ ତାଙ୍କ ନିକଟରୁ ଆନୁମାନିକ ୬ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହି ବେଆଇନ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠରୁ ୪୫୦% ଅଧିକ ବୋଲି ଭିଜିଲାନ୍ସ କହିଛି। ତେବେ ସମ୍ପତ୍ତି ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଅଶ୍ୱିନୀ ଓ ତାଙ୍କ ସ୍ତ୍ରୀଙ୍କ ନାମରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୩୬/୨୦୨୨) ରୁଜୁ କରାଯାଇଛି। ଗିରଫ ପରେ ଅଶ୍ୱିନୀଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କଟକ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଶନିବାର ଅଶ୍ୱିନୀଙ୍କ ଘର ସମେତ କଟକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ାର ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଭିଜିଲାନ୍ସର ୫ ଡିଏସ୍‌ପି, ୯ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଥିଲେ। ଚଢ଼ାଉବେଳେ ତାଙ୍କର କଟକ ଓ କେନ୍ଦ୍ରାପଡ଼ାର ପ୍ରମୁଖ ଅଞ୍ଚଳରେ ୨୪ଟି ପ୍ଲଟ ଥିବା ଜଣାପଡ଼ିଥିଲା। କଟକ


ଅଶ୍ୱିନୀ କୁମାର ଦାସ

୪୨ ମୌଜାରେ ଥିବା ୧.୨୨ କୋଟିର ତିନି ମହଲା କୋଠା ଓ ଝିଙ୍କିରିଆରେ ୧.୧୦ କୋଟିର ଦୁଇ ମହଲା କୋଠା ଠାବ ହୋଇଥିଲା। ଏଥିସହ ୭୩.୯୧ ଟଙ୍କାର ବ୍ୟାଙ୍କ ଓ ଜୀବନ ବୀମା, ଘରୁ ନଗଦ ୧ ଲକ୍ଷ ୭୦ ହଜାର ୩୦୦ ଟଙ୍କା, ୪୨.୫୭ ଲକ୍ଷ ଟଙ୍କାର ସୁନାରୁପା ଅଳଙ୍କାର, ୪୦ ଲକ୍ଷ ଟଙ୍କାର ୪ଟି ଚାରିଚକିଆ ଗାଡ଼ି, ୩୯.୮୧ ଲକ୍ଷ ଟଙ୍କାର ୩ଟି ବାଇକ ଠାବ କରିଥିଲା। ଅଶ୍ୱିନୀ ୧୯୯୫ରେ କୃଷି ବିଭାଗରେ ଜୁନିଅର ଆସିଷ୍ଟାଣ୍ଟ ଭାବେ ଚାକିରି କରିଥିଲେ। ୨୦୧୫ରେ ଓଆର୍‌ଏସ୍ ଭାବେ ପଦୋନ୍ନତି ପାଇ ସୁନ୍ଦରଗଡ଼ ଜିଲା କୁଟ୍ରାର ଅତିରିକ୍ତ ତହସିଲଦାର ହୋଇଥିଲେ। ପରେ କଟକ ଜିଲା ନିଆଳିର ଅତିରିକ୍ତ ତହସିଲଦାର, ଜଗତ୍‌ସିଂପୁର ଜିଲା ରଘୁନାଥପୁର, ଯାଜପୁର ଜିଲା ଦୋଳିପୁର ଓ ଖୋର୍ଦ୍ଧା ଜିଲା ଜଟଣୀର ସବ୍-ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରିଥିଲେ। ୨୦୨୦ରେ ସେ ଓଏଏସ୍ ର୍ୟାଙ୍କ୍‌କୁ ପଦୋନ୍ନତି ପାଇ ପ୍ରଥମେ ଟାଙ୍ଗୀ ତହସିଲ୍‌ଦାର, ପରେ କେନ୍ଦ୍ରାପଡ଼ା ବିଡିଓ ଭାବେ କାର୍ଯ୍ୟ କରିଥିଲେ। ୫ ମାସ ପୂର୍ବରୁ ସେ ଜଳେଶ୍ୱରକୁ ବଦଳି ହୋଇଥିଲେ। ତେବେ ଗତ ୧୭ ତାରିଖରେ ଅଶ୍ୱିନୀଙ୍କୁ ପୁଣି ଖୋର୍ଦ୍ଧା ଜିଲା ଜଟଣୀର ତହସିଲଦାର ଭାବେ ବଦଳି କରାଯାଇଥିଲା। ସେଠାରେ ସେ କାର୍ଯ୍ୟରେ ଯୋଗଦେବାର ଥିଲା। ହେଲେ ଏହାପୂର୍ବରୁ ଭିଜିଲାନ୍ସ ଚଢ଼ାଉ ପରେ ଶନିବାର ବଦଳି ଆଦେଶକୁ ରଦ୍ଦ କରିଦିଆଯାଇଛି।

# ଏସ୍‌ଟିଏଫ୍ ଚଢ଼ାଉ: ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

ସୋନପୁର/ବିନିକା,୧୯।୬(ନି.ପ୍ର./ଡି.ଏନ୍.ଏ.)

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ଟିମ୍ ଶନିବାର ବିଳମ୍ବିତ ରାତିରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ସମ୍ମୁଖରେ ଚଢ଼ାଉ କରି ଗୋଟିଏ ଜିଅନ୍ତା ବଜ୍ରକାପ୍ତା ଉଦ୍ଧାର କରିଛି। ଉଦ୍ଧାର ବଜ୍ରକାପ୍ତାର ଓଜନ ୮ କିଲୋ ୯୦୦ ଗ୍ରାମ। ଏହି ଘଟଣାରେ ବନ୍ୟଜନ୍ତୁ ବ୍ୟବସାୟୀ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଡୁଡୁକା ଗ୍ରାମର ଜୟକୁମାର ପଟେଲ (୩୭) ଓ ଶଙ୍ଖୁଆ ଗ୍ରାମର ଅଶୋକ ବିଶି(୪୨)ଙ୍କୁ ଗିରଫ କରାଯାଇଛି। ଜୟକୁମାର ଓ ଅଶୋକ ବଜ୍ରକାପ୍ତାକୁ ଏକ ଅଖାବସ୍ତାରେ ଭର୍ତ୍ତି କରି ବିକ୍ରି କରିବା ପାଇଁ ବଲାଙ୍ଗୀର-ବରଗଡ ଜାତୀୟ ରାଜପଥର ରାସ୍ତାପାର୍ଶ୍ୱରେ ଅପେକ୍ଷା କରିଥିଲେ। ୫୦ହଜାର ଟଙ୍କାରେ ବିକ୍ରି ପାଇଁ ଡିଲ୍ ସରିଥିଲା। ତେବେ ଏସ୍‌ଟିଏଫ୍ ଟିମ୍ ଏ ସମ୍ପର୍କରେ ସୂଚନା ପାଇ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ଉଦ୍ଧାର ବଜ୍ରକାପ୍ତା ଓ ୨ ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍ ସୁବର୍ଣ୍ଣପୁର ବନ ବିଭାଗକୁ ହସ୍ତାନ୍ତର କରିଛି। ସୁବର୍ଣ୍ଣପୁର ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ ଓ ବିନିକା ବନାଞ୍ଚଳ ଅଧିକାରୀ ଡମ୍ବରୁଧର ପ୍ରଧାନ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ବନ୍ୟଜନ୍ତୁ ଶିକାରୀ ଓ କ୍ରେତାଙ୍କୁ ଧରିବା ପାଇଁ ବନ ବିଭାଗ ତନାଘନା ଜାରି ରଖିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବିନିକା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ବଜ୍ରକାପ୍ତାକୁ ବିନିକା ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ସୁସ୍ଥ ହେଲା ପରେ ତାକୁ ଜଙ୍ଗଲରେ ଛଡାଯିବ।



## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୟାରେ ନ ଦେଲେ ପିଣ୍ଡ ନୁହେଁ
ପ୍ରୟାଗରେ ନ ବୁଡ଼ିଲେ ମୁଣ୍ଡ ନୁହେଁ
ପୁରୀରେ ନ ଖାଇଲେ ତୁଣ୍ଡ ନୁହେଁ।**

ଗୟାକ୍ଷେତ୍ର ପିଣ୍ଡଦାନ ଲାଗି ସର୍ବୋତ୍କୃଷ୍ଟ। ଏଠାରେ ପିଣ୍ଡଦାନ କରାଗଲେ ପିତୃଲୋକ ପରିତୃପ୍ତ ହୋଇଥାନ୍ତି ତଥା ପିତୃପୁରୁଷଙ୍କର ମୋକ୍ଷ ହୋଇଥାଏ। ପ୍ରୟାଗରେ ଲଣ୍ଡିତ ମସ୍ତକ ହୋଇ ବୁଡ଼ ପକାଇଲେ ବହୁ ପୁଣ୍ୟ ମିଳିଥାଏ। ସେହିପରି ପୁରୀ ନୀଳାଚଳ ଧାମ ଶ୍ରୀକ୍ଷେତ୍ରରେ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଭୋଗ ଲଗାଯାଉଥିବା ମହାପ୍ରସାଦ ସର୍ବୋତ୍କୃଷ୍ଟ ହୋଇଥିବା ବେଳେ ଏହାକୁ ଖାଇବା ବଡ଼ ସୌଭାଗ୍ୟର କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗୁଡ଼ ଟିକେ ଦେବ ନାହିଁ
କଂସା ଖଣ୍ଡେ ଦେବା**

ସ୍ୱଳ୍ପ ମୂଲ୍ୟର ଅଳପ ଜିନିଷ ଦେବାକୁ କୁଣ୍ଠା ପ୍ରକାଶ , ଅଥଚ ଢେର ଅଧିକ ମୂଲ୍ୟବାନ ଜିନିଷ ଅକୁଣ୍ଠ ଚିତ୍ତରେ ଦାନ। ସ୍ୱଳ୍ପ ବୁଦ୍ଧି ବ୍ୟକ୍ତିଙ୍କଠାରେ ଏପରି ଅଜ୍ଞାନତା ପ୍ରକୃତି ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

**classifieds** Everyday 0674-2580101, 2549302



**SALE**

**Bhubaneswarରେ plot କିଣନ୍ତୁ ସଙ୍ଗେସଙ୍ଗେ ଘର କରନ୍ତୁ। installment ସୁବିଧା ଅଛି। Contact- 9437250090, 7008265080, 8658227874, 0674-2911635.** D-751

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73920

ଭୁବନେଶ୍ୱର ସୁନ୍ଦରପଦା ବେଣାବିଲ ମୌଜାରେ ରାସ୍ତାଥାଇ 5000 ବର୍ଗଫୁଟକୁ 20 ଲକ୍ଷରେ ବିକ୍ରି କରିବି। 9938016295. D-73262

**2& 3BHK ready to move flat for sale at Chintamaniswar & near Palm Heights Sum Hospital and a new construction 3BHK flat start at Nandan Vihar Patia, Bhubaneswar. Contact -9861882233, 9437231479.** D-73324

**Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-16 to 1km. Contact: - 7381564227, 8114744495.** D-770

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73821

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda Schoolକୁ ଲାଗି 30' road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250



2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695. D-73618



Mesmerizing, energetic body, mind qualitative relaxing massage experienced therapists. 9668374480. D-73610

**Relax, Refresh your body, Mind at Saikrupa Spa with best therapies. 8984068077.** D-668

Full body massage relax your body mind by best therapist. 9861193818. D-73612

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open full body massage ladies and gents. 8327740003, 8093860513. D-73921

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73825

Newly open SPA offer @799/-, positively health benefits, Kalpana. 7846814019. D-73619


A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73827

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73822

**AFFIDAVIT**

Vide affidavit No.- 4728 dt-15.03.2022 before the Executive Magistrate, Sadar, Cuttack. I Saroj Kumar Jaiswal, S/o- Gopal ji Jaiswal, At/PO.- CDA, Cuttack have changed my minor Son's name from Rudra N Jaiswal to Shihan N Jaiswal for all future purposes. D-779

**Ph.D. Degree Awarded**



Indian Institute of Technology Guwahati, Assam, India has awarded the Doctor of Philosophy (Ph.D) Degree to Anil Kumar Rout, S/o- Ganesh Prasad Rout EXHM, GJUVP, Rustampur and Late Sebati Rout of Barapada, Balasore, for his thesis entitled "Surface Heat Flux Recovery during short duration experiments- conceptual demonstration from probe design to soft computing analysis". His research work is carried under the supervision of prof. Niranjan Sahoo (Professor, Dept. of Mechanical Engineering, IITG.) and Co-Supervisor Dr. Pankaj Kalita (Associate Professor, School of Energy Science and Engineering, IITG.) His thesis was examined by Prof. Komiyama Masaharu, GIFU University, Japan and Prof. Viren Menezes, IIT Bombay, India. He has published many international journals and also presented many papers in national and international conferences. He got his Master Degree from Jadavpur University, Kolkata and B.Tech Degree in Mechanical Engineering from National Institute of Technology Agartala. Prior Ph.D., he was working as an Assistant Professor at School of Mechanical Engineering, KIIT University, Bhubaneswar.
Best Wishes From: Family, Relatives and Well Wishers.
D-778

## ପ୍ରଥମ ପୃଷ୍ଠାରୁ...

### ନବୀନଙ୍କ ରାଜନୈତିକ ...

ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଭାଜପା ନେତାଙ୍କ ଅରୁଚିକର ମନ୍ତବ୍ୟ ପରେ ଆରବୀୟ ଦେଶ ସମେତ ବିଶ୍ୱର ମୁସଲିମ୍ ରାଷ୍ଟ୍ରଗୁଡ଼ିକ ଭାରତ ବିରୋଧୀ ପାଲଟିଯାଇଛନ୍ତି। ଏଥିସହିତ ୟୁଏଇର ସଦସ୍ୟ ଏମିରେଟ୍ କାତାର ପ୍ରଥମେ ଭାରତ ସରକାରଙ୍କୁ ସମାଲୋଚନା କରିବା ଫଳରେ ବିରୋଧ ବଢ଼ିଥିଲା। ମୋଦି ସରକାରଙ୍କ ବିରୋଧରେ ଏହି ଦେଶଗୁଡ଼ିକ ଖୋଲାଖୋଲି ମତବ୍ୟକ୍ତ କରୁଛନ୍ତି। କେନ୍ଦ୍ର ସରକାର ମଧ୍ୟ ଏହି ବଦନାମରୁ ବଞ୍ଚିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛି। ଭାଜପାକୁ ସମର୍ଥନ କରୁଥିବା କେତେକ ସଙ୍ଗଠନ ପକ୍ଷରୁ ଆରବ ଦେଶଗୁଡ଼ିକରେ ଭାରତ ବିରୋଧୀ ମନ୍ତବ୍ୟକୁ ନେଇ ବିକ୍ଷୋଭ କରିବାର ଡାକରା ଦିଆଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ଦିନ ଓ ସମୟରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ହେତୁ ବୁଝାପଡୁଛି ଯେ, ସରକାରୀସ୍ତରରେ ଏହିଭଳି ଉଗ୍ର ପ୍ରତିକ୍ରିୟାକୁ ନାପସନ୍ଦ କରାଯାଉଛି। ଅତ୍ୟଧିକ ଅନ୍ତର୍ଜାତୀୟ ଚାପରେ ମୋଦି ସରକାର ମଧ୍ୟ ଆଗେଇବାକୁ ଚାହୁଁନାହାନ୍ତି। ଏଭଳି ସନ୍ଧିକ୍ଷଣରେ ନବୀନଙ୍କ ଦ୍ୱାରା ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ମୁଖ୍ୟ ଦେଶକୁ ଗସ୍ତ କେବଳ ପୁଞ୍ଜି ଲଗାଣରେ ସୀମିତ ରହିବ ନାହିଁ ବୋଲି ବିଶ୍ୱାସ କରାଯାଉଛି।

ଏଠାରେ ମନେପଡ଼େ ୨୦୦୮ ମସିହା କଥା। କନ୍ଧମାଳରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯିବା ପରେ ସେଠାରେ ଦଙ୍ଗା ସୃଷ୍ଟି ହୋଇଥିଲା। ସେତେବେଳେ ରାଜ୍ୟରେ ବିଜେଡି ଓ ଭାଜପା ମିଳିତ ସରକାର ଚାଲିଥିଲା। ଭାଜପା ପକ୍ଷରୁ ଭିନ୍ନ ମତ ପ୍ରକାଶ ପାଉଥିବା ବେଳେ ନବୀନ ଦେଇଥିବା ମନ୍ତବ୍ୟ ସେହି ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା। ସେ କହିଥିଲେ- ତାଙ୍କ ଶରୀରର ପ୍ରତ୍ୟେକ ହାଡ଼ ଧର୍ମନିରପେକ୍ଷ। ଏଭଳି ମନ୍ତବ୍ୟ ପରେ ଓଡ଼ିଶାର ମିଳିତ ସରକାରର ଭବିଷ୍ୟତ ନେଇ ରାଜନୈତିକ ପଣ୍ଡିତମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ହେଲେ ଖେଳ ଓଲଟା ହେଲା। ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ନବୀନ ଭାଜପାର ହାତ ଛାଡ଼ି ଏକାକୀ ଲଢ଼ି ବର୍ଦ୍ଧିତ ସଂଖ୍ୟା ନେଇ ସରକାର ଗଢ଼ିଲେ।

ଏପଟେ କ୍ୟାଥଲିକ୍ ଖ୍ରୀଷ୍ଟିଆନ୍‌ଙ୍କ ଶୀର୍ଷସ୍ଥାନ ଭାଟିକାନ୍ ସିଟି ଗସ୍ତ ଓ ସେପଟେ ମୁସ୍‌ଲିମ୍ ଦେଶ ଦୁବାଇ ଗସ୍ତ କରି ନବୀନ ଆସନ୍ତା ଦିନରେ ରାଜନୀତିର ମୋଡ ଦର୍ଶାଇ ଥାଇପାରନ୍ତି। ଭାରତର ଅଧିକାଂଶ ଗଣମାଧ୍ୟମରେ ପ୍ରକାଶିତ ମନ୍ତବ୍ୟରେ କୁହାଯାଉଛି ଯେ, ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ନବୀନଙ୍କ ବିଜୁ ଜନତା ଦଳ ସମର୍ଥନ କରିବ। ତାହାଦ୍ୱାରା ନବୀନଙ୍କ ଧର୍ମନିରପେକ୍ଷ ଭାବମୂର୍ତ୍ତିକୁ ଆଞ୍ଚ ଆସିବାର ସମ୍ଭାବନାକୁ ଏଡ଼ାଇ ହେବନାହିଁ। ହୁଏତ ସେଥିପାଇଁ ଉଭୟ ଖ୍ରୀଷ୍ଟିଆନ ଏବଂ ମୁସଲମାନ ଦେଶକୁ ତୀର୍ଥ କରି ନବୀନ ତାଙ୍କର ଭବିଷ୍ୟତ ରାଜନୈତିକ ପଥକୁ ସୁଦୃଢ଼ କରୁଥାଇପାରନ୍ତି। ଏପଟେ ନିଜ ରାଜ୍ୟରେ ସବୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରାଚୀନ ହିନ୍ଦୁ ମନ୍ଦିରର ଉନ୍ନତୀକରଣ ଦ୍ୱାରା ଭାଜପାର ହିନ୍ଦୁତ୍ୱକୁ ମଧ୍ୟ ସୀମିତ କରି ରଖିଦିଆଯାଇଛି।

### ଦୋଷ ନ ଥାଇ ...

କିଛିଦିନ ତଳେ ଆସ୍କାର କେତେକ ଅଭିଯୁକ୍ତ ବଲାଙ୍ଗୀର ଜେଲକୁ ଆସିଥିଲେ। ସେମାନେ ତେଲୁଗୁ ଭାଷା କହିପାରୁଥିଲେ ଏବଂ ବୁଝିପାରୁଥିଲେ। ସେମାନଙ୍କ ସହାୟତାରେ ରାଜୁଙ୍କ ଭାଷା ବୁଝିପାରି ସେ ଆନ୍ଧ୍ରପ୍ରଦେଶ ବିଜୟନଗରମ୍ ଜିଲାର ନିବାସୀ ବୋଲି ଜଣାପଡିଥିଲା। ଏହାପରେ ଜେଲ ଅଧୀକ୍ଷକ ସାହୁ ଭାଇଜାକ୍ ଜେଲରଙ୍କ ସହ ଯୋଗାଯୋଗ କରି ରାଜୁଙ୍କ ଠିକଣା ଓ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲେ। ପରିବାର ଲୋକଙ୍କ ସହ ଯୋଗାଯୋଗ ପରେ ସେ ଜାଣିବାକୁ ପାଇଥିଲେ ଯେ, ରାଜୁଙ୍କ ମୃତ୍ୟୁ ହୋଇଯାଇଛି ଭାବି ତାଙ୍କ ପରିବାର ଲୋକେ ଶୁଦ୍ଧିକ୍ରିୟା ସାରି ଦେଇଥିଲେ। ତେବେ ରାଜୁ ବଲାଙ୍ଗୀର ଜେଲରେ ବନ୍ଦୀ ଥିବା ବିଷୟରେ ଜାଣିବାକୁ ପାଇବା ପରେ ପରିବାର ଲୋକେ ଶନିବାର ବଲାଙ୍ଗୀର ଆସି ଜାମିନରେ ରାଜୁଙ୍କୁ ନେଇ ଘରକୁ ଯାଇଛନ୍ତି।

ପରିବାର ଲୋକେ କହିଛନ୍ତି ଯେ, ରାଜୁ ଜଣେ ମାନସିକ ରୋଗୀ। ୯ ମାସ ତଳେ ତାଙ୍କୁ ଚିକିତ୍ସା ପାଇଁ ଭାଇଜାକ୍ ନେଇଥିବାବେଳେ ସେ ସେଠାରୁ ଖସି ପଳାଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ମୃତ ଭାବି ଶୁଦ୍ଧିକ୍ରିୟା କରିଦେଇଥିଲେ। ତେବେ ରାଜୁ କୌଣସି ଏକ ଟ୍ରେନ୍‌ରେ ବଲାଙ୍ଗୀରରେ ପହଞ୍ଚିଥିଲେ। ଗତ ଜାନୁୟାରୀରେ ସେ ବଲାଙ୍ଗୀରର ଏକ ଏଟିଏମ୍‌ରେ ଥିବାବେଳେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଏହାପରେ ସେ ଜେଲରେ ବିଚାରାଧୀନ କଏଦୀ ଭାବେ ୬ ମାସ ରହିଥିଲେ। ଷ୍ଟେଟ୍ ଡିଫେନ୍ସ କାଉନ୍‌ସିଲ ପକ୍ଷରୁ ରାଜୁଙ୍କ ଓକିଲ ନିଯୁକ୍ତ କରାଯାଇଥିଲା। ତୁଷାରକାନ୍ତ ମହାପାତ୍ର ଅଭିଯୁକ୍ତ ରାଜୁଙ୍କ ଓକିଲ ନିଯୁକ୍ତ ହେବା ପରେ ଜାମିନ ଆବେଦନ କରିଥିଲେ। ଶନିବାର ରାଜୁଙ୍କ ଜାମିନ ମଞ୍ଜୁର ପରେ ସେ ପରିବାର ସଦସ୍ୟଙ୍କ ସହ ଘରକୁ ଫେରିଛନ୍ତି। ଏନେଇ ସଦର ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ପଚରାଯିବାରୁ ଗତ ଜାନୁୟାରୀରେ ଏଟିଏମ୍ ଭଙ୍ଗା ଘଟଣାକୁ ନେଇ ଏକ ମାମଲା (୭/୨୦୨୨) ରୁଜୁ ହୋଇଥିଲା। ଅଭିଯୁକ୍ତ ଜଣକ ଏଟିଏମ୍ ଭାଙ୍ଗି ଦେଇଥିଲେ ଓ ତାଙ୍କଠାରୁ ଏଟିଏମ୍ ପେପର ରୋଲ ଜବତ ହୋଇଥିଲା। ତାଙ୍କୁ ଏହି ମାମଲାରେ କୋର୍ଟଚାଲାଣ କରାଯାଇଥିଲା ବୋଲି ସେ କହିଛନ୍ତି।

### ବଜ୍ରପାତରେ ପରିବାରର ...

୬ଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ କୋମନା ଅଗ୍ନିଶମ ବିଭାଗ ପହଞ୍ଚି ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୪ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଜଣେ ସମ୍ପର୍କୀୟ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ. ୮/୨୨) ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ସରକାରୀ କ୍ଷତିପୂରଣ ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ପୋଲିସକୁ ଚକ୍‌ମା ଦେଇ ...

ବଡପୁଅ ମା' ସହ ଝଗଡା କରିଥିଲେ। ଗରିବ ମା' ତାର ଇଚ୍ଛା ପୂରଣ କରିବାକୁ ଅସାମର୍ଥ୍ୟ ପ୍ରକାଶ କରିବାରୁ ମା' ଓ ପୁଅ ମଧ୍ୟରେ ବଚସା ଉଗ୍ରରୂପ ଧାରଣ କରିଥିଲା। ଶେଷରେ ଉତ୍‌କ୍ଷିପ୍ତ ହୋଇ ବଡପୁଅ ଏକ ଟାଙ୍ଗିଆରେ ହାଣି ମା'ଙ୍କୁ ହତ୍ୟା କରିଥିଲେ। ଏନେଇ ଏକ ହତ୍ୟା ମାମଲା(ନଂ.୪୮/୨୦୨୨) ରୁଜୁ କରାଯାଇ ତଦନ୍ତ ଚାଲୁରହିଛି।

### ବର୍ଷକରେ ୧,୩୫୪ ଶିଶୁ, ...

ଅଭିଯୋଗ ହୋଇଥିଲା। ଏପରି ପରିସ୍ଥିତିରେ ଏହି ମାମଲାକୁ ଅତି ଗୁରୁତ୍ୱପୂର୍ଣ୍ଣ ମନେ କରି ତଦନ୍ତ ରିପୋର୍ଟ ୨୦।୬।୨୦୨୨ ତାରିଖ ସୁଦ୍ଧା ଦାଖଲ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ମହାନ୍ତି ତାଙ୍କ ନିର୍ଦ୍ଦେଶନାମାରେ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୧୬ ଏପ୍ରିଲରୁ ନଗଡ଼ାରେ ଗୋଟିଏ ପରେ ଗୋଟିଏ ଶିଶୁ ପୁଷ୍ଟିହୀନତାର ଶିକାର ହୋଇ ଆଖି ବୁଜିଥିଲେ। ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ଚେତା ପଶିଥିଲା। ନଗଡ଼ାକୁ ରାସ୍ତା ଫିଟିଥିଲା। ଡିଏମ୍‌ଏଫ୍ ଏବଂ ଅନ୍ୟାନ୍ୟ ଯୋଜନାରେ ବିପୁଳ ଅର୍ଥ ବ୍ୟୟ କରି ବହୁ ଯୋଜନା ହାତକୁ ନିଆଯାଇଥିଲା। ବର୍ତ୍ତମାନ ନଗଡ଼ାରେ ଶିଶୁ ମୃତ୍ୟୁହାର ହ୍ରାସ ପାଇଥିଲେ ହେଁ ବାଲ୍ୟ ବିବାହ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ତେବେ ସଂପ୍ରତି ନବରଙ୍ଗପୁର ଏବଂ ଅନ୍ୟାନ୍ୟ ଜିଲାରେ ମା' ଓ ଶିଶୁ ମୃତ୍ୟୁହାର ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅପରାହ୍ଣରେ ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖପ୍ରକାଶ କରିବେ। ସାଂସ୍କୃତିକ କାମରେ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ।

**ବୃଷ** – ବିଭିନ୍ନ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଅଯଥାରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ଶତ୍ରୁତା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ** – ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନାରେ ଅନୁକୂଳ ବାତାବରଣ ସୃଷ୍ଟି ହେବାରୁ ଖୁସି ରହିବେ। ପାରିବାରିକ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ଖୁସି ରହିବେ। କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** – ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିବା କାରଣରୁ ଟେନସନ୍ କମିଯିବ। ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି କାରଣରୁ ଆଲୋଚନା ଅମୀମାଂସିତ ରହିବ। ପ୍ରତିକୂଳ ପରିସ୍ଥିତି ଯୋଗୁ ନିର୍ମାଣ କିମ୍ବା ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** – ବନ୍ଧୁଙ୍କ ସହଯୋଗରେ ସମସ୍ୟାର ସରଳ ସମାଧାନ ହୋଇପାରେ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ, ସୁନ୍ଦର କରିବାରେ ସହାୟକ ହେବ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**କନ୍ୟା** – ଆଜିର ଯାତ୍ରା,ନୂତନ କର୍ମାରମ୍ଭ,ବ୍ୟବସାୟିକ ସ୍ଥିତି ବିଶେଷ ଭଲ ରହିବ। ତଥାପି ଭୁଲ୍ ବୁଝାମଣା ହେତୁ ଆତ୍ମୀୟମାନଙ୍କ ଅସହଯୋଗ, ଅସମ୍ମାନ ପାଇ ଦୁଃଖର ମାତ୍ରାକୁ ବଢ଼ାଇଦେଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** – ଆଜି ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ବିରକ୍ତ ଅନୁଭବ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଯଥା ଆକ୍ରୋଶର ଶିକାର ହେବାକୁ ପଡ଼ିପାରେ।

**ବିଛା** – ଯଥା ସମୟରେ ସବୁ କାମଗୁଡ଼ିକ ସମ୍ପନ୍ନ ହେବାରୁ ମନ ଏକପ୍ରକାର ଖୁସି ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ,ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ମାତ୍ରାଧିକ ଭ୍ରମଣ ହେତୁକ କ୍ଳାନ୍ତି ଅନୁଭବ କରିପାରନ୍ତି।

**ଧନୁ** – ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଗତକାଲିଠାରୁ ଆପଣ ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ଆତ୍ମୀୟମାନେ ପାଖ ମାଡ଼ିବେ ନାହିଁ।

**ମକର** – ଆଜି କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣିହୋଇ ପାରନ୍ତି। ଘରର ଅସଜଡ଼ା ପରିସ୍ଥିତି କଥା ଚିନ୍ତା କରି ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିଯାଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**କୁମ୍ଭ** – ଆଜି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ହରାଇବାକୁ ପଡ଼ିପାରେ। ଅବହେଳା କାରଣରୁ ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ।

**ମୀନ** – ପରିବାରର ଅଶାନ୍ତ ପରିବେଶକୁ ସ୍ୱାଭାବିକ କରିବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। ଅର୍ଥ ଆଦାୟରେ ସକ୍ଷମ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ ଅନ୍ୟ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୪୧,୬୫,୭୧୬ | ୬୩,୪୦,୫୨୧ | ୫୧,୯୨,୫୦,୧୮୦ |
| ଭାରତ | ୪,୩୨,୯୬,୬୯୨ | ୫,୨୪,୮୫୫ | ୪,୨୬,୯୯,୩୬୩ |
| ଓଡ଼ିଶା | ୧୨,୮୮,୮୫୧ | ୯୧୨୬(+୫୩) | ୧୨,୭୯,୪୫୧ |

ରବିବାର ରାତି ୯ଟା ୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୨୦ ଭାରତୀୟ ମତ୍ସ୍ୟଜୀବୀଙ୍କୁ ମୁକ୍ତ କଲା ପାକ୍

**ଇସ୍‌ଲାମାବାଦ,୧୯।୬:** ୫ ବର୍ଷ ଧରି କରାଚୀ ଜେଲରେ ବନ୍ଦୀଥିବା ୨୦ ଭାରତୀୟ ମତ୍ସ୍ୟଜୀବୀଙ୍କୁ ପାକିସ୍ତାନ ରବିବାର ମୁକ୍ତ କରିଛି। ସେମାନେ ବେଆଇନ ଭାବେ ପାକ୍ ଜଳସୀମାରେ ପଶି ମାଛ ମାରୁଥିବା ଅଭିଯୋଗ ରହିଥିଲା। ୨୦୧୮ ଜୁନ୍‌ରେ ଗିରଫ ପରେ ସେମାନଙ୍କୁ କରାଚୀର ମାଲିର ଜିଲା ଲାନ୍ଧି ଜେଲରେ ରଖାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମତ୍ସ୍ୟଜୀବୀଙ୍କୁ ମୁକ୍ତ କରାଯାଇଥିବା ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ୍ ମହମ୍ମଦ ଇର୍ସାଦ କହିଛନ୍ତି। ସେମାନଙ୍କୁ ୱାଘା ବର୍ଡର ନିକଟକୁ ପଠାଯାଇଛି। ସେଠାରେ ଭାରତୀୟ କର୍ତ୍ତୃପକ୍ଷ ମତ୍ସ୍ୟଜୀବୀଙ୍କୁ ଫେରାଇନେବେ।

### ଗାଧୋଇବା ବେଳେ ବୁଡ଼ିଗଲେ ୩ ନାବାଳିକା

#### ଜଣେ ମୃତ, ୨ ଗୁରୁତର

**ବାଲିଆପାଳ,୧୯।୬(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ରେମୁ ଗ୍ରାମରେ ରବିବାର ୩ଜଣ ନାବାଳିକା ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ରେମୁ ଗ୍ରାମର ସମ୍ପର୍କୀୟ ଗଦାଧର ଜେନାଙ୍କ ବାହାଘର ଭୋଜିରେ ସମ୍ପର୍କୀୟ ଲଙ୍ଗଳେଶ୍ୱର ଗ୍ରାମର ଅନନ୍ୟା ପାତ୍ର (୧୨), କାଳନ୍ଦା ଗ୍ରାମର ଜୟଲକ୍ଷ୍ମୀ ପରିଡ଼ା (୧୩), କାଠ ଶାଗଡ଼ା ଗ୍ରାମର ମନୋରମା ପାତ୍ର (୧୩) ଆସିଥିଲେ। ସେମାନେ ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ିଯିବାରୁ ସମ୍ପର୍କୀୟମାନେ ଗୁରୁତର ଅବସ୍ଥାରେ ୩ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମନୋରମାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୪/୨୨) ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇଛି। ଅନ୍ୟ ୨ ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଅନନ୍ୟା ପାତ୍ରଙ୍କୁ ପରେ ସଙ୍କଟାପନ୍ନ ଅବସ୍ଥାରେ କଟକ ପଠାଯାଇଛି।

### ଓଡ଼ିଶା ଅବକାରୀ ସିପାହି ମହାସଂଘର କର୍ମକର୍ତ୍ତା ନିର୍ବାଚନ

#### ତପନ ସଭାପତି, ଦିଲୀପ ସାଧାରଣ ସମ୍ପାଦକ

**କଟକ ଅଫିସ, ୧୯।୬:** ଓଡ଼ିଶା ଅବକାରୀ ସିପାହି ମହାସଂଘର ସାଧାରଣ ନିର୍ବାଚନୀ ସଭା କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବକାରୀ କମିଶନର ଆଶିଷ ସିଂଙ୍କ ଅନୁମୋଦନକ୍ରମେ ଏହି ସଭାରେ ମହାସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ତପନ କୁମାର ସ୍ୱାଇଁ ନିର୍ବାଚିତ ହୋଇଥିଲେ। ସେହିପରି ଉପସଭାପତି ଭାବେ ରୋଜାଲିନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଦିଲୀପ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ ଓ ଦିଲୀପ କୁମାର ସାମନ୍ତ ଏବଂ କୋଷାଧ୍ୟକ୍ଷ ଭାବେ ଅର୍ଚ୍ଚନାବାଳା ନାୟକ ନିର୍ବାଚିତ ହୋଇଥିଲେ। ଏହାପରେ ମୁଖ୍ୟ ନିର୍ବାଚନ ଅଧିକାରୀ କର୍ମକର୍ତ୍ତାମାନଙ୍କୁ ସଂଘ କାର୍ଯ୍ୟ ତୁଲାଇବା ଓ ସଂଘ ସମ୍ବିଧାନର ଗୋପନୀୟତା ରକ୍ଷା କରିବାକୁ ଶପଥ ପାଠ କରାଇଥିଲେ। ଏହି ନିର୍ବାଚନକୁ ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରବୀର କୁମାର ସାମଲ ଓ କଟକ ଜିଲା ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଜଗଦୀଶ କୁମାର ସାମଲ ପରିଚାଳନା କରିଥିଲେ।

### ସୀମାନ୍ତରେ ଯୁବକଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି,୧୯।୬ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀଙ୍କ ବର୍ବରତା ଦେଖିବାକୁ ମିଳିଛି। କଣ୍ଡାଗାଁ ଜିଲା ମର୍ଦାପାଲ ଥାନା ଅନ୍ତର୍ଗତ ଖଡ଼ଖଡ଼ି ଗ୍ରାମରେ ଜଣେ ଭିନ୍ନକ୍ଷମ ଯୁବକଙ୍କୁ ମାଓବାଦୀମାନେ ଶନିବାର ରାତିରେ ହତ୍ୟା କରିଛନ୍ତି। ତାଙ୍କ ନାମ ରାମୁ ବୋଲି ଜଣାପଡ଼ିଛି। ସେ ପୋଲିସକୁ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଉଥିଲେ ବୋଲି ମାଓବାଦୀମାନେ ସେଠାରେ ଛାଡ଼ିଯାଇଥିବା ଏକ ପୋଷ୍ଟରରେ କୁହାଯାଇଛି। ଫଳରେ ଏହି ଘଟଣା ବସ୍ତର ମାଓବାଦୀ କମିଟି ଘଟାଇଥିବା ସ୍ପଷ୍ଟ ହୋଇଛି। ଘଟଣା ପରେ କଣ୍ଡାଗାଁ ପୋଲିସ ତଦନ୍ତ ଜାରି ରଖିଛି। କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।

# ‘ଆର୍ସି’ : କେଜିରୁ ପିଜି ପିଲା ପାଇବେ ସୁବିଧା

**ଭୁବନେଶ୍ୱର, ୧୯।୬(ବ୍ୟୁରୋ)**

କରୋନା ମହାମାରୀ ସମୟରେ ଶିକ୍ଷା କ୍ଷେତ୍ର ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ଯାଇଥିଲା। ଅନ୍‌ଲାଇନ୍ ପାଠପଢ଼ା ହେଉଥିଲେ ମଧ୍ୟ ସମସ୍ତେ ଏହାର ସୁଯୋଗ ପାଉ ନ ଥିଲେ କିମ୍ବା ଅନେକେ ଏହାର ସଦୁପଯୋଗ କରିପାରୁ ନ ଥିଲେ। ସେହିପରି ଉଚ୍ଚଶିକ୍ଷା ଓ ଚାକିରି ପାଇଁ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କୁ ନାନା ସମସ୍ୟା ବାଟ ଓଗାଳିଥାଏ। ବାହାରେ ଘର ଭଡ଼ା ନେଇ ରହିବା, ଖାଇବା, କୋଚିଂ ନେବା ପାଇଁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଥିବାରୁ ବିଶେଷକରି ଆର୍ଥିକ ସ୍ୱଚ୍ଛଳ ନ ଥିବା ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହୋଇଥାନ୍ତି। ଏସବୁ ସମସ୍ୟାରୁ ମୁକୁଳି କିପରି ଛାତ୍ରୀଛାତ୍ର ନିଜ ସ୍ୱପ୍ନ ବା ଲକ୍ଷ୍ୟ ପୂରଣ କରିବେ, ତାହାର ସମାଧାନର ବାଟ ଖୋଲିଛନ୍ତି ହାଇଦ୍ରାବାଦର ଓଡ଼ିଆ ଦମ୍ପତି ଡା. ଅନୁପମା ମହାନ୍ତି ଓ ସ୍ୱାମୀ ଅଜୟ କୁମାର ମହାନ୍ତି। ଆରମ୍ଭ କରିଛନ୍ତି ଏଡ୍‌ଟେକ୍ ଆପ୍ ‘ଆର୍ସି’ (AARSHI)। ଏହି ଶିକ୍ଷା ଆପ୍‌ର ମୁଖ୍ୟ ଡାକ୍ତର ଅନୁପମା ରହିଥିବାବେଳେ ଅଜୟ ସହପ୍ରତିଷ୍ଠାତା ଭାବେ କାର୍ଯ୍ୟ କରୁଛନ୍ତି। ଘରେ ରହି ବିନା ଖର୍ଚ୍ଚରେ ଏଥିରୁ ଗୁଣାତ୍ମକ ଶିକ୍ଷା ଲାଭ କରିବାର ବ୍ୟବସ୍ଥା ରହିଛି। କେଜିରୁ ପିଜି ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏଥିରେ ଉପକୃତ ହୋଇପାରିବେ। ଜଣେ ପିଲା ସ୍କୁଲ, କଲେଜର ପାଠ୍ୟକ୍ରମ ସହ ଅଧିକ କିଛି ପ୍ରକାଶନ ପୁସ୍ତକ ଏହି ଆପ୍ ମାଧ୍ୟମରେ ପଠନ କରିପାରିବେ। ଆର୍ସି ଆପ୍ ଗୁଗଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେଉଛି। ଏହାକୁ http://lnkd.in/dwW92GHq ଲିଙ୍କ୍ ଜରିଆରେ ଡାଉନ୍‌ଲୋଡ୍ କରାଯାଇ ପାରୁଛି।

୨୦୨୧ ଅଗଷ୍ଟ ୨ରେ ‘ଆର୍ସି’ର ପଞ୍ଜୀକରଣ ହୋଇଥିବାବେଳେ ବର୍ତ୍ତମାନ ୨୦୦ରୁ ଉର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ହୋଇସାରିଲେଣି। ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବା ପାଇଁ ଆପ୍‌ରେ କଣ୍ଟେଣ୍ଟଗୁଡ଼ିକୁ ଆନିମେଟେଡ୍ କରାଯାଇଛି। ସେହିପରି ଯୁକ୍ତ୨ ସହ ସିବିଏସ୍‌ଇ ଓ ଅନ୍ୟ ବୋର୍ଡ ପାଇଁ ପାଠ୍ୟକ୍ରମ ମଧ୍ୟ ଉପଲବ୍ଧ ରହିଛି। ସବୁ ଶ୍ରେଣୀର ପିଲା ସମାନ ପାଠ୍ୟକ୍ରମକୁ ସବୁ ଭାଷାରେ ପଢ଼ିବାର ସୁଯୋଗ ପାଇବେ। ବର୍ତ୍ତମାନ ଇଂଲିଶରେ ସବୁ କଣ୍ଟେଣ୍ଟ ରହିଛି। ଏଥିସହିତ ଜର୍ମାନ ଭାଷାର ମଧ୍ୟ ଗୋଟିଏ କଣ୍ଟେଣ୍ଟ ରହିଥିବାବେଳେ ଆଗକୁ ୨୩ ଭାଷାର ପାଠ୍ୟକ୍ରମ ରଖିବାକୁ ଯୋଜନା ରହିଛି। ସେହିଭଳି ହାଇଦ୍ରାବାଦ ଓ ଭୁବନେଶ୍ୱରରେ ଏକ ଷ୍ଟୁଡିଓ ରହିବ। ସେଠାରେ ମହିଳାଙ୍କୁ ନିଯୁକ୍ତିର ସୁଯୋଗ ଦିଆଯିବ। ସେମାନେ କଣ୍ଟେଣ୍ଟ ଲେଖିବା ସହିତ ଲାଇଭ୍ କ୍ଲାସ୍ ମଧ୍ୟ କରିବେ। ତେବେ ଏହା ଏକ ମହିଳା ଉଦ୍ୟୋଗୀ କାର୍ଯ୍ୟକ୍ରମ। ଏଥିରେ ବିଶେଷକରି ମହିଳାମାନଙ୍କୁ କାର୍ଯ୍ୟ କରିବାର ସୁଯୋଗ ଦିଆଯିବ ବୋଲି ଅଜୟ ମହାନ୍ତି କହିଛନ୍ତି। ସେହିଭଳି ପ୍ରତିବର୍ଷ ୧୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ସିଆନ୍ ମେଧାବୃତ୍ତି ଦେବାର ବ୍ୟବସ୍ଥା କରାଯାଉଛି। ଆପ୍ ସମ୍ପର୍କରେ ଡା. ଅନୁପମା କହିଛନ୍ତି, ଗତ ୧୫ ବର୍ଷ ହେଲା ସ୍ୱାମୀ ଅଜୟ କୁମାର ମହାନ୍ତିଙ୍କ ସହ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରିଛି। ତେଣୁ ମୋର ବିଶ୍ୱାସ ଆହୁରି ଦୃଢ଼ୀଭୂତ ହୋଇଛି। ଏବେ ଯେଉଁ ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ତାହା ସଫଳ ହେବ ବୋଲି ଆଶା ରଖିଛୁ।

## ବୋହୂଙ୍କ କାଠଫାଳିଆ ମାଡ଼ରେ ଶ୍ୱଶୁର ମୃତ

**ଆସିକା,୧୯।୬(ଡି.ଏନ.ଏ.)**

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ କିଶୋରଚନ୍ଦ୍ରପଲ୍ଲୀ ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବୋହୂଙ୍କ କାଠଫାଳିଆ ମାଡ଼ରେ ଶ୍ୱଶୁର ସୀମାଞ୍ଚଳ ନାୟକ(୫୫)ଙ୍କ ଜୀବନ ଯାଇଛି। ରବିବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ଏନେଇ ମୃତକଙ୍କ ଭାଉଜ ରଙ୍ଗବତୀ ନାୟକ ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତା ବୋହୂଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ପ୍ରକାଶ ଯେ, ସୀମାଞ୍ଚଳଙ୍କ ବଡ଼ ପୁଅ ସୂର୍ଯ୍ୟ ସୁରଟରେ କାମ କରୁଛନ୍ତି। ଘରେ ବୋହୂ ଓ ନାତୁଣୀଙ୍କ ସହ ସୀମାଞ୍ଚଳ ରହୁଥିଲେ। ଅଧିକାଂଶ ସମୟରେ କୌଣସି କାରଣକୁ ନେଇ ଶ୍ୱଶୁର-ବୋହୂଙ୍କ ମଧ୍ୟରେ କଥା କଟାକଟି ଓ ମାରପିଟ୍ ହେଉଥିଲା। ଶନିବାର ରାତି ପ୍ରାୟ ସାଢେ ୮ଟାରେ ଜୋର୍ ପାଟିତୁଣ୍ଡ ହୋଇଥିଲେ ମଧ୍ୟ ଏହା ନିତିଦିନିଆ ଘଟଣା ଭାବି କେହି ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଯୁକ୍ତିତର୍କରୁ ବୋହୂ ଉତ୍ତ୍ୟକ୍ତ ହୋଇ ଶ୍ୱଶୁରଙ୍କୁ କାଠଫାଳିଆରେ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସକାଳେ ନାତୁଣୀ ଆସି ଘଟଣା ସମ୍ପର୍କରେ ରଙ୍ଗବତୀଙ୍କୁ ଜଣାଇବା ପରେ ଘଟଣା ଜଣାପଡ଼ିଥିଲା। ଖବରପାଇ ଆସିକା ଥାନାରେ ପ୍ରୋବେଶନରେ ଥିବା ଆଇପିଏସ ଅଧିକାରୀ ନଚିକେତା ସାଲକେ, ଏସ୍‌ଡିପିଓ ଉମାଶଙ୍କର ସିଂ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ବାଡିପଟୁ ସୀମାଞ୍ଚଳଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆସିକା ଡାକ୍ତରଖାନାକୁ ପଠାଇଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଛି। ଏ ନେଇ ନଂ. ୩୨୦/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଫୁଲୁରି ତେଲ ଲାଗିହେଲେ ମହାପ୍ରଭୁ



ଶ୍ରୀମନ୍ଦିରକୁ ବଡ଼ ଓଡ଼ିଆ ମଠ ପକ୍ଷରୁ ଫୁଲୁରି ତେଲ ନିଆଯାଉଛି।

**ପୁରୀ ଅଫିସ, ୧୯।୬**

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗଡ଼ୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି। ଅଣସର ଘରେ ଦଇତାପତି ଓ ପତିମହାପାତ୍ର ସେବକମାନେ ନିଷ୍ଠାର ସହ ଚତୁର୍ଦ୍ଧାବିଗ୍ରହଙ୍କ ଗୁପ୍ତ ସେବା ଜାରି ରଖିଛନ୍ତି। ଶନିବାର ଦଇତାପତି ସେବାୟତମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଫିଟା ନୀତି ସମ୍ପାଦନ କରିଥିଲେ। ରବିବାର ଅଣସର ଗୃହରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରାଯାଇଛି। ଦଇତାପତି ସେବକମାନେ ଏହି ଫୁଲୁରି ତେଲ ଲାଗି କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଓ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା।

**ଆଜି ଓଷ ଲାଗି**

ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଫୁଲୁରି ତେଲ ଲାଗି ନୀତି ଆରମ୍ଭ ହୋଇଥିଲା। ପତି ମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ତାହାକୁ ମାଲିସ୍ କରିଥିଲେ। ଶ୍ରୀଅଙ୍ଗରେ ଫୁଲୁରି ତେଲ ମାଲିସ୍ କରାଯିବା ପରେ ମହାପ୍ରଭୁ ଜ୍ୱରରୁ ଆଶ୍ୱସ୍ତି ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସୋମବାରଠାରୁ ୩ଦିନ ପର୍ଯ୍ୟନ୍ତ ମହାପ୍ରଭୁଙ୍କଠାରେ ଓଷ ଲାଗି କରାଯିବ।

ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରୁ ଫୁଲୁରି ତେଲ ଲାଗି ଅନ୍ୟତମ। ପ୍ରତିବର୍ଷ ବଡ଼ ଓଡ଼ିଆ ମଠ ପକ୍ଷରୁ ମହାପ୍ରଭୁଙ୍କ ନିମନ୍ତେ ୬ସେର ଫୁଲୁରି ତେଲ ପ୍ରସ୍ତୁତ କରାଯାଇ ଯୋଗାଇ ଦିଆଯାଇଥାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ଯଥା କେତକୀ, ହେନା, ଜୁଇ, ଯାଇ, ମଲ୍ଲି ଆଦି ଅନେକ ସୁଗନ୍ଧିତ ପୁଷ୍ପ ପକାଯାଇ ଏକ ପାତ୍ରରେ ରଖି ମାଟିତଳେ ଏକବର୍ଷ ପର୍ଯ୍ୟନ୍ତ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ସେହି ତେଲକୁ ବାହାର କରାଯାଇ ରଖାଯାଏ। ହେରାପଞ୍ଚମୀ ଦିନ ସେହି ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ନିମନ୍ତେ ଶ୍ରୀମନ୍ଦିରକୁ ପଠାଯାଏ।

## ୫ଦିନ ପ୍ରବଳ ବର୍ଷା

### ୩ ଦିନରେ ସାରା ରାଜ୍ୟକୁ ଛୁଇଁବ ମୌସୁମୀ

**ଭୁବନେଶ୍ୱର, ୧୯।୬(ବ୍ୟୁରୋ)**

ଓଡ଼ିଶାକୁ ପ୍ରବେଶ କରିଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଏଥିପାଇଁ କେତେକ ସ୍ଥାନରେ ବର୍ଷା ଆରମ୍ଭ ହୋଇଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ପ୍ରାକ୍-ମୌସୁମୀ ବର୍ଷା ଲାଗି ରହିଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ରାଜ୍ୟର ଅନ୍ୟ ସମସ୍ତ ଅଞ୍ଚଳକୁ ମୌସୁମୀ ଅଗ୍ରସର ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ଥିବା ରବିବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ(୭ରୁ ୧୧ସେମି)ରୁ ଅତିପ୍ରବଳ(୧୧ରୁ ୨୦ସେମି) ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ସୋମବାର କନ୍ଧମାଳ, ଗଞ୍ଜାମ, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, କଟକରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ଏବଂ ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ ଓ ସମ୍ବଲପୁରରେ ପ୍ରବଳ ବର୍ଷା ହେବ। ବୁଧବାର ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ସମ୍ବଲପୁର, ଅନୁଗୋଳ, ବଲାଙ୍ଗୀର, ସୋନପୁର, କଳାହାଣ୍ଡି ଏବଂ ଗୁରୁବାରଠାରୁ ଶୁକ୍ରବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ରବିବାର ସମ୍ବଲପୁରରେ ସର୍ବାଧିକ ୩୯ ମିମି ବର୍ଷା ହୋଇଥିବାବେଳେ ହୀରାକୁଦରେ ୩୪, ନୟାଗଡ଼ ୩୪, ବାରିପଦା ୨୩, ଝାରସୁଗୁଡ଼ା ୧୩.୪, ବରଗଡ଼ ୧୪.୬, ଭବାନିପାଟଣା ୭, ଅନୁଗୋଳ ୬, କଟକ ୨, ଭୁବନେଶ୍ୱର ୧, ସୁନ୍ଦରଗଡ଼ ୨, ଦାରିଙ୍ଗବାଡ଼ି ୨ ଓ ରାୟଗଡ଼ାରେ ୧ମିମି ବର୍ଷା ରେକର୍ଡ କରାଯାଇଛି। ଏଥିସହିତ ବାଲେଶ୍ୱର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜରେ ବର୍ଷା ହୋଇଥିବା ଜଣାପଡ଼ିଛି।

## ଚଳନ୍ତା ଟ୍ରକ୍‌ରେ ଡ୍ରାଇଭରଙ୍କ ହୃଦ୍‌ଘାତରେ ମୃତ୍ୟୁ

**ଖଲ୍ଲିକୋଟ,୧୯।୬(ଡି.ଏନ.ଏ.)**

ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭେଜିପୁଟ ଫ୍ଲାଏ ଓଭରବ୍ରିଜ ଉପରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ଚଳନ୍ତା ଟ୍ରକରେ ଡ୍ରାଇଭରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ହେଲେ ଟ୍ରକ୍‌ଟି ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଆନ୍ଧ୍ରପ୍ରଦେଶରୁ ଭୁବନେଶ୍ୱର ଆଡ଼କୁ ଏକ ମାଲବାହୀ ଟ୍ରକ୍ (ନଂ ଏପି ୦୫ ଟିସି ୦୨୮୮) ଯାଉଥିବା ବେଳେ ଭେଜିପୁଟ ଫ୍ଲାଏ ଓଭର ବ୍ରିଜ ଉପରେ ହଠାତ ଡ୍ରାଇଭରଙ୍କୁ ହୃଦ୍‌ଘାତ ହୋଇଥିଲା। ଚଳନ୍ତା ଟ୍ରକଟି ଡିଭାଇଡର ଉପରେ ଚଢ଼ି ଅପର ପାର୍ଶ୍ୱରେ ଥିବା ଭୁବନେଶ୍ୱରରୁ ବ୍ରହ୍ମପୁର ରାସ୍ତାର ଗାର୍ଡ ୱାଲକୁ ପିଟି ହୋଇ ଅଟକି ଯାଇଥିଲା। ଗାଡ଼ି ସେମିତି ଷ୍ଟାର୍ଟ ହୋଇ ରହିଥିବା ବେଳେ ସ୍ଥାନୀୟ ଯୁବକମାନେ ପହଞ୍ଚି ବହୁ ଚେଷ୍ଟା କରି ଗାଡ଼ିର ଷ୍ଟାର୍ଟ ବନ୍ଦ କରିଥିଲେ। ଖବର ପାଇ ହାଇୱେ ପାଟ୍ରୋଲିଂ ଗାଡ଼ି, ଖଲ୍ଲିକୋଟ ଦମକଳ ବାହିନୀ, ଭେଜିପୁଟ ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ପହଞ୍ଚି ଡ୍ରାଇଭରଙ୍କୁ ବାହାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ଡ୍ରାଇଭରଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡ୍ରାଇଭରଙ୍କ ପକେଟରୁ ମିଳିଥିବା ଡ୍ରାଇଭିଂ ଲାଇସେନ୍ସରୁ ତାଙ୍କ ନାମ ସିଏଚ୍ ବୀରଭଦ୍ର ରାଓ ଓ ଘର ଆନ୍ଧ୍ରପ୍ରଦେଶର ଜାମପେଟା, ରାଜମନ୍ଦ୍ରୀ ଅଞ୍ଚଳର ବୋଲି ଜଣାପଡିଛି।

## ଦ୍ୱିତୀୟ ଦିନରେ ବି ଜଳଯାତ୍ରା ବନ୍ଦ



ଜହ୍ନିକୁଦା ଘାଟ ନିକଟରେ ଦିଆଯାଇଥିବା ଧାରଣା।

**କୃଷ୍ଣପ୍ରସାଦ,୧୯।୬(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡ଼ାରେ ଦ୍ୱିତୀୟ ବାଲିଯାତ୍ରା ବେଳେ ତିତିପ ଏବଂ ଆଳୁପାଟଣା ଗାଁ ମଧ୍ୟରେ ହୋଇଥିବା ବିବାଦ ବଢ଼ିବାରେ ଲାଗିଛି। ଗତ ଗୁରୁବାର ୩୫ ମୌଜା କମିଟି ସମ୍ପାଦକଙ୍କୁ ଆଳୁପାଟଣା ଗ୍ରାମର କେତେଜଣ ଯୁବକ ସାତପଡ଼ାରେ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ଶନିବାର ଠାରୁ ୩୫ମୌଜା କମିଟି ପକ୍ଷରୁ ଚିଲିକାର ଜହ୍ନିକୁଦାରୁ ସାତପଡ଼ା ଘାଟ ପର୍ଯ୍ୟନ୍ତ ଜଳଯାତ୍ରାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ ରଖାଯିବା ସହ ଜହ୍ନିକୁଦା ଘାଟରେ ଧାରଣା ଦିଆଯାଇଛି। ରଥଯାତ୍ରା ପରେ ଏହି ଘଟଣାର ସମାଧାନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଆନ୍ଦୋଳନକାରୀ ଜିଦ୍‌ରେ ଅଟଳ ରହିଛନ୍ତି। ରବିବାର ମଧ୍ୟ ଜଳଯାତ୍ରା ବନ୍ଦ ରହିଥିବା ବେଳେ ଧାରଣାରେ ୨୫ଟି ମହିଳା ମହାସଂଘ ସାମିଲ ହୋଇଛି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବା ସହ ସୋମବାର ବ୍ଲକ, ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। କମିଟି ସଭାପତି ଦାମୋଦର ବିଶାଳ, ହେମନ୍ତ ଜେନା, ଅଭିମନ୍ୟୁ ଜେନା, ମନୋଜ ସାହୁ, ଦାମୋଦର ଜେନା, ଗଣେଶ ନାୟକ, ସୁରେନ୍ଦ୍ର ସାହୁ, ସଞ୍ଜୟ ଜେନା, ବାଲୁଙ୍କେଶ୍ୱର ବିଶ୍ୱାଳ, କବିରାଜ ମାଝୀ, ଗୋଲଖ ବିହାରୀ ପ୍ରଧାନ, କାଶୀନାଥ ଜେନାଙ୍କ ନେତୃତ୍ୱରେ ଏହି ମହିଳା ମହାସଂଘ ସାମିଲ ହୋଇଛି। ଜଳଯାତ୍ରା ବନ୍ଦ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**ଧାରଣାରେ ସାମିଲ ହେଲେ ୨୫ ମହିଳା ମହାସଂଘ**

# ଖଣିକୁ ଅଡୁଆ ରପ୍ତାନି ଶୁଳ୍କ

- ଲୁହାପଥର ଉପରେ ୪୯%, ପିଲେଟ୍ ଉପରେ ୫୫% ଟ୍ୟାକ୍ସ
- ବ୍ୟୟବହୁଳ ହେଉଛି ଲୋ-ଗ୍ରେଡ୍ ଲୁହାପଥର ଉତ୍ପାଦନ
- ଖଣି ସମୃଦ୍ଧ ଅଞ୍ଚଳରେ ଜୀବନଜୀବିକା ବିପନ୍ନ ଆଶଙ୍କା

**ଯୋଡ଼ା, ୧୯।୬(ଡି.ଏନ.ଏ.)**



ଖଣିଜ ସମ୍ପଦ ରପ୍ତାନି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବର୍ଦ୍ଧିତ ଶୁଳ୍କ ଓଡ଼ିଶାର ଖଣି ସମୃଦ୍ଧ ଅଞ୍ଚଳ ପାଇଁ ଅଭିଶାପ ସଦୃଶ ହୋଇଛି। ଗତ ମେ ମାସରେ କେନ୍ଦ୍ର ସରକାର ଲୁହାପଥର ରପ୍ତାନି ଉପରେ ୪୯% ଏବଂ ଲୁହାପଥର ଗୁଣ୍ଡ ବ୍ୟବହାର କରି ନିର୍ମିତ ପେଲେଟ୍ସ ଉପରେ ୫୫% ରପ୍ତାନି କର ଧାର୍ଯ୍ୟ କରିବା ଦ୍ୱାରା ଖଣି ଅଞ୍ଚଳରେ ବ୍ୟବସାୟ ପ୍ରଭାବିତ ହୋଇଛି। ଏହାଦ୍ୱାରା ଖଣି ଏବଂ ଶିଳ୍ପରୁ ସର୍ବାଧିକ ରାଜସ୍ୱ ପାଉଥିବା ରାଜ୍ୟ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ଦୂରଦୃଷ୍ଟିହୀନ କେନ୍ଦ୍ରୀୟ ନୀତି କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ଗଢ଼ିଉଠିଥିବା ପେଲେଟ୍ସ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ରୁଗ୍‌ଣ କରିଦେଇଥିବାବେଳେ ଏଠାରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଲୋକ ରୋଜଗାର ହରାଇବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏହାକୁ ନେଇ ଖଣି ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଓଡ଼ିଶାର ବିଭିନ୍ନ ଖଣିମଣ୍ଡଳରୁ ଉତ୍ତୋଳନ ହେଉଥିବା ଲୁହାପଥର ମଧ୍ୟରୁ ସର୍ବାଧିକ ପରିମାଣର ଲୋ-ଗ୍ରେଡ୍ ବା ନିମ୍ନମାନର। ଏଭଳି ଲୁହାପଥରକୁ ଇସ୍ପାତରେ ପରିଣତ କରିବା ଭଳି ଜ୍ଞାନକୌଶଳ କିମ୍ବା ଭିତ୍ତିଭୂମି ଭାରତରେ ବିକଶିତ ହୋଇନାହିଁ। ତେଣୁ ଏହାର ସିଂହଭାଗ ବିଦେଶକୁ ରପ୍ତାନି କରାଯାଇଥାଏ। କେବଳ ଯୋଡ଼ା ଖଣିମଣ୍ଡଳରୁ ୩୦%ରୁ ଉର୍ଦ୍ଧ୍ୱ ଲୋ-ଗ୍ରେଡ ଲୁହାପଥର ଗୁଣ୍ଡ ୨୦୨୦-୨୧ ଆର୍ଥିକ ବର୍ଷରେ ରପ୍ତାନି ହୋଇଛି। ଲୁହାପଥର ଗୁଣ୍ଡ ବ୍ୟବହାର କରି ରାଜ୍ୟରେ ଅନେକ ପେଲେଟ୍ସ ଶିଳ୍ପାନୁଷ୍ଠାନ ଗଢ଼ି ଉଠିଛି। ଏବେ ରପ୍ତାନି ଶୁଳ୍କ ଲାଗିବା ପରେ ଲୁହାପଥର ଉତ୍ତୋଳନ ବ୍ୟୟସାପେକ୍ଷ ହେବା ସହ ପେଲେଟ୍ସ ଶିଳ୍ପର ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଥିବା ଶିଳ୍ପ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା ରପ୍ତାନି ଶୁଳ୍କ ଲାଗୁ ପରେ ଯୋଡ଼ା ଖଣିମଣ୍ଡଳରେ ଥିବା ପେଲେଟ୍ସ କାରଖାନାଗୁଡ଼ିକ ବନ୍ଦ ହେବା ପରିସ୍ଥିତିକୁ ଚାଲିଆସିଲାଣି। ଏହାର କାରଣ ବ୍ରାଜିଲ ଓ ଅଷ୍ଟ୍ରେଲିଆର ଲୁହାପଥର ଭାରତଠାରୁ ଶସ୍ତା। ତେଣୁ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ସମ୍ପୃକ୍ତ ଦେଶରୁ ଆମଦାନୀ କରି କାରଖାନା ଚଳାଉଛନ୍ତି। ଏହାଦ୍ୱାରା ବୃହତ୍ ଶିଳ୍ପାନୁଷ୍ଠାନ କେତେକାଂଶରେ ନିଜର ଆବଶ୍ୟକତା ମେଣ୍ଟାଇ ପାରୁଥିବାବେଳେ କ୍ଷୁଦ୍ର ଏବଂ ମଧ୍ୟମ ଇସ୍ପାତ କାରଖାନାଗୁଡ଼ିକ କଞ୍ଚାମାଲର ଅଭାବରୁ ବନ୍ଦ ହେବାକୁ ବସିଲାଣି। କେନ୍ଦ୍ର ସରକାର ରପ୍ତାନି କର ଉପରେ ସଂଶୋଧନ ନ କଲେ ଲୁହାପଥର ଉପରେ ନିର୍ଭରଶୀଳ ଶିଳ୍ପସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।

ପରିବେଶୀୟ ଅନୁମୋଦନ ଅନୁଯାୟୀ ଲିଜ୍‌ଧାରୀ ଧାର୍ଯ୍ୟ ଖଣିଜ ଉତ୍ପାଦନ କରି ନ ପାରିଲେ ସରକାର ଜରିମାନା ଧାର୍ଯ୍ୟ କରିଛନ୍ତି। ତେଣୁ ଖଣି ଲିଜ୍‌ଧାରୀମାନେ ବାଧ୍ୟବାଧକତାରେ ଲୁହାପଥର ଉତ୍ତୋଳନ କରୁଛନ୍ତି। ହେଲେ ଏହା ରପ୍ତାନି ହୋଇପାରୁ ନ ଥିବାରୁ ତାହା ଗଚ୍ଛିତ ହୋଇ ରହୁଛି। ଅନ୍ୟପଟେ ରପ୍ତାନି ପ୍ରଭାବିତ ହେବା ପରେ ବିଦେଶୀ ମୁଦ୍ରା ପ୍ରବାହ ହ୍ରାସ ପାଉଛି, ଯାହା ପ୍ରତ୍ୟକ୍ଷ ଭାବେ ଦେଶର ଅର୍ଥନୀତିକୁ ଦୁର୍ବଳ କରୁଛି। ସେପଟେ ରାଜ୍ୟ ତଥା ଦେଶରେ ସ୍ପଞ୍ଜ ଆଇରନ କାରଖାନାଗୁଡିକ ପେଲେଟ୍ସ କିଣୁନାହାନ୍ତି। ତେବେ ରପ୍ତାନି କର ବୃଦ୍ଧି ପରେ ଓଡ଼ିଶାର ଶିଳ୍ପ ଜଗତରେ ବିଷମ ପରିସ୍ଥିତି ଦେଖାଦେଇଛି। କେନ୍ଦ୍ରର ଏହି ନୀତି ଓଡ଼ିଶାର ରାଜସ୍ୱ ଉପରେ ବ୍ୟାପକ ପ୍ରଭାବ ପକାଇଛି ବୋଲି ଜଣେ ଶିଳ୍ପପତି କହିଛନ୍ତି।

ସୂଚନାଯୋଗ୍ୟ, କେବଳ ଯୋଡ଼ା ଖଣିମଣ୍ଡଳରୁ ବାର୍ଷିକ ପ୍ରାୟ ୬୦ରୁ ୭୦ ଲକ୍ଷ ମିଲିୟନ ଟନ୍ (୬୦୦ ଲକ୍ଷ ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ) ଲୁହାପଥର ପରିବହନ ହୋଇଥାଏ। ରାଜ୍ୟ ଓ ରାଜ୍ୟ ବାହାରର ଲକ୍ଷାଧିକ ଟ୍ରକ୍ ଏଥିରେ ନିୟୋଜିତ ହୋଇଥାଆନ୍ତି। ରପ୍ତାନି ହ୍ରାସ ପାଇଥିବାରୁ ସେମାନଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ଏ ନେଇ ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି, କେନ୍ଦ୍ର ସରକାର ପକ୍ଷରୁ ଲାଗୁ କରାଯାଇଥିବା ରପ୍ତାନି କର ଯୋଗୁ ଲୁହାପଥର ରପ୍ତାନି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବିଦେଶରେ ଲୁହାପଥରର ଚାହିଦା ଥିଲା। ତେବେ ଶୁଳ୍କ ଅଧିକ ହେବା ପରେ ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ତେବେ ଆମଦାନୀକାରୀଙ୍କୁ ସୁହାଉ ନ ଥିବାରୁ ସେମାନେ କିଣିବାକୁ ଆଗ୍ରହୀ ହେଉ ନାହାନ୍ତି। ଏହାର ପ୍ରଭାବ ଟ୍ରକ୍ ମାଲିକଙ୍କ ଉପରେ ପଡ଼ିଛି। କେବଳ କେନ୍ଦୁଝର ଜିଲାର ପ୍ରାୟ ୧୦ ହଜାର ଋଣଗ୍ରସ୍ତ ଟ୍ରକ ମାଲିକ ପ୍ରଭାବିତ ହେଉଛନ୍ତି ବୋଲି ବାରିକ କହିଛନ୍ତି।




ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ

# ହାତୀ ମଲେ, ଜିଇଲେ

ଓଡ଼ିଶାରେ ଏଇ କିଛି ଦିନ ହେବ ହାତୀଙ୍କ ମୃତ୍ୟୁ ଓ ଆହତ ହେବା ବିଷୟ ନିତିଦିନିଆ ଘଟଣା ହୋଇଗଲାଣି। ଗତ ସପ୍ତାହରେ ନରସିଂହପୁର ବନାଞ୍ଚଳରେ ଶିକାରୀ ଦ୍ୱାରା ଗୁଳିବିଦ୍ଧ ହାତୀର ୧୪ ଜୁନରେ ମୃତ୍ୟୁ ଘଟିଥିଲା। ଏହା ପରଦିନ ସମ୍ବଲପୁର ବନଖଣ୍ଡ ପଡ଼ିଆବାହାଲ ରେଞ୍ଜ ଅନ୍ତର୍ଗତ ଏକ ପୋଖରୀ ପଙ୍କରେ ପଡ଼ିଯାଇଥିବା ଏକ ହାତୀ ସେପ୍ଟିସେମିଆରେ ପଡ଼ି ୪ ଦିନ ହେଲା ଜୀବନ ସହ ସଂଗ୍ରାମ କରୁଥିବାର ଚିତ୍ର ଦେଖିବାକୁ ମିଳିଛି। ଚଳିତ ମାସ ପ୍ରାରମ୍ଭରେ ଆଠଗଡ଼ ବନଖଣ୍ଡରେ ୩ଟି ହାତୀର କଙ୍କାଳ ମିଳିଥିଲା। ଏହିଭଳି ତଥ୍ୟକୁ ଦେଖିଲେ ରାଜ୍ୟରେ ଗତ ଏକ ମାସ ମଧ୍ୟରେ ୧୧ ହାତୀଙ୍କର ପ୍ରାଣ ଗଲାଣି। ଆଠଗଡ଼ ଅଞ୍ଚଳରେ ଶିକାରୀ ଗୁଳିରେ ପ୍ରାଣ ହରାଇଥିବା ହାତୀର ମୃତ୍ୟୁ ସଂକ୍ରାନ୍ତରେ ତଦନ୍ତ କରିବା ଲାଗି ବନ ବିଭାଗ ତିନିଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛି। ଏଥିରେ ଆନ୍ତଃରାଜ୍ୟ ଅପରାଧୀଙ୍କ ସମ୍ପୃକ୍ତି ନେଇ ତଥ୍ୟ ଖୋଜାଯିବ ବୋଲି କୁହାଯାଉଛି। ଏହାରି ସହିତ ଏଥିରେ ଅଧିକାରୀ ଓ କର୍ମଚାରୀଙ୍କ ଭିତିରି ସମ୍ପର୍କ ନେଇ ମଧ୍ୟ ତଦନ୍ତ ହେବ। ଗଣିଶୁଣି ହାତୀ ମୃତ୍ୟୁକୁ ଲୁଚାଇବା ଲାଗି ହେଉଥିବା ପ୍ରୟାସ ସଂକ୍ରାନ୍ତରେ ଏସ୍ଆଇଟି ତଦନ୍ତ କରିବ ବୋଲି ବିଭାଗୀୟ ଉଚ୍ଚ ଅଧିକାରୀମାନେ ଗଣମାଧ୍ୟମକୁ ବିବୃତି ଦେବାରେ ଲାଗିଛନ୍ତି। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ଯେ ଏସ୍ଆଇଟିରେ ଯେଉଁମାନଙ୍କୁ ନିଆଯାଇଛି ସେମାନେ ସମସ୍ତେ ସରକାରୀ ଅଧିକାରୀ। ଏଥିରେ ବାହାରୁ କୌଣସି ହାତୀ ବିଶେଷଜ୍ଞଙ୍କୁ ନିଆଯାଇ ନ ଥିବାରୁ ତଦନ୍ତର ସ୍ୱଚ୍ଛତା ପ୍ରଶ୍ନବାଚୀରେ ରହିବା ସ୍ୱାଭାବିକ। ଯଦି ବିଶେଷଜ୍ଞଙ୍କୁ ଏହିଭଳି ବାଦ୍ ପକାଯାଏ, ତେବେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ କୌଣସି ଭୟ କରିବାର କାରଣ ରହିବନାହିଁ। ସେମାନେ ସବୁ କୁକର୍ମ ଘୋଡ଼ାଇବା ସହିତ ଏହି ତଦନ୍ତକୁ ବାଟବଣା କରିଦେଇପାରନ୍ତି କିମ୍ବା ଏହାର କୌଣସି ରିପୋର୍ଟ ଦୀର୍ଘସମୟ ପାଇଁ ପ୍ରକାଶ ପାଇବ ନାହିଁ। ଗଣମାଧ୍ୟମରୁ ବିଷୟଟି ଲୋପ ପାଇଯିବା ପରେ ଜନସାଧାରଣଙ୍କ ମନରୁ ମଧ୍ୟ ଏହା ଲିଭିଯିବ। ଏହାପରେ ସମସ୍ୟାର ସବୁ ସମାଧାନ ହୋଇଯିବ।

ଏଠାରେ ଗତ ସପ୍ତାହରେ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଥିବା ୮୦ ଫୁଟ ଗଭୀର ବୋର୍‌ୱେଲରୁ ରାହୁଲ ଉଦ୍ଧାର ଘଟଣାକୁ ଅବତାରଣା କରିବା ପ୍ରାସଙ୍ଗିକ ମନେହେଉଛି। ଛତିଶଗଡ଼ର ଜାଞ୍ଜଗିର-ଚାମ୍ପା ଜିଲାର ଏକ ଗ୍ରାମରେ ଖୋଳାଯାଇଥିବା ବୋର୍‌ୱେଲ୍ ଗର୍ତ୍ତରେ ଏହି ବାଳକ ପଡ଼ିଯିବା ପରେ ପ୍ରଶାସନ, ଏନ୍‌ଡିଆର୍‌ଏଫ୍ ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ତତ୍ପରତା ଦେଖାଇ ଯେଭଳି ତାଙ୍କୁ ଉଦ୍ଧାର କଲେ, ସେଥିରେ ସମସ୍ତଙ୍କ ସହଯୋଗ ଜଣାପଡ଼ିଯାଇଥିଲା। ଏହା ମଧ୍ୟ ଜଣାଇଦେଇଥିଲା ଯେ, କୌଣସି କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇ ସଙ୍ଗେ ସଙ୍ଗେ ପଦକ୍ଷେପ ନିଆଗଲେ ସଫଳତା ମିଳିବା ନିଶ୍ଚିତ। ଆଠଗଡ଼ର ଗୁଳିବିଦ୍ଧ ହାତୀଠାରୁ ସମ୍ବଲପୁର ବନଖଣ୍ଡ ଅଞ୍ଚଳର ଏକ ପୋଖରୀରେ ପଡ଼ିଥିବା ହାତୀ ଉଦ୍ଧାରକୁ ଦେଖିଲେ ସେହି ଧରଣର ତତ୍ପରତା ଆଦୌ ଦେଖିବାକୁ ମିଳୁ ନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ଯେଉଁ କାର୍ଯ୍ୟ କରାଯାଇ ହାତୀର ଜୀବନ ବଞ୍ଚାଇବା ପାଇଁ ମନୋବଳର ଆବଶ୍ୟକତା ରହିବା କଥା, ତାହା ଦେଖାଯାଉନାହିଁ। ଏସବୁ ଏଇଥିପାଇଁ ଘଟୁଛି ଯେହେତୁ ବନ ବିଭାଗର ଉପରୁ ତଳ ସ୍ତରର ଅଧିକାଂଶ କର୍ମଚାରୀଙ୍କ ନିଜ ଦାୟିତ୍ୱ ପ୍ରତି ନିଘା ରହୁନାହିଁ।

ଡାଏନୋସୋର ପରେ ଭୂପୃଷ୍ଠରେ ଚଲାବୁଲା କରୁଥିବା ବୃହତ୍ ପ୍ରାଣୀ ଭାବେ ହାତୀ ରହିଥିବା କୁହାଯାଉଛି। କଥାରେ ଅଛି-'ହାତୀ ଜିଇଲେ ବା ମଲେ ଲକ୍ଷେ ଟଙ୍କା'। ଅର୍ଥାତ୍ ହାତୀଦାନ୍ତଠାରୁ ତା' ଶରୀରର ଅନ୍ୟାନ୍ୟ ଅବୟବକୁ ନେଇ ଶିକାରୀମାନେ ବ୍ୟବସାୟ କରୁଥିବାରୁ ଏହି ବିରାଟକାୟ ଜୀବର ଜୀବନ ବିପଦରେ ପଡ଼ିଛି। ହାତୀ-ମଣିଷ ସଂଘର୍ଷ ଏଭଳି ସ୍ତରରେ ପହଞ୍ଚିଲାଣି ଯେ, ଆଗକୁ ସ୍ଥିତି ଭୟଙ୍କର ହେବାର ସବୁ ଲକ୍ଷଣ ଦେଖାଦେଲାଣି। ପାଶ୍ଚାତ୍ୟରେ ବିଲୁପ୍ତ ପଥରେ ରହିଥିବା ପ୍ରାଣୀଙ୍କ ବଂଶବୃଦ୍ଧି ସକାଶେ ବିଭିନ୍ନ ପ୍ରକାର ଗବେଷଣା କରାଯାଉଛି। ହେଲେ ଭାରତରେ ବିଶେଷକରି ଓଡ଼ିଶାରେ ବଞ୍ଚିଥିବା ପ୍ରାଣୀଙ୍କୁ ଠିକ୍ ଭାବେ ସୁରକ୍ଷା ଦିଆଯାଇପାରୁ ନାହିଁ। ରାଜ୍ୟ ବନ ବିଭାଗର ଜଙ୍ଗଲୀଜନ୍ତୁ ପ୍ରତି ଅତି ନିର୍ମମ ମନୋଭାବ ରହୁଥିବାରୁ ପଶୁପକ୍ଷୀଙ୍କର ସୁରକ୍ଷା ଜଙ୍ଗଲ ବିଭାଗ ଦ୍ୱାରା ସମ୍ଭବପର ହେଉନାହିଁ। ଏଥିରେ ପରିବର୍ତ୍ତନ ଘଟାଇବା ପାଇଁ କୌଣସି ଅଧିକାରୀଙ୍କ ଇଚ୍ଛା ପ୍ରଦର୍ଶିତ ହେଉ ନ ଥିବାରୁ ରାଜ୍ୟର ବନ ସମ୍ପଦ ଗଭୀର ବିପଦର ସମ୍ମୁଖୀନ ହେଉଛି। ଏହାର ପ୍ରତିକାର ଖୋଜି ବାହାର କରିବା ଅତ୍ୟନ୍ତ କଷ୍ଟକର ମନେହେଉଛି।

# କମ୍ପ୍ୟୁଟରରେ ମିଥ୍ୟା

ବିଶ୍ୱର କେତେକ ଭାଗରେ ପୋଲିସବାହିନୀ ବିକ୍ଷୋଭକାରୀଙ୍କୁ ଚିହ୍ନଟ କରିବା ସକାଶେ ହ୍ୟାକିଂ ଉପକରଣ ବହୁଳ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ରାଜନୈତିକ ବିରୋଧୀଙ୍କ ଅନ୍ତରଙ୍ଗ ତଥ୍ୟ ହାତେଇବା ଏବଂ ବିଭିନ୍ନ ପ୍ରସଙ୍ଗରେ ଭିନ୍ନମତ ପୋଷଣ କରୁଥିବା ଅଧିକାର କର୍ମୀମାନଙ୍କ କମ୍ପ୍ୟୁଟରଗୁଡ଼ିକରେ ସ୍ପାଏୱେର ପ୍ଲାଣ୍ଟ (ରୋପଣ) କରିବା ଭଳି ଅନୈତିକ କାର୍ଯ୍ୟ ପୋଲିସ ପ୍ରଶାସନ କରୁଛି ବୋଲି ଜଣାପଡ଼ିଲାଣି। ଏଭଳି ସମୟରେ ଭାରତର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କଲା ଭଳି ଏକ ଚାଞ୍ଚଲ୍ୟକର ରିପୋର୍ଟ ଆମେରିକାର ଟେକ୍ନୋଲୋଜି ମାଗାଜିନ୍ 'ୱାୟର୍ଡ'ରେ ପ୍ରକାଶ ପାଇଛି। ଯେଉଁ ଅଧିକାର କର୍ମୀ ଓ ବୁଦ୍ଧିଜୀବୀମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଥିଲା, ଗିରଫ ପୂର୍ବରୁ ସେମାନଙ୍କ କମ୍ପ୍ୟୁଟର ଏବଂ ସ୍ମାର୍ଟଫୋନଗୁଡ଼ିକୁ ଭାରତ ସରକାରଙ୍କ ଦ୍ୱାରା ହ୍ୟାକ୍ କରାଯାଇ ସେଥିରେ କେତେକ ମିଥ୍ୟା ଫାଇଲ ପ୍ଲାଣ୍ଟ କରାଯାଇଥିଲା ବୋଲି ଏବେ ବିଦେଶୀ ସୂତ୍ରରୁ ଜଣାପଡ଼ିଛି। ଆମେରିକାର ପରିଚିତ କମ୍ପ୍ୟୁଟର ସୁରକ୍ଷା କମ୍ପାନୀ ସେଣ୍ଟିନେଲ ୱାନ୍, ଅଣଲାଭକାରୀ ସଂସ୍ଥା ସିଟିଜେନ୍ ଲାବ୍ ଏବଂ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ କରାଯାଇଥିବା ଏକ ମିଳିତ ଗବେଷଣାରୁ ଏହା ପ୍ରଘଟ ହେବା ପରେ କେନ୍ଦ୍ର ସରକାର ପୁନର୍ବାର ସନ୍ଦେହ ଓ ପ୍ରଶ୍ନ ଘେରକୁ ଆସିଯାଇଛନ୍ତି। 'ୱାୟର୍ଡ' ମାଗାଜିନର କହିବା ଅନୁଯାୟୀ ଏହି ଗବେଷଣା ଦ୍ୱାରା ସରକାରଙ୍କ ସମ୍ପୃକ୍ତି ସ୍ପଷ୍ଟ ଜଣାପଡୁଛି।

ମହାରାଷ୍ଟ୍ରର ବହୁଚର୍ଚ୍ଚିତ ଭୀମା-କୋରେଗାଓଁ ମାମଲା ସମ୍ପର୍କିତ ଉକ୍ତ ଅନୁସନ୍ଧାନମୂଳକ ରିପୋର୍ଟରେ ଦର୍ଶାଯାଇଛି ଯେ, ପୁଣେ ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ଅଧିକାର କର୍ମୀ ୱାରାୱରା ରାଓ ଏବଂ ରୋନା ୱିଲ୍‌ସନଙ୍କ ବୈଦ୍ୟୁତିକ ଉପକରଣରେ ଗୁପ୍ତଚରଗିରି ପାଇଁ 'ମିଥ୍ୟା ଆପତ୍ତିଜନକ ପ୍ରମାଣ' ଛାଡ଼ିଥିଲା। କେନ୍ଦ୍ର ସରକାର ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ 'ପେଗାସସ୍' ସ୍ପାଏୱେର ଜରିଆରେ ଅନେକ ଅଧିକାର କର୍ମୀ, ଲେଖକ, ବିରୋଧୀ ଓ ବିଚାରପତିଙ୍କ ସ୍ମାର୍ଟଫୋନ୍ ହ୍ୟାକ୍ କରାଇ ସେମାନଙ୍କ ଅନ୍ତରଙ୍ଗ ତଥ୍ୟ ଲୁକ୍କାୟିତ ଭାବେ ଟାଣିନେଇଥିବା ଅଭିଯୋଗ ହୋଇଛି। ପେଗାସସ୍ ଭଳି ଇଟାଲୀରେ ପ୍ରସ୍ତୁତ 'ହରମିଟ୍' ନାମକ ଆଉ ଏକ ଆଣ୍ଡ୍ରଏଡ୍ ସ୍ପାଏୱେରକୁ କାଜାଖସ୍ତାନ ସମେତ ବିଭିନ୍ନ ଦେଶର ସରକାର ନିଜ ନାଗରିକଙ୍କ ବିରୋଧରେ ଲଗାଇ ସେମାନଙ୍କ ଗୋପନୀୟ ତଥ୍ୟ ହାସଲ କରିଥିବା ବିଷୟ ସାଇବର ସିକ୍ୟୁରିଟି କମ୍ପାନୀ 'ଆଉଟ୍‌ଲୁକ୍ ଥ୍ରେଟ୍ ଲାବ୍' ଜାଣିବାକୁ ପାଇଛି। କଶ୍ମୀର ଉପତ୍ୟକାରେ ପାକିସ୍ତାନ ସମର୍ଥିତ ହାଇବ୍ରିଡ୍ ଆତଙ୍କବାଦୀ କଶ୍ମୀରୀ ପଣ୍ଡିତ ଓ ବାହ୍ୟ ରାଜ୍ୟରୁ ଆସି ମୂଲ ଖଟୁଥିବା ହିନ୍ଦୁ ପ୍ରବାସୀମାନଙ୍କୁ ଲଗାତର ଟାର୍ଗେଟ କିଲିଂ କରୁଥିବାବେଳେ ସରକାରୀ ଗୋଇନ୍ଦା କଳର ଟେକ୍ନୋଲୋଜି ସେମାନଙ୍କ ଲାଙ୍ଗୁଡ଼ ଛୁଇଁପାରୁନାହିଁ। ଅନ୍ୟପଟେ ଦେଶର ମାନବାଧିକାର ରକ୍ଷକ ଓ ଖବରଦାତାମାନଙ୍କ ଶୟନ କକ୍ଷକୁ ତାହା ଅନୁପ୍ରବେଶ କରୁଛି।

ୱାରାୱାରା ରାଓ ଏବଂ ରୋନା ୱିଲ୍‌ସନଙ୍କୁ ୨୦୧୮ ଜାନୁୟାରୀ ୧ରେ ପୁଣେ ନିକଟସ୍ଥ ଭୀମା-କୋରେଗାଓଁରେ ଦଳିତ-ମରାଠୀ ହିଂସା ମାମଲାରେ ଗିରଫ କରାଯାଇଥିଲା। ସରକାରଙ୍କ ତରଫରୁ ସେତେବେଳେ କୁହାଯାଇଥିଲା ଯେ, ଏହି ଆଗଧାଡ଼ିର ନାଗରିକମାନେ ଭୀମା-କୋରେଗାଓଁରେ ଉତ୍ତେଜନା ସୃଷ୍ଟି କଲାଭଳି ଭାଷଣ ଦେଇଥିଲେ। ସେଥିପାଇଁ ପୋଲିସ କୁଆଡ଼େ ସୁଧା ଭରଦ୍ୱାଜ, ଅରୁଣ ଫେରେଇରା, ଅରୁଣ ଗୋନ୍‌ସାଲଭେସ୍, ଆନନ୍ଦ ତେଲତୁମ୍ବଡେ, ଗୌତମ ନଭଲଖା, ଭେର୍ନନ୍ ଗୋନ୍‌ସାଲଭେସ୍ ଏବଂ ଫାଦର ଷ୍ଟାନ୍ ସ୍ୱାମୀଙ୍କ ସମେତ ୧୬ ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା। ଭାରତ ସରକାରଙ୍କ ପତନ ଆଣିବା ପାଇଁ ଏହିମାନେ ଡାକରା ଦେଇଥିବା ସରକାର ଅଭିଯୋଗ କରିଥିଲେ। ସେହି ସମୟରେ 'ମୋଡିଫାଏଡ୍ ଏଲିଫ୍ୟାଣ୍ଟ' ହ୍ୟାକିଂ କ୍ୟାମ୍ପେନ୍ ପାଇଁ କାର୍ଯ୍ୟରତ ହ୍ୟାକର୍ସମାନଙ୍କୁ ବୁଦ୍ଧିଜୀବୀମାନଙ୍କ କମ୍ପ୍ୟୁଟରରେ ଆପତ୍ତିଜନକ ପ୍ରମାଣ ଭର୍ତ୍ତି କରିବାକୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ନିର୍ଦ୍ଦେଶ ଦେଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

ଆଦିବାସୀଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଥିବା ୮୪ ବର୍ଷୀୟ ପାଦ୍ରି ଷ୍ଟାନ୍ ସ୍ୱାମୀ ଜେଲରେ କୋଭିଡ୍ ସଂକ୍ରମିତ ହୋଇ ବମ୍ବେ ହାଇକୋର୍ଟଙ୍କ ଜାମିନ ରାୟକୁ ଅପେକ୍ଷା କରିଥିବାବେଳେ ଗତବର୍ଷ ଜୁଲାଇ ୫ରେ ତାଙ୍କର ଦେହାନ୍ତ ହୋଇଥିଲା। ସେତେବେଳେ କେତେକ ମହଲରେ ଏହାକୁ 'ଇନ୍‌ଷ୍ଟିଚ୍ୟୁଶନାଲ ମର୍ଡର' ବା ସଂସ୍ଥାଗତ ହତ୍ୟା ଆଖ୍ୟା ଦିଆଯାଇଥିଲା। ସେହିପରି ଜେଲରେ ୮୧ ବର୍ଷୀୟ ତେଲୁଗୁ କବି ୱାରାୱାରା ରାଓଙ୍କ ସ୍ୱାସ୍ଥ୍ୟ ଅତି ଖରାପ ହେବା ପରେ ତାଙ୍କୁ ମିଳିଥିବା ଜାମିନର ଅବଧି ଆଉ କିଛିଦିନ ପରେ ଶେଷ ହେବ। ଅର୍ଥାତ୍ ତାଙ୍କୁ ପୁନର୍ବାର ଜେଲ ଯିବାକୁ ପଡ଼ିବ। ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ଏବେ ଜେଲରେ ଶଢୁଛନ୍ତି। କିନ୍ତୁ ଗବେଷଣାରୁ ଜଣାପଡ଼ିଲାଣି ଯେ, ସବୁ ଅଭିଯୋଗ ମିଥ୍ୟା ଉପରେ ଆଧାରିତ। ଏହି ଗବେଷଣାକୁ ବିରୋଧ କରିବା ପାଇଁ ଅନେକେ ବାହାରି ପଡ଼ିବେଣି।

ଯେତେବେଳେ ସୁବିଧା ହେଉଛି, ସେତେବେଳେ ବିଦେଶୀ ସମର୍ଥନ କିମ୍ବା ପ୍ରଶଂସାକୁ ପ୍ରବଳ ମାତ୍ରାରେ ପ୍ରଚାର କରାଯାଉଛି। ଯେତେବେଳେ ଅରୁଚିକର ବିଦେଶୀ ମନ୍ତବ୍ୟ ପ୍ରକାଶ ପାଉଛି, ସେତେବେଳେ ବିଦେଶୀଙ୍କୁ ପ୍ରବଳ ବିରୋଧ କରିବା ପାଇଁ ଗୋଟିଏ ଗୋଷ୍ଠୀ ମୁଣ୍ଡ ଟେକୁଛି। ନିକଟ ଅତୀତରେ ବାରମ୍ବାର ଦାବି କରାଯାଉଥିଲା ଯେ, ଭାରତୀୟ ପାସ୍‌ପୋର୍ଟଧାରୀ ନାଗରିକ ଏବେ ବିଶ୍ୱରେ ସମ୍ମାନ ପାଇବାକୁ ଆରମ୍ଭ କଲେଣି। ଏହାର ଅର୍ଥ ହେଲା ପୂର୍ବରୁ ଏଭଳି ସମ୍ମାନ ମିଳୁ ନ ଥିଲା। ଏବେ ଯେତେବେଳେ କାତାର ଭଳି ବିଦେଶୀ ସରକାର କିମ୍ବା ସୁପରିଚିତ ସଙ୍ଗଠନଗୁଡ଼ିକ ଭାରତ ସରକାରଙ୍କ ସମ୍ପର୍କରେ ନକାରାତ୍ମକ ମନ୍ତବ୍ୟ ଦେଉଛନ୍ତି, ସେତେବେଳେ ସେହି ଦେଶ ବା ସଙ୍ଗଠନର ଅଯୋଗ୍ୟତାକୁ ନେଇ ଭାରତରେ ପ୍ରବଳ ପ୍ରଚାର କରାଯାଉଛି। ଏଥିପ୍ରତି ଯଦି ନାଗରିକମାନେ ସଚେତନ ହୋଇ ସ୍ୱର ନ ଉଠାନ୍ତି, ତେବେ ଭାରତର ସ୍ଥିତି ଆହୁରି ଦୁର୍ବଳ ହୋଇଯିବ।

# ଯା' ମନ ଯେପରି



ଡ. ପ୍ରଫୁଲ୍ଲ କୁମାର ସାହୁ

ଏ ସଚରାଚର ବିଶ୍ୱରେ ଯାହା କିଛି ଘଟୁଛି, ତା' ପଛରେ ରହିଛି ବିଶ୍ୱନିୟନ୍ତାଙ୍କ ମହତ୍ ଉଦ୍ଦେଶ୍ୟ। ସେ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଭଗବାନ ବେଳେ ବେଳେ ଲୋଡ଼ନ୍ତି ଜଣେ ଜଣେ ମହାନ୍ ଭକ୍ତଙ୍କ ସହଯୋଗ। ଭଗବାନଙ୍କ ଦୃଷ୍ଟିରେ ସେଭଳି ଜଣେ ଭକ୍ତ ଥିଲେ ଦାକ୍ଷିଣାତ୍ୟର ବେଦଜ୍ଞ ବ୍ରାହ୍ମଣ ଆଲବନ୍ଦରାଚାର୍ଯ୍ୟ। ଗୁରୁକୁଳ ଆଶ୍ରମ ପରମ୍ପରାର ଜଣେ ମହାନ୍ ଆଚାର୍ଯ୍ୟ। ପୁରୁଷୋତ୍ତମ କ୍ଷେତ୍ରବାସୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ତାଙ୍କର ଆରାଧ୍ୟ ଦେବତା। ପରିଣତ ବୟସରେ ପରମ ରହସ୍ୟମୟ ଅନନ୍ତ ସତ୍ତାକୁ ଉପଲବ୍ଧି କରିବା ନିମନ୍ତେ ପ୍ରାଣ ଯେତିକି ବ୍ୟାକୁଳ ହେଲା, ହୃଦୟକୁ ସେତିକି ଆତୁର କଲା ଦର୍ଶନ ପିପାସା। କାଳବିଳମ୍ବ ନ କରି ସେ ତ୍ରିଭେନ୍ଦ୍ରମ୍‌ରୁ ବାହାରିଲେ ପୁରୀ। ପଦବ୍ରଜରେ ବିତିଗଲା ଦିନ ପରେ ଦିନ। ଧୀରେ ଧୀରେ ପାଖେଇ ଆସିଲା ପୁରୀ। ଶ୍ରୀକ୍ଷେତ୍ରରେ ପହଞ୍ଚିବା କ୍ଷଣି ପ୍ରାଣରେ ଖେଳିଗଲା ଏକ ଅନିର୍ବଚନୀୟ ଆନନ୍ଦ। ବଡ଼ଦାଣ୍ଡ ଧୂଳିକୁ ମଥାରେ ବୋଳି ଆରମ୍ଭ କରିଦେଲେ ପ୍ରମତ୍ତ ନୃତ୍ୟ। ଦୁଇ ବାହୁ ଊର୍ଦ୍ଧ୍ୱକୁ ଟେକି ଚାଲିଲେ ସିଂହଦ୍ୱାର ଆଡ଼େ। ଆଗେ ଦର୍ଶନ, ତା' ପରେ ଜଳ ଗ୍ରହଣ, ମନେମନେ ଏହି ସଂକଳ୍ପ ନେଇ ପ୍ରବେଶ କଲେ ଶ୍ରୀମନ୍ଦିର ବେଢ଼ାରେ। ମାତ୍ର ମନ୍ଦିର ବେଢ଼ାରେ ପହଞ୍ଚି ଜାଣିଲେ ଏବେ ଅନବସର କାଳ। ଠାକୁରେ ଗୁପ୍ତ ପୂଜାରେ ଥିବାରୁ ମିଳିବନି ଦର୍ଶନ। ଅଧୀର ହୋଇଉଠିଲା ଦର୍ଶନପିପାସୁ ଭକ୍ତର ପ୍ରାଣ। ଆନନ୍ଦାଶ୍ରୁ ବଦଳରେ ଆଖିରୁ ଝରିଗଲା ଧାରଧାର ବେଦନାର ଲୁହ। ଲୁହ ଆଉ କୋହରେ ଅସ୍ଥିର ହେଲା ପରେ ବି ତାଙ୍କ ହୃଦୟରେ ଜାଗ୍ରତ ଥିଲା ସେହି ଗୋଟିଏ ଭାବ- ଭଗବାନ କେବଳ ଭକ୍ତର। ଭକ୍ତର ଆକୁଳ ଡାକ ଶୁଣି ଆଜି ସେ ଅଣସର ପିଣ୍ଡିରୁ ଉଠି ନ ଆସିବେ କାହିଁକି ? ମହାପ୍ରଭୁଙ୍କର ଏ ଅଧମ ପ୍ରତି ଯଦି ଏତିକି କରୁଣା ନ ହୁଏ ତେବେ ଏ ଜୀବନ ରଖି କି ଲାଭ ? ପ୍ରାଣ ବିସର୍ଜନ ଦେବା ଅଧିକ ଶ୍ରେୟସ୍କର। ମନ ଭିତରେ ଏଭଳି ଏକ ସଂକଳ୍ପ ନେଇ ସେ ବସିରହିଲେ ମନ୍ଦିର ବେଢ଼ାରେ।

ଦିନ ଯାଇ ରାତି ହେଲା, କିନ୍ତୁ ମିଳିଲାନି ଦର୍ଶନ। ପ୍ରତିଜ୍ଞା ପାଳନ ପାଇଁ ଚେଇଁ ଉଠିଲା ସ୍ୱାଭିମାନ। ଶେଷଥର ପାଇଁ ମନ୍ଦିର ଆଡ଼କୁ ଚାହିଁଦେଇ ସେ ବାହାରି ଆସିଲେ ବେଢ଼ା ବାହାରକୁ। ଗୁପ୍ତ ପୂଜାରେ ଥାଇ ଚିହିଁକି ଉଠିଲେ ମହାପ୍ରଭୁ। ଥରିଉଠିଲା ଅଣସର ପୀଠ। ସହସା ସନ୍ଦେଶ ପହଞ୍ଚିଲା ସ୍ୱର୍ଗଦ୍ୱାର ରକ୍ଷକ ମଶାଣିଆ ହନୁମାନଙ୍କ ପାଖରେ। ଏପଟେ ସ୍ୱାଭିମାନର ଦମ୍ଭିଲାପଣ ଯୋଗୁ ଅନ୍ଧାରକୁ ଖାତିର ନ କରି ସ୍ୱର୍ଗଦ୍ୱାର ରାସ୍ତାରେ ଚାଲିଛନ୍ତି ଆଚାର୍ଯ୍ୟେ। ଅକସ୍ମାତ୍ ଭେଟ ହେଲା ଅନ୍ୟ ଜଣେ ବାଟୋଇଙ୍କ ସହ। ଆଳାପ ଛଳରେ ମହାପ୍ରଭୁଙ୍କ ଅଣସର ବିଧି ସମ୍ପର୍କରେ ଅନର୍ଗଳ ବଖାଣିଲେ ବାଟୋଇ ଜଣକ। ଶୁକ୍ଳପକ୍ଷ ଦ୍ୱିତୀୟା ଯାଏ ଅପେକ୍ଷା କରିବାକୁ ପରାମର୍ଶ ଦେଲେ ହିତାକାଂକ୍ଷୀ ମଣିଷଟେ ପରି। ମାତ୍ର ଆଚାର୍ଯ୍ୟଙ୍କର ସେହି ଏକା ଜିଦ୍ ନୀଳାଦ୍ରିନାଥଙ୍କ ଦର୍ଶନ, ନ ହେଲେ ପ୍ରାଣ ବିସର୍ଜନ। ଶେଷରେ ବାଟୋଇ ନିଜ ରୂପରେ ପ୍ରକଟିତ ହୋଇ ପ୍ରକାଶ କଲେ ମହାପ୍ରଭୁଙ୍କ ସନ୍ଦେଶ। ସମ୍ମୁଖରେ ଭକ୍ତ ହନୁମାନଙ୍କୁ ଦେଖି ପ୍ରଣିପାତ କଲେ ଆଚାର୍ଯ୍ୟ। ମାତ୍ର ଉପସ୍ଥିତ ଘଟଣାକୁ ନେଇ ଆହୁରି ଦୃଢ଼ ହେଲା ସ୍ୱାଭିମାନୀ ଭକ୍ତର ସଂକଳ୍ପ। ଭାବିଲେ ଭକ୍ତ ଓ ଭଗବାନ ମଝିରେ ଭାବବିନିମୟ ପାଇଁ ତୃତୀୟ ପକ୍ଷର କି ଆବଶ୍ୟକ। ମାତ୍ର ତାଙ୍କ କ୍ଷେତ୍ରରେ ଏଭଳି ଘଟିଥିବାରୁ ଅଧିକ ଆଘାତପ୍ରାପ୍ତ ହେଲା ଭକ୍ତର ସ୍ୱାଭିମାନ। କ୍ଷମା ପ୍ରାର୍ଥନାପୂର୍ବକ ଭକ୍ତ ହନୁମାନଙ୍କଠାରୁ ବିଦାୟ ନେଇ ଚାଲିଲେ ଆପଣା ଲକ୍ଷ୍ୟପଥରେ। ଗୋଟିଏ ପାର୍ଶ୍ୱରେ ସ୍ଥିର ସଂକଳ୍ପ, ଅନ୍ୟ ପାର୍ଶ୍ୱରେ ମହାପ୍ରଭୁଙ୍କ ଆଦେଶକୁ ଅବମାନନା କରିବାର ଅନୁଶୋଚନା- ଭାବନାରେ ଏହି ଚକ୍ରବ୍ୟୂହ ଭିତରେ ପଡ଼ି ସେ ଭୁଲିଗଲେ ବାଟ। ମହୋଦଧି ଅଭିମୁଖେ ଯିବା ପରିବର୍ତ୍ତେ ଚାଲିଲେ ତା'ର ବିପରୀତ ଦିଗରେ। ଉଦ୍ଦେଶ୍ୟ ଚରିତାର୍ଥ ହେବା ଜାଣି ଖୁସିରେ ଅନ୍ତର୍ଦ୍ଧାନ ହେଲେ ମଶାଣିଆ ମହାବୀର।



ରାତି ଯେତେ ଗଭୀର ହେଲା, ସେତେ ଦ୍ରୁତ ହେଲା ପାଦର ଗତି। ଅଥଚ ସରିଲାନି ରାସ୍ତା। ସତେଯେମିତି ଘୁଞ୍ଚି ଘୁଞ୍ଚି ଯାଉଛି ସମୁଦ୍ର। ଏମିତି ବାଟ ଚାଲୁ ଚାଲୁ ପାହି ଆସିଲା ରାତି। ପୁରୀର ପଶ୍ଚିମକୁ ୧୪ ମାଇଲ ଦୂରରେ ଅବସ୍ଥିତ ବ୍ରହ୍ମଗିରିରେ ଥିବା ଏକ ପୋଖରୀ କୂଳରେ ଅଟକିଗଲେ ଆଚାର୍ଯ୍ୟେ। ଭାବିଲେ ସେହି ପୁଷ୍କରିଣୀ ଜଳରେ ବୁଡ଼ି ବିସର୍ଜନ କରିବେ ପ୍ରାଣ। ଏମିତି ଭାବିବା ମାତ୍ରେ ହଠାତ୍ ତାଙ୍କ ଆଖି ଆଗରେ ଉଦ୍ଭାସିତ ହେଲା ଏକ ଦିବ୍ୟ ଆଲୋକମଣ୍ଡଳ। ଆଖିମଳି ଚାହିଁଲେ ଆଗକୁ। ଶରୀରରେ ଖେଳିଗଲା ଶିହରଣ। ଆଖି ସାମ୍ନାରେ ସ୍ୱୟଂ ଜଗତର ନାଥ ଜଗନ୍ନାଥ। ବିଶ୍ୱାସ କରିପାରିଲେନି ନିଜ ଆଖିକୁ। ଶୁଣିଥିଲେ ଶ୍ରୀଜଗନ୍ନାଥ ବିଶ୍ୱର ବିଚିତ୍ର। କେବଳ ଭକ୍ତ ତାଙ୍କ ପାଖକୁ ଯାଏନି, ସେ ନିଜେ ବି ଛୁଟିଆସନ୍ତି ଭକ୍ତ ପାଖକୁ। ଯାହା ଶୁଣିଥିଲେ, ତା'ର ଚାକ୍ଷୁସ ପ୍ରମାଣ ସେ ନିଜେ ଆଜି ଦେଖୁଛନ୍ତି ଆଖି ସାମ୍ନାରେ। ହେଲେ ପ୍ରଭୁଙ୍କର ଏ କି ବିପର୍ଯ୍ୟସ୍ତ ବେଶ ! ଶ୍ରୀଅଙ୍ଗରୁ ଝରିପଡୁଛି ବିନ୍ଦୁ ବିନ୍ଦୁ ସ୍ୱେଦ। ଲିଭିଯାଇଛି ଊର୍ଦ୍ଧ୍ୱପୁଣ୍ଡ୍ର। କେଡ଼େ ବିମର୍ଷ ଦିଶୁଛି ସତେ ତାଙ୍କ ବାଧିକା ଚେହେରା ! ନା ଏ ରୂପରେ ନୁହେଁ, ସେ ଦେଖିବାକୁ ଚାହିଁଥିଲେ ପ୍ରଭୁଙ୍କ ନବୀନ ନୀରଦ କାନ୍ତି। ତତ୍‌କ୍ଷଣାତ୍ ଭାବଗ୍ରାହୀ ଗ୍ରହଣ କଲେ ଭକ୍ତର ଭାବ। ଧାରଣ କଲେ ନବୀନ ନୀରଦ କାନ୍ତି। ଶ୍ରୀହସ୍ତରେ ଶୋଭା ପାଉଥିଲା ଶଙ୍ଖ, ଚକ୍ର, ଗଦା, ପଦ୍ମ। ଜୀବନର ସବୁଯାକ ଆନନ୍ଦ ଯେମିତି ଅଜାଡ଼ି ହୋଇପଡ଼ିଲା ଆଚାର୍ଯ୍ୟଙ୍କ ଉପରେ। ଆନନ୍ଦରେ କମ୍ପିଉଠିଲା ଦେହ। ଲୋଟିପଡ଼ିଲେ ପ୍ରଭୁଙ୍କ ଚରଣ କମଳ ତଳେ। ଭକ୍ତ ପ୍ରକୃତିସ୍ଥ ହେଲାବେଳକୁ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ ଭଗବାନ। ହେଲେ ଭକ୍ତର ଇଚ୍ଛା ପୂର୍ଣ୍ଣ ହେବ ବୋଲି ଶୁଣେଇ ସାରିଥିଲେ ଶୂନ୍ୟବାଣୀ।

ଆଚାର୍ଯ୍ୟଙ୍କଠାରୁ ସବୁକଥା ଶୁଣିବା ପରେ ତାଙ୍କ ଆଦେଶରେ ସେଠାରେ ନିର୍ମାଣ ହେଲା ୫୦ଫୁଟ୍ ଉଚ୍ଚତାର ଏକ ଭବ୍ୟ ମନ୍ଦିର। ଭକ୍ତ ଯେଉଁ ରୂପରେ ମହାପ୍ରଭୁଙ୍କୁ ଦେଖିଲେ ଠିକ୍ ସେହି ରୂପରେ ପୂଜା ପାଇଲେ କଳା ମୁଗୁନି ପଥରରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମୂଳ ବିଗ୍ରହ। ଭକ୍ତ ଆଲବନ୍ଦାଚାର୍ଯ୍ୟଙ୍କ ନାମାନୁସାରେ ମହାପ୍ରଭୁ ଏଠାରେ ବହନ କଲେ 'ଅଲାରନାଥ'ନାମ। ବ୍ରହ୍ମଗିରିରେ ବଢ଼ିଚାଲିଲା ଅଲାରନାଥଙ୍କ ମହିମା। ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ ନିମନ୍ତେ ଛୁଟିଲା ଭକ୍ତଙ୍କ ସୁଅ।

ଅତୀତର ଭିତ୍ତିଭୂମି ଉପରେ ଠିଆହୋଇଛି ବର୍ତ୍ତମାନ। ଏହା ହୋଇପାରେ ଅତୀତଠାରୁ ଯଥେଷ୍ଟ ଉନ୍ନତ ଓ ପୁଷ୍କଳ। ମାତ୍ର ବିକାଶ ପଥରେ ଯେତେ ଆଗକୁ ଗଲେ ବି ଅତୀତକୁ ବିସ୍ମରିଯିବା ଅନୁଚିତ। ଜଗତକୁ ଏହି ସନ୍ଦେଶ ଦେବା ପାଇଁ ପୁରୀରୁ ବ୍ରହ୍ମଗିରି ଯାଏ ଭକ୍ତ ପଛେ ପଛେ ଧାଇଁଥିଲେ ଶ୍ରୀଜଗନ୍ନାଥ। ଶାସ୍ତ୍ର କହେ ଏହି ବ୍ରହ୍ମଗିରିରେ ସେ ପ୍ରଥମେ ପୂଜା ପାଉଥିଲେ ଶିଳାପଦ୍ମ ରୂପରେ। ଅତୀତର ସେହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଅଲାରନାଥ ରୂପରେ ପ୍ରତିଷ୍ଠା ପାଇବା ଥିଲା ତାଙ୍କର ଉଦ୍ଦେଶ୍ୟ। ତାହା ଚରିତାର୍ଥ ପାଇଁ ସେ ଲୋଡ଼ିଛନ୍ତି ଆଲବନ୍ଦରାଚାର୍ଯ୍ୟଙ୍କ ଭଳି ଜଣେ ମହାନ୍ ଭକ୍ତଙ୍କ ସହଯୋଗ। ବାସ୍ତବରେ ଏଭଳି ନିଷ୍କାମ ଭକ୍ତି କେବଳ ଜ୍ୱର ପୀଡ଼ିତ ଜଗନ୍ନାଥଙ୍କୁ ଘୋଷାରି ନେଇପାରେ ପୁରୀରୁ ବ୍ରହ୍ମଗିରି ପର୍ଯ୍ୟନ୍ତ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି- ଯା' ମନ ଯେପରି, ତା' ପାଇଁ ସେପରି ଫଳ ରଖିଥାଏ ବିଶ୍ୱ, ଉଚ୍ଚମନା ନିଜେ ଅମୃତ ଲଭଇ ନୀଚମନା ପାଏ ବିଷ।


ବିଜୁ ପଟ୍ଟନାୟକ ନଗର, ଭଦ୍ରକ

ମୋ: ୬୩୭୧୬୪୨୪୬୪


# ବିକାଶର ନାମ ବିଜ୍ଞାପନ



ଡ. ମାନସ ରଞ୍ଜନ ରଥ

ପେଟ ଚାଖଣ୍ଡକ ପୂରିଗଲେ କଥା ସରିବା କଥା। ହେଲେ ସର୍ବଗ୍ରାସୀ ଲୋଭ, ସବୁକୁ ନିଜର କରିବାର ପ୍ରୟାସରୁ ଅନେକେ କ୍ଷତିଗ୍ରସ୍ତ ହେଉଛନ୍ତି। ହେଇ ଦେଖୁନାହାନ୍ତି ନୀରବ ମୋଦି ଓ ବିଜୟ ମାଲ୍ୟାଙ୍କ ପରି ବ୍ୟକ୍ତିବିଶେଷ କେତେ ଠକି ନେଲେ ଯେ ତାକୁ ହିସାବ କଲେ ମୁଣ୍ଡବିନ୍ଧାର କାରଣ ହେବ। ଏମାନେ ତ ଧରାପଡ଼ିଲେ। ହେଲେ ଏମିତି ଜୋକସବୁ ଭାରତକୁ ସବୁଦିନ ଧୀରେ ଧୀରେ ମୃତ୍ୟୁର ଶୀତଳ ସ୍ପର୍ଶ ଦେଉଛନ୍ତି, ତା'ର ହିସାବ ନାହିଁ। ହେଇ ଦେଖନ୍ତୁ ନା ଏଇ ନିକଟରେ ଶ୍ରୀଲଙ୍କା ପରି ଏକ ସୁନାର ଦେଶର ଅର୍ଥନୀତି କେତେକ ସ୍ୱାର୍ଥୀ ଲୋକଙ୍କ ଯୋଗୁ ଶ୍ରୀହୀନ ହୋଇଗଲା। ଖବର ଶୁଣି ବୁଦ୍ଧିଜୀବୀମାନେ ଭବିଷ୍ୟତ ବାଣୀ କଲେ, ଭାରତର ଅବସ୍ଥା ମଧ୍ୟ ସେଇ ଦିଗକୁ ଧୀରେ ଧୀର ଅଗ୍ରସର ହେଉଛି। ଶୁଣି ଭୟ ଲାଗୁଛି। ହୁଏତ ଏମିତି ଅବସ୍ଥା ଆସିବାକୁ ଦଶ ବା ପନ୍ଦରରୁ ଆରମ୍ଭ କରି ଆଉ କିଛି ଅଧିକ ସମୟ ଲାଗିପାରେ। ହେଲେ ପ୍ରଶ୍ନ ଉଠେ କେତେ ଲୋକ ଏଇ କଥାକୁ ବୁଝିଲେ ଓ ତା'ର ନିରାକରଣ ପାଇଁ ଚେଷ୍ଟା କଲେ। ବୋଧହୁଏ ଏମିତି ସଂଖ୍ୟା ଶୂନ ହେବ।

ବିକାଶର ଅର୍ଥ ନୁହଁ ବିଜ୍ଞାପନ। ବିକାଶ ଗୋଟିଏ ଏମିତି ଶବ୍ଦ ଯାହାକୁ ଦେଖିଲେ ଅନୁଭବ କରିହୁଏ। ଏଥିପାଇଁ ପେଁକାଳି, ବାଜା ବଜାଇ ଖବର ପ୍ରସାରଣର ଆବଶ୍ୟକତା ନାହିଁ। ଏହାଦ୍ୱାରା କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକେ ତ ଭ୍ରମିତ ହେବେ ଏଥିରେ ସନ୍ଦେହ ନାହିଁ। ସକାଳୁ ସକାଳୁ ପୋଖରୀ ବା ନଳକୂଅ ପାଖେ କଳାମଚମଚ ଲୋକଟିଏ ମୁହଁରେ କ୍ରିମ୍ ମାରି ଧଳା ହେବାର ପ୍ରୟାସରେ ମାତିଥାଏ। କାରଣ ଖୋଜିଲେ ଲାଗେ କୌଣସି ବିଜ୍ଞାପନର କମାଲ ନୁହେଁ ତ। ଯାହା ବି ହେଉ କବିସୂର୍ଯ୍ୟଙ୍କ ମତ ମନେପଡ଼େ ''ଦେହେ ମନ୍ଦାକିନୀ ରଜ ଲଗାଇ ଗ୍ରାମ ଶୂକରୀ କି ହୋଇବ ଗାଈ।'' ହେଲେ ବି ଚେଷ୍ଟା କରି ବିଫଳ ହେବା ମଧ୍ୟ ଏକ ଉତ୍ତମ ଗୁଣ, ଏଥିରେ ସନ୍ଦେହର ଅବକାଶ ନାହିଁ। ଏମିତି କେତେଦିନ ଚାଲିବ।

ମଣିଷ ସୁଖ ସୁବିଧା ପଛରେ ଏମିତି ପଡିଛି ଯେ, ସେ ବୁଝି ପାରୁନି ସୁଖର ବାସ୍ତବିକ ସ୍ୱରୂପକୁ। ରାତିର ନିଦ ପାଇଁ ନିଦ ବଟିକା ଦରକାର, ଡାଇବେଟିସ୍ ଯୋଗୁ ସ୍ୱାଦ ଯୁକ୍ତ ଖାଦ୍ୟ ବାରଣ, ଗଦିରେ ଶୋଇ ଅଣ୍ଟା ବ୍ୟଥା...ଏମିତି ହିସାବ ନାହିଁ। କ'ଣ ଏହା ସବୁ ସୁଖର ସଂଜ୍ଞା ? ବାସ୍ତବରେ ସୁଖ ହଜିଯିବା ପରି ପ୍ରତୀତ ହେଉଛି। ଆଜିକାଲି ସବୁ ତ ସରକାର ଯୋଗାଇ ଦେଉଛନ୍ତି। ଟଙ୍କିକିଆ ଚାଉଳ, ପାଞ୍ଚ ଟଙ୍କିଆ ଆହାର, ଇନ୍ଦିରା ଆବାସ, ଉଜ୍ଜଳା ଗ୍ୟାସ୍ ଏମିତି ଅନେକ କିଛି ଯୋଗୁ ବିକାଶ ତ ଖୁବ୍ ଜୋରରେ ଆଗେଇ ଯାଉଛି ବୋଲି ବିଜ୍ଞାପନ କହି ବୁଲୁଛି। ତଥାପି ହା ହତାଶାର ସ୍ୱର ପୁରପଲ୍ଲୀରେ ଶୁଣାଯାଉଛି। ବାସ୍ତବରେ ଦୂର ପାହାଡ଼ ସିନା ସୁନ୍ଦର, କିନ୍ତୁ ପାଖରୁ ଦେଖିଲେ ଟାଙ୍ଗର ଭୂଇଁ ଛଡ଼ା ଆଉ କିଛି ନୁହେଁ। ମାଗଣାର ମୋହ କେତେଲୋକଙ୍କୁ ଝିଣ୍ଟିକା ପରି ଅଳସୁଆ କରିପକାଇଲାଣି, ତା'ର ହିସାବ ନାହିଁ। ଖାଲି କେଉଁଠି କ'ଣ ମିଳିବ ତା'ର ଠିକଣା ଖୋଜା ଚାଲିଛି। ଭାରତ ଏକ ଗଣତାନ୍ତ୍ରିକ ଦେଶ। ସବୁଠାରୁ ଭଲ ବ୍ୟବସ୍ଥାର ଦେଶ। କାରଣ ଏଠି ଗଣ ହେଉଛନ୍ତି ଦେବତା। ଏମାନେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଶାସନ ବ୍ୟବସ୍ଥାକୁ ଚଳାଇବା କଥା। ବାସ୍ତବରେ କିନ୍ତୁ ଏମିତି କିଛି ହେଉନାହିଁ । ଭୋଟ ସମୟ ଆସିଗଲେ କୋଉଠୁ ବେଶି ନୋଟ, ମଦ ଓ ମାଂସ ମିଳିବ ତା'ର ଅନ୍ୱେଷଣରେ ଗଣ ବ୍ୟସ୍ତ ରହୁଛି। ଆଉ ଏଇ ଗଣମାନଙ୍କୁ ଭ୍ରମିତ କରିବା ପାଇଁ କିଛି ବିଜ୍ଞାପନ ଓ କିଛି ଅର୍ଥର ବ୍ୟବସ୍ଥା କରିପାରିଲେ କଥା ଶେଷ। ପାଞ୍ଚବର୍ଷ ପାଇଁ ଆଉ ଚିନ୍ତା ନାହିଁ। ପୁଣି ପାଞ୍ଚବର୍ଷ ପରେ ସେଇ ଚିରାଚରିତ ଢଙ୍ଗରେ ମଞ୍ଚ ଉପରେ ପ୍ରଦର୍ଶନ କରିବାର କଥା।

ଖାଲି ଖର୍ଚ୍ଚ ଓ ବ୍ୟୟ ବରାଦର ସୁବନ୍ଦୋବସ୍ତ ଚାଲିଛି। ଏମିତି ଅବସ୍ଥା ଯୋଗୁ ମୁଣ୍ଡପିଛା ଋଣ ଭାର ବଢ଼ିଚାଲିଛି। କିନ୍ତୁ କେତେକ ସ୍ୱାର୍ଥାନ୍ୱେଷୀ ମୁଷ୍ଟିମେୟ ଶ୍ରେଣୀର ଲୋକ ନିଜର ପକେଟ ଭରିବା ସହିତ ସୁଇସ ବ୍ୟାଙ୍କର ପୁଞ୍ଜି ବୃଦ୍ଧିରେ ସହାୟକ ହେଉଛନ୍ତି। ଏମିତି ଅବସ୍ଥା ଅବଶ୍ୟ ଅଧିକ ଦିନ ରହିବ ନାହିଁ। ଅର୍ଥନୀତି ବିଗିଡିବାର ପ୍ରତିକ୍ରିୟା ତ ପ୍ରତ୍ୟହ ସାମାଜିକ ଅବସ୍ଥା ଭିତରେ ପ୍ରତିଫଳିତ ହେଉଛି। ବେକାରି ସମସ୍ୟା ତନ୍ମଧ୍ୟରୁ ଅଧିକ ଭୟଙ୍କର। ବେକାରି ସମସ୍ୟା ମନୁଷ୍ୟକୃତ ପରି ବେଳେ ବେଳେ ଲାଗେ। ସାଧାରଣ କଥା ଚାଷୀ, ତା ବିଲରେ ବାଲୁଙ୍ଗା ଦେଖିଲେ ଉପାଡି ଦିଏ। କିନ୍ତୁ ସବୁଠାରୁ ଶ୍ରେଷ୍ଠ ବ୍ୟବସ୍ଥା ଅର୍ଥାତ୍ ଶିକ୍ଷା ବ୍ୟବସ୍ଥା ଭିତରେ ଏମିତି ହୁଏ ନାହିଁ। ନବମ ଶ୍ରେଣୀ ଯାଏ ତ ପାସ୍ ଫେଲ୍ ବ୍ୟବସ୍ଥା ନାହିଁ । ସମସ୍ତେ ପାସ୍ ହୋଇ ଆଗକୁ ଯିବେ। ଏପରି କି ଦଶମ ଶ୍ରେଣୀରେ ଇ ଗ୍ରେଡ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହା ପଛର କାରଣ ଅସ୍ପଷ୍ଟ। ଆଗେ ଦଶମ ପାସ୍ ବ୍ୟକ୍ତି ମାଜିଷ୍ଟ୍ରେଟ ହେବାର କ୍ଷମତା ରଖୁଥିବା ବେଳେ ଏବର ବିଏ ପାସ୍ ଦରଖାସ୍ତ ମଧ୍ୟ ଲେଖିବାକୁ ଅସମର୍ଥ। ଏମିତି ହେଲେ ତ ଲାଗୁଛି ବେକାରି ସମସ୍ୟା ବଢ଼ିବ। ଶିକ୍ଷାର ଅର୍ଥ ନୁହଁ ଖଣ୍ଡେ ପ୍ରମାଣପତ୍ର। ଏହା ଏକ ରାସ୍ତା ବା ସୁଚିନ୍ତିତ ଯୋଜନା ଜୀବନକୁ ଜିଇବା ପାଇଁ। ଏହା ଆଗକୁ ବଢ଼ିବା ପାଇଁ ଏକ ମାଧ୍ୟମ। ଏହା ବିଷୟରେ ସଚେତନତା ଆବଶ୍ୟକ। ଏଥିପାଇଁ ଯୋଜନାର ଆବଶ୍ୟକତା ରହିଛି। ଶିକ୍ଷା ବ୍ୟବସ୍ଥାରେ ପିଲାଙ୍କ ଆଗ୍ରହ ଅନୁଯାୟୀ ପାଠ୍ୟକ୍ରମ ରଖିଲେ, ହୁଏତ କିଛି ଅଗ୍ରଗତି ଦେଖିବାକୁ ମିଳିପାରେ। ପୁନଶ୍ଚ ଏତିକି କହିବି ବିଜ୍ଞାପନରେ ବିକାଶକୁ ସୀମିତ ନ ରଖି, ବାସ୍ତବରେ ପ୍ରଗତିମୂଳକ କାର୍ଯ୍ୟ କରି ମୁଣ୍ଡ ପିଛା ଋଣ ଭାରକୁ କମାଇବାକୁ ଚେଷ୍ଟା କଲେ ଅନ୍ତତଃ ଭାରତ ଶ୍ରୀଲଙ୍କା ପରି ଦିନ ନ ଦେଖନ୍ତା। ସମସ୍ୟା ଏତେ ଗୁରୁତର ଯେ ଭାବିଲେ ଭବିଷ୍ୟତ ଅନ୍ଧକାର ସଦୃଶ ଦୃଶ୍ୟମାନ ହୁଏ।


ଅଧ୍ୟାପକ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଲାଞ୍ଜିଗଡ଼, କଳାହାଣ୍ଡି

ମୋ: ୯୦୪୦୧୦୦୨୭୯


## ଏଇ ଭାରତରେ

ଘର ବଗିଚାରେ ୧,୫୦୦ରୁ ଊର୍ଦ୍ଧ୍ୱ ଗଛ ବଢ଼ାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି କୋଚିର ବିଶ୍ୱମ୍ଭରନ୍ ଏନ୍.କେ.। ସେ ଡିଆରଡିଓରେ ବୈଜ୍ଞାନିକ ଥିଲେ। ସେଥିରୁ ଅବସର ନେବା ପରେ ସେ ଏହିଭଳି ବଗିଚା କରିବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ବଗିଚାର ଆକର୍ଷଣ ହେଉଛି ବିଭିନ୍ନ କିସମର ଅର୍କିଡ୍। ବିଶ୍ୱମ୍ଭରନ୍‌ଙ୍କ ବୟସ ୬୭। ପ୍ରାୟ ୫ ହଜାର ବର୍ଗଫୁଟ ଜମିରେ ଥିବା ୧,୫୦୦ ଗଛ ମଧ୍ୟରୁ ବେଶି ଭାଗ ରହିଛି ଅର୍କିଡର। ବଗିଚାର ଆକର୍ଷଣ ହେଉଛି ୫୦ ପ୍ରକାରର 'ଡ୍ୟାନ୍ସିଂ ଗର୍ଲ' ଅର୍କିଡ୍। ସବୁଠୁ ବଡ଼ କଥା ହେଉଛି, ଅଧିକାଂଶ ଗଛ ସେ ରଖିଛନ୍ତି ହ୍ୟାଙ୍ଗିଙ୍ଗ୍ ପଟ୍‌ରେ। ସେ ଅର୍କିଡ କିସମ ଦେଶ ବିଦେଶରୁ ସଂଗ୍ରହ କରିଛନ୍ତି। ବଗିଚାରେ ଥିବା ସମସ୍ତ ଗଛରେ ସେ ଜୈବିକ ସାର ପ୍ରୟୋଗ କରିବା ସହ ନିମ୍ବ, ଗୋବର ଓ ଗୋମୂତ୍ରରୁ ପ୍ରସ୍ତୁତ କୀଟନାଶକ ପ୍ରୟୋଗ କରୁଛନ୍ତି। ଅର୍କିଡ୍ ସହ ସେ ବିଭିନ୍ନ ପରିବା ଚାଷ କରୁଛନ୍ତି। ନୀଳ ରଙ୍ଗର ଲଙ୍କା, ବାଇଗଣୀ ରଙ୍ଗର ଭେଣ୍ଡି ବି ଫଳାଉଛନ୍ତି। ଏହା ବ୍ୟତୀତ ଲାଉ, ବାଇଗଣ, ଛଚିନ୍ଦ୍ରା, ପୋଇ, ଅମୃତଭଣ୍ଡା, କଦଳୀ ଓ ପିଜୁଳି ସେ ଉତ୍ପାଦନ କରୁଛନ୍ତି। ତାଙ୍କ ପରିବାର କୃଷି ଉପରେ ନିର୍ଭରଶୀଳ ଥିଲେ ଓ ପିଲାବେଳୁ କୃଷି ପ୍ରତି ଥିବା ଦୁର୍ବଳତା ହିଁ ତାଙ୍କୁ ଅବସର ପରେ ଏଭଳି ଏକ ବଗିଚା କରିବାକୁ ପ୍ରେରିତ କରିଥିଲା ବୋଲି କହନ୍ତି ବିଶ୍ୱମ୍ଭରନ୍। କମ୍ ଜାଗାରେ କିଭଳି ଅଧିକ ଗଛ ଲଗାଇ ବଗିଚା କରାଯାଇପାରିବ ସେ ସମ୍ପର୍କରେ ସେ ଲୋକମାନଙ୍କୁ ଉପାୟ ବତାଉଛନ୍ତି। ଲୋକମାନଙ୍କୁ ମଞ୍ଜି ଓ ଗଛ ଦେଇ ଏଥିପାଇଁ ଉତ୍ସାହିତ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜୁନ୍ ୧୯୯୭

- ନିଶା ଔଷଧ (ଡ୍ରଗ୍ସ) କାରବାର କରୁଥିବା ଅଭିଯୋଗରେ ପଶ୍ଚିମ ଚୀନ୍‌ର ଗୋଲ୍‌ଡେନ ଟ୍ରାଏଙ୍ଗଲ ନିକଟରେ ୨୭ଜଣ ଦୋଷୀଙ୍କୁ ମୃତ୍ୟୁଦଣ୍ଡ।
- ଥାଇଲାଣ୍ଡର ବାଣିଜ୍ୟ ମନ୍ତ୍ରୀ ନାରଙ୍ଗଚାଇ ଏବଂ ଅର୍ଥମନ୍ତ୍ରୀ ଅମନୁଏ ଭିରାୱାନଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା।
- ଜନତାଦଳ ସଭାପତି ନିର୍ବାଚନ ପରିଚାଳନା ପାଇଁ ଦୁଇଜଣ ବରିଷ୍ଠ ନେତା ପ୍ରଫେସର ମଧୁ ଦଣ୍ଡବତେ ଓ ଜୟପାଳ ରେଡ୍ଡୀଙ୍କ ଉପରେ କ୍ଷମତା ନ୍ୟସ୍ତ।

## ଚିରନ୍ତନୀ

ନ ଲୋଡ଼ଇ କିଛି, ବସି ପଥ ପାଶେ
ଚାହିଁ ମୁଁ ରହିବି ସୁଖୀ
ଚରଣ ନଚାଇ ଖେଳିଯାଅ ତୁମେ
କେଳି କଳା କଉତୁକି !

(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | | | 5 |
| 9 | | | | | | | 6 | 7 |
| 1 | | 8 | | | | | | |
| | | | 9 | | 5 | | | |
| | | 4 | 2 | | 7 | | | |
| | | | | | 1 | 2 | 5 | 4 |
| | 6 | | 8 | | 4 | | | |
| | | 3 | 5 | | | | | 1 |
| | | | | | 6 | | 7 | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 4 | 9 | 8 | 7 | 6 | 5 | 3 |
| 9 | 7 | 8 | 3 | 6 | 5 | 2 | 4 | 1 |
| 3 | 5 | 6 | 1 | 2 | 4 | 7 | 8 | 9 |
| 4 | 1 | 3 | 8 | 5 | 2 | 9 | 6 | 7 |
| 5 | 9 | 2 | 6 | 7 | 1 | 8 | 3 | 4 |
| 8 | 6 | 7 | 4 | 9 | 3 | 5 | 1 | 2 |
| 2 | 4 | 9 | 5 | 1 | 8 | 3 | 7 | 6 |
| 6 | 3 | 5 | 7 | 4 | 9 | 1 | 2 | 8 |
| 7 | 8 | 1 | 2 | 3 | 6 | 4 | 9 | 5 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦାଦନ ଜୀବନ ବଡ଼ ହୀନିମାନ

ମହାଶୟ,

ଆମ ରାଜ୍ୟରେ ଗରିବ ଖଟିଖିଆ ଦିନ ମଜୁରିଆଟିଏ କାମଦାମ ନ ପାଇ ପେଟ ଚାଖଣ୍ଡକ ନିମନ୍ତେ ଠିକାଦାର ମାଧ୍ୟମରେ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ଚାଲିଯାଉଛି। ଘରେ କେବଳ ବୁଢ଼ାବୁଢ଼ୀ ପଡ଼ିରହୁଛନ୍ତି। ଦାଦନ ଖଟିବା ସମୟରେ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ରହୁଥିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଘରକୁ ଫେରି ନ ପାରି ସେହିଠାରେ ମୃତ୍ୟୁବରଣ କରୁଛି। ଅନ୍ୟ ରାଜ୍ୟରେ କଳକାରଖାନା ଓ ଶିଳ୍ପାନୁଷ୍ଠାନ ସବୁ ଥିବାରୁ ବହୁ ମାନବସମ୍ବଳ ସେଠାରେ ଆବଶ୍ୟକ ପଡୁଛି, ଯାହା ଆମ ରାଜ୍ୟରେ ନାହିଁ। ସୁତରାଂ ରାଜ୍ୟର ଶିକ୍ଷିତ, ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାର ଯୁବତୀଯୁବକମାନେ ଘରଦ୍ୱାର ଛାଡ଼ି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। କାର୍ଯ୍ୟକ୍ଷେତ୍ରରେ ଯେତେ ପ୍ରତିକୂଳ ପରିସ୍ଥିତି ଆସୁନା କାହିଁକି, ସେ ସବୁକୁ ଖାତିର ନ କରି ପଇସା ଓ ପେଟ ଚାଖଣ୍ଡକ ପାଇଁ ସେଠାରେ ଉଦାସ ହୋଇ ପଡିରହୁଛି। କର୍ମକ୍ଷେତ୍ରରେ ମାଲିକର ଆକ୍ରୋଶର ଶିକାର ହୋଇ ଭୟରେ ଦିନ କାଟୁଛନ୍ତି। ଘରଦ୍ୱାର କଥା ଚିନ୍ତା କରି ଶାନ୍ତିରେ ରହିପାରୁନାହାନ୍ତି। ଏଭଳି ଦୋନାବଡ଼ିଆ ଅବସ୍ଥାରେ ରହି କି ହୀନିମାନ ହେଉଛନ୍ତି ସତେ !

- ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି



**ବ୍ରହ୍ମପୁର ଅଫିସ,୧୯।୬:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବିଦ୍ୟୁତ୍‌ପୁର କଲୋନୀ ଶିବ ମନ୍ଦିର ଭିତରେ ଥିବା ୩ଟି ହୁଣ୍ଡି ଭାଙ୍ଗି ଲୁଟିଆମାନେ ପ୍ରାୟ ୫୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ରବିବାର ସକାଳେ ପୂଜକ ମନ୍ଦିର ଭିତରକୁ ଯିବା ବେଳେ ସେଠାରେ ୩ ହୁଣ୍ଡିରୁ ଟଙ୍କା ଚୋରି ହୋଇଯାଇଥିଲା। ଏପରିକି ମା'ଙ୍କ ମୂର୍ତ୍ତିରେ ଖଞ୍ଜାଯାଇଥିବା କେତେକ ସାମଗ୍ରୀ ଚୋରି ହୋଇ ଯାଇଥିବା ଜଣାପଡିଛି। ପୂଜକଙ୍କଠାରୁ ଖବର ପାଇ ମନ୍ଦିର କମିଟି ପୋଲିସକୁ ଖବର କରିଥିଲା। ପୋଲିସ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ କରୁଛି। ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଥିଲେ ମଧ ଏଥିପ୍ରତି ପୋଲିସ ଗୁରୁତ୍ୱ ଦେଉ ନାହିଁ ।

### ବିଷ ପିଇ ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୯।୬:** ଘରୋଇ କଳିରୁ ଜଣେ ମହିଳା ବିଷପାନ ପରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କାହ୍ନୁ ନାଇକଙ୍କ ସ୍ତ୍ରୀ ଲକ୍ଷ୍ମୀ ନାଇକ(୨୦)। ତାଙ୍କ ଘର ନୟାଗଡ ଜିଲା ବାଣିଗୋଛା ଥାନା ଅନ୍ତର୍ଗତ କୁଜାମେଣ୍ଡି। ମେଡିକାଲ ଫାଣ୍ଡି ପୋଲିସ ରବିବାର ମୃତଦେହ ଜବତ କରି ନଂ.୩୩୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମାଜିଷ୍ଟ୍ରେଟ, ମୃତକଙ୍କ ମା' ଦ୍ରୌପଦୀ ନାଇକ ଓ ଭାଇ ସୋନୁ ନାଇକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, କାହ୍ନୁ ୨ ବର୍ଷ ତଳେ ଲକ୍ଷ୍ମୀଙ୍କୁ ବିବାହ କରିଥିଲେ। କୌଣସି କାରଣକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା। ଗତ ୧୩ ତାରିଖରେ କାହ୍ନୁ ତାଙ୍କ ସ୍ତ୍ରୀ'ଙ୍କୁ ମାରପିଟ କରିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ଲକ୍ଷ୍ମୀ ଘରେ ବିଷପିଇ ଦେଇଥିଲେ। ଘର ଭିତରେ ବାନ୍ତି କରୁଥିବାରୁ ତାଙ୍କୁ ଉଦ୍ଧାର କରି କାହ୍ନୁ ନୟାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଭାରସାମ୍ୟ ହରାଇ କାର୍ ଦୁର୍ଘଟଣା

**ବଲସକୁମ୍ପା,୧୯।୬:** ଖଜୁରିପଡ଼ା ଥାନା ଅନ୍ତର୍ଗତ ବଲସକୁମ୍ପା ନିକଟସ୍ତ ପୁରୁଣା ପାଣି ଡ୍ୟାମ ଠାକୁରାଣୀ ମନ୍ଦିର ପାଖ ବୁଲାଣିରେ ଏକ କାର (ନଂ ଓଡ଼ି ୦୨ ଭି ୮୭୦୧) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଡ୍ରାଇଭର ସୁଶାନ୍ତ ବାଘଙ୍କ କହିବା ଅନୁଯାୟୀ, ପୁରୁଣା ପାଣି ଡ୍ୟାମ ଦେଖିବା ପାଇଁ ଯାଉଥିବା ସମୟରେ ବିପରୀତ ଦିଗରୁ ଏକ ବାଇକ୍ ଦ୍ରୁତଗତିରେ ମାଡ଼ି ଆସିବାରୁ ଭାରସାମ୍ୟ ହରାଇ କାର୍ ଦୁର୍ଘଟଣା ଘଟିଛି।

### ବଟି ଆଦାୟ, ମଦ ନେବା ଅଭିଯୋଗରେ ଜଣେ ଗିରଫ

**ପାରଳାଖେମୁଣ୍ଡି,୧୯।୬(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ଏକ ବାର୍‌ରେ ପ୍ରବେଶ କରି ଦାଦାବଟି ଓ ଜବରଦସ୍ତି ଭାବେ ଟଙ୍କା ନ ଦେଇ ମଦ ନେଇ ଯାଇଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ପାରଳାଖେମୁଣ୍ଡି ସହର ରେଲିସାହିର ଯୁବରାଜ ନାଗବଂଶ। ଯୁବରାଜ ବାର୍‌ରେ ଆସି ଦାଦାବଟି ମାଗିବା ସହ ଜବରଦସ୍ତି ଟଙ୍କା ନ ଦେଇ ବିୟର ବୋତଲଗୁଡିକୁ ନେଇ ଯାଇଥିଲେ। ବାର୍‌ର କର୍ମଚାରୀମାନେ ଯୁବରାଜକୁ ପ୍ରତିବାଦ କରିଥିଲେ ମଧ ସେ ବିଭିନ୍ନ ଧମକ ଚମକ ଦେଇ ପଳାୟନ କରିଥିଲେ। ଏ ନେଇ ବାର୍‌ର କର୍ମଚାରୀମାନେ ପାରଳାଖେମୁଣ୍ଡି ଆଦର୍ଶ ପୋଲିସ ଥାନାକୁ ଫୋନ କରି ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚିଥିଲେ ମଧ ଅଭିଯୁକ୍ତ ଯୁବରାଜ ଚମ୍ପଟ ମାରିଥିଲେ। ପରେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଘଟଣାର ବିବରଣୀ ସମ୍ପର୍କରେ ଜାଣିବାକୁ ପାଇଥିଲା। ନଂ. ୧୧୩/୨୨ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

# ଅନ୍‌ଲାଇନରେ ଔଷଧ ବିକ୍ରି ନିଷେଧ, ୦% ଜିଏସ୍‌ଟି ଦାବି

### ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନର ଶୋଭାଯାତ୍ରା

**ବ୍ରହ୍ମପୁର ଅଫିସ,୧୯।୬**

ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟିଭ ୟୁନିୟନ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ରବିବାର ବ୍ରହ୍ମପୁର ସହରରେ ଏକ ବାଇକ୍ ଶୋଭାଯାତ୍ରା ହୋଇଥିଲା। ଏଥିରେ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ଠାରୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଏଥିରେ ସଂଘର ଜିଲା ସଭାପତି ଲକ୍ଷ୍ମଣ ନାୟକ ସଭାପତିତ୍ୱ କରିଥିଲେ। ସଂଘ ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ଦାବିଗୁଡିକ ମଧ୍ୟରେ ଔଷଧର ମୂଲ୍ୟ ବୃଦ୍ଧି ରୋକ୍ ଲଗାଇବା ପାଇଁ ପ୍ରଚଳିତ ବଜାର ଦ୍ୱାରା ନିୟନ୍ତ୍ରିତ ବ୍ୟବସ୍ଥାକୁ ରଦ୍ଦ କରି ଉତ୍ପାଦନଭିତ୍ତିକ ଖର୍ଚ୍ଚ ଅନୁଯାୟୀ ଔଷଧର ସର୍ବାଧିକ ବିକ୍ରୟ ମୂଲ୍ୟ ସ୍ଥିର କରିବା, ସୁଲଭ ମୂଲ୍ୟରେ ଉତ୍ତମ ମାନର ଔଷଧ ପ୍ରସ୍ତୁତି କରିବା କ୍ଷମତା ଥିବା ସମସ୍ତ ସରକାରୀ ଔଷଧ ପ୍ରତିଷ୍ଠାନଗୁଡିକର ପୁନରୁଦ୍ଧାର, ଦୁର୍ନୀତିଗ୍ରସ୍ତ କର୍ପୋରେଟ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ଅନ୍‌ଲାଇନ ମାଧ୍ୟମରେ ହେଉଥିବା ସମସ୍ତ ଔଷଧ ବିକ୍ରି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ନିଷେଧ, ଔଷଧ ଉପରେ ପ୍ରଚଳିତ ସମସ୍ତ ଟିକସ ବ୍ୟବସ୍ଥାକୁ ହଟାଇ ୦% ଜିଏସ୍‌ଟି ଲାଗୁ ଓ ସ୍ୱାସ୍ଥ୍ୟ ସେବାର ଅଧିକ ଉନ୍ନତି ନିମନ୍ତେ ଜିଡିପିର ୫% ହାରରେ ଅର୍ଥ ମଞ୍ଜୁର କରିବା ପାଇଁ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ରାଜ୍ୟ କମିଟି ସଭ୍ୟ ବି.ଈଶ୍ୱର ରାଓଙ୍କ ସମେତ ଯୁଗ୍ମ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ବ୍ରହ୍ମା, ଭାସ୍କର ମିଶ୍ର ଓ ବରିଷ୍ଠ ସଭ୍ୟ ମଧୁସୂଦନ ବେହେରା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସିଆଇଟିୟୁ ପକ୍ଷରୁ ଯୁଧିଷ୍ଠିର ବେହେରା, ବିଡବ୍ଲୁଇସିସିର ପ୍ରତାପ ଚୌଧୁରୀଙ୍କ ସମେତ ବିଭିନ୍ନ ସଂଗଠନର ନେତୃବୃନ୍ଦ ଉପସ୍ଥିତ ଥିଲେ।




ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପଥପ୍ରାନ୍ତ ସଭା।

# ବ୍ରହ୍ମପୁର-ପୁରୀ ଟ୍ରେନ୍ ଚଳାଚଳ ଦାବିରେ ଧାରଣା




ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବ୍ରହ୍ମପୁର ଅଫିସ,୧୯।୬**

ବ୍ରହ୍ମପୁର ରେଳ ଷ୍ଟେଶନଠାରେ ସଂସ୍କାରବାଦୀ ଅନୁଷ୍ଠାନ ପକ୍ଷରୁ ବ୍ରହ୍ମପୁର-ପୁରୀ ଟ୍ରେନ୍ ଚଳାଚଳ ଦାବିରେ ରବିବାର ଗଣଧାରଣା ଦିଆଯାଇଛି। ଏଥିସହ ସଂଘ ପକ୍ଷରୁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ଡିଭିଜନ ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ରେଳ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ବ୍ରହ୍ମପୁର-ପୁରୀ ମେମୁ ପାସେଞ୍ଜର ଟ୍ରେନ ଚଳାଚଳ, ବ୍ରହ୍ମପୁର- ବିଶାଖାପାଟଣା ପାସେଞ୍ଜର ଟ୍ରେନ ପୁନଃ ଚଳାଚଳ ପାଇଁ ଦାବି ହୋଇଛି। ଏଥିସହ ରଥଯାତ୍ରା ପୂର୍ବରୁ ବ୍ରହ୍ମପୁର- ପୁରୀ ସିଧାସଳଖ ଟ୍ରେନ ଚଳାଚଳ ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାରଣାରେ ସଂଘ ସଭାପତି ତ୍ରିନାଥ ମହାରଣା, ସମ୍ପାଦକ ଲଳିତ ମୋହନ ସାହୁଙ୍କ ସମେତ ବିନୋଦ କୁମାର ସାବତ, ବସନ୍ତ କୁମାର ନାୟକ, ସୀମାଞ୍ଚଳ ପତି, ରବିନାରାୟଣ ସାବତ, ରାମେଶ୍ୱର ଶତପଥୀ, ପ୍ରଶାନ୍ତ କୁମାର ଶତପଥୀ, ବିଜୟ କୁମାର ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ପାଳ ଓ ମୋହନ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଲଫା ସ୍ପୋର୍ଟିଂ କ୍ଲବ ଚାମ୍ପିୟନ, ବ୍ରହ୍ମପୁର କ୍ଲବ ରନର୍ସ ଅପ୍

### ସମର ଟ୍ରାଇଙ୍ଗଲ କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୯।୬**

ବ୍ରହ୍ମପୁର ଆଲଫା ସ୍ପୋର୍ଟିଂ କ୍ଲବ ତରଫରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଜୁନ ୧୬ରୁ ଆରମ୍ଭ ହୋଇଥିବା (୧୭ ବର୍ଷରୁ କମ ବାଳକ)ସମର ଟ୍ରାଇଙ୍ଗଲ କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚ ଆଲଫା ସ୍ପୋର୍ଟିଂ କ୍ଲବ ଓ ବ୍ରହ୍ମପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଟସ୍ ଜିତି ଆଲଫା କ୍ଲବ ପ୍ରଥମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଆଲଫା କ୍ଲବ ୨୫ ଓଭରରେ ୨ଉଇକେଟ ହରାଇ ୧୯୯ ରନ କରିଥିଲା। ପ୍ରତି ଜବାବରେ ବ୍ରହ୍ମପୁର କ୍ରିକେଟ କ୍ଲବ ୨୦ ଓଭର ଖେଳି ୧୦ଉଇକେଟ ହରାଇ ୧୦୦ ରନ କରି ଥିଲା। ଏହି ମ୍ୟାଚରେ ଆଲଫା ସ୍ପୋର୍ଟିଂ କ୍ଲବ ୯୯ ରନରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି।

କ୍ଲବ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ପୋରେଟର ସୁରେନ୍ଦ୍ର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବ୍ରହ୍ମପୁର ଟେନିସ ବଲ କ୍ରିକେଟ ଆସୋସିଏଶନ ସଭାପତି ସଞ୍ଜୟ କୁମାର ବିଷୋୟୀ, କୋଷାଧ୍ୟକ୍ଷ ଦିନେଶ ରାଉତ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଟିମ୍‌କୁ ପୁରସ୍କୃତ କରିଥିଲେ। ମ୍ୟାଚ ଶେଷରେ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଆଲଫା ସ୍ପୋର୍ଟିଂ କ୍ଲବ ୧୦,୦୦୦ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ସହ ସମ୍ମାନିତ ହୋଇଥିଲା। ସେହିପରି ରନର୍ସ ଅପ୍ ଟିମ୍ ବ୍ରହ୍ମପୁର କ୍ରିକେଟ ଏକାଡେମୀ ୮୦୦୦ ଟଙ୍କା ପୁରସ୍କାର ସହ ମାନପତ୍ର ଓ ଟ୍ରଫି ପାଇଥିଲା। ଆଲଫା ସ୍ପୋର୍ଟିଂ କ୍ଲବର ଆଦର୍ଶ ପଟ୍ଟନାୟକ ୧୦୭ ରନ ସଂଗ୍ରହ କରି ମ୍ୟାନ ଅଫ ଦି ସିରିଜ୍ ହୋଇଥିବା ବେଳେ ତାଙ୍କୁ ମାନପତ୍ର ସହ ୨୦୦୦ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୃସିଂହ ପଟ୍ଟନାୟକ , ଦିବ୍ୟସିଂହ ନାୟକ ଓ ଆନନ୍ଦ ଦାସ ଅମ୍ପାୟର ଓ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଆଲଫା ସ୍ପୋର୍ଟିଂ କ୍ଲବ କ୍ରୀଡ଼ାବିତ୍।

# ୪ ସମିତିରେ ୧୩ ପ୍ରାର୍ଥୀଙ୍କ ଲାଗି ମତଦାନ

### ପ୍ରଥମ ପର୍ଯ୍ୟାୟ ସମବାୟ ନିର୍ବାଚନ

**ଆସିକା,୧୯।୬(ଡି.ଏନ.ଏ.)**

ସମବାୟ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ରବିବାର ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସଦର ଶାଖା ଅଧିନସ୍ଥ ୪ଟି ସମିତିରେ ୧୩ଜଣ ପ୍ରାର୍ଥୀଙ୍କ ଲାଗି ମତଦାନ ହୋଇଛି । ଏହି ସମିତି ମଧ୍ୟରେ ଗୁଣ୍ଡପଡା ଓ ବେଣାପାଟ ସମିତିରେ ଗୋଟିଏ ଲେଖାଏ ଜୋନ ରହିଥିବା ବେଳେ ନିମିନା ସମିତିର ୮ଟି ଜୋନ ଓ ଜଗଦଲପୁର ସମିତିର ୩ଟି ଜୋନ ପାଇଁ ମତଦାନ ହୋଇଥିଲା । ତେବେ ସାମଗ୍ରୀକ ଭାବେ ୮୦ ପ୍ରତିଶତ ମତଦାନ ହୋଇଛି । ସୂଚନାଯୋଗ୍ୟ, ଏହି ଶାଖା ଅଧିନସ୍ଥ ୧୯ଟି ସେବା ସମବାୟ ସମିତି ଓ ୬ଟି ଅନ୍ୟାନ୍ୟ ସମିତି ମଧ୍ୟରୁ ଚୂଡାନ୍ତ ପ୍ରାର୍ଥି ତାଲିକା ପ୍ରକାଶନ ସମୟରୁ ୧୪ଟି ସେବା ସମବାୟ ସମିତି ଓ ୬ଟି ଅନ୍ୟାନ୍ୟ ସମିତିର ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଏହି ଶାଖା ଅଧିନସ୍ଥ ମୁନିଗାଡି ସେବା ସମବାୟ ସମିତି ନିର୍ବାଚନ ଆସନ୍ତା୨୬ ତାରିଖରେ ହେବ ।

# ଜି.ଉଦୟଗିରିରେ ୩ ରଥ ନିର୍ମାଣ ଆରମ୍ଭ

**ଜି.ଉଦୟଗିରି,୧୯।୬(ଡି.ଏନ.ଏ.)**

ମହାମାରୀ କରୋନାରେ ଗତ ୨ବର୍ଷ ହେଲା ରଥଯାତ୍ରା ବନ୍ଦ ରହିଥିବା ବେଳେ ଚଳିତବର୍ଷ ଜି. ଉଦୟଗିରିରେ ଭକ୍ତଙ୍କ ଗହଣରେ ୩ ରଥ ଗଡ଼ିବ। ରଥଯାତ୍ରା ଲାଗି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ରବିବାରଠାରୁ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବଡଠାକୁରଙ୍କ ଠାରୁ ଆଜ୍ଞାମାଳ ପାଇବା ପରେ ମହାରଣା ସେବକମାନେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ରଥଯାତ୍ରା ପାଇଁ ମନ୍ଦିର ପରିଚାଳନା କମିଟି ତରଫରୁ ସଭାପତି ରାଜେନ୍ଦ୍ର ମହାପାତ୍ର, ଉପ ସଭାପତି ପ୍ରିୟବ୍ରତ ସାହୁ, ସମ୍ପାଦକ ସମୀର ପାଢୀ, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ରଙ୍କ ସହିତ ପୂଜକ ଅଚ୍ୟୁତ କୁମାର ପଣ୍ଡା ପ୍ରମୁଖ ଦାୟିତ୍ୱରେ ରହିଛନ୍ତି। ରଥ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ଦିନରେ ଶେଷ କରାଯିବ ବୋଲି ମହାରଣା ସେବକ ବିଶ୍ୱନାଥ ମହାରଣା କହିଛନ୍ତି।

# ବିଶ୍ୱ ଯୋଗ ଦିବସ ଲାଗି ପ୍ରସ୍ତୁତି

**ଜି.ଉଦୟଗିରି,୧୯।୬(ଡି.ଏନ.ଏ.)**

ଜୁନ୍ ୨୧ରେ ବିଶ୍ୱ ଯୋଗ ଦିବସ ପାଳନ ନିମନ୍ତେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂଗଠନ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ରବିବାର ଜି. ଉଦୟଗିରି ଫରେଷ୍ଟ ଟ୍ରେନିଂ ସ୍କୁଲରେ ଯୋଗ ବିଜ୍ଞାନ ଶିବିର ଅନୁଷ୍ଠିତ ହେଇଥିଲା। ଶିବିରକୁ ଟ୍ରେନିଂ ସ୍କୁଲ ଅଧିକାରୀ ଉଦଘାଟନ କରିଥିବା ବେଳେ ପତଞ୍ଜଳି ଯୋଗ ସମିତି ଜିଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶ, ଯୋଗଗୁରୁ ରାଜେନ୍ଦ୍ର ମହାପାତ୍ର, ଡା. ସତ୍ୟ ନାରାୟଣ ପଟ୍ଟନାୟକ ଉପସ୍ଥିତ ରହି ଯୋଗାସନ, ପ୍ରାଣାୟମ, ଆୟୁର୍ବେଦ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଯୋଗ, ପ୍ରାଣାୟମର ଅଭ୍ୟାସ କରିବା ସହିତ ବିଭିନ୍ନ ଆସନ ଅଭ୍ୟାସ କରିଥିଲେ। ଆୟୋଜିତ ଶିବିରରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ବକ୍ସିଂ ପ୍ରତିଯୋଗୀ ଚୟନ ଶିବିର

**ବ୍ରହ୍ମପୁର ଅଫିସ,୧୯।୬**

ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ଅନୁକୂଲ୍ୟରେ ଜିଲା ବକ୍ସିଂ ସଂଘ ପକ୍ଷରୁ ବ୍ରହ୍ମପୁର ଷ୍ଟାଡ଼ିୟମ ନିକଟସ୍ଥ ଏନ୍‌ସିସି ଗ୍ରୁପହେଡ଼କ୍ୱାଟର ଖେଳପଡ଼ିଆଠାରେ ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗୀତା ନିମନ୍ତେ ପ୍ରତିଯୋଗୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବକ୍ସିଂ ସଂଘ ସମ୍ପାଦକ ଶିଶିର କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବ୍ରହ୍ମପୁର ସମେତ ଗଞ୍ଜାମର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୪ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ୧୬ ଜଣ ମହିଳା ଓ ୧୮ ପୁରୁଷ ପ୍ରତିଯୋଗୀ ଅଛନ୍ତି। ଏହି ବକ୍ସିଂ ପ୍ରତିଯୋଗୀ ଚୟନ ଶିବିରକୁ ରାଜ୍ୟ ବକ୍ସିଂ ରେଫେରୀ ଲଡୁ କିଶୋର ସାହୁ, ଶିବରାମ ପାତ୍ରଙ୍କ ସମେତ ଜିଲା ବକ୍ସିଂ ସଂଘର ଅବିନାଶ ନାୟକ, ସୁମନ ଦାସ ଓ ବୁଲୁ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସୋମବାର ଶିବିରର ଚୂଡ଼ାନ୍ତ ଫଳ ପ୍ରକାଶ ପାଇବ। ଏହି ଶିବିରରେ ଚୟନ ହୋଇଥିବା ପ୍ରତିଯୋଗୀମାନେ ଆସନ୍ତା ୨୩ରେ ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗୀରେ ଅଂଶ ଗ୍ରହଣ କରିବେ ଏନେଇ ବକ୍ସିଂ କୋଚ ପାଣିଗ୍ରାହୀଙ୍କ ଠାରୁ ପ୍ରକାଶ।

# ବାଚସ୍ପତିଙ୍କୁ ନାଗରିକ ସମ୍ବର୍ଦ୍ଧନା

### ସବୁ ଦଳର ପ୍ରତିନିଧିଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଉଦ୍ୟମ କରିବି




ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଭଞ୍ଜନଗର,୧୯।୬(ଡି.ଏନ୍.ଏ.)**

ଓଡ଼ିଶା ବିଧାନସଭାର ନବନିର୍ବାଚିତ ବାଚସ୍ପତି ବିକ୍ରମ କେଶରୀ ଆରୁଖ ରବିବାର ନିଜ ନିର୍ବାଚନମଣ୍ଡଳୀ ଭଞ୍ଜନଗର ଗସ୍ତରେ ଆସିଥିଲେ। ଏହି ଅବସରରେ ବାଚସ୍ପତିଙ୍କୁ ବିଭିନ୍ନ ସ୍ଥାନରେ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଭଞ୍ଜନଗର ବ୍ଲକ ଓ ଏନଏସି ପକ୍ଷରୁ ବାଚସ୍ପତିଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ବୈଠକ ପରେ ବାଚସ୍ପତି ଆରୁଖ କହିଛନ୍ତି, ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟ ରହିବ। ବିଧାନସଭାର ଯେଉଁ ନୀତିନିୟମ ଓ ଆଇନ ଅଛି ତାହାକୁ ଠିକ ଭାବେ କାର୍ଯ୍ୟକାରୀ କରାଯିବ। ସବୁ ଦଳର ପ୍ରତିନିଧିମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ବୈଠକରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼ଃ ବିଚିତ୍ରା ନନ୍ଦ ଦାସ, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଶିକ୍ଷକ ନେତା ରାଜକିଶୋର ସାହୁ, ପୂର୍ବତନ ଏନଏସି ଅଧ୍ୟକ୍ଷ ସୁଧୀର ବେହେରା, ପୂର୍ବତନ ଏନଏସି ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ସାମାଜିକ କର୍ମୀ ଶୂଳପାଣି ଶତପଥୀ, ସମିତିସଭ୍ୟ ଦେବଦତ୍ତ ପ୍ରଧାନ, ପ୍ରେସ କ୍ଲବ ସଭାପତି ଲୋକନାଥ କର ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଏମ୍‌ପି ପ୍ରତିନିଧି ଦିବାକର ନାୟକ ସଭା ସଂଯୋଜନା କରିଥିବା ବେଳେ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ବିଡେକା, ବଣିକ ସଂଘ, ସାଇ ଗୁରୁକୁଳ, ଉପଖଣ୍ଡ ମେଡିକାଲ, କେଏସୟୁବି କଲେଜ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଅଟୋ ଆସୋସିଏଶନ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବସ ଆସୋସିଏଶନ ସମେତ ବିଭିନ୍ନ ଅନୁଷ୍ଠାନ ଏବଂ ବୁଦ୍ଧିଜୀବୀମାନେ ନୂତନ ବାଚସ୍ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


**OFFICE OF THE DISTRICT PROJECT COORDINATOR**
**SAMAGRA SIKSHA, SUBARNAPUR**
E-mail-dpcsonepurssa.opepa@nic.in,
Phone:06654-220551/220514
**INVITATIONS FOR BIDS (I.F.B.), e-Procurement Notice**
**IFB-SS/Civil/SNP/02 of 2022-23, Dated- 18.06.2022**

The DISTRICT PROJECT COORDINATOR, SAMAGRA SIKSHA, SUBARNAPUR on behalf of Collector, Subarnapur invites Percentage Rate bids in Double Cover System for the Construction of Six Nos. KGBV hostel at existing hostel campus.

| | | |
|---|---|---|
| 1 | Type of Work | 06 Nos. of KGBV Hostel Buildings |
| 2 | Estimated Cost | As per D.T.C.N. |
| 3 | Period of Completion | 09-Calendar Months |
| 4 | Date and Time of Bidding | 21.06.2022 after 11.00 AM |
| 5 | Last date & Time for receipt online | 08.07.2022 upto 5.00 PM |
| 6 | The Bid receipt shall be opened on | 12.07.2022 at 11.30 AM |
| 7 | Name & address of the O.I.T | D.P.C., Samagra Shiksha, Subarnapur |

Further details can be seen in the website https://tendersodisha.gov.in. only.
**Sd./- District Project Coordinator, Samagra Shiksha, Subarnapur**

**ROURKELA MUNICIPAL CORPORATION**
**Uditnagar, Rourkela, Pin-769012**
**Mail Id: rourkelamunicipality@gmail.com, Telephone: (0661) 2500388**
No.7848/RMC Date: 13.6.22

**TENDER CALL NOTICE**

No.C-541:- Sealed tenders are invited from intending supplier / firm / agency / stockiest for supply of office stationery of Rourkela Municipal Corporation. The rates will be valid for one year and procurement will be made in phased manner during the year from time to time as per the requirement. All bids in the prescribed format (Annexure-1) accompanied with Xerox copy of valid GST certificate with good supply details and PAN should be submitted. Non-refundable tender paper cost Rs.6,720/- (Rupees six thousand seven hundred twenty) only including GST and refundable EMD of Rs.10,000/- (Rupees ten thousand only) must be submitted along with the bid in shape of DD from any Nationalized / Scheduled Bank in favour of Municipal Commissioner, Rourkela Municipal Corporation payable at Rourkela. The EMD of successful bidder will be retained as Security deposit and to be returned after the period of procurement without interest. The tender paper to be deposited in the Tender Box / Speed Post/ Registered Post by 29.06.2022 on 01.30. P.M. and will be opened on the same day at 04.00 P.M. in presence of the bidders or their authorized representatives, who wish to attend. The quotation received after the stipulate dae and time will not be accepted.

The undersigned reserves the right to accept or reject any o quotations or negotiate with more than one agency without assigning any reason thereof.

**Sd./- Commissioner**
**Rourkela Municipal Corporation**
OIPR-13131/11/0042/2223


# ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ବୈଠକ

**ବ୍ରହ୍ମପୁର ଅଫିସ,୧୯।୬**

ବ୍ରହ୍ମପୁର ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ସ୍ୱତନ୍ତ୍ର ବୈଠକ ଗଜପତି ନଗରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୦%ରୁ ଅଧିକ ନମ୍ବର ରଖିଥିବା ଖଲ୍ଲିକୋଟ, ବିରୁଳି ଓ ଗଞ୍ଜାମ ଆଠଗଡ଼ ଅଞ୍ଚଳର କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ନିଷ୍ପତ୍ତି ହୋଇଛି। ଜୁଲାଇ ୨୪ରେ ପରିଷଦ ବାର୍ଷିକୋତ୍ସବ ପାଳିତ ସହ ସ୍ମରଣିକା ଉନ୍ମୋଚନ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ବିଧାୟକ ବିକ୍ରମ ପଣ୍ଡା, ସାହିତ୍ୟିକ ଶାନ୍ତନୁ ରଥ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ, ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି।

ବୈଠକରେ ସଭାପତିତ୍ୱ କରିଥିଲେ ବାଞ୍ଛାନିଧି ଦାସ, ସମ୍ପାଦକ ବିଜୟ କୁମାର ପାଢ଼ୀ ବିବରଣୀ ପାଠ କରିଥିବା ବେଳେ ସୁରେଶ ଚନ୍ଦ୍ର ମହାପାତ୍ର, ହାଡ଼ିବନ୍ଧୁ ମାଳୀ, ସୁବାସ ଚନ୍ଦ୍ର ସୁବୁଦ୍ଧି, କିଶୋର ଚନ୍ଦ୍ର ପଣ୍ଡା, ଦେବୀ ପ୍ରସାଦ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ରମେଶ ଚନ୍ଦ୍ର ବେହେରା, ବିଚିତ୍ର ପଟ୍ଟନାୟକ, ରବୀନ୍ଦ୍ର ପଟ୍ଟନାୟକ ଓ ବନ୍ଦନା ମହାପାତ୍ର ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପରିଷଦ ବରିଷ୍ଠ ସଦସ୍ୟ ଅମରେଶ ମିଶ୍ର ଓ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସୂଚନାଯୋଗ୍ୟ ମହାନଗରରେ ବସବାସ କରୁଥିବା ଖଲ୍ଲିକୋଟ ଅଞ୍ଚଳବାସୀଙ୍କ ପକ୍ଷରୁ ସାଂସ୍କୃତିକ ପରିଷଦ ଗଠନ ହୋଇଛି।


Government of Odisha
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail: serwsbd2003@yahoo.com
No............. Date.............

**e-Procurement Notice for Buildings Works**

**No.O-488:**1. Name of the Work: Construction of Buildings as per Annexure (2 Nos.). 2. Class of Contractor: "B", "A", Class of (Odisha PWD) or relevant class of other licensing authority. 3. Estimated Cost: **Varies from Rs.117.44 Lakhs to Rs.201.73 Lakhs (Approximately)**. 4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-16/ 2022-23 | 23.06.2022 at 11.00 A.M. | 08.07.2022 upto 5.30 P.M. | 07.07.2022 upto 1.00 P.M. | 11.07.2022 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

OIPR-25182/11/0018/2223 **Sd./- Chief Construction Engineer, Rural Works Circle, Sunabeda**

# ଦିବ୍ୟାଙ୍ଗ ଶିକ୍ଷକ ପରିବାରକୁ ବାସନ୍ଦ

ଛତ୍ରପୁର,୧୯।୬(ଡି.ଏନ.ଏ)

ଗଞ୍ଜାମ ବ୍ଲକରେ ପୁଣି ଏକ ବାସନ୍ଦ ଘଟଣା ସାମନାକୁ ଆସିଛି। ଗାଁରେ ସାମାଜିକ ବାସନ୍ଦ ହୋଇଥିବା ଜଣେ ଦିବ୍ୟାଙ୍ଗ ଶିକ୍ଷକ ନ୍ୟାୟ ପାଇଁ ରବିବାର ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ହେଉଛନ୍ତି ରମ୍ଭା ଥାନା ଅଧୀନ ତାରିଣୀପଲ୍ଲୀ ଗାଁର ରବୀନ୍ଦ୍ର କୁମାର ସେଠୀ। ସାମାନ୍ୟ ଓ ବ୍ୟକ୍ତିଗତ କଳିରୁ ତାଙ୍କ ପରିବାରକୁ ୩ ମାସ ହେଲା ବାସନ୍ଦ କରାଯାଇଛି । ପରିବାର ସହ ରବୀନ୍ଦ୍ର ଛତ୍ରପୁର ଆସି ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପିଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ନ୍ୟାୟ ପ୍ରଦାନ ସହ ଦୋଷୀଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡ ଦେବାକୁ ସେ ଅନୁରୋଧ କରଛନ୍ତି।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ



ଅଭିଯୋଗ ପାଇଁ ଆସିଥିବା ଶିକ୍ଷକ ଓ ତାଙ୍କ ପରିବାର।

ରବୀନ୍ଦ୍ର ଦର୍ଶାଇଛନ୍ତି ଯେ, ଜାନୁୟାରୀ ୧ ତାରିଖରେ ତାଙ୍କ ଘର ଆଗରେ ଗାଁ ସଭାପତି ଟ୍ରାକ୍ଟରରେ ବାଲି ଆଣି ଗଦା କରିଥିଲେ । ୫ ଦିନ ପରେ ମଧ ବାଲି ନ ଉଠାଯିବାରୁ ତାଙ୍କୁ ପଚାରିଥିଲେ ମଧ ସେ କିଛି ଶୁଣି ନ ଥିଲେ। ଏ ସମ୍ପର୍କରେ ରବୀନ୍ଦ୍ର ରମ୍ଭା ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ହସ୍ତକ୍ଷେପ ପରେ ବାଲି ଉଠାଯାଇଥିଲା । ପରେ ଏହି ରାଗରେ ମାର୍ଚ୍ଚ ୬ ତାରିଖରେ ଗାଁ ସଭାପତିଙ୍କ ଦ୍ୱାରା ପରିବାରକୁ ବାସନ୍ଦ କରାଯାଇଛି। ଗାଁ ଦୋକାନୀ କୌଣସି ଜିନିଷ ଦେଉନାହାନ୍ତି ବୋଲି କୋହ ଭରା କଣ୍ଠରେ ରବୀନ୍ଦ୍ର ଅତିରିକ୍ତ ଏସପିଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶକ୍ରମେ ୧୫ ତାରିଖରେ ରମ୍ଭା ଥାନା ପୋଲିସ ଉକ୍ତ ଗାଁରେ ଆଲୋଚନା ବୈଠକ କରିଥିଲା। ସେଠାରେ ପୋଲିସ ଉପସ୍ଥିତିରେ ବାସନ୍ଦ ଉଠିଥିବା କୁହାଯାଇଥିଲା । ମାତ୍ର ପୋଲିସ ଗାଁରୁ ଯିବା ପରେ ତାଙ୍କ ପାଇଁ ଗାଁ କୋଠ ଟଙ୍କା ଖର୍ଚ୍ଚ ହୋଇଛି, ଉକ୍ତ ଟଙ୍କା ଦେବାକୁ କମିଟି ପକ୍ଷରୁ ରବୀନ୍ଦ୍ରଙ୍କୁ କୁହାଯାଇଥିଲା। ଟଙ୍କା ନ ଦେବାରୁ ବାସନ୍ଦ ବଳବତ୍ତର ରହିବ ବୋଲି ଗାଁ ସଭାରେ ଘୋଷଣା ହୋଇଥିବା ରବୀନ୍ଦ୍ର ଜଣାଇଛନ୍ତି। ଅଭିଯୋଗ ପରେ ଅତିରିକ୍ତ ଏସ୍‌ପି କହିଛନ୍ତି, ବାସନ୍ଦ ସମାଧାନ ହୋଇଛି। ଯଦି କେହି ଟଙ୍କା ମାଗିଛନ୍ତି ତାଙ୍କ ନାଁରେ ଏତଲା ଦେବାକୁ ରବୀନ୍ଦ୍ରଙ୍କୁ ପରାମର୍ଶ ଦିଆଯାଇଛି ।

## ୩୧ ପରିବାର ଉପରୁ ବାସନ୍ଦ ଉଠିଛି: ଏସ୍‌ପି

**ଛତ୍ରପୁର,(ଡି.ଏନ.ଏ.):** ଗଞ୍ଜାମ ପୋଲିସ ଜିଲାରେ ସାମାଜିକ ବାସନ୍ଦ ଘଟଣା ଥମୁନି। ବିଶେଷକରି ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧୀନ ଛତ୍ରପୁର, ଗଞ୍ଜାମ, ରମ୍ଭା ଓ ଚମାଖଣ୍ଡି ଥାନା ଅଞ୍ଚଳରେ ଏହି ଘଟଣା ପୋଲିସକୁ ନାକେଦମ କଲାଣି । ପୋଲିସ ଉପସ୍ଥିତିରେ ଗାଁରେ ସମାଧାନ ହୋଇ ବାସନ୍ଦ ଉଠାଯାଉଛି ଏବଂ ପୋଲିସ ଗାଁରୁ ଗଲାପରେ ପୁଣି ଉକ୍ତ ପରିବାର ଉପରେ ଜରିମାନା ପକାଯାଉଛି । ଜରିମାନା ନ ଦେଲେ ଗାଁରେ ପୁଣି ବାସନ୍ଦ ଘୋଷଣା କରାଯାଉଛି । ଅନ୍ୟପକ୍ଷରେ ଗତ ୩ଦିନ ମଧ୍ୟରେ ଗଞ୍ଜାମ ଓ ରମ୍ଭା ଥାନା ପୋଲିସ ସମ୍ପୃକ୍ତ ଗାଁକୁ ଯାଇ ପଞ୍ଚାୟତିରାଜ ପ୍ରତିନିଧି ଓ ଗାଁ କମିଟି ସହ ଆଲୋଚନା କରିଛି। ଉକ୍ତ ୨ ଥାନା ଅଧୀନ ୫ଟି ଗାଁର ୩୧ ପରିବାର ଉପରେ ବାସନ୍ଦ ଉଠିଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ରବିବାର ଟୁଇଟ୍ କରି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିଶ୍ୱ ଯୋଗ ଦିବସ ପାଇଁ ଯୋଗାଭ୍ୟାସ

**ପାରଳାଖେମୁଣ୍ଡି,୧୯।୬(ଡି.ଏନ୍.ଏ.):** ଆସନ୍ତା ଜୁନ ୨୧ରେ ହେବାକୁ ଥିବା ବିଶ୍ୱ ଯୋଗ ଦିବସ ଅବସରରେ ପାରଳାଖେମୁଣ୍ଡି ସହରଠାରେ ଥିବା ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରମାନଙ୍କୁ ଯୋଗ ଅଭ୍ୟାସ କରାଯାଉଥିବାର ଦେଖିବାକୁ ମିଳିଛି। ଯୋଗ ଦ୍ୱାରା କିପରି ନିଜ ନିଜ ଶରୀରକୁ ସୁସ୍ଥ ରଖିପାରିବେ ଏବଂ ଏହାର ଉପକାରିତା ଓ ସଚେତନତା ପାଇଁ ପ୍ରତିବର୍ଷ ଜୁନ୍ ୨୧ରେ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଥାଏ। ଏଭଳି ଏକ ମହତ୍ତ୍ୱ ଦିବସକୁ କିପରି ପାଳିବା ଏବଂ ଦୈନନ୍ଦିନ ଜୀବନରେ ଯୋଗ ଅଭ୍ୟାସ ଜାରି ରଖିବା ପାଇଁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରିହର ଦାସ ଛାତ୍ର ତଥା ଏନ୍‌ସିସି, ନାଭାଲ ଆଦି କ୍ୟାଡେଟମାନଙ୍କୁ ଯୋଗ ଅଭ୍ୟାସ କରାଉଥିବାର ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରୁଥିବା ଜଣାପଡିଛି।

### କାଶୀନଗର ସମବାୟ ସମିତି ନିର୍ବାଚନ ଫଳାଫଳ

**କାଶୀନଗର,୧୯।୬:** କାଶୀନଗର ଏନ୍‌ଏସିର ସେବା ସମବାୟ ସମିତିର ନିର୍ବାଚନ ପାଇଁ ଭୋଟ ହୋଇଥିଲା। ୧୫ଟି ଜୋନ ମଧ୍ୟରୁ ୯ ଜୋନର ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରବିବାର ୫ ଜୋନ ଭୋଟ ମଧ୍ୟରେ ୪ ଜୋନ ନିର୍ବାଚନରେ କେ. ଆପ୍ପାରାଓ (ମଧୁ), ପି. ଶ୍ରୀନିବାସ ରାଓ, ପି. ଜଗନ୍ନାଥ ରାଓ, କେ. ସତ୍ୟ ନାରାୟଣା ନିର୍ବାଚିତ ହୋଇଛନ୍ତି। ଅନ୍ୟ ଗୋଟିଏ ଜୋନରେ ଭୋଟ ଦେଇନଥିବା ଯୋଗୁ ଜୋନଟି ଖାଲି ରହିଥିଲା। ପ୍ରକାଶ ଯେ, ୧୪ ଜଣଙ୍କ ମଧ୍ୟରୁ ବିଜେଡି ସମର୍ଥିତ ଡାଇରେକ୍ଟରମାନେ ନିର୍ବାଚିତ ହୋଇଛନ୍ତି। କୃଷି କର୍ମଚାରୀ ଏସ୍.କେ ଜେନା ନିର୍ବାଚନ ଅଧିକାରୀ ଥିଲେ।

### ରାସ୍ତା ଉପରେ ପଡ଼ିଛି ନିର୍ମାଣାଧୀନ ସାମଗ୍ରୀ

**ପାରଳାଖେମୁଣ୍ଡି,୧୯।୬(ଡି.ଏନ୍.ଏ.):** ପାରଳାଖେମୁଣ୍ଡିସ୍ଥିତ ପାଡଲା ସାହି ରାସ୍ତା ଉପରେ ବିଭିନ୍ନ ସାମଗ୍ରୀ ପଡି ଅବରୋଧ ହୋଇଛି। ଫଳରେ ଲୋକମାନେ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ରଥଯାତ୍ରା ଥିବା ଯୋଗୁ ରାଜଦାଣ୍ଡଠାରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି, ସେଥିପାଇଁ ରାଜଦାଣ୍ଡ ପାର୍ଶ୍ୱରେ ଥିବା ପାଡଲା ସାହିଟି ବର୍ତ୍ତମାନ ଲୋକଙ୍କ ଯାତାୟାତର ମୁଖ୍ୟ ରାସ୍ତା ଭାବେ ବ୍ୟବହାର କରାଯାଉଛି। କିନ୍ତୁ ପୌର ପରିଷଦ ତରଫରୁ ଏହି ରାସ୍ତା ମରାମତି କରିବା ପାଇଁ ଠିକାଦାର ସାମଗ୍ରୀଗୁଡିକୁ ରାସ୍ତା ଉପରେ ଖୋଲା ପକାଇ ରଖିଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାକାମକୁ ତୁରନ୍ତ ଶେଷ କରିବେ ତା'ହେଲେ ରଥଯାତ୍ରା ସମୟରେ ସହରବାସୀ ଆରାମରେ ଯିବା ଆସିବା କରିପାରିବେ ବୋଲି ଅଞ୍ଚଳବାସୀ ସୂଚନା ଦେଇଛନ୍ତି।

### ରାଷ୍ଟ୍ରମନ୍ତ୍ରୀଙ୍କ ଜିମ୍ ଗୃହ ଉଦ୍‌ଘାଟନ

**ବାଲିପଦର/ବୁଗୁଡ଼ା,୧୯।୬:** ରାଜ୍ୟ ସରକାରଙ୍କ ନୂତନ ମନ୍ତ୍ରୀମଣ୍ଡଳରେ ଶ୍ରମ, ନିଯୁକ୍ତ ଓ କର୍ମଚାରୀ ବୀମା ରାଷ୍ଟ୍ରମନ୍ତ୍ରୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ରବିବାର ପ୍ରଥମଥର ବାଲିପଦର ଗସ୍ତ କରିଛନ୍ତି। ଏହି ଗସ୍ତରେ ମନ୍ତ୍ରୀ ବାଲିପଦରଠାରେ ଏକ ନୂତନ ଜିମ ଗୃହ ଉଦ୍‌ଘାଟନ କରିଥିଲେ। ପରେ ବାଲିପଦର ନିକଟସ୍ଥ ମାଁ ଶାଙ୍ଖୁଳାଇ ପୀଠ ଦର୍ଶନ କରିଥିଲେ। ଏହି ଗସ୍ତ ବେଳେ ମନ୍ତ୍ରୀଙ୍କ ସହ ଅନ୍ତରଙ୍ଗପଡ଼ା ସରପଞ୍ଚ ବସନ୍ତ କୁମାର ଶତପଥୀ, ପାଙ୍ଗିଡ଼ି ସରପଞ୍ଚ ଭାଗ୍ୟଲତା ବିଷୋୟୀ, ସମିତିସଭ୍ୟା ସସ୍ମିତା କୁମାରୀ ଆପଟ, ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ବିଷୋୟୀ, ବୁଗୁଡ଼ା ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶନୀ ଆଚାରୀ, ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଲକ୍ଷ୍ମୀପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଗସ୍ତବେଳେ ଏ.କରଡ଼ାବାଡ଼ି ପଞ୍ଚାୟତର ବହୁ ଜନ ସାଧାରଣ ମନ୍ତ୍ରୀଙ୍କୁ ଭେଟିବା ସହ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। ସେହିପରି ମନ୍ତ୍ରୀଙ୍କ ଦୁଇ ଦିନିଆ ବୁଗୁଡ଼ା ଗସ୍ତ ଅବସରରେ ରବିବାର ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପଠାରେ ବୁଗୁଡ଼ା ବ୍ଲକ ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ବୁଦ୍ଧଖୋଲ ଉନ୍ନୟନ ସମିତି ନୂତନ କର୍ମକର୍ତ୍ତା ଚୟନ

ବୁଗୁଡ଼ା,୧୯।୬(ଡି.ଏନ.ଏ.)

ବୁଗୁଡ଼ା ଐତିହାସିକ ଶୈବପୀଠ ବୁଦ୍ଧଖୋଲର ପାଦଦେଶରେ ଥିବା କଲ୍ୟାଣ ମଣ୍ଡପଠାରେ ବୁଦ୍ଧଖୋଲ ଉନ୍ନୟନ ସମିତିର ନୂତନ ଭାବେ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଧରଣୀ ଧର ପଣ୍ଡା କାର୍ଯକାରୀ ସଭାପତି, ଏ.ଚନ୍ଦନ ଚର୍ଚ୍ଚିତ ପାତ୍ର ଉପସଭାପତି, ସୁରେଶ ଚନ୍ଦ୍ର ଦାଶ ସାଧାରଣ ସମ୍ପାଦକ, ବିଶ୍ୱମୋହନ ମିଶ୍ର ସମ୍ପାଦକ, ଗଙ୍ଗାଧର ବିଷୋୟୀ ସହସମ୍ପାଦକ, କେ.ତ୍ରିଲୋଚନ ଦୋରା କୋଷାଧକ୍ଷ, ନିଳାମ୍ବର ବିଷୋୟୀ କାର୍ଯକାରୀ କୋଷାଧକ୍ଷ ଏବଂ ବସନ୍ତ କୁମାର ଦଳେଇ ଉପଦେଷ୍ଟା ଭାବେ ସର୍ବସମ୍ମତି କ୍ରମେ ଚୟନ ହୋଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଶ୍ରମ ଓ ନିଯୁକ୍ତି ଏବଂ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଶ୍ରୀକର ଭଞ୍ଜ ଓପନ୍ ୟୁନିଟକୁ ଲକ୍ଷ୍ମୀ ମଜୁମଦାର ପୁରସ୍କାର




ରାଜ୍ୟପାଳଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶ୍ରୀକର ଭଞ୍ଜ ଓପନ୍ ୟୁନିଟ୍‌ର ରୋଭର୍।

ବୁଗୁଡ଼ା,୧୯।୬(ଡି.ଏନ.ଏ.)

ଗୁଣାତ୍ମକ ଶିକ୍ଷାଦାନ ଏବଂ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଗୁଡ଼ା ଶ୍ରୀକର ଭଞ୍ଜ ଓପନ୍ ୟୁନିଟକୁ ଲକ୍ଷ୍ମୀ ମଜୁମଦାର ପୁରସ୍କାର ମିଳିଛି। ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡ୍ ପକ୍ଷରୁ ରାଜ୍ୟ ପୁରସ୍କାର ବିତରଣୀ ଉତ୍ସବ ଅବସରରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶ୍ରୀକର ଭଞ୍ଜ ଓପନ୍ ୟୁନିଟ୍‌ର ରୋଭର୍ ସତ୍ୟପ୍ରକାଶ ନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସତ୍ୟପ୍ରକାଶ ବର୍ତ୍ତମାନ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ଛାତ୍ର। ଶ୍ରୀକର ଭଞ୍ଜ ଓପନ୍ ୟୁନିଟ୍ ଏସ୍‌ଡିଜି ୪ ଗୁଣାତ୍ମକ ଶିକ୍ଷା ଅଧୀନରେ ଆମ ପାଠଶାଳା ନାମକ ଏକ ପ୍ରୋଜେକ୍ଟ ହାତକୁ ନେଇ ୨୦୧୯ ଠାରୁ କାର୍ଯ୍ୟ କରୁଛନ୍ତି। ୟୁନିଟ୍ ଲିଡର୍ ଜ୍ଞାନ ପ୍ରକାଶ ନାୟକ ଏବଂ ତପସ୍ୱିନୀ ପରିଡ଼ା, କେ. ଅମ୍ରିତ ସାଗର ପାତ୍ର, ଆଶୁତୋଷ ମହାପାତ୍ର, ଚନ୍ଦନ ସ୍ୱାଇଁ, ବର୍ଷା ରାଣୀ ମହାରାଣା, ଶ୍ରେୟାଶ୍ରୀ ଲକ୍ଷ୍ମୀ ସାହୁ, ସରିତା ରାଣୀ ସାହୁ, ସ୍ମୃତି ସ୍ୱରୂପା ନାୟକ, ପୂଜା ସାହୁ, ରାଜଲକ୍ଷ୍ମୀ ନନ୍ଦ, ସ୍ମୃତି ଶିଖା ନାୟକ , ସ୍ନେହା ରାଉତ, ମାନସ୍ ରଞ୍ଜନ ଜେନା, ଆଦିତ୍ୟ ମହାପାତ୍ର ଏହି ଭଳି ୫୦ ଜଣ ରୋଭର୍ ଏବଂ ରେଞ୍ଜର ସେବା ଯୋଗାଉ ଆସୁଛନ୍ତି।

## ସାଥୀ ତ୍ରିନାଥଙ୍କ ଶ୍ରଦ୍ଧାଞ୍ଜଳି ସଭା

ରମ୍ଭା,୧୯।୬

ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ସାଥୀ ତ୍ରିନାଥ ବେହେରାଙ୍କ ଦ୍ୱାଦଶାହ ଶ୍ରାଦ୍ଧବାର୍ଷିକ ଓ ଶ୍ରଦ୍ଧାଞ୍ଜଳି ସଭା ସାଥୀ ନାରାୟଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ରାଜ୍ୟ ସ୍ତରର ବରଣ୍ୟ ନେତାମାନେ ଉପସ୍ଥିତ ରହି ବେହେରାଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ସିପିଆଇ ଜିଲା ସମ୍ପାଦକ ସାଥୀ ପ୍ରକାଶ ପାତ୍ର, ସହ ସମ୍ପାଦକ ସାଥୀ ନୀଳକଣ୍ଠ ଦାସ, ଅଳକ ନାଥ ମିଶ୍ର, ପୂର୍ବତନ ବିଧାୟକ ଏନ ନାରାୟଣ ରେଡ୍ଡୀ ଓ ଆଦିକନ୍ଦ ସେଠୀ, ଗଞ୍ଜାମ ଆଞ୍ଚଳିକ କମିଟି ସମ୍ପାଦକ ସାଥୀ ପୂର୍ଣ୍ଣ ରଥ, ବିଜେଡିର ଇନ୍ଦ୍ରମଣି ଦଳେଇ, ବିଜୟ ଚନ୍ଦ୍ର ବିଶ୍ୱାଳ, ଗଦାଧର ପରିଡ଼ା, କଂଗ୍ରେସ ପକ୍ଷରୁ ସୁଜ୍ଞାନୀ ପଟ୍ଟନାୟକ, ସମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ସିପିଆଇ ପକ୍ଷରୁ ବରିଷ୍ଠ ତଥା ଏନ୍‌ଏସିର ରେକର୍ଡ ସୃଷ୍ଟି କରିଥିବା କାଉନସିଲର କ୍ଷେତ୍ରବାସୀ ନାୟକ, ପ୍ରଦୀପ ସେଠୀ, କ୍ଷେତ୍ରମୋହନ ବେହେରା, ନିରାକାର ବେହେରା, ଭାଜପା ପକ୍ଷରୁ ମଣ୍ଡଳ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ମୁନା ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ, ରଜନୀ କାନ୍ତ ବେହେରା, ସୁରେନ୍ଦ୍ର ତରେଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଦାନନ୍ଦ ନାୟକ, ବି ଦଣ୍ଡପାଣି ପାତ୍ର, ବି ବିଶ୍ୱନାଥ ପାତ୍ର, ଜେ ଭାସ୍କର ପାତ୍ର, ପୃଥିବୀ ନାୟକ, ଏନ.ମାଧବ ରାଓ ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ଶ୍ରମିକଙ୍କୁ ଗାଁ ସାଥୀଙ୍କ ଧମକ ଅଭିଯୋଗ

ହିଞ୍ଜିଳିକାଟୁ,୧୯।୬(ଡି.ଏନ୍.ଏ)

ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ପାଇବାକୁ ଦାବି ଜଣାଇଥିବା ଜଣେ ମହିଳା ଶ୍ରମିକଙ୍କୁ ଗାଁ ସାଥୀ କାମ ଦେବାକୁ ମନା କରିବା ସହ ଦୁର୍ବ୍ୟବହାର କରିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବଡ଼ଖଣ୍ଡି ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଜଣେ ମହିଳା ଅଭିଯୋଗ କରିଛନ୍ତି। ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ପଞ୍ଚାୟତ ଗୋପୀନାଥପୁର ଗାଁର ମହିଳା ଜଣକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ ଭାବେ ନାମ ରେଜିଷ୍ଟର କରିଛନ୍ତି। ଗତ ୧୬ରେ ସେ କାମ କରିବା ପାଇଁ ଡିମାଣ୍ଡ କରିବାକୁ ଗାଁ ସାଥୀଙ୍କ ଘରକୁ ଯାଇଥିଲେ। କିନ୍ତୁ କାମ ବଦଳରେ ଗାଁ ସାଥୀ ଦୁର୍ବ୍ୟବହାର କରିଥିବା ମହିଳା ଅଭିଯୋଗ କରିଛନ୍ତି। ପୂର୍ବରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକ ମାଟି କାମବେଳେ ଉପସ୍ଥିତ ଶ୍ରମିକଙ୍କ ଫଟୋ ଉଠାଇଥିବାରୁ ତାଙ୍କୁ ଧମକ ପ୍ରଦାନ କରାଯାଇଥିଲା ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ମହିଳା ଏନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସମାଧାନ ହୋଇନଥିଲା। ମହିଳା ଶ୍ରମିକ ଏ ପ୍ରସଙ୍ଗରେ ତାଙ୍କ ସହ କୌଣସି କଥାବାର୍ତ୍ତା କରିନାହାନ୍ତି ବୋଲି ବ୍ଲକ ନିର୍ବାହୀ ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ମିଶ୍ର କହିଛନ୍ତି। ନଂ. ୩୦୬/୨୨ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନ ପ୍ରତିନିଧି, ପଞ୍ଚାୟତ ଓ ବ୍ଲକ କର୍ମଚାରୀଙ୍କ ଜାଣତରେ ମିଥ୍ୟା ତଥ୍ୟ ପ୍ରଦାନ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ହରିଲୁଟ ଚାଲିଛି ବୋଲି କଂଗ୍ରେସ ରାଜ୍ୟ ସମ୍ପାଦକ ଶମ୍ଭୁ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ବାଟବଣା

## ମନ୍ତ୍ରୀଙ୍କ ନାଁ କହି ଠକେଇ: କିନ୍ନର ଗିରଫ

ପୁରୁଷୋତ୍ତମପୁର,୧୯।୬(ଡି.ଏନ୍.ଏ.)

ବର୍ତ୍ତମାନର ବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀଙ୍କ ନାଁ କହି ଜଣେ ରାଜନୈତିକ ବ୍ୟକ୍ତି ତଥା ହୋଟେଲ ମାଲିକଙ୍କଠାରୁ ୭୦ ହଜାର ଟଙ୍କା ଠକେଇ ହୋଇଛି। ଟଙ୍କା ଠକେଇ ଅଭିଯୋଗରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପୋଲିସ ବୌଦ୍ଧରୁ କିନ୍ନର ସଂଘ ସଭାପତି ସୌମ୍ୟରଞ୍ଜନ ପ୍ରଧାନ (୩୦)ଙ୍କୁ ରବିବାର ଗିରଫ କରିଛି। ତାଙ୍କଠାରୁ ଗୋଟିଏ ଏଟିଏମ୍ କାର୍ଡ, ଚେକ୍ ବୁକ, ମୋବାଇଲ ଫୋନ୍ ଓ ୪୦ ହଜାର ଟଙ୍କା ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

ପୁରୁଷୋତ୍ତମପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି, ତାରାତାରିଣୀଠାରେ ଥିବା ଲକ୍ଷ୍ମୀପ୍ରିୟା ହୋଟେଲର ମାଲିକ ଲକ୍ଷ୍ମୀ ନାରାୟଣ ସାହୁଙ୍କୁ ଅଭିଯୁକ୍ତ ସୌମ୍ୟ ମେ ୨୦ ତାରିଖରେ ଫୋନ କରି ନିଜକୁ ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ପର୍ସନାଲ ଆସିଷ୍ଟାଣ୍ଟ ଅନିଲ ପଟ୍ଟନାୟକ ବୋଲି ପରିଚୟ ଦେଇ କଥା ହୋଇଥିଲେ। କିଛି ସମୟ ପରେ ପୂର୍ବତନ ମନ୍ତ୍ରୀଙ୍କ ଅବିକଳ ସ୍ୱରରେ କଥା ହୋଇ ଭଲମନ୍ଦ ପଚାରି ବୁଝିଥିଲେ। ହୋଟେଲକୁ ଜଣେ ତନ୍ତ୍ର ସାଧିକା ମା' ଯିବେ। ତାଙ୍କ ଦ୍ୱାରା ଏକ ପୂଜା କରାଇଲେ ବ୍ୟବସାୟ ଭଲ ହେବ ବୋଲି କହି ୨୪ ତାରିଖରେ ଆଉ ଏକ ଫୋନ ନମ୍ବର ଦେଇଥିଲେ। ଉକ୍ତ ଫୋନ ନମ୍ବରରୁ ଅଭିଯୁକ୍ତ ଜଣକ ମହିଳାଙ୍କ ସ୍ୱରରେ କଥା ହୋଇ ପୂଜା ଆୟୋଜନ ପାଇଁ ଟଙ୍କା ମାଗିଥିଲେ। ହୋଟେଲ ମାଲିକ ଏଥିରେ ପ୍ରଲୋଭିତ ହୋଇ ସେ ଦେଇଥିବା ୨ଟି ବ୍ୟାଙ୍କ ଆକାଉଣ୍ଟରେ ୭୦ ହଜାର ଟଙ୍କା ପଠାଇଥିଲେ। ଅଭିଯୁକ୍ତ ପୁଣି ମନ୍ତ୍ରୀଙ୍କ ସ୍ୱରରେ କଥା ହୋଇ ହୋଟେଲ ମାଲିକଙ୍କୁ ବ୍ରହ୍ମପୁର ସର୍କିଟ ହାଉସକୁ ଡକାଇଥିଲେ। ହୋଟେଲ ମାଲିକ ସେଠାକୁ ଯାଇ ମନ୍ତ୍ରୀଙ୍କୁ ଅପେକ୍ଷା କରିଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ନ ଆସିବାରୁ ସେ ଉକ୍ତ ନମ୍ବରକୁ ଫୋନ କରିଥିଲେ ମଧ ଅଭିଯୁକ୍ତ ଆଉ ଫୋନ ଉଠାଇ ନ ଥିଲେ। ଶେଷରେ ନିରାଶ ହୋଇ ଗତ ୨୯ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୮୭/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କ ଫୋନ ଟ୍ରାକିଙ୍ଗ କରି ଶେଷରେ ବୌଦ୍ଧରୁ ସୌମ୍ୟଙ୍କୁ ଠାବ କରିଥିଲା। ସୌମ୍ୟଙ୍କ ନିଜ ଘର ଅନୁଗୋଳ ଜିଲା କିଶୋରନଗର ଥାନା ଅନ୍ତର୍ଗତ ରଣିଆକଟା ଗ୍ରାମରେ। ସେ ଜଣେ କିନ୍ନର ହୋଇଥିବା ହେତୁ ବୌଦ୍ଧ ଏନଏସି ୱାର୍ଡ ନଂ୧ରେ କିନ୍ନର ସଂଘର ସଭାପତି ଭାବେ ରାମେଶ୍ୱର ବିହାରରେ ରହୁଥିଲେ। ପୋଲିସ ସେଠାରୁ ତାଙ୍କୁ ଗିରଫ କରି ପୁରୁଷୋତ୍ତମପୁର ଥାନାକୁ ଆଣିଥିଲା। ତଦନ୍ତ ପରେ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ସୌମ୍ୟଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ମଧ ଏଭଳି ଠକେଇ ମାମଲା ରହିଥିବା ଏସ୍‌ଡିପିଓ ପ୍ରଧାନ କହିଛନ୍ତି।

### ଟଙ୍କା, ଏଟିଏମ୍, ମୋବାଇଲ ଜବତ

## ବିପର୍ଯ୍ୟୟ ପରିଚାଳନା ବୈଠକ

କାଶୀନଗର,୧୯।୬

ଆଗାମୀ ବର୍ଷା ଋତୁକୁ ଦୃଷ୍ଟିରେ ରଖି ବନ୍ୟା, ବାତ୍ୟାର ଆଗୁଆ ପଦକ୍ଷେପ ନେବା ନିମନ୍ତେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ ବିଡିଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ତହସିଲଦାର ଲରିମାନ ଖର୍ସେଲ ଯୋଗଦେଇ ବିପର୍ଯ୍ୟୟ ମୁକାବିଲାରେ ସମସ୍ତ ପ୍ରକାର ସୁବିଧା ଯୋଗାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଅଗ୍ନିଶମ ବିଭାଗର ସୁଶାନ୍ତ ସେଠୀ, ସମସ୍ତ ରାଜସ୍ୱ ଅଧିକାରୀ ଯୋଗ ଦେଇଥିଲେ। ବିପର୍ଯ୍ୟୟର ଉଦ୍ଧାର କାର୍ଯ୍ୟ ସମ୍ପାଦନ ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ଖାଣ୍ଡବା, ଭୂପତି ଲକ୍ଷ୍ମୀପୁର, ଓଡ୍ରାଫ ଟିମ ଓ ଅଗ୍ନିଶମ ବିଭାଗର ମିଳିତ ଭାବେ ମକଡ୍ରିଲ ମାଧ୍ୟମରେ ଦେଖାଇଥିଲେ। ତହସିଲଦାର ଲରିମାନ ଖର୍ସେଲ, ବିଡିଓ ଲକ୍ଷ୍ମୀ ପ୍ରସାଦ ସାହୁ, ରାଜସ୍ୱ ବିଭାଗ କର୍ମଚାରୀ, ଅଙ୍ଗନୱାଡ଼ି ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ।

## ୧୦୫ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ



ମକ୍‌ଡ୍ରିଲ୍ ଚାଲିଛି।

ଛତ୍ରପୁର,୧୯।୬(ଡି.ଏନ.ଏ)

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଲାଗି ରବିବାର ଗଞ୍ଜାମ ଜିଲାର ୧୫ଟି ବ୍ଲକ ଅଧୀନ ୧୦୫ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ କରାଯାଇଛି। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ'ଣ କରିବାକୁ ହେବ ତାହାର ପୂର୍ବ ପ୍ରସ୍ତୁତି ଏବଂ ପରବର୍ତ୍ତୀ ପ୍ରସ୍ତୁତି ନେଇ ଏଥିରେ ସଜାଗ କରାଯାଇଥିଲା । ଜନଜୀବନକୁ ସୁରକ୍ଷା ଦେବା ନିମନ୍ତେ ଏପରି ମକ୍‌ଡ୍ରିଲ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଥିଲା। ମକ୍‌ଡ୍ରିଲ୍ ଓ ସଚେତନତା କାର୍ଯ୍ୟକ୍ରମରେ ପ୍ରତି ଆଶ୍ରୟସ୍ଥଳୀର ସଭାପତି, ସମ୍ପାଦକ ଓ ସଭ୍ୟଙ୍କୁ ଉଦ୍ଧାର କୌଶଳ ସମ୍ପର୍କରେ ତାଲିମ ଦିଆଯାଇଥିଲା। ସ୍ଥାନୀୟ ଜନପ୍ରତିନିଧି ଏବଂ ଲୋକେ ଯୋଗ ଦେଇଥିଲେ । ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଏଥିରେ ସାମିଲ ହୋଇ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ବିଭିନ୍ନ ସରଞ୍ଜାମର ବ୍ୟବହାର ଶିଖାଇଥିଲେ। ଆସ୍କା ଲାଇଟ୍ ଠାରୁ ଆରମ୍ଭ କରି କଟର ମେସିନ୍ ଏବଂ ବନ୍ୟା ସମୟରେ ଟାୟାର ବ୍ୟବହାର ସହ ଅଗ୍ନି ନିର୍ବାପନ ହେଲେ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେ ନେଇ ମଧ ଅଗ୍ନିଶମ କର୍ମଚାରୀମାନେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଛତ୍ରପୁର ବ୍ଲକ କଣମଣା ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ତହସିଲଦାର ପ୍ରକାଶ କୁମାର ମିଶ୍ର, ଅଗ୍ନିଶମ ଅଧିକାରୀ ପ୍ରଭାକର ଜେନା, ବିପିଏମ୍ ମାନିନୀ ଜେନା, ସମିତିସଭ୍ୟ ଏସ୍.ଚକ୍ରପାଣି ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀରାମପଦା ଛକରେ ଗଛ ପଡ଼ି ଯାତାୟାତ ବନ୍ଦ

ଜି.ଉଦୟଗିରି, ୧୯।୬ (ଡି.ଏନ.ଏ.)



ଗଛ କଟାଯାଉଛି।

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ୪ ନମ୍ବର ୱାର୍ଡର ଶ୍ରୀରାମ ପଦା ଛକଠାରେ ରବିବାର କାଳବୈଶାଖୀ ବର୍ଷା, ପବନ ହେବାରୁ ବହୁ ବର୍ଷର ଏକ ପୁରୁଣା ବର ଗଛ ଉପଡିଯାଇଛି। ଫଳରେ ଜି.ଉଦୟଗିରିରୁ ସାରଙ୍ଗଡ ଓ ରଟିଙ୍ଗିଆ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଦୁଇ ଘଣ୍ଟା ଧରି ବନ୍ଦ ହୋଇଥିଲା। ଫଳରେ ଉଭୟ ପଟ ରାସ୍ତାରେ ଅନେକ ଯାନବାହାନ ଗୁଡ଼ିକ ଅଟକି ରହିଥିଲା। ସ୍ଥାନୀୟ ଜନସାଧାରଣଙ୍କ କହିବାନୁସାରେ, ୧୫୦ ବର୍ଷର ପୁରୁଣା ଗଛ ଆଜି ସମ୍ପୂର୍ଣ୍ଣ ଉପୁଡ଼ିଯାଇଛି। ଫଳରେ ରାସ୍ତା କଡ଼ରେ ଥିବା ଦୁଇଟି ଦୋକାନ ଓ ବିଶ୍ରାମଗାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗୋଟିଏ ଜଳଖିଆ ଦୋକାନ ଓ ଅନ୍ୟ ଦୋକାନଟି ବାଇକ୍ ମରାମତି ଗ୍ୟାରେଜ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କିନ୍ତୁ ଏଥିରେ କାହାର କ୍ଷତି ହୋଇନାହିଁ। ସେପଟେ ନିକଟରେ ଥିବା ତ୍ରିନାଥ ମନ୍ଦିରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଘଟଣାସ୍ଥଳକୁ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଥିବା ବେଳେ ଅଗ୍ନିଶମ ବାହିନୀ ଓ ପୋଲିସ ଗଛ କଟି ରାସ୍ତା ସଫା କରିବା ପରେ ଯାନ ବାହାନ ସ୍ୱାଭାବିକ ହୋଇଥିଲା।

## ଲୋକଙ୍କ ସେବାରେ ଆସୁନି ସ୍ୱଚ୍ଛ ପାନୀୟ ଜଳ ଯୋଗାଣ

ନୂଆଗଡ଼,୧୯।୬

ନୂଆଗଡ଼ ବ୍ଲକ ଏକ ଆଦିବାସୀ ଅଧୁଷିତ ଦୁର୍ଗମ ଅଞ୍ଚଳରେ ଥିବା ବେଳେ ଏଠାରେ ବିଭିନ୍ନ ସ୍ଥାନରେ ମେଶିନ ଲଗାଇ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସେବା ସ୍ଥାପନ କରାଯାଇଥିଲା। ବର୍ତ୍ତମାନ ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ିରହିଥିବାରୁ ଲୋକଙ୍କ ସେବାରେ ଆସୁନାହିଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସେବା। ଏହି ସେବା ଅପହଞ୍ଚ ଇଲାକାରେ ଲୋକଙ୍କୁ ମାଗଣାରେ ସ୍ୱଚ୍ଛ ଥଣ୍ଡା ପାଣି ଯୋଗାଇବାକୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଲୋକଙ୍କ ସେବାରେ ଆସୁନଥିବାରୁ ଦାୟୀ କରିଛନ୍ତି ଲୋକେ। ସୂଚନା ଅନୁଯାୟୀ, ଗତ କିଛି ବର୍ଷ ପୂର୍ବେ ନୂଆଗଡ଼ ସଦରଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବ୍ଲକ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବିଦ୍ୟାଳୟ ସମ୍ମୁଖରେ ସ୍ୱଚ୍ଛ ପାନୀୟ ଜଳଯୋଗାଣ ସେବା ଜିଲା ଉନ୍ନୟନ ସଂସ୍ଥା ପକ୍ଷରୁ ଆରମ୍ଭ କରିବା ନିମନ୍ତେ ଷ୍ଟାଣ୍ଡ ପୋଷ୍ଟରେ ମେଶିନ ଲଗାଯାଇଥିଲା। ଏହି ସେବା ଆରମ୍ଭ ହେବାର କିଛି ମାସ ପରେ ଏହା ଅଚଳ ହୋଇଯାଇଥିଲା। ଅଚଳ ହେବା ଦିନରୁ ସେଗୁଡିକ ମରାମତି କରାଯାଇନାହିଁ। ତେଣୁ ଦୀର୍ଘ ବର୍ଷ ହେବ ଲୋକଙ୍କ ସେବାରେ ଆସୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଗରିବ ତଥା ଆଦିବାସୀ ବହୁଳ ଗ୍ରାମବାସୀମାନେ ବିଭିନ୍ନ କାର୍ଯ୍ୟରେ ସଦର ମହକୁମାକୁ ଆସନ୍ତି। ଅର୍ଥର ଅପଚୟ ନ କରି ଗ୍ରୀଷ୍ମ ଋତୁରେ ମାଗଣାରେ ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ପାଇଥାନ୍ତେ। ତେବେ ବର୍ତ୍ତମାନ ଏହି ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ଯାଇଥିବା ଦେଖିବାକୁ ମିଳିଛି। ନିମ୍ନମାନର ଯନ୍ତ୍ର ଲାଗି ଥିବାରୁ ଅଳ୍ପଦିନ ମଧ୍ୟରେ ଏହି ସେବା ଅକାମୀ ହେଇଯାଇଥିବା ନେଇ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ନ ଥିବାରୁ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ସେବାକୁ ପୁନର୍ବାର ମରାମତି କରିବା ସହିତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣ କରି ସ୍ୱଚ୍ଛ ପାନୀୟ ଜଳ ଯୋଗାଇବାକୁ ଦାବି ହେଉଛି।

### ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ଅଚଳ



ଅଚଳ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପ।

# ଜଗାର ପରବର୍ତ୍ତୀ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ

## ସୁସ୍ଥ ଅଛି ଜଗା: ସ୍ୱାସ୍ଥ୍ୟ ବିଶେଷଜ୍ଞ

ଭୁବନେଶ୍ୱର, ୧୯।୬(ବ୍ୟୁରୋ)



ଚର୍ଚ୍ଚିତ ଯୋଡ଼ାମୁଣ୍ଡ ଶିଶୁ ଜଗାର ପରବର୍ତ୍ତୀ ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଇତିମଧ୍ୟରେ କନ୍ଧମାଳ ଜିଲାପାଳଙ୍କ ସହାୟତାରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜଗାକୁ ଧରି ତାଙ୍କ ମା'ଓ ବାପା ଗତ ୧୬ ତାରିଖରେ କଟକ ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲେ। ତାଙ୍କୁ ଆଶୁ ଚିକିତ୍ସା ବିଭାଗରେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯାଇ ଚିକିତ୍ସା କରାଯାଉଛି। ପ୍ରାଥମିକ ଚିକିତ୍ସା ବିଶେଷଜ୍ଞ ଡାକ୍ତରୀ ଟିମ୍ ଦ୍ୱାରା କରାଯାଇଥିଲା। ଅସ୍ତ୍ରୋପଚାର ପରେ ଜଗା ମସ୍ତିଷ୍କର ସ୍ୱାଭାବିକତା ପରୀକ୍ଷାନିରୀକ୍ଷା ପାଇଁ ନୂଆଦିଲ୍ଲୀ ଏମ୍ସର ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ଦୀପକ ଗୁପ୍ତା (ଜଗା ଓ କାଳିଆଙ୍କୁ ଅଲଗା କରିଥିଲେ) ଶନିବାର ଏସ୍‌ସିବିରେ ପହଞ୍ଚିଥିଲେ। ଜଗାର ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ ଡା. ଗୁପ୍ତା ଏସ୍‌ସିବି ମେଡିକାଲ କଲେଜର ବିଶେଷଜ୍ଞ ଡାକ୍ତରୀ ଟିମ୍ ସହିତ ଆଲୋଚନା କରିଥିଲେ। ମୋଟାମୋଟି ଭାବେ ଜଗା ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଶେଷଜ୍ଞମାନେ କହିଛନ୍ତି। ଜଗାର ଭବିଷ୍ୟତରେ ଗତାନୁଗତିକ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଚିକିତ୍ସା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ତରଫରୁ ଏ ବାବଦରେ ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କନ୍ଧମାଳ ଜିଲା ମିଲିପଦା ଅଞ୍ଚଳରେ ଭୂୟାଁ କହଁର ଓ ପୁଷ୍ପାଞ୍ଜଳିଙ୍କ ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରଙ୍କ ସହାୟତାରେ ସେମାନଙ୍କୁ ୨୦୧୭ ଜୁଲାଇ ୧୪ରେ ନୂଆଦିଲ୍ଲୀର ଏମ୍ସରେ ଭର୍ତ୍ତି କରାଯାଇଥିଲା। ୬ଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର ମାଧ୍ୟମରେ ଉଭୟଙ୍କୁ ଅଲଗା କରାଯାଇଥିଲା। ୨୦୧୯ ସେପ୍ଟେମ୍ବର ୬ରେ ଡିସ୍‌ଚାର୍ଜ କରାଯାଇ ୭ରେ ଉଭୟ ଶିଶୁଙ୍କୁ ଏସ୍‌ସିବି ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସ୍ନାୟୁଶଲ୍ୟ ବିଭାଗର ବରିଷ୍ଠ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଉଭୟଙ୍କୁ ଚିକିତ୍ସା କରାଯାଉଥିଲା ଏବଂ ଏଥିରେ ୧୫ ଜଣିଆ ଡାକ୍ତରୀ ଟିମ୍ ନିୟୋଜିତ ହୋଇଥିଲେ। ଜଗାର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଥିଲେ ମଧ୍ୟ କାଳିଆ ସେପ୍ଟିସେମିଆରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ୨୦୨୦ ନଭେମ୍ବର ୨୫ରେ ଆଖି ବୁଜିଥିଲେ। ଜଗାର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ତାଙ୍କୁ ପରିବାର ଲୋକ ୨୦୨୧ ମାର୍ଚ୍ଚ ୨୩ରେ ନିଜ ଗ୍ରାମକୁ ନେବାକୁ ନିଷ୍ପତ୍ତି ନେଇଥିଲେ।

# ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କଲେ ଶ୍ରମମନ୍ତ୍ରୀ

ପୋଲସରା,୧୯।୬(ଡି.ଏନ.ଏ.)

ପୋଲସରା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଲୋକାର୍ପିତ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗୋଛାବାଡି ପଞ୍ଚାୟତର ଚେଙ୍ଗ ଗ୍ରାମରେ ୪୭.୩୮ ଲକ୍ଷ ଟଙ୍କା ବ୍ୟୟରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଟ୍ୟାଙ୍କ ସହ ୭୦ ଘରକୁ ଶତ ପ୍ରତିଶତ ଘରୋଇ ପାନୀୟ ଜଳ ଯୋଗାଣ ସଂଯୋଗୀକରଣ, ଚକେଇପଲ୍ଲୀରେ ୪୪.୪୮ ଲକ୍ଷ ଟଙ୍କା ବ୍ୟୟରେ ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଟ୍ୟାଙ୍କ ସହ ୯୦ ଘରକୁ ଶତ ପ୍ରତିଶତ ଘରୋଇ ପାନୀୟ ଜଳ ଯୋଗାଣ, ପାଣ୍ଡିରିପଡା ପଞ୍ଚାୟତର ମାଳ ବିରିପୁର ଗ୍ରାମରେ ୫୪.୧୪ ଲକ୍ଷ ଟଙ୍କା ବ୍ୟୟରେ ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଟ୍ୟାଙ୍କ ସହ ୧୩୦ ଘରକୁ ଶତ ପ୍ରତିଶତ ଘରୋଇ ପାନୀୟ ଜଳ ଯୋଗାଣ, ମହୁଲପଲ୍ଲୀରେ ୫୪.୭୮ ଲକ୍ଷ ଟଙ୍କା ବ୍ୟୟରେ ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଟ୍ୟାଙ୍କ ସହ ୧୦୨ ଘରକୁ ଶତ ପ୍ରତିଶତ ଘରୋଇ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ସାହୁ, ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା, ଜିଲାପରିଷଦ ସଭ୍ୟ ବିକ୍ରମ କୁମାର ନାୟକ, ସଭ୍ୟା ଝୁନୁ ଦାସ, ପାଣ୍ଡିରିପଡା ସରପଞ୍ଚ ରଘୁନାଥ ଭୂୟାଁ, ଯୁବନେତା ରାଜେନ୍ଦ୍ର କୁମାର ପ୍ରଧାନ, ମନମୋହନ ଗୌଡ଼, ସୁଦୀପ୍ତ କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣ୍ଡିଚା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

**ଗଞ୍ଜାମ,୧୯।୬(ଡି.ଏନ.ଏ.):** ଆସନ୍ତା ୧ରେ ଗଞ୍ଜାମ ସହରରେ ପାଳିତ ହେବାକୁ ଯାଉଛି ଶ୍ରୀଗୁଣ୍ଡିଚା ଯାତ୍ରା। ପ୍ରତିବର୍ଷ ବଡ ବଜାର ଜଗନ୍ନାଥ ମନ୍ଦିର ପକ୍ଷରୁ ଏହି ଯାତ୍ରାର ଆୟୋଜନ କରାଯାଉଛି। ଏଥିପାଇଁ ଶନିବାରଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରଥରେ ତିନି ଠାକୁର ବିରାଜ ମାନ କରି ବଡ଼ ବଜାରଠାରୁ ଅଳ୍ପ ଦୂରରେ ଥିବା ମାଉସୀମା ମନ୍ଦିର ପହଞ୍ଚି ପୁଣି ବାହୁଡା ଦିନ ଠାକୁର ନିଜ ଦେଉଳକୁ ଫେରିବା କାର୍ଯ୍ୟକ୍ରମ ରହିଥିବା କାଙ୍ଗା ପଲାଇ କହିଛନ୍ତି।

# ପଞ୍ଚମ ଦିନରେ ମା' ବୁଢ଼ୀ ଠାକୁରାଣୀ ଯାତ୍ରା

**ରମ୍ଭା,୧୯।୬:** ପାରମ୍ପରିକ ଓ ରମ୍ଭା ଅଞ୍ଚଳର ଗୋଦାବରୀଶ ମାର୍ଗ (ପନ୍ଦରା ସାହି)ରେ କ୍ରମାଗତ ପ୍ରତିବର୍ଷ ଯାତ୍ରା ଚାଲୁରହିଥିବା ବେଳେ ଗତ ଦୁଇ ବର୍ଷ ଧରି କରୋନା କଟକଣା ଯୋଗୁ ଯାତ୍ରାବନ୍ଦ ରହିଥିଲା। ଚଳିତ ବର୍ଷ କୋଭିଡ୍ କଟକଣା ହଟିବାରୁ ଆନନ୍ଦ ଉତ୍ସାହର ସହ ସାହି ବାସିନ୍ଦା ଅଣ୍ଟା ଭିଡ଼ିଲେ। ମା' ବୁଢ଼ୀ ଠାକୁରାଣୀଙ୍କ ସାତ ଦିନିଆ ଯାତ୍ରା ଅବସରରେ ରଜ ହାଙ୍ଗାମା ନୃତ୍ୟ, ଗୀତ ଓ ଡାନ୍ସ ପ୍ରତିଯୋଗିତା ଦର୍ଶକଙ୍କୁ ବିମୋହିତ କରିଥିଲା। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, ଅନ୍ତର୍ଯାମୀ ପ୍ରଧାନ, ଛତ୍ରପୁର ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ଭାଜପାର ସାଙ୍ଗଠନିକ ସଦସ୍ୟ ପ୍ରଶାନ୍ତ କର, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ରମ୍ଭା ଆଇଆଇସି ପି.ସ୍ୱରୂପ କିଷାନ ସମେତ ବହୁ ବଦାନ୍ୟ ବ୍ୟକ୍ତି ଯୋଗ ଦାନ କରିଥିଲେ। ରମ୍ଭା ପ୍ରତିଭା ଅନ୍ୱେଷଣରେ ବିଚାରକ ରୂପେ ଶ୍ରୀଧର ବେହେରା, ରମେଶ ଚନ୍ଦ୍ର ବେଜ, ରୋହିତ ବାଡ଼ତ୍ୟା (ଗୀତ ଗୁରୁ) ଅନୁରୂପ ଭାବେ ଧନେଶ୍ୱର ପ୍ରଧାନ ଓ ନାରାୟଣ ନାୟକ (ନୃତ୍ୟ ଗୁରୁ) ଓ ଉପସ୍ଥାପକ ରୂପେ ସଚିନ୍ଦ୍ର ପଟ୍ଟନାୟକ ରଙ୍ଗମଞ୍ଚକୁ ସଞ୍ଚାଳନ କରିଥିଲେ। ବିଭିନ୍ନ ଦିନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ କଳାକାରମାନଙ୍କୁ ଏନ୍‌ଏସି ଅଧକ୍ଷା ମାନସୀ ସ୍ୱାଇଁ, ଆଇଆଇସିପି. ସ୍ୱରୂପ କିଷାନ ଓ ପୂର୍ବତନ ଅଧକ୍ଷା ସୌଦାମିନୀ ବିଶ୍ୱାଳ ପ୍ରମୁଖ ମାନପତ୍ର ଓ ସିଲ କପ ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ସଭାପତି ବିଜୟ ଚନ୍ଦ୍ର ବିଶ୍ୱାଳ, ସୀମାଞ୍ଚଳ ବାଡ଼ତ୍ୟା, ରାମ ଚନ୍ଦ୍ର ବାଡ଼ତ୍ୟା, ଜଗନ୍ନାଥ ଦାଶ, ସତ୍ୟ ନାରାୟଣ ବେହେରା, ଶିବ ଶଙ୍କର ବିଶ୍ୱାଳ, ବୁଲୁ ବିଶ୍ୱାଳ, ଭିକାରି ବିଶ୍ୱାଳ, ଶ୍ରୀକାନ୍ତ ବିଶ୍ୱାଳ, ବାନାମ୍ବର ସେଠ, ସ୍ୱାଧୀନ ପଣ୍ଡା, ମୁନା ସ୍ୱାଇଁ ସମେତ ପରିଚାଳନାରେ ସହଯୋଗ କରିଥିଲେ।

---

**GOVERNMENT OF ODISHA**
**PANCHAYAT SAMITI, BHAWANIPATNA**
**NOTICE INVITING TENDER**
**Bid Identification No. T1&T2 / 2022-23**

No.-i-46:-

| | | |
|---|---|---|
| 1 | Nos. of work tendered for | 3 Nos. Building works |
| 2 | Estimated cost | Rs.11,80,830.00 to Rs.39,27,524.00 |
| 3 | Class of contractor | B, C & D |
| 4 | Period of completion | 6 calendar months |
| 5 | Date and time of availability of bid document | Dt.17.06.2022 10 hours to 28.06.2022 till 17.00 hours |
| 6 | Last date / time for receipt of bid | Dt.29.06.2022 till 17.00 hours |
| 7 | Name and address of the officer inviting bid | BDO, Bhawanipatna |
| 8 | Date of opening | Dt.30.06.2022 at 11.00 hours |

Further details can be seen from the e-procurement portal www.kalahandi.nic.in

Sd./- BDO, Bhawanipatna
OIPR-19212/11/0002/2223

---

NANDANKANAN

**EXPRESSION OF INTEREST**
**NANDANKANAN ZOOLOGICAL PARK**

NOTICE No. 30 of 2022-23 Date: 09.06.2022

No. MM-65:- The interested individuals/firms/Agencies are invited to express their willingness for AMC of 02 nos Multi Colour Digital Display Board at Nandankanan Zoological Park for the year 2022-23. The application Form of the said item along with the detail Terms and conditions shall be available at the website www.nandankanan.org from 09.06.2022

| Sl. No. | Name of the Tender | Last date of submission of EOI | Date of opening of EOI |
|---|---|---|---|
| 1 | AMC of 2 nos Multi Colour Digital Display Board at Nandankanan Zoological Park for the year 2022-23 | 3.00 PM of 23.06.2022 | 4.00 PM of 23.06.2022 |

Sd./- Deputy Director, Nandankanan Zoological Park
OIPR-08070/11/0010/2223

---

# ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୬୮ ତା:୦୯।୦୬।୨୨

## ବିଜ୍ଞାପନ

No. CAD-840: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁମୁଡୁମା ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଲ୍-୨୨୫ (L-225)ଟିକୁ (୧) ଶ୍ରୀ ପ୍ରତାପ ବେହେରା, (୨) ଶ୍ରୀ ନବୀନ ବେହେରା, ପି.୰ଗୋଲେଖ ବେହେରା, (୩) ପ୍ରଭାତି ବେହେରା, ସ୍ୱା.: ଗଜେନ୍ଦ୍ର ବେହେରା, (୪) ଦ୍ରୌପଦୀ ବେହେରା, ସ୍ୱା.: ବିଜୟ ବେହେରା, ସା: ପାଣ୍ଡରା, ପୋ.: ଗଙ୍ଗପଡ଼ା, ଥା: ଚନ୍ଦକା, ଜି: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ପ୍ରବୀଣା ବେହେରା, ସ୍ୱା.: ନବୀନ ବେହେରା, ସା: ପାଣିଓରା, ପୋ.: ପଳାସପୁର, ଥା: ଚନ୍ଦକା, ଜି: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0165/2223

---

# ତହସିଲଦାରଙ୍କ କାର୍ଯ୍ୟାଳୟ, କୋଲାବିରା

## ଲଘୁ ଖଣିଜ ଦ୍ରବ୍ୟର ଲିଜ୍ ସକାଶେ ଇସ୍ତାହାର

No.F-89:- ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା- ୬୨୦ ତା୧୩।୦୬।୨୦୨୨ରେ କୋଲାବିରା ତହସିଲ ଅନ୍ତର୍ଗତ ଗୋଟିଏ ଲଘୁ ଖଣିଜ ଉତ୍ସର ନିଲାମ ମାଧ୍ୟମରେ ଆସନ୍ତା ୫ ବର୍ଷ ନିମନ୍ତେ ଲିଜ୍ ଦେବା ପାଇଁ ଇସ୍ତାହାର ପ୍ରକାଶିତ ହୋଇଅଛି। ଏହି ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ଝାରସୁଗୁଡ଼ା ଜିଲ୍ଲା ୱେବ୍‌ସାଇଟ www.jharsuguda.nic.inରେ ଉପଲବ୍ଧ। ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟ୍‌ରୁ ସମସ୍ତ ତଥ୍ୟ ହାସଲ କରିପାରିବେ କିମ୍ବା କୋଲାବିରା ତହସିଲ କାର୍ଯ୍ୟାଳୟକୁ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ନେଇପାରିବେ।
ମୁଦ ଦରଖାସ୍ତ ଦାଖଲର ଅନ୍ତିମ ତାରିଖ ୩୦।୦୬।୨୦୨୨
ସମୟ ମଧ୍ୟାହ୍ନ ୧୨.୦୦ ଘଟିକା
ଦରଖାସ୍ତ ଉନ୍ମୋଚନ ଓ ତନଖିର ତାରିଖ ୩୦।୦୬।୨୦୨୨
ସମୟ ଅପରାହ୍ନ ୧୨.୩୦ ଘଟିକା।

ସ୍ୱା./- ତହସିଲଦାର, କୋଲାବିରା
OIPR-24126/11/0009/2223

---

**ZILLA SWASTHYA SAMITI**
**DISTRICT PROGRAMME MANAGEMENT UNIT (NHM)**
**DHH, MODIPARA, SAMBALPUR**
**NOTICE INVITING PROPOSAL**

Advt. No. 1307/DPMU/NHM,SBP Date: 17.06.2022

**Request for Proposal (RFP) for Operation and Management of UHWC under PPP**

No. F-91: Request for Proposal (RFP) invited from eligible agencies for Operation and Management of Urban Health & Wellness Center (U-HWC) under Public Private Partnership mode at Rairakhol, Sambalpur to be submitted latest by 12.07.2022 (5.00 P.M.) to the CDM & PHO cum District Mission Director, Sambalpur, O/o. CDM & PHO, DHH, Sambalpur, Modipara, Odisha - 768002. The interested agencies like (NGO, Trust, Company etc.) can log on to **www.sambalpur.nic.in** for details of eligibility criteria, application form and other relevant document etc. The authority reserves the right to cancel any or all application without assigning any reason thereof.

Sd./- Chief District Medical & Public Health Officer, Sambalpur
OIPR-10049/11/0004/2223

---

NANDANKANAN

**NANDANKANAN ZOOLOGICAL PARK**

NOTICE No. 31 of 2021-22 Date: 16.06.2022

**WALK-IN-INTERVIEW for temporary engagement of two Research Associates in Nandankanan Zoological Park.**

No. MM-66:- Nandankanan Zoological Park requires qualified candidates with M.VSc. in Animal Biotechnology/Microbiology/ Genetics & Breeding / Gynaecology or M. Sc. in Zoology/ Wildlife Biology/Life Sciences /Biodiversity Conservation / Biotechnology / Biochemistry / Microbiology or allied subject from a recognized university for temporary engagement of **two Research Associates** under the project "**Conservation breeding of Indian pangolins**". The Walk-in-interview is scheduled on 24.06.2022 at 10:00 AM at Conference Hall of Nandankanan Zoological Park. The application form along with detail terms and conditions shall be available on the website www.nandankanan.org from 16.06.2022. Interested and eligible candidate may come for interview on scheduled date and time with required documents and filled in application form.

Sd./- Deputy Director, Nandankanan Zoological Park
OIPR-08070/11/0008/2223

---

# ତହସିଲ କାର୍ଯ୍ୟାଳୟ, ରସୁଲପୁର

ବିଜ୍ଞପ୍ତି ସଂଖ୍ୟା ୪୬୭୩, ତାରିଖ: ୧୭.୦୬.୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

No. F-88:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ତହସିଲ କାର୍ଯ୍ୟାଳୟ, ରସୁଲପୁର ଅନ୍ତର୍ଗତ ୧ (ଏକ) ଗୋଟି (ଲଘୁ ଖଣିଜ ଦ୍ରବ୍ୟ) ସୈରାତ ଉତ୍ସକୁ ଅନ୍ୟୁନ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।
ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟଦିବସରେ ଉପଲବ୍ଧ ହେବ ଓ ଜିଲ୍ଲା ୱେବ୍‌ସାଇଟ **www.jajpur.nic.in** ମାଧ୍ୟମରେ ମଧ୍ୟ ସୂଚନା ପାଇପାରିବେ। ଇଚ୍ଛୁକ ବ୍ୟକ୍ତିବିଶେଷ ଆସନ୍ତା ତା୨୦.୦୬.୨୦୨୨ରିଖ ପୂର୍ବାହ୍ନ ୧୦.୦୦ ଘଟିକାଠାରୁ ତା୧୯.୦୭.୨୦୨୨ରିଖ ଅପରାହ୍ନ ୫.୩୦ ମିନିଟ ମଧ୍ୟରେ ଆବେଦନ କରିପାରିବେ।

**ସୈରାତ ଉତ୍ସର ବିବରଣୀ**

| କ୍ର. ନଂ. | କେସ ନଂ. | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା ନଂ. | ଖସଡ଼ା ନଂ. | ରକବା | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘ.ମି.) | ସର୍ବନିମ୍ନ ବାର୍ଷିକ ରୟାଲଟି ମୂଲ୍ୟ (ଘ.ମି ପ୍ରତି) | ସର୍ବନିମ୍ନ ବାର୍ଷିକ ଅତିରିକ୍ତ ଦେୟ (ଘ.ମି ପ୍ରତି) |
|---|---|---|---|---|---|---|---|---|---|---|
| ୧ | ୦୬/୨୦୨୦-୨୧ | ବ୍ରାହ୍ମଣୀ ନଦୀ ଦୁର୍ଗାପୁରକୁଦ-୨ ବାଲିଘାଟ | ଦୁର୍ଗାପୁର | ୨୫୬ (ଆ.ଅ.ଅ) | ୦୧ | ଏ୧୨.୩୦ | ନଦୀ | ୧୦,୦୦୦ | ଟ.୩୫/- | ଟ.୪୫/- |

ସ୍ୱା./- ତହସିଲଦାର, ରସୁଲପୁର
OIPR-24251/11/0003/2223

---

**GOVERNMENT OF ODISHA** No. O-490
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender / 19-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 19-2022-23/BPR | Bridge Works (BSY) (Balance Work) | 03 Nos. | From Rs.283.04 lakhs to Rs.380.73 lakhs | "B" Class, "A" Class & "Special" Class as applicable | 06 (Six) Calendar Month as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 19-2022-23/BPR | 24.06.2022 at 10.00 A.M. | 08.07.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha, But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0031/2223 Sd./- P.K. Jena, Chief Construction Engineer, R.W. Circle, Berhampur

---

**QUOTATION FOR DEVELOPMENT OF SERVICE PROVIDER MANPOWER IN ATHGARH FOREST DIVISION DURING 2022-23**

No.MM-64:- Sealed tenders in the prescribed from are invited form interested reputed Man Power Service Providers to the quote the Service Charges per month to provide following category of man powers in different stations of Athgarh Forest Division w.e.f. dt.01.04.2022 to till completion of one year / completion of the project whichever is earlier. The Service Provider should have valid licence of District Labour Officer of any district of Odisha and the copy of Service Tax Licence Number, GST Number, TIN etc. The said firm should have filled Income Tax returns and service tax returns for the last three years and have experience in providing service to Government sector and various organizations for at least three years (documents to be attached). The last date of receipt of quotations is on or before 07.07.2022 in the office of the undersigned through person or Regd. Post and tender papers will be opened at 08.07.2022 in presence of the members of Tender Committee. The selected Service Provider shall have to sign an agreement with the undersigned regarding deployment of Man Power and payment thereof in stamp papers. The terms and conditions along with prescribed form is available in the office of the undersigned. Any legal dispute in future is subject to jurisdiction of Athgarh only. The Service Provider should submit E.M.D. of Rs.2.00 Lakhs in shape of Bank Draft made in favour of DFO, Athgarh on any Nationalized Bank along with the quotation. The authority reserves the right ot accept or reject any or all quotations without assigning any reason thereof.

| Sl. No. | Type of Man Power | Number | Consolidation Remuneration per month including EPF, ESI, GST, Service Charge | Places / Ranges of Deployment | Remarks |
|---|---|---|---|---|---|
| 1 | DEO | 9 | 19,271/- | Division / all 5 Ranges | |
| 2 | Driver | 1 | 19,271/- | Division | |
| 3 | Squad Personnel | 134 | 13,230/- | All 5 Ranges | |

Sd./- Divisional Forest Officer
Athgarh Forest Division, Athgarh
OIPR-08063/11/0005/2223

---

idco ODISHA New Opportunities No.CAD-832

**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**

Bid Identification No. Civil/EST-17/2022-23
File No. HO/Civil/T&E.E.-4346/04/2022/14965 Dt.13.06.22

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work: Construction of Morrum Road and Site Development Work for Working Women's Hostel at Sambalpur.
2. Value of the Work: Rs.52.59 lakhs (Approx.)
3. Period of Completion: 04 (Four) Calendar Months
4. Availability of tender online for Bidding:
   I. Start Date: 18.00 hours of Dt.23.06.2022.
   II. End Date: 17.00 hours of Dt.06.07.2022.
   III. Opening Date: 11.30 hours of Dt.07.07.2022.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

Sd./- Chief General Manager (Civil)
OIPR-14003/11/0059/2223 IDCO, Bhubaneswar

---

**GOVERNMENT OF ODISHA** No.A-332
**DEPARTMENT OF WATER RESOURCES, GOVT OF ODISHA**
**OFFICE OF THE SUPERINTENDING ENGINEER, BURLA IRRIGATION DIVISION, BURLA**
(Email Address: sambalpurirrigation@rediffmail.com)

**CANCELLATION TO TENDER CALL NOTICE**
**No. 03/2022-23 Dated:10.06.2022**

**Name of the work :-** Sealed quotations are invited from registered and experienced manpower service provider for providing different category of through outsourcing Personnel to O/o the Superintending Engineer, Burla Irrigation Division, Burla and O/o the Additional Chief Engineer, Canal Circle, Burla on contract basis for day to day official work is hereby Cancelled due to unavoidable circumstances.

Sd./- Superintending Engineer,
Burla Irrigation Division, Burla
OIPR-32436/11/0007/2223

---

**COLLECTORATE, RAYAGADA**
**(Civil Supplies Section)**

Advertisement No. 680 Dated: 16.06.2022

**ADVERTISEMENT FOR CONTRACTUAL ENGAGEMENT**

No. H-60: In pursuance of Letter No. 13704 Dt.20.09.21 & No. 7725 Dated 25.05.2022 of Food Supplies & Consumer Welfare Department, Government of Odisha, Bhubaneswar, application forms are hereby invited from prospective eligible and experienced candidates for contractual engagement for the post of "TECHNICAL SUPPORT STAFF" for District Project Management Unit (DPMU), Rayagada under Integrated Management of Public Distribution (IM-PDS) Scheme.
Information in details including job description, eligibility criteria & general instructions for submission of application(s) may be seen in District website **www.rayagada.nic.in**.
The application shall be submitted through Speed Post/ Registered Post only addressed to **"Chief Civil Supplies Officer, District Civil Supplies Office, Rayagada, At: Rayagada, P.O./Dist.: Rayagada (Odisha), PIN - 765001"**.

**Closing date for Submission of Complete application in all respect is 7th July, 2022, applications submitted beyond the dateline shall not be entertained.**

Sd./- Collector, Rayagada
OIPR-24169/11/0007/2223

---

**OFFICE OF THE MUNICIPAL COUNCIL, RAYAGADA**

No. 3348 Dt.09.06.2022

**OPEN BID NOTICE**

No. C-581: Inviting open bid from the intending persons of Rayagada Municipality area to participate in the open bid process for collection of **Daily Market** fees collection from Rayagada Municipality for a period of 09 months from 01.07.2022 to 31.03.2023 of the current financial year 2022-23 on lease basis which is scheduled to be held on 24.06.2022 at 11.00 A.M. in the office chamber of the undersigned in presence of the bidders or their authorized representatives. Interested bidder should deposit Rs.10,000/- (Ten thousand) only in shape of Cash as security deposit in the Municipal Office along with (1) No dues certificate from the Municipality, (2) Xerox copy of Aadhaar Card, (3) Xerox copy of Voter ID card along with the application for participate in the Bid addressed to the Executive Officer, Rayagada Municipality before participate in the bidding process is started on the day of Bid.
The bid will be started from the minimum upset price fixed by the municipality which will be announced before start the bid and highest bid amount will be knocked down for finalization on the spot. The highest bidder should be prepared for deposit of 25% of the Bid amount on the spot and the balance 75% amount will be deposited in two equal installments fixed by the municipality. The successful bidder shall agree to collect the Daily Marking fees from the vehicles as fixed by the Municipality and for this purpose he should execute an agreement in stamped paper within seven days of receipt of lease order failing which the undersigned will compelled to cancel the order issued earlier.
The unsuccessful bidder may apply for refund of Security Deposit on submission the original money receipt.
The undersigned reserves the right to reject the lease order or the Bid at any time without assigning any reason thereof.

Sd./- Executive Officer, Rayagada Municipality
OIPR-13150/11/0014/2223

---

**BERHAMPUR MUNICIPAL CORPORATION, BERHAMPUR**

Advt. No. 02/2022 Date: 17.06.2022

**WALK-IN-INTERVIEW**

No. C-579: Applications are invited from eligible candidates for filling up vacancies of various Medics & Paramedics Staff under Berhampur Municipal Corporation, Berhampur, Ganjam on part time basis, subject to approval as per XV Finance Commission terms and conditions.

| Sl. No. | Specialist Service - Clinical | Total Service Providers Required |
|---|---|---|
| 1 | Medicine | 1 |
| 2 | Obstetrics & Gynaecology | 2 |
| 3 | Paediatrics | 2 |
| 4 | Ophthalmology | 2 |
| 5 | ENT | 2 |
| 6 | SKIN VD | 2 |
| 7 | Pathologist | 2 |
| B | | |
| 1 | Nutritionist | 2 |
| 2 | Physiotherapist | 2 |

Eligible Candidates for the above post, who are interested, may appear for the Walk-In-Interview against the vacancy, at the Office of the Commissioner, Berhampur Municipal Corporation, Berhampur, Ganjam on 28.06.2022. Registration timing will be from 10.30 A.M. to 12.00 Noon only on the mentioned Walk-in-Interview dates. No application will be received after scheduled timing of registration.
Interested candidates may log on the **www.berhampur.gov.in** and district website **www.ganjam.nic.in** to know the details of vacancy, eligible criteria & application form etc. Candidates fulfilling the eligibility criteria are to appear before the undersigned on the date & time fixed for the Walk-in-Interview.
The undersigned reserves the right to cancel any or all the applications without assigning any reason thereof.

Sd./- Commissioner
Berhampur Municipal Corporation,
Berhampur
OIPR-13035/11/0020/2223

**ବହୁ ବର୍ଷ ଚାଲିପାରେ ୟୁକ୍ରେନ୍ ଯୁଦ୍ଧ**

ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣ ନିକଟ ଭବିଷ୍ୟତରେ ଶେଷ ହେବାର ସମ୍ଭାବନା କ୍ଷୀଣ। ଏହା ବର୍ଷ ବର୍ଷ ଧରି ଚାଲିପାରେ ବୋଲି ନାଟୋ ମହାସଚିବ ଜେନ୍ସ ଷ୍ଟୋଲେନ୍‌ବର୍ଗ ରବିବାର କହିଛନ୍ତି। ତେଣୁ ୟୁକ୍ରେନ୍‌କୁ ସବୁ ପ୍ରକାର ସମର୍ଥନ ମିଳିବା ଜରୁରୀ। ଅଧିକ ମୂଲ୍ୟ ଦେବାକୁ ପଡ଼ିଲେ ବି ଉଭୟ ସାମରିକ ଏବଂ ଖାଦ୍ୟ, ଶକ୍ତି ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସହାୟତା ପ୍ରଦାନ ଜାରି ରଖିବାକୁ ପଡ଼ିବ। ଯୁଦ୍ଧ ପରଠାରୁ ପ୍ରଥମ କରି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶନିବାର ଦକ୍ଷିଣ ୟୁକ୍ରେନ୍‌ର ମାଇକୋଲେଭ୍ ଏବଂ ଓଡେଶା ଗସ୍ତ କରିଛନ୍ତି।

## ସଂକ୍ଷେପରେ

### ଫିଲିପାଇନ୍ସ ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ସାରା



**ମାନିଲା,୧୯।୬:** ଫିଲିପାଇନ୍ସର ବିଦାୟୀ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କ ଝିଅ ସାରା ଡୁଟେର୍ଟେ ଦେଶର ଉପରାଷ୍ଟ୍ରପତି ଭାବେ ରବିବାର ଶପଥ ନେଇଛନ୍ତି। ବହୁସଂଖ୍ୟାରେ ଡ୍ରଗ୍ସ ଚାଲାଣକାରୀଙ୍କୁ ଗୁଳିକରିବା ଭଳି ସଙ୍ଗିନ ମାନବାଧିକାର ଉଲ୍ଲଂଘନ ରେକର୍ଡ ପାଇଁ ରୋଡ୍ରିଗୋ ବିବାଦୀୟ ଓ ସମାଲୋଚିତ ହୋଇଥିଲେ ହେଁ ୪୪ ବର୍ଷୀୟା ସାରା କିନ୍ତୁ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିଲେ। ପୂର୍ବରୁ ସାରା ଡାଭାଓ ସହରର ମେୟର ଥିଲେ। ଆସନ୍ତା ୩୦ ତାରିଖରେ ସେ ଦାୟିତ୍ୱ ଗ୍ରହଣ କରିବେ। ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟର ଜୁନ୍ ୩୦ରେ ମାନିଲାରେ ଶପଥ ନେବେ।

### ପ୍ରଫେଟ୍ ବିବାଦ ବିକ୍ଷୋଭ

### ୟୁପିରେ ୪୧୫ ଗିରଫ

**ଲକ୍ଷ୍ନୌ,୧୯।୬:** ଭାଜପାରୁ ନିଲମ୍ବିତ ହୋଇଥିବା ମୁଖପାତ୍ର ନୂପୁର ଶର୍ମା ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ଉତ୍ତରପ୍ରଦେଶରେ ହିଂସାତ୍ମକ ଆନ୍ଦୋଳନ ଦେଖାଦେଇଥିଲା। ଏଥିରେ ସମ୍ପୃକ୍ତ ୪୧୫ ଜଣଙ୍କୁ ୟୁପି ପୋଲିସ ଗିରଫ କରିଥିବାବେଳେ ୨୦ଟି ଏତଲା ଦାଏର ହୋଇଛି। କାନପୁରରେ ଜୁନ୍ ୩ରେ ଓ ଅନ୍ୟ ୯ଟି ଜିଲାରେ ୧୦ ତାରିଖରେ ହିଂସାକାଣ୍ଡ ଘଟିଥିଲା। ଏଥିରେ ୨୦ ପୋଲିସ କର୍ମଚାରୀଙ୍କ ସମେତ ୪୦ରୁ ଅଧିକ ଆହତ ହୋଇଥିଲେ। କାନପୁର ପୋଲିସ କମିଶନରେଟ୍ ଓ ସାହାରନପୁରରେ ୩ଟି ଲେଖାଏ ମାମଲା ରୁଜୁ ହୋଇଥିବାବେଳେ ପ୍ରୟାଗରାଜରେ ୭, ଫିରୋଜାବାଦ, ଆଲିଗଡ଼, ହଥ୍ରାସ, ମୋରଦାବାଦ, ଆମ୍ବେଡକରନଗର, ଖେରି ଓ ଜଲାଉଁରେ ଗୋଟିଏ ଲେଖାଏ ଏତଲା ଦାଏର ହୋଇଛି। ପ୍ରୟାଗରାଜରୁ ସର୍ବାଧିକ ୯୭ ଜଣଙ୍କୁ ଗିରଫ କରାଯାଇଛି। ସାହାରନପୁରରୁ ୮୫, କାନପୁରରୁ ୫୮, ଆମ୍ବେଡ୍‌କରନଗରରୁ ୪୧, ମୋରଦାବାଦରୁ ୪୦, ହଥ୍ରାସରୁ ୩୫, ଫିରୋଜାବାଦରୁ ୨୦, ଖେରିରୁ ୮, ଆଲିଗଡ଼ରୁ ୬ ଏବଂ ଜଲାଉଁରୁ ୫ ଜଣ ଗିରଫ ହୋଇଛନ୍ତି।

### କାବୁଲ ଗୁରୁଦ୍ୱାରା ଆକ୍ରମଣ

### ଶତାଧିକ ଶିଖ୍, ହିନ୍ଦୁଙ୍କୁ ଇ-ଭିଜା

**ନୂଆଦିଲ୍ଲୀ,୧୯।୬:** କାବୁଲ ଗୁରୁଦ୍ୱାରାରେ ଆତଙ୍କବାଦୀ ବିସ୍ଫୋରଣ ପରେ ଭାରତ ସରକାର ଶତାଧିକ ଆଫଗାନ୍ ଶିଖ୍ ଓ ହିନ୍ଦୁଙ୍କୁ ପ୍ରାଥମିକତା ଭିତ୍ତିରେ ଇ-ଭିଜା ପ୍ରଦାନ କରିଛନ୍ତି। ଶନିବାର ସେଠାରେ ଉକ୍ତ ସମ୍ପ୍ରଦାୟକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ଏଥିରେ ଜଣେ ଶିଖ୍‌ଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଆକ୍ରମଣ ପାଇଁ ଇସ୍‌ଲାମିକ ଷ୍ଟେଟ୍ ନିଜକୁ ଦାୟୀ କରିଛି। ପ୍ରଫେଟ ମହମ୍ମଦଙ୍କୁ ଅପମାନ କରିବାର ଜବାବରେ କାବୁଲ ଗୁରୁଦ୍ୱାରାରେ ଆକ୍ରମଣ କରାଯାଇଥିବା ଆଇଏସ୍‌ଆଇଏସ୍ କହିଛି। କାବୁଲର ବାଗ୍-ଇ ବାଲାସ୍ଥିତ ଗୁରୁଦ୍ୱାରା କାର୍ଟେ ପରୱାନ୍‌ରେ ଦୁଇଟି ବିସ୍ଫୋରଣ ସହ ଦୀର୍ଘସମୟ ଗୁଳିମାଡ଼ ହୋଇଥିଲା। ତାଲିବାନ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ୩ ଆକ୍ରମଣକାରୀ ନିହତ ହୋଇଥିଲେ।

# ଦ୍ୱନ୍ଦ୍ୱ ଦୂର ପ୍ରୟାସ ସହ ଧମକ

## ଆନ୍ଦୋଳନରେ ସାମିଲ ହେଲେ ସେନାରେ ମିଳିବନି ନିଯୁକ୍ତି

**ନୂଆଦିଲ୍ଲୀ,୧୯।୬**

ସୈନ୍ୟବାହିନୀରେ ଠିକା ନିଯୁକ୍ତି ଯୋଜନା ଅଗ୍ନିପଥକୁ ବିରୋଧ କରି ଦେଶବ୍ୟାପୀ ଆନ୍ଦୋଳନ ଦେଖାଦେବା ପରେ ଏହାକୁ ପ୍ରଶମିତ କରିବା ଲାଗି ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ଏଥିସହିତ ଯେଉଁମାନେ ଆନ୍ଦୋଳନରେ ସାମିଲ ହେବେ ସେମାନଙ୍କୁ ସେନାରେ ନିଯୁକ୍ତି ସୁଯୋଗ ମିଳିବ ନାହିଁ ବୋଲି ଏକପ୍ରକାର ଧମକ ମଧ୍ୟ ଦିଆଯାଇଛି।

ଅଗ୍ନିପଥ ଯୋଜନାରେ ବ୍ୟାପକ ନିଯୁକ୍ତି ସମ୍ପର୍କରେ ରବିବାର ତିନି ବାହିନୀର ଶୀର୍ଷ ଅଧିକାରୀ ଗଣମାଧ୍ୟମକୁ ଜଣାଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେମାନେ କହିଛନ୍ତି, ସଶସ୍ତ୍ର ବଳର ବୟସସୀମା କମାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଅଗ୍ନିପଥ ଯୋଜନାରୁ ସରକାର ଓହରିବେ ନାହିଁ। ତେଣୁ ଯୁବଗୋଷ୍ଠୀ ଆନ୍ଦୋଳନ ବନ୍ଦ କରିବା ଲାଗି ସାମରିକ ବ୍ୟାପାର ବିଭାଗ ଅତିରିକ୍ତ ସଚିବ ଲ୍ୟୁଟନାଣ୍ଟ ଜେନେରାଲ ଅରୁଣ ପୁରୀ କହିଛନ୍ତି। ୩ ବାହିନୀରେ ବୟସ ପ୍ରୋଫାଇଲ କମାଇବା ନେଇ ଦୀର୍ଘଦିନରୁ ବିଚାର କରାଯାଉଥିଲା। କାର୍ଗିଲ ସମୀକ୍ଷା କମିଟି ମଧ୍ୟ ଏନେଇ ଟିପ୍ପଣୀ ଦେଇଥିଲେ। ଏହା ଦୀର୍ଘଦିନରୁ ପଡ଼ିରହିଥିବା ସଂସ୍କାର, ଯେଉଁଥିରେ ସେନାକୁ ଅଧିକ ଯୁବ ଓ ଅଭିଜ୍ଞ କରିବା ଲକ୍ଷ୍ୟ ରହିଛି। ପ୍ରତିବର୍ଷ ୩ ବାହିନୀରୁ ୧୭,୬୦୦ ସୈନ୍ୟ ସମୟ ପୂର୍ବରୁ ଅବସର ନେଉଛନ୍ତି। ଅବସର ପରେ ସେମାନେ କ'ଣ କରିବେ ସେ ନେଇ ତ କେହି ପ୍ରଶ୍ନ କରୁ ନ ଥିବା ପୁରୀ କହିଛନ୍ତି।



ନୂଆଦିଲ୍ଲୀରେ ସାମରିକ ବ୍ୟାପାର ବିଭାଗ ଅତିରିକ୍ତ ସଚିବ ଲ୍ୟୁଟନାଣ୍ଟ ଜେନେରାଲ ଅରୁଣ ପୁରୀ ଅଗ୍ନିପଥ ଯୋଜନା ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି। ପାଖରେ ଭାଇସ ଆଡମିରାଲ ଦିନେଶ ତ୍ରିପାଠୀ ଏବଂ ଏୟାର ମାର୍ଶଲ ଏସ୍.କେ. ଝା ଉପସ୍ଥିତ ଅଛନ୍ତି।

ସିଆଚେନ ଓ ଅନ୍ୟାନ୍ୟ ଅଞ୍ଚଳରେ ନିୟମିତ ଯବାନମାନଙ୍କୁ ଯେଉଁ ଭତ୍ତା ସୁବିଧା ମିଳୁଛି, ଅଗ୍ନିବୀରମାନଙ୍କୁ ସେହିସବୁ ସୁବିଧା ମିଳିବ। ଏଥିସହିତ ଦେଶସେବା ବେଳେ ଯଦି ଜୀବନ ଯାଏ, ତେବେ ଅଗ୍ନିବୀରଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦିଆଯିବ। ଚଳିତ ମାସ ଶେଷ ସୁଦ୍ଧା ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ୪୬,୦୦୦ଙ୍କୁ ନିଯୁକ୍ତି ମିଳିବ। ପରବର୍ତ୍ତୀ ୪-୫ ବର୍ଷରେ ୫୦ ହଜାରରୁ ୬୦ ହଜାର ଅଗ୍ନିବୀର ନିଯୁକ୍ତ ହେବେ ଓ ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ୯୦,୦୦୦ରୁ ଲକ୍ଷେକୁ ବୃଦ୍ଧି ପାଇବ ବୋଲି ପୁରୀ ସୂଚନା ଦେଇଛନ୍ତି। ଅଗ୍ନିବୀରରେ ୪ ବର୍ଷ ନିଯୁକ୍ତି ପରେ ଯେଉଁମାନେ ବାହାରିବେ, ସେମାନଙ୍କୁ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ନିଯୁକ୍ତି ଲାଗି ସଂରକ୍ଷଣ ଘୋଷଣା କରାଯାଇଛି। ଏଭଳି ସଂରକ୍ଷଣ ଆନ୍ଦୋଳନ ଯୋଗୁ ହୋଇନାହିଁ, ଏହା ପୂର୍ବରୁ ଯୋଜନା ହୋଇଥିଲା ବୋଲି ସାମରିକ ବ୍ୟାପାର ଅତିରିକ୍ତ ସଚିବ ପୁରୀ କହିଛନ୍ତି।

> ■ଜୁନ୍ ୨୪ରୁ ଅଗ୍ନିବୀର ନିଯୁକ୍ତି ଲାଗି ପଞ୍ଜୀକରଣ ଆରମ୍ଭ
>
> ■ଓଡ଼ିଶାରେ ତାଲିମ ନେବେ ନୌସେନା ଅଗ୍ନିବୀର
>
> ■ଦେଶସେବା ବେଳେ ଜୀବନ ଗଲେ କୋଟିଏ ଟଙ୍କା କ୍ଷତିପୂରଣ

ଅଗ୍ନିପଥ ବିରୋଧରେ ବିକ୍ଷୋଭକୁ ନେଇ ପୁରୀ କହିଛନ୍ତି, ସେନାରେ ଶୃଙ୍ଖଳା ହେଉଛି ମୂଳ। ପୋଡ଼ାଜଳା, ଭଙ୍ଗାରୁଜା କରୁଥିବା ଯୁବଗୋଷ୍ଠୀଙ୍କର ସେନାରେ ସ୍ଥାନ ନାହିଁ। ଅଗ୍ନିବୀର ପାଇଁ ଆବେଦନ ବେଳେ ପ୍ରାର୍ଥୀମାନେ ପୂର୍ବରୁ କୌଣସି ବିକ୍ଷୋଭ କିମ୍ବା ଭଙ୍ଗାରୁଜାରେ ସାମିଲ ନ ଥିଲେ ବୋଲି ଫର୍ମରେ ଉଲ୍ଲେଖ କରିବେ। ଏହାର ପୋଲିସ ଯାଞ୍ଚ ବାଧ୍ୟତାମୂଳକ। ଏହା ବିନା ସେନାରେ ନିଯୁକ୍ତି ଲାଗି ସୁଯୋଗ ମିଳିବ ନାହିଁ ବୋଲି ପୁରୀ ସ୍ପଷ୍ଟ କରିଛନ୍ତି।

ଜୁନ୍ ୨୪ରୁ ପ୍ରଥମ ବ୍ୟାଚ୍ ଅଗ୍ନିବୀରଙ୍କ ପାଇଁ ପଞ୍ଜୀକରଣ ଆରମ୍ଭ ହେବ ଏବଂ ଅନ୍‌ଲାଇନ ପରୀକ୍ଷା ଜୁଲାଇ ୨୪ରୁ ହେବ ବୋଲି ଏୟାର ମାର୍ଶାଲ ଏସ୍.କେ. ଝା କହିଛନ୍ତି। ଡିସେମ୍ବରରେ ପ୍ରଥମ ବ୍ୟାଚ୍ ନିଯୁକ୍ତି ଶେଷ ହେବ ଓ ସେହିମାସ ୩୦ରୁ ପ୍ରଶିକ୍ଷଣ ଆରମ୍ଭ ହେବ ବୋଲି ଝା ସୂଚନା ଦେଇଛନ୍ତି। ନଭେମ୍ବର ୨୧ରୁ ଓଡ଼ିଶାର ଆଇଏନ୍‌ଏସ୍ ଚିଲିକାରେ ନାଭାଲ ଅଗ୍ନିବୀରଙ୍କ ପ୍ରଶିକ୍ଷଣ ଆରମ୍ଭ ହେବ ବୋଲି ଭାଇସ ଆଡମିରାଲ ଦିନେଶ ତ୍ରିପାଠୀ କହିଛନ୍ତି। ଉଭୟ ପୁରୁଷ ଓ ମହିଳାଙ୍କୁ ନୌସେନା ଅଗ୍ନିବୀର ଭାବେ ନିଯୁକ୍ତି ଦିଆଯିବ।

## ଚଢ଼ାଉ ବେଳେ ଯୌନକର୍ମୀଙ୍କୁ ଗିରଫ କରନାହିଁ: ହାଇକୋର୍ଟ

**ଚେନ୍ନାଇ,୧୯।୬**

ପୋଲିସ ବେଶ୍ୟାଳୟରେ ଚଢ଼ାଉ କଲାବେଳେ ଯୌନକର୍ମୀମାନଙ୍କୁ ଗିରଫ କିମ୍ବା ଦଣ୍ଡିତ କରିବା ଉଚିତ ନୁହେଁ ବୋଲି ମାଡ୍ରାସ ହାଇକୋର୍ଟ କହିଛନ୍ତି। ନିକଟରେ ସୁପ୍ରିମକୋର୍ଟ ଦେଇଥିବା ରାୟର ଉଦାହରଣ ଦେଇ ହାଇକୋର୍ଟ ଖଣ୍ଡପୀଠ କହିଛନ୍ତି, ଯୌନକର୍ମୀଙ୍କୁ ଗିରଫ କିମ୍ବା ଦଣ୍ଡବିଧାନ କରାଯାଇପାରିବ ନାହିଁ। ସେମାନଙ୍କୁ ହଇରାଣ ନ କରିବାକୁ ଖଣ୍ଡପୀଠ କହିଛନ୍ତି। କେବଳ ବେଆଇନ ଭାବେ ଚାଲୁଥିବା ଗଣିକାଳୟ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ଜଷ୍ଟିସ୍ ଏନ୍. ସତୀଶ କୁମାର କହିଛନ୍ତି। ବେଶ୍ୟାଳୟର ଜଣେ ଗ୍ରାହକଙ୍କ ବିରୋଧରେ ଆସିଥିବା ଏତଲାକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଆବେଦନକାରୀ (ଗ୍ରାହକ) ଯୌନକର୍ମୀଙ୍କୁ ଏଭଳି କାର୍ଯ୍ୟ କରିବା ପାଇଁ ଚାପ ପକାଉଥିବା କୁହାଯାଇପାରିବ ନାହିଁ ବୋଲି ବିଚାରପତି କହିଛନ୍ତି।ସୂଚନାଯୋଗ୍ୟ, ଚେନ୍ନାଇର ଚିନ୍ତାଦ୍ରିପେଟସ୍ଥିତ ଗଣିକାଳୟରେ ଚଢ଼ାଉବେଳେ ସେଠାରେ ଉପସ୍ଥିତ ଥିବା ଉଦୟକୁମାରଙ୍କୁ ପୋଲିସ ଗିରଫ କରିଥିଲା। ବେଶ୍ୟାଳୟ ଚଳାଇବା ବେଆଇନ କିନ୍ତୁ ଯୌନକାର୍ଯ୍ୟ ବେଆଇନ ନୁହେଁ ବୋଲି ଆବେଦନକାରୀଙ୍କ ଓକିଲ ଅଦାଲତଙ୍କୁ କହିଥିଲେ। ଯୌନକର୍ମୀ ସେମାନଙ୍କ ଇଚ୍ଛାରେ ଏହି ପେସାରେ ସାମିଲ ହୋଇଥାନ୍ତି, ସେମାନଙ୍କୁ କେହି ବାଧ କରି ନ ଥାନ୍ତି। ତେଣୁ ଏହାକୁ ଆଇପିସିର ଧାରା ୩୭୦ରେ ବିଚାର କରାଯାଇପାରିବ ନାହିଁ ବୋଲି ଓକିଲ ଦର୍ଶାଇଥିଲେ।

## ମାକ୍‌ରଁଙ୍କ ଭାଗ୍ୟ ପରୀକ୍ଷା



**ପ୍ୟାରିସ୍,୧୯।୬**

ଫ୍ରାନ୍ସରେ ରବିବାର ଅନୁଷ୍ଠିତ ସଂସଦୀୟ ନିର୍ବାଚନର ଶେଷ ରାଉଣ୍ଡରେ ମତଦାତା ସେମାନଙ୍କ ଭୋଟ ଦେଇଛନ୍ତି। ରାଷ୍ଟ୍ରପତି ଇମାନୁଏଲ୍ ମାକ୍‌ରଁଙ୍କ ଦଳ ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ବହୁମତ ମିଳିଲେ ହିଁ ତାଙ୍କ ମହତ୍ତ୍ୱାକାଂକ୍ଷୀ ଘରୋଇ ଏଜେଣ୍ଡା କାମ କରିପାରିବ। ଗତ ସପ୍ତାହରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଭୋଟରେ ଜିନ୍-ଲୁକ୍ ମେଲେନ୍‌କୋନ୍‌ଙ୍କ ବାମପନ୍ଥୀ ଦଳ ନ୍ୟୁପ୍ ଆଶ୍ଚର୍ଯ୍ୟଜନକ ଭାବେ ଉନ୍ନତ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ମାକ୍‌ରଁଙ୍କ ସହଯୋଗୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଏହି ନିର୍ବାଚନରେ ମାକ୍‌ରଁଙ୍କ ଦଳକୁ ବହୁମତ ନ ମିଳିଲେ ସେ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ ନାହିଁ। କୌଣସି ନିଷ୍ପତ୍ତି ପାଇଁ ତାଙ୍କୁ ଅନ୍ୟ ଦଳର ନିର୍ବାଚିତ ପ୍ରତିନିଧିଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ।

ଫ୍ରାନ୍ସ ନ୍ୟାଶନାଲ ଆସେମ୍ବ୍ଲିର ୫୭୭ ଆସନରେ ନିର୍ବାଚନ ହେଉଛି। ମାକ୍‌ରଁଙ୍କ ମେଣ୍ଟ ମ୍ୟାଜିକ୍ ନମ୍ବର ୨୮୯ ଛୁଇଁବା ସହଜ ଜଣାପଡୁନାହିଁ। ଏପରି ସ୍ଥିତିରେ ବାମପନ୍ଥୀ, ସୋସିଆଲିଷ୍ଟସ ଏବଂ ଗ୍ରୀନ୍ ଦଳର ମେଣ୍ଟ ଗଠନ ହୋଇପାରେ। ଏହା ହେଲେ ମାକ୍‌ରଁଙ୍କ ସରକାର ପାଇଁ ଶାସନ କଷ୍ଟକର ହେବ ବୋଲି କୁହାଯାଉଛି। ବହୁମତ ନ ପାଇଲେ ମାକ୍‌ରଁ ସରକାରଙ୍କ ପଲିସି କାର୍ଯ୍ୟକାରୀ କରାଇବା କଷ୍ଟକର ହେବ। କାରଣ କୌଣସି ନୀତି ପ୍ରଣୟନ କିମ୍ବା ଆଇନ ଆଣିବା ନିମନ୍ତେ ନିମ୍ନ ସଦନର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିର୍ବାଚନ ପ୍ରଚାରବେଳେ ଟିକସ ହ୍ରାସ, ସରକାରୀ କର୍ମଚାରୀଙ୍କ ଅବସର ବୟସ ୬୨ରୁ ୬୫ ବର୍ଷକୁ ବୃଦ୍ଧି ଆଦି ପ୍ରତିଶ୍ରୁତି ପାଳନ ମଧ୍ୟ ସହଜ ହୋଇ ନ ପାରେ। ଆସନ୍ତା ୫ ବର୍ଷ ପାଇଁ ୟୁରୋପୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିବେଶ ମଧ୍ୟ ବାଧାପ୍ରାପ୍ତ ହୋଇପାରେ। ଏଥିଯୋଗୁ ୟୁରୋପୀୟ ରାଜନୀତି ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଗତ ଏପ୍ରିଲରେ ମାକ୍‌ରଁ ଦ୍ୱିତୀୟ ଥର ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣପନ୍ଥୀ ନେତ୍ରୀ ମାରିନ୍ ଲେ ପେନ୍‌ଙ୍କୁ ସେ ପରାଜିତ କରିଥିଲେ।

> ବହୁମତ ନ ମିଳିଲେ ସ୍ୱାଧୀନଭାବେ କାର୍ଯ୍ୟ କରିପାରିବେନି ରାଷ୍ଟ୍ରପତି

## ୨ ସ୍ପାଇସ୍‌ଜେଟ୍ ବିମାନର ଜରୁରୀ ଅବତରଣ




ଇଞ୍ଜିନ୍‌ରେ ନିଆଁ ଲାଗିବା ପରେ ପାଟନା ବିମାନବନ୍ଦରରେ ସ୍ପାଇସ୍‌ଜେଟର ଜରୁରୀ ଅବତରଣ । ଇନ୍‌ସେଟ୍: ନିଆଁ ଲାଗିଥିବା ଦୃଶ୍ୟ।

**ନୂଆଦିଲ୍ଲୀ,୧୯।୬**

ସ୍ପାଇସ୍ ଜେଟ୍‌ର ଦୁଇଟି ବିମାନ ରବିବାର ଉଡ଼ାଣ ବେଳେ ସମସ୍ୟାର ସମ୍ମୁଖୀନ ହେବାରୁ ଜରୁରୀ ଅବତରଣ କରିବାକୁ ପଡ଼ିଛି। ରବିବାର ଅପରାହ୍ନରେ ୧୮୫ ଯାତ୍ରୀଙ୍କୁ ନେଇ ପାଟନାରୁ ଦିଲ୍ଲୀ ଯାଉଥିବା ସ୍ପାଇସ୍ ଜେଟ୍‌ର ବୋଇଂ ୭୩୭ ବିମାନର ଇଞ୍ଜିନରେ ନିଆଁ ଲାଗିଯିବାରୁ ପାଇଲଟ ତୁରନ୍ତ ଏହାକୁ ପାଟନା ଫେରାଇ ଆଣି ସୁରକ୍ଷିତ ଲ୍ୟାଣ୍ଡିଂ କରାଇଥିଲେ। ଭିଟି-ଏସ୍‌ୱାଇଜେଡ୍ ବିମାନଟି ଏୟାରପୋର୍ଟରୁ ଉଠୁଥିବାବେଳେ ଏକ ପକ୍ଷୀ ମାଡ଼ ହେବାରୁ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। କିଛି ସମୟ ପରେ କ୍ୟାବିନ କର୍ମଚାରୀ ନିଆଁ ଦେଖିପାରି ପାଇଲଟଙ୍କୁ ଅବଗତ କରାଇଥିଲେ। ପାଇଲଟ ମୋନିକା ଖାନ୍ନା ତୁରନ୍ତ ନିଆଁ ଲାଗିଥିବା ଇଞ୍ଜିନ୍‌କୁ ସୁଇଚ୍ ଅଫ କରିଦେଇ ଜରୁରୀ ଅବତରଣ ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ତୁରନ୍ତ ସେ ପାଟନା ଫେରିଆସି ବିମାନକୁ ନିରାପଦର ସହ ଅବତରଣ କରାଇଥିଲେ। ସ୍ଥାନୀୟ ଲୋକେ ଉତ୍ତୋଳନ କରିଥିବା ଭିଡିଓରୁ ବିମାନ ବାମପାର୍ଶ୍ୱ ଇଞ୍ଜିନ୍‌ରୁ ନିଆଁ ବାହାରୁଥିବା ଦେଖାଯାଇଛି। ଉଡ଼ାଣ ବେଳେ ଝଟ୍‌କା ଅନୁଭବ କରିଥିବା କେତେଜଣ ଯାତ୍ରୀ କହିଛନ୍ତି। ସେହିପରି ଦ୍ୱିତୀୟ ସ୍ପାଇସ୍‌ଜେଟ୍ ବିମାନ ଏସ୍‌ଜି ୨୯୬୨ ଦିଲ୍ଲୀରୁ ଜବଲପୁର ଯାଉଥିବାବେଳେ ଏହାର କ୍ୟାବିନରେ ଅନିୟନ୍ତ୍ରିତ ବାୟୁଚାପ ଯୋଗୁ ଏହାକୁ ଦିଲ୍ଲୀ ଫେରିବାକୁ ପଡ଼ିଛି।

> ■ଇଞ୍ଜିନ୍‌ରେ ନିଆଁ ଯୋଗୁ ପାଟନା ଫେରିଲା ବୋଇଂ ୭୩୭
>
> ■ପ୍ରେସରାଇଜେଶନ ସ୍ନାଗ୍‌ରୁ ଦିଲ୍ଲୀ ଫେରିଲା ଏସ୍‌ଜି ୨୯୬୨

## ୧୦ ଟଙ୍କିଆ କଏନ୍ ଦେଇ କିଣିଲେ କାର୍




**ଚେନ୍ନାଇ,୧୯।୬**

ତାମିଲନାଡୁ ଅରୁର ଅଞ୍ଚଳର ଭେଟ୍ରିଭେଲ ନାମକ ଯୁବକ ୧୦ ଟଙ୍କିଆ କଏନ୍ ଦେଇ ୬ ଲକ୍ଷ ଟଙ୍କା ମୂଲ୍ୟର ଏକ କାର୍ କିଣିଛନ୍ତି। ଲୋକଙ୍କୁ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଦୋକାନୀ ୧୦ ଟଙ୍କିଆ କଏନ୍ ନେବାକୁ ଅମଙ୍ଗ ହେଉଛନ୍ତି। ଫଳରେ ୧୦ ଟଙ୍କିଆ ମୂଲ୍ୟହୀନ ହୋଇପଡ଼ିଛି ଏବଂ ଛୋଟପିଲା ଏହାକୁ ଧରି ଖେଳିବା ଆରମ୍ଭ କରିଛନ୍ତ। ଏହା ଦେଖି ଭେଟ୍ରିଭେଲ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ୧୦ ଟଙ୍କିଆ କଏନ୍ ସଂଗ୍ରହ କରି ଗୋଟିଏ କାର୍ କିଣିବେ ବୋଲି ନିଷ୍ପତ୍ତି ନେଲେ। ୬ ଲକ୍ଷର ୧୦ ଟଙ୍କିଆ କଏନ୍ ସଂଗ୍ରହ କରିବାକୁ ଭେଟ୍ରିଭେଲଙ୍କୁ ପାଖାପାଖି ୧ମାସ ଲାଗିଥିଲା। ତାଙ୍କ ମା' ଏକ ଦୋକାନ ଚଳାଉଥିବାବେଳେ ଅନ୍ୟ ଦୋକାନୀମାନେ ୧୦ ଟଙ୍କିଆ କଏନ୍ ନେବାକୁ ମନା କରୁଥିଲେ। ଫଳରେ ତାଙ୍କ ପାଖରେ ବିପୁଳ ପରିମାଣର ୧୦ ଟଙ୍କିଆ କଏନ୍ ଜମା ହୋଇ ରହିଥିଲା। ସଂଗୃହୀତ କଏନ୍ ବସ୍ତାକୁ ଧରି ଭେଟ୍ରିଭେଲ ଧରମପୁରିରେ ଏକ କାର୍ ଶୋ'ରୁମ୍‌ରେ ପହଞ୍ଚିଥିଲେ। ଶୋ'ରୁମ୍ କର୍ମଚାରୀ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ହେଁ ଭେଟ୍ରିଭେଲ୍‌ଙ୍କ କାର୍ କିଣିବା ପଛର ଉଦ୍ଦେଶ୍ୟ ଜାଣିବା ପରେ କଏନ୍ ନେଇ କାର୍ ଦେବାକୁ ରାଜି ହୋଇଥିଲେ।

## ଟନେଲ୍‌ରୁ ଅଳିଆ ଗୋଟାଇଲେ ମୋଦି

**ନୂଆଦିଲ୍ଲୀ,୧୯।୬:** ଦିଲ୍ଲୀର ପ୍ରଗତି ମଇଦାନ ଇଣ୍ଟିଗ୍ରେଟେଡ୍ ଟ୍ରାନ୍‌ଜିଟ୍ କରିଡର ପ୍ରୋଜେକ୍ଟ ଟନେଲ୍ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ପରେ ମୋଦି ନିଜେ ଟନେଲ ବୁଲି ଯାଞ୍ଚ କରିଥିଲେ। ଟନେଲରେ କିଛି ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ ଏବଂ ଅଳିଆ ପଡ଼ିଥିବା ଦେଖି ନିଜେ ମୋଦି ଅଳିଆଗୁଡ଼ିକୁ ହାତରେ ଗୋଟାଇ ସଂଗ୍ରହ କରିଥିଲେ। ଟନେଲ ପ୍ରୋଜେକ୍ଟ ଜରିଆରେ ଲୋକଙ୍କର ୫୫ ଲକ୍ଷ ଲିଟର ଇନ୍ଧନ ସଞ୍ଚୟ ହେବା ସହ ବାୟୁ ପ୍ରଦୂଷଣ ରୋକିବାରେ ଏହା ସହାୟକ ହେବ ବୋଲି ମୋଦି କହିଛନ୍ତି। ୯୨୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପ୍ରଗତି ମଇଦାନ କରିଡର ପ୍ରୋଜେକ୍ଟ ଦିଲ୍ଲୀବାସୀଙ୍କ ପାଇଁ ରବିବାରଠାରୁ ଖୋଲାଗଲା।



## ଅର୍ଥନୀତିରେ ବିପର୍ଯ୍ୟୟ ଆଣିପାରେ ଦୁର୍ବଳ ମୌସୁମୀ

**ନୂଆଦିଲ୍ଲୀ,୧୯।୬(ପି.ଟି.)**

ଦେଶରେ ପ୍ରଚଣ୍ଡ ଗ୍ରୀଷ୍ମଲହର ପରେ ମୌସୁମୀ ଆସିଥିଲେ ହେଁ ଏହା ଅତ୍ୟନ୍ତ ଧିମା ଗତିରେ ଅଗ୍ରସର ହେଉଛି। ମୌସୁମୀ ଦୁର୍ବଳ ରହିଲେ ଭାରତର କୃଷିଭିତ୍ତିକ ଅର୍ଥନୀତିରେ ବିପର୍ଯ୍ୟୟ ଆସିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ସହ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାକୁ ହେଲେ ଭଲ ମୌସୁମୀ ବର୍ଷା ଜରୁରୀ। ଦେଶର ବାର୍ଷିକ ବୃଷ୍ଟିପାତର ୭୦ ପ୍ରତିଶତ ମୌସୁମୀରୁ ମିଳିଥାଏ। ଏହା ମୋଟ କୃଷିଜମିର ୬୦ ପ୍ରତିଶତକୁ ଜଳ ଯୋଗାଇଥାଏ। ଦେଶ ଜନସଂଖ୍ୟାରୁ ୫୦ ପ୍ରତିଶତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି ଉପରେ ନିର୍ଭରଶୀଳ। ମୌସୁମୀ ଦୁର୍ବଳ ହେଲେ କୃଷି ଉତ୍ପାଦନ ହ୍ରାସ ପାଇବ ଓ ମୁଦ୍ରାସ୍ଫୀତି ବଢ଼ିବ।



ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ରବି ଫସଲ ଉତ୍ପାଦନ ଗୁରୁତର ବାଧାପ୍ରାପ୍ତ ହୋଇଛି। ଫଳରେ ସରକାର ଗହମ ରପ୍ତାନି ବନ୍ଦ କରିବା ସହ ଉତ୍ପାଦନ ପୂର୍ବାନୁମାନକୁ ୧୧.୩ ନିୟୁତ ଟନ୍‌ରୁ ୧୦୬.୪ ନିୟୁତ ଟନ୍‌କୁ ହ୍ରାସ କରିଛନ୍ତି। ତେଣୁ ମୌସୁମୀରେ ଅନିଶ୍ଚିତତା ଦେଖାଦେଲେ ଦେଶର ଖାଦ୍ୟ ସୁରକ୍ଷା ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ବିଶେଷଜ୍ଞଙ୍କ ମତ

ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଜୁନ୍ ମାସ ତୃତୀୟ ସପ୍ତାହରେ ମଧ୍ୟ ଏହା ଅଗ୍ରଗତି କରିପାରି ନାହିଁ। ତେଣୁ ଧାନ ବୁଣା ବିଳମ୍ବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଜୁନ୍ ୧୧ରେ ବୃଷ୍ଟିପାତ ୪୩ ପ୍ରତିଶତ କମ୍ ରହିଥିବାବେଳେ ଜୁନ୍ ୧୭ରେ ସେଥିରେ ଉନ୍ନତି ଘଟିଛି। ଏବେ ବର୍ଷା ପରିମାଣ ୧୮ ପ୍ରତିଶତ କମ୍ ରହିଥିବା ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଜୁନ୍ ୨୩ ପରେ ଉତ୍ତରପଶ୍ଚିମ ଭାରତରେ ବୃଷ୍ଟିପାତ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ବର୍ଷା ସବୁଆଡ଼େ ସମାନ ହୋଇ ନ ଥାଏ। କେତେକ ଅଞ୍ଚଳରେ କମ୍ ଓ କେଉଁଠି ବେଶି ବର୍ଷା ହୁଏ। ପରିମାଣ ଦୃଷ୍ଟିରୁ ଦେଖିଲେ ଏହା ସ୍ୱାଭାବିକ ରହିଥିବା ଆଇଏମ୍‌ଡି ଡିଜି କହିଛନ୍ତି। ମୌସୁମୀ ପାଇଁ ଲା-ନିନା ସ୍ଥିତି ଭଲ ରହିଛି ଓ ବର୍ଷାଋତୁ ଶେଷ ପର୍ଯ୍ୟନ୍ତ ଏହା ରହିବ। ତେବେ ଭାରତ ମହାସାଗରରେ ନକାରାତ୍ମକ ଦ୍ୱିଧ୍ରୁବୀୟ (ଆଇଓଡି) ଯୋଗୁ ମୌସୁମୀ ଅଗ୍ରଗତିରେ ବାଧା ସୃଷ୍ଟି ହେବ। ତେବେ ମୋଟାମୋଟି ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି। ସ୍କାଏମେଟ୍ ୱେଦର ଅଧ୍ୟକ୍ଷ ଜି.ପି. ଶର୍ମା କହିଛନ୍ତି, କମ୍ ବୃଷ୍ଟିପାତ ଯୋଗୁ କୃଷିକୁ ନେଇ ଚିନ୍ତା ବଢ଼ିଛି। ତେବେ ଆଗାମୀ ୩/୪ ଦିନ ମଧ୍ୟରେ ପଶ୍ଚିମବଙ୍ଗ, ଉତ୍ତର ଓଡ଼ିଶା ଓ ବାଂଲାଦେଶ ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଗାଙ୍ଗେୟ ସମତଳ ଭୂମିରେ ବୃଷ୍ଟିପାତ ବଢ଼ିବ ବୋଲି ସେ କହିଛନ୍ତି।

## ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲର ନୂତନ ଡ୍ରଗ୍

**ନୂଆଦିଲ୍ଲୀ:** ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ ଲିମିଟେଡ ଏକ ଅଭିନବ ପରିଚାଳିତ ଗ୍ଲୋବାଲ ଫାର୍ମାସ୍ୟୁଟିକାଲ କମ୍ପାନୀ ଏକ ଅତ୍ୟାଧୁନିକ ଫିକ୍ସଡ ଡୋଜ କମ୍ବିନେଶନ ଡ୍ରଗ-ଇଣ୍ଡାକାଟେରାଲ + ମୋମେଟାସୋନ ଆରମ୍ଭ କରିଛି। ଏହା ଭାରତରେ ଆଜମା ରୋଗୀଙ୍କୁ ବହୁ ସହାୟକ ହେବ। ଏ ସମ୍ପର୍କରେ କମ୍ପାନୀର ଗ୍ରୁପ ଉପାଧ୍ୟକ୍ଷ ତଥା ଭାରତ ମୁଖ୍ୟ, ଆଲୋକ ମଲିକ କହିଛନ୍ତି, ଶ୍ୱାସ ରୋଗୀଙ୍କ ପାଇଁ ଗ୍ଲେନମାର୍କର ଏହି ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ ଓ ରୋଗୀଙ୍କୁ ନୂତନ ଚିକିତ୍ସା ବିକଳ୍ପ ଯୋଗାଇବାରେ ସାହାଯ୍ୟ କରିବ। ଆମେ ଏହି ଆଧୁନିକ ଫିକ୍ସଡ ଡୋଜ ମିଶ୍ରଣ ଇଣ୍ଡେମେଟକୁ ଉପସ୍ଥାପନ କରିପାରିଥିବାରୁ ଗର୍ବିତ।

### ସଂକ୍ଷେପରେ

## 'ଗୋଲ୍ଡ ଲୋନ୍ ମେଳା'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୯।୬:** ଦେଶର ପ୍ରମୁଖ ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ ଆଇଆଇଏଫ୍ଏଲ୍ ଫାଇନାନ୍ସ ପକ୍ଷରୁ ନିକଟରେ 'ଗୋଲ୍ଡ ଲୋନ୍ ମେଳା'ର ଶୁଭାରମ୍ଭ କରାଯାଇଛି। ଏପରିକି ଗୋଲ୍ଡ ଲୋନ୍ ଉପରେ ମଧ ଆକର୍ଷଣୀୟ ଅଫର୍ ମଧ ରହିଛି। ଏହି ମେଳା ଚଳିତ ବର୍ଷ ଜୁଲାଇ ୩୦ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସେହିଭଳି ଏହି ସମୟ ମଧରେ ଜଣେ ଦମ୍ପତିଙ୍କ ପାଇଁ ଏକ ବିଳାସପୂର୍ଣ୍ଣ ଅନ୍ତର୍ଜାତୀୟ ଟ୍ରିପ୍ ମଧ ଯୋଗାଇ ଦିଆଯାଉଛି। ଏହା ବ୍ୟତୀତ ଭାରତରେ ଥିବା ଆଇଆଇଏଫ୍ଏଲ୍‌ର ୨୪୦୦ରୁ ଊର୍ଦ୍ଧ୍ୱ ଗୋଲ୍ଡ ଲୋନ୍ ଶାଖାରୁ ଏହି ୪୫ଦିନ ଅବଧି ମଧରେ ସୁନା ଋଣ ନେଉଥିବା ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ଦିଆଯିବ। ଏ ସମ୍ପର୍କରେ ଆଇଆଇଏଫ୍ଏଲ୍ ଫାଇନାନ୍ସର ଗୋଲ୍ଡ ଲୋନ୍ସ ବିଭାଗ ଆଞ୍ଚଳିକ ମୁଖ୍ୟ ନିଲୋୟ ଘୋଷ କହିଛନ୍ତି, ଆଇଆଇଏଫ୍ଏଲ୍ ଗୋଲ୍ଡ ଲୋନ୍ ଏହାର ସ୍ୱଚ୍ଛ ଡିଲିଙ୍ଗ୍ ଓ ସର୍ବୋତ୍ତମ ସୁନା ଋଣ ସୁଧହାର ମାଧମରେ ଭାରତବ୍ୟାପୀ ଲକ୍ଷ ଲକ୍ଷ ଗ୍ରାହକଙ୍କ ସହ ସଂଯୁକ୍ତ କରିବାକୁ ସକ୍ଷମ ହୋଇଛି।

## ଓପୋ ପକ୍ଷରୁ 'କେ୧୦ ୫ଜି'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୯।୬:** ଗ୍ଲୋବାଲ ସ୍ମାର୍ଟ-ଡିଭାଇସ୍ ବ୍ରାଣ୍ଡ୍ ଓପୋ ପକ୍ଷରୁ ଏହାର କେ ସିରିଜ୍‌ରେ ନୂଆ ଏଂଟ୍ରାଂଟ୍ 'କେ୧୦ ୫ଜି'ର ଶୁଭାରମ୍ଭ କରାଯାଇଛି। ଏଥିରେ ଓପୋ ଗ୍ଲୋ ସହ ଏକ ୭.୯୯ ଏମ୍ଏମ୍ ଅଲଟ୍ରା ସ୍ଲିମ୍ ଡିଜାଇନ୍ ରହିଛି। ଏହି ସ୍ମାର୍ଟଫୋନ୍‌ରେ ୮ଜିବି ରାମ୍ ସହ ୧୨୮ଜିବି ଷ୍ଟୋରେଜ୍ ରହିଥିବା ବେଳେ ଏହା ୫ଜିବି ପର୍ଯ୍ୟନ୍ତ ରାମ୍ ଏକ୍ସପାନ୍ସନକୁ ସମର୍ଥନ କରୁଛି। ଏହି ସ୍ମାର୍ଟଫୋନ୍ ଏକ ଅଲ୍ଟ୍ରା-ଲିନିୟର ଡୁଆଲ ଷ୍ଟେରିଓ ସ୍ପିକର୍ ସହ ସୁସଜ୍ଜିତ ରହିଛି। ଓପୋ କେ୧୦ ୫ଜି ମିଡିଆଟେକ୍ ଡାଇମେନ୍‌ସିଟି ୮୧୦ ୫ଜି ଚିପ୍ ସେଟ୍ ଦ୍ୱାରା ପରିଚାଳିତ ଏବଂ ଏଥିରେ ୭ଟି ୫ଜି ବ୍ୟାଣ୍ଡକୁ ସପୋର୍ଟ ପାଇଁ ଏକ କ୍ଷମତା ରହିଛି। ଏହାର ୬ ଏନ୍ଏମ୍ ପ୍ରୋସେସ୍ ଟେକ୍ନୋଲୋଜି ଏକ ସୁଗମ ଓ ଅପ୍ଟିମାଇଜ୍‌ଡ ଗେମିଙ୍ଗ୍ ଅଭିଜ୍ଞତା ସୁନିଶ୍ଚିତ କରୁଛି।


# ଯୋଗ ପ୍ରୋଟୋକଲ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୧୯।୬

ଗତ କିଛି ବର୍ଷ ମଧରେ 'ଯୋଗ' ସାରା ବିଶ୍ୱବାସୀଙ୍କର ଏକ ଦୈନନ୍ଦିନ କାର୍ଯ୍ୟସୂଚୀରେ ପରିଗଣିତ ହୋଇଯାଇଛି। ଫଳରେ ପ୍ରତିବର୍ଷ ଜୁନ୍ ୨୧ରେ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ଅନ୍ତର୍ଜାତୀୟ ଯୋଗ ଦିବସର ୮ମ ସଂସ୍କରଣର ବିଷୟବସ୍ତୁ ହେଉଛି 'ଯୋଗ ପାଇଁ ମାନବିକତା'। ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୨କୁ ସଫଳ ଏବଂ ଅର୍ଥପୂର୍ଣ୍ଣ କରିବା ଲକ୍ଷ୍ୟରେ ରବିବାର ଯୋଗ ଋଷି ସ୍ୱାମୀ ରାମଦେବ ମହାରାଜ ଗୁଜରାଟର ଭେରାନଜାଲୀ ମଇଦାନ, ନିକୋଲ, ଅହମଦାବାଦଠାରେ ଯୋଗ ପ୍ରୋଟୋକଲର ଏକ ରିହର୍ସାଲ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଉଭୟ ବିଶ୍ରାମ ଏବଂ ପରିଶ୍ରମ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ, ଏପରିକି ଅବସରପ୍ରାପ୍ତ ଅଭିହିତା, ଯୋଗ-ଆଧାରିତ କର୍ମଯୋଗ ଏବଂ ପ୍ରାର୍ଥନା-ଭିତ୍ତିକ ପୁରୁଷାର୍ଥ- ଏହା ହେଉଛି ଜୀବନର ମୂଳ ବିଷୟ।

ଏହି ଅବସରରେ ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କ ସମେତ ଅହମଦାବାଦର ଏମ୍‌ପି, ବିଧାୟକ, ମେୟର ଏବଂ ଅହମଦାବାଦ ଯୋଗ ବୋର୍ଡର ଶିଶପାଲ ଶୋଭାରାମ ରାଜପୁତ ପ୍ରମୁଖ ଯୋଗ ପ୍ରୋଟୋକଲ ରିହର୍ସାଲରେ ଯୋଗ ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ପତଞ୍ଜଳି ଯୋଗପୀଠର ତତ୍ତ୍ୱାବଧାନରେ ୨୧ ଜୁନ୍‌ରେ ପତଞ୍ଜଳି ସୁସ୍ଥତା କେନ୍ଦ୍ର, ପତଞ୍ଜଳି ଯୋଗପୀଠ-୨ରେ ଅନ୍ତର୍ଜାତୀୟ ଯୋଗ ଦିବସର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗତ ଏକ ମାସ ଧରି ପତଞ୍ଜଳି ଯୋଗପୀଠ ପରିବାର ସମ୍ପୂର୍ଣ୍ଣ ଉତ୍ସାହର ସହ ଉକ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଏହାର ସଫଳ କାର୍ଯ୍ୟକାରିତା ପାଇଁ ମୁଖ୍ୟ କେନ୍ଦ୍ରୀୟ ଦାୟିତ୍ୱରେ ଥିବା ମହିଳା ପତଞ୍ଜଳି ଯୋଗ ସମିତିର ପୂଜ୍ୟ ସାଧଭୀ ଆଚାର୍ଯ୍ୟ ଦେବପ୍ରିୟା, ସ୍ୱାମୀ ପରମାର୍ଥଦେବ ଏବଂ ଭାରତ ସ୍ୱାଭିମାନ ଓ ଭାଇ ରାକେଶଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ସୋମବାର ପତଞ୍ଜଳି ୱେଲ୍‌ନେସ୍, ପତଞ୍ଜଳି ଯୋଗପୀଠ-୨, ହରିଦ୍ୱାରରେ ଏହି ଦିବସ ପାଳନ କରାଯିବ।



ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଗୁଜରାଟର ଅହମ୍ମଦାବାଦଠାରେ ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ନେତୃତ୍ୱରେ ଯୋଗ ପୂର୍ବାଭ୍ୟାସ କାର୍ଯ୍ୟକ୍ରମରେ ଗୁଜରାଟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ଅଂଶଗ୍ରହଣ କରିଛନ୍ତି।

## ସୋନି ବ୍ରାଭିଆ ଏକ୍ସଆର ଏକ୍ସ୯୦କେ ସିରିଜ୍

ନୂଆଦିଲ୍ଲୀ,୧୯।୬




ସୋନି ଇଣ୍ଡିଆ ପକ୍ଷରୁ ଏହାର ନୂତନ ବ୍ରାଭିଆ ଏକ୍ସଆର ଏକ୍ସ୯୦କେ ସିରିଜ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସିରିଜ ସରଳ କଗ୍‌ନେଟିଭ୍ ପ୍ରୋସେସର୍ ଏକ୍ସଆର୍ ସହ ଭିଜନ୍ ଓ ସାଉଣ୍ଡର ବିଶେଷ ଧ୍ୟାନ ଦିଆଯାଇଛି। ଶ୍ରେଷ୍ଠ ଶ୍ରେଣୀରେ ଅଲ୍ଟ୍ରା ବାସ୍ତବବାଦୀ ଚିତ୍ର ଗୁଣ ସହ ଲାଇଫ୍ ଲାଇକ୍ କ୍ରାଷ୍ଟରେ ପରିପୂର୍ଣ୍ଣ ରହିଛି। ନୂତନ କଗ୍‌ନେଟିଭ୍ ପ୍ରୋସେସର୍ ଏକ୍ସଆର ସାଉଣ୍ଡରୁ ଚଳଚ୍ଚିତ୍ରରେ ବାସ୍ତବିକତା ପ୍ରଦାନ କରିଥାଏ। ପାରମ୍ପରିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କେବଳ ରଙ୍ଗ, କ୍ରାଷ୍ଟ ଏବଂ ବିବରଣୀ ପରି ଚିତ୍ର ଉପାଦନଗୁଡ଼ିକୁ ବ୍ୟକ୍ତିଗତ ଭାବେ ଚିହ୍ନଟ ଏବଂ ବିଶ୍ଳେଷଣ କରିପାରେ, ଆମ ମସ୍ତିଷ୍କ ପରି ଏହି ନୂଆ ପ୍ରୋସେସର୍ ଥରକରେ ଏକ ଆରେକୁ କ୍ରସ୍ ବିଶ୍ଳେଷଣ କରିପାରିବ। ସୋନିର ଏହି ଏକ୍ସଆର୍-୫୫ଏକ୍ସ୯୦କେ, ଏକ୍ସଆର୍-୬୫ଏକ୍ସ୯୦କେର ମୂଲ୍ୟ ୧,୨୯,୯୯୦ ଟଙ୍କା ଓ ୧,୬୯,୯୯୦ ଟଙ୍କା ରହିଛି। ବିଶେଷ କରି ଏହା ସୋନି ସେଣ୍ଟର, ମୁଖ୍ୟ ଇଲେକ୍‌ଟ୍ରୋନିକ୍ ଦୋକାନ ଓ ଇ-କମର୍ସ ପୋର୍ଟାଲ୍‌ରେ ପାଇପାରିବେ।

## କିମ୍‌ସରେ ବିଶ୍ୱ ସିକିଲ ସେଲ୍ ସଚେତନତା



ଭୁବନେଶ୍ୱର,୧୯।୬

ସିକିଲସେଲ୍ ରୋଗରୁ ଶିଶୁଙ୍କୁ ଦୂରେଇ ରଖିହେବ। ଏହାର ସମ୍ଭାବନା ୫୦% ବଂଶାନୁକ୍ରମିକ ରକ୍ତ ସମ୍ବନ୍ଧୀୟ ସମସ୍ୟା ହୋଇଥିବାରୁ ଗର୍ଭଧାରଣ ପୂର୍ବରୁ ମାତାପିତା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ବୋଲି ବିଶ୍ୱ ସିକିଲସେଲ ଦିବସ ଅବସରରେ କିମ୍‌ସ ଭୁବନେଶ୍ୱର ଶିଶୁରୋଗ ବିଶେଷଜ୍ଞ ଡା. ପଲାଶ ଦାସ ମତବ୍ୟକ୍ତ କରିଛନ୍ତି। ଏ ନେଇ ମଧ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଡା. ଦାସ କହିଛନ୍ତି। ଏହି ରୋଗର ଉପଚାର କଷ୍ଟସାଧ୍ୟ, ଯାହା ଜୀବନବ୍ୟାପୀ ଚାଲିଥାଏ ଏବଂ ଅତ୍ୟନ୍ତ ବ୍ୟୟବହୁଳ। ଏହା ଶିଶୁଟିର ଜୀବନଶୈଳୀରେ ଅସୁବିଧା ସୃଷ୍ଟି କରେ। ଏହାର ପ୍ରତିକାର ସମ୍ଭବ, ଯଦି ଦମ୍ପତି ଗର୍ଭଧାରଣ ପୂର୍ବରୁ ନିଜର ରୋଗବାହକ ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ଭବିଷ୍ୟତ ଶିଶୁର ଜେନେଟିକ୍ ସ୍ଥିତିକୁ ଜାଣି ଗର୍ଭଧାରଣକୁ ନଷ୍ଟ କରିବେ। ଗର୍ଭସ୍ଥ ଶିଶୁଠାରେ ସିକିଲସେଲ ସମସ୍ୟା ନ ଥିବା ନିଶ୍ଚିତ ହେବା ପରେ ସୁସ୍ଥ ଶିଶୁ ଜନ୍ମ ଦେବା ବିଷୟରେ ଚିନ୍ତା କରିବା ଉଚିତ ବୋଲି ଡା. ଦାସ କହିଥିଲେ।

## ଏଚ୍‌ସିଏଲ୍ ପକ୍ଷରୁ ଓଡ଼ିଶାରେ ୱାକ୍ ଇନ୍ ଡ୍ରାଇଭ

ନୂଆଦିଲ୍ଲୀ,୧୯।୬

ଦେଶର ପ୍ରମୁଖ ଆଇଟି କମ୍ପାନୀ ଏଚ୍‌ସିଏଲ୍ ଟେକ୍‌ନୋଲୋଜି ପକ୍ଷରୁ ଓଡ଼ିଶାର ୬ଟି ସହରରେ ଏହାର ଫ୍ଲାଗ୍‌ଶିପ୍ ପ୍ରାକ୍ କ୍ୟାରିୟର ପ୍ରୋଗ୍ରାମ 'ଟେକ୍-ବି' ଅନ୍ତର୍ଗତ 'ୱାକ୍ ଇନ୍ ଡ୍ରାଇଭ'ର ପରିଚାଳନା ଚଳିତ ବର୍ଷ ଜୁଲାଇ ୨୩ ପର୍ଯ୍ୟନ୍ତ କରୁଛି। ଏହି ୱାକ୍ ଇନ୍ ଡ୍ରାଇଭ୍ ମାଧ୍ୟମରେ ଦ୍ୱାଦଶ ଶ୍ରେଣୀର ଛାତ୍ରମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି, ଯଦ୍ୱାରା ସେମାନେ ଆର୍ଥିକ ସ୍ୱାଧୀନତା ହାସଲ କରିପାରିବେ। ସେହିପରି କମ୍ପାନୀ କ୍ରମାଗତ ଭାବେ ଏହାର ସମ୍ପ୍ରସାରଣ ଓ ବୃଦ୍ଧି କରୁଛି ଏବଂ ଏହା ଓଡ଼ିଶାରୁ ୧୦୦୦ରୁ ଅଧିକ ନୂତନ ପ୍ରତିଭାଙ୍କୁ ଗ୍ରହଣ କରିବାର ଲକ୍ଷ୍ୟ ରଖିଛି। ଟେକ୍-ବି ହେଉଛି ଏଚ୍‌ସିଏଲ୍ ଟେକ୍‌ନୋଲୋଜିର ପ୍ରାକ୍ କ୍ୟାରିୟର ପ୍ରୋଗ୍ରାମ। ଏହା ହେଉଛି ଏକ କାର୍ଯ୍ୟ ସମନ୍ୱିତ ଉଚ୍ଚ ଶିକ୍ଷା କାର୍ଯ୍ୟକ୍ରମ, ଯାହାକି ସରକାରଙ୍କର 'ସ୍କିଲ୍ ଇଣ୍ଡିଆ' ମିଶନ୍ ଅନ୍ତର୍ଗତ କାର୍ଯ୍ୟ କରିଥାଏ। ଏଚ୍‌ସିଏଲ୍‌ର ନୂତନ ବ୍ୟକ୍ତି କୌଶଳ ଅନୁସାରେ, ଏହି ପ୍ରୋଗ୍ରାମ ମାଧ୍ୟମରେ ଆଇଟି ଇଞ୍ଜିନିୟରିଂ ନିଯୁକ୍ତି ପ୍ରଦାନ କରାଯାଉଛି ଓ ବଛା ବଛା ୧୦+୨ ଛାତ୍ରମାନଙ୍କୁ ଭବିଷ୍ୟତ ଉପଯୋଗୀ ଦକ୍ଷତା ପ୍ରଦାନ କରାଯାଉଛି। ଏଚ୍‌ସିଏଲ୍ ଟେକ୍-ବି ପ୍ରୋଗ୍ରାମ ଛାତ୍ରମାନଙ୍କୁ ଟେକ୍‌ନିକାଲ୍ ଓ ପେସାଗତ ଭାବରେ ଏଚ୍‌ସିଏଲ୍‌ରେ ଏଣ୍ଟ୍ରି ଲେଭଲ ଆଇଟି ଜବ୍ ପାଇଁ ପ୍ରସ୍ତୁତ କରୁଛି। ଏଥିରେ ଛାତ୍ରମାନଙ୍କୁ ୧୨ମାସର ତାଲିମ ପ୍ରଦାନ କରାଯାଉଛି। ଛାତ୍ରମାନେ ମଧ ଏଚ୍‌ସିଏଲ୍ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ପାଇପାରିବେ। ଏ ସମ୍ପର୍କରେ ଏଚ୍‌ସିଏଲ୍ ଟେକ୍‌ନୋଲୋଜିର ଉପସଭାପତି ବି.ସୁବାରମଣ କହିଛନ୍ତି, ସର୍ବୋତ୍ତମ ପ୍ରତିଭାକୁ ଆହରଣ କରିବା ପାଇଁ ୨୦୧୭ରେ ଟେକ୍-ବି ଆରମ୍ଭ କରାଯାଇଥିଲା, ଯଦ୍ୱାରା ସେମାନେ ସେମାନଙ୍କର କ୍ୟାରିୟର ଆରମ୍ଭରେ ଆର୍ଥିକ ସ୍ୱାଧୀନତା ଲାଭ କରିପାରିବେ। ଏ ପର୍ଯ୍ୟନ୍ତ ୭୦୦୦ ଛାତ୍ର ଟେକ୍-ବି କାର୍ଯ୍ୟକ୍ରମ ଜରିଆରେ ମନୋନୀତ ହେବା ସହ ବିଭିନ୍ନ କ୍ୟାରିୟର ଯାତ୍ରାରେ ସାମିଲ୍ ହୋଇଛନ୍ତି।

## ସାମ୍‌ସଙ୍ଗର 'ସଲ୍‌ଭ ଫର୍ ଟୁମୋରୋ'

ନୂଆଦିଲ୍ଲୀ,୧୯।୬

ସାମ୍‌ସଙ୍ଗ ପକ୍ଷରୁ 'ସଲ୍‌ଭ ଫର୍ ଟୁମୋରୋ'ର ଉଦ୍‌ଘାଟନୀ ସଂସ୍କରଣକୁ ଶୁଭାରମ୍ଭ କରାଯାଇଛି । ଏହା ହେଉଛି ଏକ ନାଗରିକତ୍ୱ ପଦକ୍ଷେପ, ଯାହାକି ସାରା ବିଶ୍ୱରେ ରହିଥିବା ଜେନ ଜେଡଙ୍କୁ ପ୍ରୋତ୍ସାହିତ କରିଥାଏ । ସାମ୍‌ସଙ୍ଗ ବିଭିନ୍ନ ସହର, ଗ୍ରାମ ଓ ଟାଉନରେ ଥିବା ୧୬ରୁ ୨୨ ବର୍ଷର ଯୁବକମାନଙ୍କୁ ସେମାନଙ୍କର ନୂତନ ଚିନ୍ତାଧାରା ସହାୟତାରେ ବାସ୍ତବ ଦୁନିଆର ସମସ୍ୟା ସମାଧାନ କରିବା ପାଇଁ ୧ମ ବର୍ଷ ନିମନ୍ତେ ସହାୟତା ପ୍ରଦାନ କରିଥାଏ ବୋଲି କନ୍ କେଙ୍ଗ, ପ୍ରେସିଡେଣ୍ଟ ଓ ସିଇଓ, ସାମ୍‌ସଙ୍ଗ ସାଉଥ ଇଷ୍ଟ ଏସିଆ କହିଛନ୍ତି।

### ଫୁର୍‌ସତ୍

# ରେକର୍ଡ କଲା ବିକ୍ରମ




ହାଇଦ୍ରାବାଦ

ବହୁଚର୍ଚ୍ଚିତ ଫିଲ୍ମ ବାହୁବଳୀ-୨ର ରେକର୍ଡ ଭାଙ୍ଗିଛି କମଲହାସନଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ବିକ୍ରମ'। ଫିଲ୍ମଟି ତାମିଲନାଡୁରେ ବର୍ତ୍ତମାନ ସୁଦ୍ଧା ୧୫୦ କୋଟିର ବ୍ୟବସାୟ କରି ରେକର୍ଡ ସୃଷ୍ଟି କରିଛି। ଆକ୍ସନ ଥ୍ରିଲର ଫିଲ୍ମ ବିକ୍ରମ ଜୁନ ୩ରେ ରିଲିଜ୍ ହୋଇଥିଲା। ଫିଲ୍ମକୁ ଦର୍ଶକଙ୍କ ଖୁବ୍ ଭଲପାଇବା ମିଳିବା ପରେ ଏ ନେଇ ଫିଲ୍ମ ଟିମ୍ ପକ୍ଷରୁ ଏକ ସକ୍‌ସେସ୍ ପାର୍ଟିର ଆୟୋଜନ କରାଯାଇଛି। ଏଥିରେ କମଲ ହାସନ, ବିଜୟ ସେତୁପତି ପ୍ରମୁଖ କଳାକାର ଯୋଗ ଦେଇଥିଲେ। ୱାର୍ଲ୍ଡ ୱାଇଡ୍ ଫିଲ୍ମଟି ୩୦୦ କୋଟି ଟଙ୍କା ଆୟ କରିଛି।

ଲୋକେଶ କାନାଗରାଜ ଫିଲ୍ମର କାହାଣୀ ଲେଖିବା ସାଙ୍ଗକୁ ନିର୍ଦ୍ଦେଶନା ମଧ ଦେଇଛନ୍ତି। ସେହିପରି ଅନିରୁଦ୍ଧ ରବିଚନ୍ଦର ସଙ୍ଗୀତ ସଂରଚନା କରିଥିବାବେଳେ ବିଜୟ ସେତୁପତି ଏବଂ ଫହଦ ଫାସିଲ ଫିଲ୍ମରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ସାଉଥ୍ ସୁପରଷ୍ଟାର ସୂର୍ଯ୍ୟା ଫିଲ୍ମରେ କମିଓ ଚରିତ୍ରରେ ଆସିଥିଲେ ହେଁ ତାଙ୍କ ୫ ମିନିଟର ଉପସ୍ଥାପନା ଫିଲ୍ମକୁ ଅଧିକ ରୋମାଞ୍ଚକର କରିଛି। କାଳିଦାଶ ଜୟରାମ, ଗାୟତ୍ରୀ, ନାରାଇନ୍, ସାନ୍ତନା ଭାରତୀ ଆଦି କଳାକାର ଫିଲ୍ମରେ ଅଭିନୟ କରିଛନ୍ତି।

## ପାଦରେ ନାଇକ ଜୋତାର ଟାଟୁ



**ବ**ର୍ତ୍ତମାନ ସମୟରେ ଶରୀରରେ ଟାଟୁ ଆଙ୍କିବା ଟ୍ରେଣ୍ଡ ପାଲଟିଛି। କେତେଜଣଲୋକ ନିଜ ନାମକୁ ଟାଟୁ ଜରିଆରେ ଛାପୁ ଥିବାବେଳେ ଆଉ କେତେ ତାଙ୍କ ପ୍ରିୟଜନଙ୍କ ଛବି ଅବା ନାଁର ଟାଟୁରେ ଆଙ୍କନ୍ତି। ଜଣେ ବ୍ୟକ୍ତି ପାଦରେ ନିଜ ଫେଭରାଇଟ୍ ନାଇକ୍ ଜୋତାର ଟାଟୁ ଆଙ୍କି ଏବେ ଚର୍ଚ୍ଚାକୁ ଆସିଛନ୍ତି। ପ୍ରତିମାସରେ ସେ ଜୋତା କିଣିବାରେ ଅଧିକ ଖର୍ଚ୍ଚାନ୍ତ ହେଉଥିବା କାରଣରୁ ପାଦରେ ଏହି ଜୋତା ଆଙ୍କିଥିବା କହିଛନ୍ତି। ତେବେ ଏହି ଟାଟୁକୁ ଆଙ୍କିଛନ୍ତି ଡିନ୍ ଗୁନଥର। ଯେ ସିକ୍ସ୍ ପ୍ୟାକ୍ ଟାଟୁ କରି ଚର୍ଚ୍ଚାକୁ ଆସିଥିଲେ।

## 'ଅଫ୍‌ବାହ୍'ରେ ଭୂମି

**ମୁମ୍ବାଇ:** ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ସୁଧୀର ମିଶ୍ରାଙ୍କ ଫିଲ୍ମ 'ଅଫ୍‌ବାହ୍'ରେ ନଜରକୁ ଆସିବେ ବଲିଉଡ୍ ନାୟିକା ଭୂମି ପେଦନେକର। ଫିଲ୍ମର ଶୁଟିଂ ଯୋଧପୁରରେ ଆରମ୍ଭ ହୋଇସାରିଛି। ଏହି ଚଳଚ୍ଚିତ୍ରରେ ଭୂମିଙ୍କ ସହ ସ୍କ୍ରିନ୍ ଶେୟାର କରିବେ ନୱାଜୁଦ୍ଦିନ ସିଦ୍ଦିକି। ଫିଲ୍ମଟି ଚଳିତ ବର୍ଷ ଅକ୍ଟୋବର ୧୦ ତାରିଖରେ ମୁକ୍ତିଲାଭ କରିବ। ହାର୍ଟଲ୍ୟାଣ୍ଡ ନୋବେଲରୁ ଫିଲ୍ମର କାହାଣୀ ତିଆରି କରାଯାଇଥିବାବେଳେ ଏହାକୁ ନେଇ ନିର୍ଦ୍ଦେଶକ ସୁଧୀର ମିଶ୍ରା ଉତ୍ସାହିତ ଥିବା ଜଣାପଡ଼ିଛି। ଶେଷଥର ପାଇଁ ଫିଲ୍ମ 'ବଧାଇ ଦୋ'ରେ ଭୂମି ନଜରକୁ ଆସିଥିଲେ। ଏହି ଫିଲ୍ମରେ ତାଙ୍କ ସହ ରାଜକୁମାର ରାଓ ସ୍କ୍ରିନ୍ ଶେୟାର କରିଥିଲେ। ଆୟୁଷ୍ମାନ୍ ଖୁରାନାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଦମ୍ ଲଗାକେ ହୈସା'ରୁ ଭୂମି ନିଜର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ।



## ଗୋଟିଏ ଘଣ୍ଟାରେ ୩,୧୮୨ ପୁଶ୍‌ଅପ୍

**କାନବେରା:** ମାତ୍ର ଗୋଟିଏ ଘଣ୍ଟାରେ ୩,୧୮୨ ପୁଶ୍‌ଅପ୍ ମାରି ଅଷ୍ଟ୍ରେଲିଆର ଆଥ୍‌ଲେଟ ଡାନିଏଲ ସ୍କାଲି ଗିନିଜ୍ ୱାର୍ଲ୍ଡ ରେକର୍ଡ ହାସଲ କରିଛନ୍ତି। ଏପ୍ରିଲରେ ଡାନିଏଲ ରେକର୍ଡର ଅଧିକାରୀ ହୋଇଥିବାବେଳେ ତାଙ୍କ ପୂର୍ବରୁ ଅର୍ଥାତ୍ ୨୦୨୧ରେ ଅଷ୍ଟ୍ରେଲିଆର ଜାରାଡ୍ ୟଙ୍ଗ ୩,୦୫୪ ପୁଶ୍‌ଅପ୍ ମାରି ଆଗରେ ଥିଲେ। ଡାନିଏଲ କମ୍ପ୍ଲେକ୍ସ ରେଜିଓନାଲ ପେନ୍ ସିଣ୍ଡ୍ରୋମ୍ (ସିଆର୍‌ପିସି) ରୋଗରେ ଆକ୍ରାନ୍ତ। ତାଙ୍କୁ ଯେତେବେଳେ ୧୨ ବର୍ଷ ହୋଇଥିଲା, ସେତେବେଳେ ତାଙ୍କ ହାତ ଭାଙ୍ଗିଯାଇଥିଲା। ଏହାପରଠାରୁ ତାଙ୍କୁ ଏହି ରୋଗ ଗ୍ରାସ କରିଛି। ପୁଶ୍‌ଅପ୍ ବ୍ୟତୀତ ଆବ୍‌ଡୋମିନାଲ ପ୍ଲାଙ୍କ୍ ପୋଜିସନ୍ ପାଇଁ ରେକର୍ଡର ଅଧିକାରୀ ହୋଇଥିଲେ ଡାନିଏଲ। ୯ ଘଣ୍ଟା ୩୦ ମିନିଟ ୧ ସେକେଣ୍ଡ ଧରି ଡାନିଏଲ ପ୍ଲାଙ୍କ ପୋଜିସନ୍‌ରେ ରହିଥିଲେ। ସିଆର୍‌ପିସି ଯୋଗୁ ହାତ ପାଣି, ପବନ ସଂସ୍ପର୍ଶରେ ଆସିବା ଦ୍ୱାରା କାମ କରିବା ବନ୍ଦ କରୁଥିବା ସେ କହିଛନ୍ତି।



## ଡିନର୍ ପାଇଁ ସ୍ତ୍ରୀଙ୍କୁ ହତ୍ୟା

ନୂଆଦିଲ୍ଲୀ

ରାତ୍ରିଭୋଜନ ବାଢ଼ି ନ ଦେବାରୁ ଦଲ୍ଲୀର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ରାଜଧାନୀ ଦିଲ୍ଲୀର ସୁଲତାନପୁରରେ ଏ ପ୍ରକାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୁରୁବାର ରାତିରେ ଦମ୍ପତି ଏକାଠି ବସି ମଦ ପିଇଥିଲେ। ସ୍ୱାମୀ ବିନୋଦ ଦୁବେ ଯେତେବେଳେ ସ୍ତ୍ରୀଙ୍କୁ ଖାଇବା ଲାଗି ବାଢ଼ିବା ପାଇଁ କହିଥିଲେ, ସେତେବେଳେ ନିଶାସକ୍ତ ଅବସ୍ଥାରେ ଥିବା ସ୍ତ୍ରୀ ସୋନାଲି ମନା କରିଥିଲେ। ଏହାପରେ ଦୁହିଁଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହେଲା। ଦମ୍ପତି ରାତିରେ ନିଜ ଶୋଇବା କୋଠରିରେ ଶୋଇଥିବାବେଳେ ବିନୋଦ ସୋନାଲିଙ୍କ ମୁହଁରେ ତକିଆ ଦେଇ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ମଦ ନିଶାରେ ବିନୋଦ ଏପରି କରିଥିବାବେଳେ ସକାଳୁ ଉଠି ସେ ଜାଣିବାକୁ ପାଇଲେ ଯେ, ସୋନାଲିଙ୍କ ମୃତ୍ୟୁ ହୋଇଯାଇଛି। ବିନୋଦ ସହର ଛାଡ଼ି ପଳାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତେବେ ବିନୋଦ ଓ ସୋନାଲି ରାତିରେ ଏକାଠି ମଦ ପିଇବା ପରେ ଡିନର୍‌କୁ ନେଇ ଦୁଇଜଣଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ସୋନାଲି ବିନୋଦଙ୍କୁ ଚାପୁଡା ମାରିବା କାରଣରୁ ବିନୋଦ ରାଗିଯାଇ ତାଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ କହିଛନ୍ତି। ଆଇପିସି ଧାରା ୨୫୬,୨୦୨ ଓ ୩୦୨ ଅନ୍ତର୍ଗତ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଡେପୁଟି କମିଶନର ପୱନ କୁମାର କହିଛନ୍ତି।



## କାର୍‌ରେ ୪୭ ବିଲେଇ

**ୱାଶିଂଟନ:** ଏକ କାର୍ ଭିତରେ ୪୭ ବିଲେଇ ରହୁଥିବାର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ଭାଇରାଲ ହେଉଥିବା ଫଟୋ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି। ଆମେରିକାର ମିନ୍ନେସୋଟାର ରାଜରାସ୍ତାରେ ପାର୍କ ହୋଇଥିବା କାରରେ ୪୭ ବିଲେଇ ରହୁଛନ୍ତି। ଆମେରିକାର ଜଣେ ବ୍ୟକ୍ତି ବାସହରା ହେବାପରେ ମଧ ତାଙ୍କ ପାଳିତ ବିରାଡ଼ିଙ୍କୁ ନିଜ ପାଖରୁ ଦୂର କରିପାରି ନ ଥିଲେ। ଫଳରେ ବ୍ୟକ୍ତି ଜଣଙ୍କ ବିଲେଇମାନଙ୍କୁ ନିଜ ସହ କାର୍‌ରେ ରଖିଥିଲେ। ତେବେ ଏ ପ୍ରକାର ବିପର୍ଯ୍ୟସ୍ତ ଦୃଶ୍ୟ ଦେଖି ଆମେରିକାର ଆନିମଲ୍ ହ୍ୟୁମାନ ସୋସାଇଟି (ଏଏଚ୍ଏସ୍) ବିରାଡ଼ିମାନଙ୍କୁ ଉଦ୍ଧାର କରିଛି। ପ୍ରାରମ୍ଭିକ ସମୟରେ ବ୍ୟକ୍ତି ଜଣଙ୍କ ଏଏଚ୍ଏସ୍‌ର ସହାୟତା ଲୋଡ଼ିବା ପାଇଁ ମନା କରିଥିଲେ ହେଁ ପରବର୍ତ୍ତୀ ସମୟରେ ରାଜି ହୋଇଯାଇଥିଲେ। ଭୀଷଣ ଖରା, ଗରମରେ କାର୍ ଭିତରେ ରହିବା କଷ୍ଟକର। ବିରାଡ଼ିମାନେ ସୁସ୍ଥ ଥିବାବେଳେ ସେମାନଙ୍କୁ ଆବଶ୍ୟକୀୟ ଟିକା ଓ ଔଷଧ ଦିଆଯାଇଛି।



# ସିରିଜ ୨-୨ରେ ଶେଷ

## ବର୍ଷା ଯୋଗୁ ମ୍ୟାଚ ବାତିଲ

ବେଙ୍ଗାଲୁରୁ, ୧୯।୬

ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୨ରେ ଶେଷ ହୋଇଛି। ପୂର୍ବରୁ ୪ଟି ମ୍ୟାଚ ଅନୁଷ୍ଠିତ ହୋଇ ସାରିଥିବାବେଳେ ଉଭୟ ଦଳ ୨ଟି ଲେଖାଏ ବିଜୟ ହାସଲ କରି ସମାନ ସ୍ଥିତିରେ ଥିଲେ। ରବିବାର ବର୍ଷା ଯୋଗୁ ବିଳମ୍ବରେ ଖେଳ ଆରମ୍ଭ ହୋଇଥିଲା। ଫଳରେ ମ୍ୟାଚକୁ ୧୯ ଓଭର ବିଶିଷ୍ଟ କରାଯାଇଥିଲା। ମାତ୍ର ୩.୩ ଓଭର ଖେଳ ହୋଇଥିବାବେଳେ ପୁଣି ବର୍ଷା ହୋଇଥିଲା। ସେତେବେଳକୁ ଭାରତ ୨ ଉଇକେଟ ହରାଇ ୨୮ ରନ କରିଥିଲା। ଦୁଇ ଯୁବ ଓପନର ଋତୁରାଜ ଗାଏକ୍ୱାଡ ୧୦ ଓ ଇଶାନ କିଷନ ୧୫ ରନକରି ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଲୁନ୍‌ଗି ଏନ୍‌ଗିଡ ୨ଟି ଯାକ ଉଇକେଟ ନେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ବର୍ଷା ନ ଛାଡ଼ିବାରୁ ମ୍ୟାଚକୁ ବାତିଲ କରାଯାଇଥିଲା। ଦକ୍ଷିଣ ଆଫ୍ରିକା ଦଳରେ ୩ ପରିବର୍ତ୍ତନ କରାଯାଇଥିଲା। ଟେମ୍ବା ବଭୁମା ଆହତ ଥିବାରୁ ଏହି ମ୍ୟାଚରେ କେଶବ ମହାରାଜ ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେଇଥିଲେ। ଏହା ବ୍ୟତୀତ ଟାବ୍ରାଇଜ୍ ସାମ୍‌ସି ଓ ମାର୍କୋ ଜାନସେନ୍‌ଙ୍କ ସ୍ଥାନରେ ଟ୍ରିଷ୍ଟାନ ଷ୍ଟବ୍ସ, ରିଜା ହେଣ୍ଡ୍ରିକ୍ସ ଓ କାଗିଶୋ ରାବାଡ଼ାଙ୍କୁ ସାମିଲ କରାଯାଇଥିଲା।



ଟ୍ରଫି ସହ କେଶବ ମହାରାଜ ଓ ରିଷଭ ପନ୍ତ।

## ଅନହତଙ୍କୁ ଏସିଆନ୍ ଜୁନିୟର ସ୍କ୍ୱାଶ୍ ଟାଇଟଲ

ନୂଆଦିଲ୍ଲୀ, ୧୯।୬(ପି.ଟି.)

ଉଦୀୟମାନ ଭାରତୀୟ ଖେଳାଳି ଅନହତ ସିଂ ଏସିଆନ୍ ଜୁନିୟର ସ୍କ୍ୱାଶ୍ ଚାମ୍ପିୟନଶିପ୍‌ର ୧୫ ବର୍ଷରୁ କମ୍ ବର୍ଗରେ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷୀୟା ଅନହତ ଫାଇନାଲରେ ହଂକଂର କ୍ୱୋଙ୍ଗ ଏନାଙ୍କୁ ୩-୦ରେ ହରାଇ ଶୀର୍ଷ ସଫଳତା ପାଇଛନ୍ତି। ଥାଇଲାଣ୍ଡର ପଟ୍ଟାୟାଠାରେ ଚାଲିଥିବା ପ୍ରତିଯୋଗିତାରେ ବିନା କୌଣସି ଗେମ୍ ହରାଇ ସେ ଫାଇନାଲରେ ପ୍ରବେଶ କରିଥିଲେ। ସେ ସେମିଫାଇନାଲରେ ଟପ୍ ସିଡ୍ ମାଲେସିଆର ହ୍ୱିଟନେ ଇଜାବେଲ ୱିଲସନ୍‌ଙ୍କୁ ୩-୦ରେ ପରାସ୍ତ କରିଥିଲେ। ଏପର୍ଯ୍ୟନ୍ତ ଅନହତ ଜାତୀୟ ସର୍କିଟ୍‌ରେ ୪୬ ଟାଇଟଲ ହାସଲ କରିଛନ୍ତି। ଏଥିରେ ଦୁଇ ଜାତୀୟ ଚାମ୍ପିୟନଶିପ୍ ଓ ୮ ଇଣ୍ଟରନ୍ୟାଶନାଲ ଟାଇଟଲ ରହିଛି।

## ମୋନାଲିଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୯।୬(କ୍ରୀଡ଼ା ପ୍ରତିନିଧି)

ହିମାଚଳ ପ୍ରଦେଶର ନାଗ୍ରୋଟା ବାଗ୍‌ୱାନ୍‌ଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ର୍‍ୟାଙ୍କିଙ୍ଗ୍ ଭାରୋତ୍ତୋଳନ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାର ମୋନାଲି ସାହୁ ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ମହିଳା ୭୧ କେଜି ଜୁନିୟର ବର୍ଗରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ମୋନାଲି ମହିଳା ବର୍ଗରେ ୪ର୍ଥ ସ୍ଥାନରେ ରହିବାରୁ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେ ଉତ୍କଳ କରାଟେ ଏକାଡେମୀରେ ପ୍ରଶିକ୍ଷଣପ୍ରାପ୍ତ।


ମୋନାଲି ସାହୁ

# ତୃତୀୟ ଦିବସରେ ଓଡ଼ିଶାକୁ ୭ ପଦକ



ଅଫିସିଆଲଙ୍କ ସହ ପଦକ ବିଜୟୀ ପ୍ରତିଯୋଗୀ।

ଭୁବନେଶ୍ୱର, ୧୯।୬ (କ୍ରୀଡ଼ା ପ୍ରତିନିଧି)

### ଜାତୀୟ କରାଟେ ଚାମ୍ପିୟନଶିପ୍

ପୁଣେଠାରେ ଅନୁଷ୍ଠିତ ଜାତୀୟ କରାଟେ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ରବିବାର ଓଡ଼ିଶାକୁ ମୋଟ ୭ଟି ପଦକ ମିଳିଛି। ବିଶ୍ୱ କରାଟେ ସଂଘ ଓ ଏସୀୟ କରାଟେ ସଂଘ ସହ ଅନୁବନ୍ଧିତ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାର ପୁରୁଷ ବିଭାଗ ଟିମ୍ କାଟାରେ ଓଡ଼ିଶା ବ୍ରୋଞ୍ଜ ପଦକ ଜିତିଛି। ସିନିୟର ପୁରୁଷ ୮୪ ବର୍ଗର ଫାଇଟ୍‌ରେ ରିତେଶ ରାୟ ରୌପ୍ୟ, ମହିଳା ୫୦ କେଜି ଫାଇଟରେ ବ୍ରତତୀ ପତି ରୌପ୍ୟ, ସିନିୟର ପୁରୁଷ ୬୦ କେଜି ଫାଇଟ୍‌ରେ କୃଷ୍ଣ ମହାରଣା ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ସିନିୟର ମହିଳା ୪୫ କେଜି ଫାଇଟ୍‌ରେ ସିନ୍ଧୁ ତନୟା ଖୁଣ୍ଟିଆ ବ୍ରୋଞ୍ଜ, ମହିଳା ୫୫ କେଜି ଫାଇଟ୍‌ରେ ଅନୁପମା ସ୍ୱାଇଁ ବ୍ରୋଞ୍ଜ ଏବଂ ମହିଳା ୬୮ କେଜି ଫାଇଟ୍‌ରେ ସାଲୋନି ଲେଙ୍କା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ଓଡ଼ିଶା ଏଫ୍‌ସିକୁ ଫେରିଲେ କାର୍ଲୋସ

ଭୁବନେଶ୍ୱର, ୧୯।୬

ସ୍ପାନିଶ୍ ସେଣ୍ଟର ବ୍ୟାକ୍ କାର୍ଲୋସ ଡେଲଗାଡୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ ଓଡ଼ିଶା ଏଫ୍‌ସିକୁ ୨ ବର୍ଷର ବ୍ୟବଧାନ ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ନେଇ କ୍ଲବ ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଡେଲଗାଡୋ ଓଡ଼ିଶା ଏଫ୍‌ସି ପାଇଁ ୨୦୧୯-୨୦ ସିଜନରେ ଖେଳିଥିଲେ। ପଦାର୍ପଣ ସିଜନରେ ସେ ୧୬ଟି ମ୍ୟାଚ୍‌ରେ ୧୩୮୯ ମିନିଟ୍ ଫିଲ୍ଡରେ ବିତାଇଥିଲେ। ମାଲାଗା ସିଏଫ୍ ୟୁଥ୍ ଏକାଡେମୀରୁ ବାହାରିବା ପରେ ଏହି ସ୍ପାନିଶ୍ ଖେଳାଳି କ୍ଲବର ବି' ଦଳ ପକ୍ଷରୁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

## ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ

ମଣ୍ଟ୍ରିଲ, ୧୯।୬(ଏପି)

### କାନାଡ଼ିଆନ ଗ୍ରାଁ ପ୍ରି

କାନାଡ଼ିଆନ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ମୋଟର ରେସିଂରେ ପୋଲ୍ ପୋଜିଶନ ହାସଲ କରିଛନ୍ତି ମାକ୍ସ ଭର୍ଷ୍ଟାପେନ। ବର୍ଷାଭିଜା ଟ୍ରାକ୍‌ରେ ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ଏହି ରେଡ୍‌ବୁଲ୍ ଡ୍ରାଇଭର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ଆଲ୍‌ପାଇନ୍ ଡ୍ରାଇଭ୍ କରୁଥିବା ଫର୍ନାଣ୍ଡୋ ଆଲୋଁସୋ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭର୍ଷ୍ଟାପେନ୍ ହେଉଛନ୍ତି ଡିଫେଣ୍ଡିଂ ଫର୍ମୁଲା ୱାନ ଚାମ୍ପିୟନ ଏବଂ ଚଳିତ ସିଜନରେ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ଡ୍ରାଇଭର। କାନାଡ଼ିଆନ ଗ୍ରାଁ ପ୍ରିରେ ଏହା ତାଙ୍କର ପ୍ରଥମ ପୋଲ ପୋଜିଶନ ହାସଲ। ଫେରାରୀର କାର୍ଲୋସ ସିଞ୍ଜ୍ ଜୁନିୟର, ମର୍ସିଡିଜ୍‌ର ଲୁଇସ ହାମିଲଟନ, ହାସ୍‌ର କେଭିନ ମ୍ୟାଗ୍ନୁସେନ, ମାଇକ୍ ସୁମାକର, ଆଲ୍‌ପାଇନ୍‌ର ଏଟେବନ ଓକନ, ମର୍ସିଡିଜ୍‌ର ଜର୍ଜ ରସେଲ, ମ୍ୟାକ୍‌ଲରେନର ଡାନିଏଲ ରିକାର୍ଡୋ ଏବଂ ଆଲ୍‌ଫା ରୋମିଓର ଗୁଆନ୍ୟୁ ଜୋଉ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଦୁର୍ଘଟଣାର ସମ୍ମୁଖୀନ ହୋଇଥିବାରୁ ରେଡ୍‌ବୁଲ୍‌ର ଅନ୍ୟତମ ଡ୍ରାଇଭର ସର୍ଗିଓ ପେରେଜ ୧୩ତମ ସ୍ଥାନରେ ରହିଛନ୍ତି। ଚଳିତ ସିଜନରେ ସେ ପ୍ରଥମଥର ପାଇଁ ୫ମରୁ ତଳ ସ୍ଥାନରେ ରହି ରେସ୍ କରିବେ।

## ଅଲିମ୍ପିକ୍ ଚାମ୍ପିୟନ ହୋଲମେସ ସମଲିଙ୍ଗୀ

ଲଣ୍ଡନ, ୧୯।୬(ପି.ଟି.)

ବ୍ରିଟିଶ୍‌ର ଜଣାଶୁଣା ଅଲିମ୍ପିକ୍ ଚାମ୍ପିୟନ ଡେମ୍ କେଲି ହୋଲମେସ ଦୀର୍ଘଦିନ ଧରି ନିଜ ଲିଙ୍ଗ ସମ୍ପର୍କରେ ଲୁଚାଇବା ପରେ ରବିବାର ନିଜକୁ ସମଲିଙ୍ଗୀ ବୋଲି ଘୋଷଣା କରିଛନ୍ତି। ୫୨ ବର୍ଷୀୟ ଦୁଇଥର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ପ୍ରକାଶ କରିଛନ୍ତି ଯେ, ମହିଳା ରୟାଲ ଆର୍ମିରୁ କୋର୍ଟ ମାର୍ଶଲ ହେବା ଭୟରେ ସେ ତାଙ୍କ ସମସ୍ତ ସମଲିଙ୍ଗୀ ସମ୍ପର୍କକୁ ଲୁଚାଇ ରଖିଥିଲେ। ଏଥିଯୋଗୁ ତାଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ୨୦୦୦ ମସିହା ପର୍ଯ୍ୟନ୍ତ ସମଲିଙ୍ଗୀ, ଲେସ୍‌ବିଆନ ଓ ବାଇସେକ୍ସୁଆଲଙ୍କ ପାଇଁ ବ୍ରିଟିଶ ସେନା, ରୟାଲ ନାଭି ଓ ରୟାଲ ଏୟାରଫୋର୍ସ(ଆରଏଏଫ୍)ର ସେବା କରିବା ବେଆଇନ ଥିଲା। କିନ୍ତୁ ଏହି ନିୟମକୁ ଏବେ ବଦଳାଇ ଦିଆଯାଇଛି।

"ମୋତେ ଏହା ଏବେ ମୋ ପାଇଁ କରିବାର ଅଛି। ଏହା ମୋ ନିଷ୍ପତ୍ତି। ଏହାକୁ ପ୍ରକାଶ ସମ୍ପର୍କରେ ଚିନ୍ତା କରି ମୁଁ ନର୍ଭସ ଥିଲି। ଏହା ଯେତେବେଳେ ପଦାକୁ ଆସିଲା, ମୁଁ ସେହି ମୁହୂର୍ତ୍ତରେ ଭୟରୁ ମୁକ୍ତି ପାଇଥିଲି। ମୁଁ ଅନୁଭବ କରିଥିଲି ଯେ, ଗୋଟିଏ ନିଷ୍ପତ୍ତି ୨୮ ବର୍ଷର ଯନ୍ତ୍ରଣାରୁ ମୁକ୍ତି ଦେଇପାରେ" ବୋଲି 'ସନ୍‌ଡେ ମିରର' ଖବରକାଗଜକୁ ହୋଲମେସ କହିଛନ୍ତି। ତେବେ ୧୭ ବର୍ଷ ବୟସରେ ଜଣେ ସାଥୀ ମହିଳା ସୈନିକଙ୍କୁ କିସ୍ କରିବା ପରେ ସେ ସମଲିଙ୍ଗୀ ବୋଲି ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ୧୯୯୭ରୁ ପରିବାରବର୍ଗ ଓ ନିକଟତମ ବନ୍ଧୁ ଅବଗତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ସେ ୮୦୦ ଓ ୧୫୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାର ପରବର୍ଷ ସେ ଆଥ୍‌ଲେଟିକ୍ସରୁ ଅବସର ଘୋଷଣା କରିବା ପରେ ତାଙ୍କୁ ରାଣୀ ଏଲିଜାବେଥ୍ ଦ୍ୱିତୀୟ ଡେମ ଉପାଧି ଦେଇଥିଲେ। ସେ ରୟାଲ ଆର୍ମଡ କର୍ପସ ଟ୍ରେନିଂ ରେଜିମେଣ୍ଟର ଅନରାରୀ କଲୋନେଲ ପଦରେ ଅଛନ୍ତି।

## ବିଶ୍ୱ ଲିଡିଂ ଟାଇମ୍ ସମକକ୍ଷ ହେଲେ ଫ୍ରାଜର-ପ୍ରାଇସ୍

ପ୍ୟାରିସ୍, ୧୯।୬(ଏପି)

ତିନିଥର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକଧାରୀ ଶେଲିଆନ ଫ୍ରାଜର-ପ୍ରାଇସ୍ ଏଠାରେ ଚାଲିଥିବା ଡାଇମଣ୍ଡ ଲିଗ୍ ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼କୁ ୧୦.୬୭ ସେକେଣ୍ଡରେ ଶେଷକରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଚଳିତ ବର୍ଷ ସେ ବିଶ୍ୱର ଲିଡିଂ ଟାଇମ୍‌ର ସମକକ୍ଷ ହୋଇପାରିଛନ୍ତି। ଗତମାସରେ କେନିୟାରେ ଅନୁଷ୍ଠିତ କିପ କେଇନୋ କ୍ଲାସିକ୍‌ରେ ନିଜ ରେସ୍‌କୁ ସେ ସମାନ ଟାଇମ୍‌ରେ ଶେଷ କରିଥିଲେ। ଷ୍ଟାଡେ ଚାରଲେଟିଠାରେ ଶନିବାର ଅନୁଷ୍ଠିତ ରେସ୍‌ରେ ଫ୍ରାଜର-ପ୍ରାଇସ୍‌ଙ୍କୁ କେହି ଚ୍ୟାଲେଞ୍ଜ କରିପାରି ନ ଥିଲେ। ସେ ଜାମାଇକାର ଦୁଇଥର ଅଲିମ୍ପିକ୍ ଚାମ୍ପିୟନ ଏଲାଇନେ ଥମ୍ପସନ-ହେରାଙ୍କ ପ୍ରତିଯୋଗିତା ରେକର୍ଡ (୧୦.୭୨ ସେ.)କୁ ଭଙ୍ଗ କରିଛନ୍ତି।

## ରାଜ୍ୟ ଖବର


ଦନ୍ତାହାତୀକୁ ଚିକିତ୍ସା କରାଯାଉଛି।

# ପୋଖରୀ ଭିତରେ ଆହତ ଦନ୍ତାର ଚିକିତ୍ସା ଆରମ୍ଭ

- ଖାଦ୍ୟ ଖାଉନି, ଭୀଷଣ ଜ୍ୱର
- ବୋନ୍ ସ୍କାନ ଯୋଗୁ ଛିଡ଼ା ହୋଇପାରୁନି: ବିଶେଷଜ୍ଞ

ସମ୍ବଲପୁର, ୧୯।୬(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅନ୍ତର୍ଗତ ସାପଲହରା ଗ୍ରାମର ଏକ ପୋଖରୀରେ ୪ ଦିନ ହେଲା ପଙ୍କରେ ଫସିଥିବା ଏକ ଆହତ ଦନ୍ତାହାତୀ ମୃତ୍ୟୁ ସହ ସଂଗ୍ରାମ କରୁଛି। ଦିନକୁ ଦିନ ତା'ର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରେ ଲାଗିଥିବାରୁ ପୋଖରୀ ଭିତରୁ ବାହାରିବାକୁ ଆଉ ଚେଷ୍ଟା କରି ପାରୁନାହିଁ। ଏପରି କି ଯେତେ ଖାଦ୍ୟ ଦେଲେ ଆଉ ଖାଇ ପାରୁନାହିଁ। ଅନେକ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡିଛି। ଭୁବନେଶ୍ୱରରୁ ଏକ ଡାକ୍ତରୀ ଟିମ୍ ଆସି ରବିବାର ସକାଳୁ ଚିକିତ୍ସା ଆରମ୍ଭ କରିଛି। ସାଲାଇନ ଓ ଆବଶ୍ୟକ ଔଷଧ ଦିଆଯାଇ ଚିକିତ୍ସା କରାଯାଉଛି। ହାତୀକୁ ପ୍ରବଳ ଜ୍ୱର ହୋଇଥିବା ବେଳେ ଗୋଡ଼ରେ ହୋଇଥିବା କ୍ଷତ ସ୍ଥାନରେ ପୁଣି ସଂକ୍ରମଣ ହୋଇ ଯାଇଥିବା ଡାକ୍ତରୀ ଟିମ୍ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓୟୁଏଟି ପ୍ରଫେସର ଇନ୍ଦ୍ରମଣି ନାଥ କହିଛନ୍ତି ଯେ, ଗତ ୨ ତାରିଖରେ ଦନ୍ତାକୁ ପ୍ରଥମେ ଚିକିତ୍ସା କରାଯାଇଥିଲା। ଟ୍ରାଙ୍କୁଲାଇଜ କରି ଆବଶ୍ୟକ ଔଷଧ ଦିଆଯାଇଥିଲା । ୩ ଦିନ ପର୍ଯ୍ୟନ୍ତ ଠିକ୍ ଠାକ୍ ରହିଲା। ହେଲେ କଳଦୀ ଓ ଫଳରେ ଔଷଧ ଦେଲେ ମଧ ଖାଇଲା ନାହିଁ। ତେଣୁ ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗିଡି ଯାଇଛି। କ୍ଷତ ପାଇଁ ଯେତେ ନୁହେଁ, ତା'ର ଗୋଡ଼ ପାଇଁ ସେତେ ଚିନ୍ତା ରହିଛି। ବୋନ ସ୍କାନ ହୋଇଛି। ଗୋଡ ମୋଡି କରି ରହିଯାଇଛି ତେଣୁ ଛିଡା ହୋଇ ପାରୁନାହିଁ। ଜ୍ୱର ରହୁଛି। ଦନ୍ତା ପାଣି ଭିତରେ ରହିବାକୁ ପସନ୍ଦ କରୁଛି। ସମସ୍ତ ପ୍ରକାର ଚିକିତ୍ସା କରାଯାଉଛି। ଖୁବଶୀଘ୍ର ଭଲ ହୋଇଯିବ ବୋଲି ଆଶା କରାଯାଉଛି। ସେହିପରି ଡିଏଫଓ ବି .ନୀଳାମ୍ବର କହିଛନ୍ତି ଯେ, ହାତୀକୁ ଯଥାସମ୍ଭବ ଚିକିତ୍ସା କରାଯାଉଛି। ଶୀଘ୍ର ଭଲ ହୋଇଯିବ। ପୋଖରୀ ଭିତରେ ଚିକିତ୍ସା ହେଉଥିବାରୁ ପୋଖରୀ ପାଣି କିଛି ଦିନ ପାଇଁ ବ୍ୟବହାର ନ କରିବାକୁ ଗ୍ରାମବାସୀଙ୍କୁ କୁହାଯାଇଛି। ପାଣି ବିଶୋଧନ ପରେ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଅଞ୍ଚଳବାସୀ ମଧ୍ୟ ବନବିଭାଗକୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି।

ସୂଚନାଯୋଗ୍ୟ, ମେ ୨୯ ତାରିଖରେ ମୁର୍ଗାବାରୀ ଗ୍ରାମ ଜଙ୍ଗଲରେ ଏହି ଦନ୍ତା ହାତୀକୁ ଆହତ ଅବସ୍ଥାରେ ବନ ବିଭାଗ ପକ୍ଷରୁ ଠାବ କରାଯାଇଥିଲା। ଜଙ୍ଗଲରେ ପ୍ରଥମେ ହାତୀକୁ ଚିକିତ୍ସା କରାଯାଇଥିଲା। ଓୟୁଏଟି ପ୍ରଫେସର ଇନ୍ଦ୍ରମଣି ନାଥ, ସମ୍ବଲପୁର ବୁର୍ଲା ଭିଏସ ଏସ. ପଣ୍ଡା, ଝୁମ୍ପୁରା ଭିଏସ ଅମ୍ରିତ ସାହୁ ଚିକିତ୍ସା କରିଥିଲେ। ଦନ୍ତାର ଗୋଡ ପାଖରେ ଗଭୀର କ୍ଷତ ରହିଥିଲା। ଏବେ ପୋଖରୀ ପଙ୍କରେ ଫସିଯିବା ପରେ ଗୋଡ ଫୁଲି ଯିବା ସହ କ୍ଷତ ପୁଣି ପାଚି ଯାଇଛି ।

# ଆହ୍ୱାନକୁ ସାମ୍ନା କରିବା ଓଡ଼ିଆ ଜାତିର ଜାତୀୟ ଚରିତ୍ର

## ଖବର ସରବରାହ ପାଇଁ ଅଶ୍ୱବାହିନୀର ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

ଆଜି ବି ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତରପାର୍ଶ୍ୱରେ ଦୁଇଟି ହାତୀ ରହିଛନ୍ତି। ସୁଦେହିକା ଯେଉଁ ମୁଦ୍ରାରେ ଗଜପତିଙ୍କୁ ଶୁଣ୍ଢରେ ଧରି ଉଦ୍ଧାର କରିଥିଲା, ସେଇ ମୁଦ୍ରାରେ ଶୋଭା ପାଉଛି। ବିଶ୍ୱ ଆଜି ଦେଖୁଛି ଓଡ଼ିଆ ଶିଳ୍ପୀ ଧର୍ମପଦର ଜୀବନ୍ତ ପଥର ମୂର୍ତ୍ତିର ଅବିକଳ ସ୍ୱରୂପ। ସତେଯେମିତି ପାର୍ଶ୍ୱରୁ ନିରିଖେଇ ଦେଖିଲେ ଜଣାଯାଉଛି ଗଜପତିଙ୍କୁ ଶୁଣ୍ଢରେ ଧରି ଉପାସି ଆସୁଛି...!!

ଆମେ ଜାଣିଲେ ସୁଦେହିକାକୁ ବାହାର ଶିଳ୍ପୀ ଗଢ଼ି ନାହାନ୍ତି। ମନ୍ଦିରର କେଉଁ ଅଂଶ କିଏ ଗଢ଼ିଛନ୍ତି ଆମେ ପ୍ରସଙ୍ଗକ୍ରମେ ଆଲୋଚନା କରିବା। ତା'ର ନାମ ତାଲିକା ଅକ୍ଷରକ୍ରମରେ ଆମେ ପ୍ରସ୍ତୁତ କରିଛୁ।

ଆମେ ଶଗଡ଼ିଆ ଓ ହାତୀଆଳଙ୍କ ସମେତ ମନ୍ଦିର ନିର୍ମାଣରେ ସେମାନଙ୍କ ଭୂମିକାର କେତେକ ବିନ୍ଦୁ ଆଲୋଚନା କଲେ। ଏବେ ଆଲୋଚନା କରିବା ଅଶ୍ୱ ଓ ଅଶ୍ୱବାହିନୀର ଭୂମିକା। ପତ୍ରବାହକମାନେ ମୁଖ୍ୟ ଭାବରେ ଅଶ୍ୱ ବ୍ୟବହାର କରୁଥିଲେ। କୋଣାର୍କରେ ଯେଉଁଠି ଘୋଡ଼ାମାନେ ରହୁଥିଲେ ତାକୁ କୁହାଯାଉଥିଲା 'ଘୋଡ଼ାଶାଳିଆ'। ଅଶ୍ୱଚାଳନା କରୁଥିଲେ ଅଶ୍ୱବାହିନୀର ଯୋଦ୍ଧାମାନେ। ମନ୍ଦିର ନିର୍ମାଣ ସମୟରେ ଅନେକ ସମସ୍ୟା ଆସିଛି ଯଥା କେଉଁଠି କେଉଁ ମୂର୍ତ୍ତି, କେଉଁଠି ଅଳସକନ୍ୟା, କେଉଁଠି କିପରି ଭାସ୍କର୍ଯ୍ୟ ମୂର୍ତ୍ତି ଖଞ୍ଜାଯିବ।


ବନ୍ଦାପନା ମଣ୍ଡପ ଫଟୋ: ଯଜ୍ଞେଶ୍ୱର ମହାନ୍ତି

ସେଥିରେ ମହାଶ୍ରମ(ଗଜପତି)ଙ୍କ ଅନୁମତି ଲୋଡ଼ା ପଡ଼ିଛି ଅନେକ ସମୟରେ। ପତ୍ରବାହକମାନେ ଘୋଡ଼ାରେ ଯାଇ ଗଜପତିଙ୍କ ଆଦେଶ ଧରି ଆସିଛନ୍ତି। ଗଜପତି ମଧ କୌଣସି ଆଦେଶ ଦେଲେ ପତ୍ରବାହକ ଘୋଡ଼ାରେ ଆସି କୋଣାର୍କରେ ହସ୍ତାନ୍ତର କରୁଥିଲେ। ସେହିପରି ଅନେକ ଉଦାହରଣ ମଧ୍ୟରୁ ଗୋଟିଏ ହେଉଛି ମହାଶ୍ରମ ବେଙ୍ଗିଗଡ଼ରେ ଥିଲେ। ସେଠୁ ଗୋଟିଏ ଆଦେଶନାମା ପଠାଇଥିଲେ। ତାହା ବିଡ଼ାନାସୀ ନଅର ମାଧ୍ୟମ ଦେଇ କୋଣାର୍କ ଆସିଥିଲା। ଆଦେଶନାମା ଘୋଡ଼ାରେ ଆସିଥିଲା। ସବୁଠାରୁ ଚଞ୍ଚଳ ଖବର ସରବରାହ ପାଇଁ ଘୋଡ଼ା ହିଁ ଥିଲେ ସେ ସମୟରେ ଏକମାତ୍ର ମାଧ୍ୟମ। ଆଦେଶପତ୍ରରେ ଥିଲା ମହାଦେବୀ କିଛିଦିନ ପାଇଁ କୋଣାର୍କ ଆସିବେ।

ତାଙ୍କ ପାଇଁ ଅସ୍ଥାୟୀ ଗୃହ ନିର୍ମାଣ ହୋଇଥିଲା। ସାତଦିନ ରହିଥିଲେ। ତାଙ୍କ ସହାୟତା ପାଇଁ ୧୪ଜଣ ପରିଚାଳକ/ପରିଚାଳିକା ନିଯୁକ୍ତ ହୋଇଥିଲେ। ଏଥିରୁ ସ୍ୱଷ୍ଟ ହେଉଛି ମନ୍ଦିର ନିର୍ମାଣ ସମୟରେ ଗଜପତି ଯେମିତି ସଜାଗ ଥିଲେ, ମହାରାଣୀ ମଧ ନିଜେ ଉପସ୍ଥିତ ରହି କାର୍ଯ୍ୟର ଅଗ୍ରଗତି ଦେଖିବା ସହିତ ଭଲମନ୍ଦ ବୁଝୁଥିଲେ।

ଶ୍ରୀପଦ୍ମକେଶର ମନ୍ଦିରରେ ଘୋଡ଼ାଦ୍ୱାର ନିର୍ମିତ ହୋଇଥିଲା। ଅନେକ ସ୍ଥାନରେ ଅଶ୍ୱମାନଙ୍କ ପଥର ମୂର୍ତ୍ତି ଦେଖାଯାଏ। ମୁଖ୍ୟ ଅଶ୍ୱମୂର୍ତ୍ତି ନିର୍ମାଣ ଦାୟିତ୍ୱରେ ଥିଲେ ନାରାୟଣ ମହାପାତ୍ର। ନାରାୟଣ ଜଣେ ପ୍ରତିଭାଶାଳୀ ଶିଳ୍ପୀ ଥିଲେ ସେ ସମୟରେ। ସେ କେବଳ ଅଶ୍ୱ ନିର୍ମାଣ କରି ନ ଥିଲେ, ସେ ମନ୍ଦିରର ଦ୍ୱିତୀୟ ପୀଢ଼ରେ ସ୍ଥାନ ପାଇଁ ୧୬ଟି କନ୍ୟା ମୂର୍ତ୍ତି ନିର୍ମାଣରେ ଅଂଶୀଦାର ଥିଲେ। ନୀଳଗିରି ପାହାଡ଼ରୁ ମୁଗୁନିପଥର ଆସିବାବେଳେ ପିଠଉଶୁଣି ମୁଣ୍ଡିଆର ପାଦଦେଶରେ ଥିବା 'ବାହାରମୁଣ୍ଡା' ଗାଁରେ ୭ମାସ ଶିବିର ପକାଇ ରହିଥିଲେ।

ବାସ୍ତବରେ କେଉଁ କାର୍ଯ୍ୟ ପାଇଁ କେଉଁ କିସମର ପଥର ଆବଶ୍ୟକ ତାହା ଚିହ୍ନିବାରେ ନାରାୟଣଙ୍କର ଦକ୍ଷତା ଥିଲା। ସେଥିପାଇଁ ଖରା, ବର୍ଷା, ସୁବିଧା ଅସୁବିଧାକୁ ଖାତିର ନ କରି ମାସ ମାସ ଧରି ଶିବିରରେ ରହିଥିଲେ। ଲକ୍ଷ୍ୟ କେବଳ ଠିକ୍ ଭାବରେ ମନ୍ଦିର କାର୍ଯ୍ୟ ସମ୍ପନ୍ନ ହେଉ। ମନ୍ଦିର ସାମ୍ନାରେ ସ୍ଥାପିତ ଅଶ୍ୱ ମୂର୍ତ୍ତି ଗଢ଼ିସାରିବା ପରେ ୧୨ଜଣ ପଥୁରିଆଙ୍କ ସହାୟତାରେ ଦ୍ୱାରବନ୍ଧର ଭାସ୍କର୍ଯ୍ୟ କରିଥିଲେ। ବନ୍ଦାପନା ମଣ୍ଡପ ନିର୍ମାଣରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ମଣ୍ଡପର ପୂର୍ବ ଦିଗରେ ଯେଉଁ 'ଦ୍ୱାରସିଂହ' ନିର୍ମାଣ ହୋଇଥିଲା, ଗଙ୍ଗା ମହାପାତ୍ରଙ୍କୁ ସାଙ୍ଗରେ ନେଇ ନାରାୟଣ ସମାପ୍ତ କରିଥିଲେ।

ଆମେ ମନ୍ଦିର ନିର୍ମାଣ ସମୟରେ ଘୋଡ଼ାମାନଙ୍କର ଅବଦାନ ପ୍ରସଙ୍ଗ ଆଲୋଚନା କାଳରେ ଅଶ୍ୱମୂର୍ତ୍ତି ନିର୍ମାଣ ତଥା ଭାସ୍କର୍ଯ୍ୟଶିଳ୍ପୀ ନାରାୟଣଙ୍କ ଭୂମିକା ଆଲୋଚନା କଲେ। ତାଙ୍କ ଭଳି ଶତାଧିକ ଶିଳ୍ପୀଙ୍କର ଅବଦାନ ରହିଥିଲା। ପ୍ରସଙ୍ଗକ୍ରମେ ଆଲୋଚନା ହେବ। ଆମେ ଜଣାଇ ଦେବାକୁ ଯିବା ପଥରର କିସମ ଚିହ୍ନଟଠାରୁ ଭାସ୍କର୍ଯ୍ୟ କାର୍ଯ୍ୟ ସବୁ ଓଡ଼ିଆମାନଙ୍କ ଅବଦାନ। ଐତିହ୍ୟପୁରୁଷ ନାରାୟଣ ମହାପାତ୍ରଙ୍କ ଗାଁର ଠିକଣା ଠାବ ହୋଇ ନାହିଁ। ମନ୍ଦିର ଆରମ୍ଭ ପୂର୍ବରୁ ଶିବେଇ ସାମନ୍ତରା ଯେଉଁ ସାତଜଣଙ୍କ ମୁଣ୍ଡରେ ପଗଡ଼ି ବାନ୍ଧି କାର୍ଯ୍ୟଭାର ଅର୍ପଣ କରିଥିଲେ, ତା' ଭିତରେ ନାରାୟଣ ନ ଥିଲେ। ତଥାପି ସେ ଥିଲେ ସବୁଠାରୁ ଚର୍ଚ୍ଚିତ ଶିଳ୍ପୀ। କାରଣ ଗୋଟିଏ କାର୍ଯ୍ୟ ସର୍ବାଙ୍ଗ ସୁନ୍ଦର ଭାବରେ ସମାପ୍ତ କରିବା ପାଇଁ ସେ ଦିନଧାର୍ଯ୍ୟ କରି ଚୁକ୍ତି ଭିତ୍ତିରେ ଅନ୍ୟ ଶିଳ୍ପୀଙ୍କୁ ସାଙ୍ଗରେ ନେଇ ନିର୍ଧାର୍ଯ୍ୟ ଦିନରେ କାର୍ଯ୍ୟ ଶେଷ କରିପାରୁଥିଲେ। ଗଜପତିଙ୍କ ଶାସନରେ 'ଚୁକ୍ତି' ଅନୁଯାୟୀ କାମ ନ ସାରିଲେ ପରିଣାମ ସେ ଜାଣିଥିଲେ। ତଥାପି ଅଦମ୍ୟ ସାହସରେ 'ଆହ୍ୱାନ'କୁ ଆପଣେଇ ନେଉଥିଲେ। ତାହା ହିଁ ତ ଓଡ଼ିଆ ଜାତିର ଜାତୀୟ ଚରିତ୍ର!


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



୰ପଦ୍ମନାଭ ନନ୍ଦ
୮୩, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୧୫।୦୬।୧୯୬୨
ସ୍ୱର୍ଗାରୋହଣ: ୦୧।୦୭।୨୦୨୧
(ଆଷାଢ଼ କୃଷ୍ଣପକ୍ଷ ସପ୍ତମୀ ତିଥି)
ତୁମେ ସ୍ୱର୍ଗରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' କୁଣ୍ଡେଶ୍ୱରୀ ତୁମର ପବିତ୍ର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
ହତଭାଗ୍ୟ: ପଙ୍କଜିନୀ, ଡଃ ଦେବାଶିଷ, ଡାଃ ଦେବବ୍ରତ, ପ୍ରିୟମ୍ବଦା, ଦାମୋଦର, କମଳଲକ୍ଷ୍ମୀ, ମାମା, ସୀମା, ରୀମା, ଅଭିଳାଷ, କୁନି, ମିନି, ଝୁନୀ, ଡଃ ଜ୍ୟୋତିନ୍, ରଘୁନାଥ, ରାଜେନ୍ଦ୍ର ଓ ବନ୍ଧୁ, ପରିବାରବର୍ଗ ।
ଧ-୬୮୦

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଚରଣ ପଲାଇ
ପଲଙ୍କ, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୨।୦୫।୧୯୩୮
ତିରୋଧାନ: ୦୯।୦୬।୨୦୨୨
ଚାହୁଁ ଚାହୁଁ ବାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୮୧

ଧରିତ୍ରୀ
DHARITRI
ସୋମବାର, ୨୦ ଜୁନ୍, ୨୦୨୨




# ସୁସ୍ଥ ଶରୀର ଓ ଯୋଗ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ଜନସାଧାରଣଙ୍କୁ ଯୋଗର ଉପକାରିତା ବିଷୟରେ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ୨୧କୁ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ମାନବ ଜାତି ପାଇଁ ଯୋଗ' (Yoga for Humanity)। ଏକାଗ୍ରତା ଦ୍ୱାରା ଶରୀରକୁ ସୁସ୍ଥ, ନୀରୋଗ ଓ ଦୀର୍ଘାୟୁ ରଖାଯାଇପାରିବ। ଆୟୁର୍ବେଦ ଶାସ୍ତ୍ରରେ 'ଯୋଗ'କୁ ଚିକିତ୍ସା ଶାସ୍ତ୍ରର ଏକ ଅଙ୍ଗ ଭାବେ ଗ୍ରହଣ କରାଯାଇଛି। ସରଳ ଭାଷାରେ ଏହାର ଅର୍ଥ ହେଲା ଶରୀରକୁ ସନ୍ତୁଳିତ ରଖି ମନକୁ ଏକାଗ୍ରତା ରଖିବା, ମନର ଆବେଗକୁ, ମନର ଚିନ୍ତା ଓ ବିଚାର ଶକ୍ତିକୁ ସନ୍ତୁଳିତ କରି ରଖିବାକୁ 'ଯୋଗ' କୁହାଯାଏ।"





**ଆସନ୍ତାକାଲି 'ଅନ୍ତର୍ଜାତୀୟ ଯୋଗ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

ବିଶ୍ୱର ଭିନ୍ନ ଭିନ୍ନ ରାଷ୍ଟ୍ରରେ ବିଭିନ୍ନ ଖାଇବା ପ୍ରଣାଳୀ, ଶୋଇବା ସମୟ ଓ ବଞ୍ଚିବାର ବିଭିନ୍ନ ପ୍ରକାର ଜୀବନଶୈଳୀ ଦ୍ୱାରା ମନୁଷ୍ୟ ଦୈନନ୍ଦିନ ଜୀବନ ଅତିବାହିତ କରିଥାନ୍ତି। କିନ୍ତୁ ପୃଥିବୀର ସମସ୍ତ ବର୍ଗର ମନୁଷ୍ୟ ସମାଜର ଜୀବନଶୈଳୀ ଯାହା ଥାଉନା କାହିଁକି ସମସ୍ତଙ୍କର ଗୋଟିଏ ସର୍ବଶ୍ରେଷ୍ଠ ଲକ୍ଷ୍ୟ ହେଲା ବିଭିନ୍ନ ସଂକ୍ରାମକ, ଆଗନ୍ତୁକ ରୋଗ ଓ ଦୈବୀ ଦୁର୍ବିପାକରୁ ନିଜକୁ ରକ୍ଷାକରି ନୀରୋଗୀ ଭାବେ ଦୀର୍ଘାୟୁ ଜୀବନଯାପନ କରିବା। ସୁସ୍ଥ ଶରୀର ପାଇଁ ଆମେ ନିଜର ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ ସହ ବ୍ୟାୟାମ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଅନ୍ୟପକ୍ଷରେ ଏହି ତାଲିକାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଜିନିଷକୁ ସାମିଲ କରିବା ନିହାତି ଦରକାର। ତାହା ହେଲା 'ଯୋଗ'। ନିୟମିତ ଯୋଗ କରିବା ଦ୍ୱାରା ତାହା କେବଳ ଶରୀରକୁ ସୁସ୍ଥ ରଖେ ତା' ନୁହେଁ, ମାନସିକ ସ୍ତରକୁ ମଧ୍ୟ ସନ୍ତୁଳିତ ରଖିଥାଏ। ଜନସାଧାରଣଙ୍କୁ ଯୋଗର ଉପକାରିତା ବିଷୟରେ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ୨୧କୁ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ମାନବ ଜାତି ପାଇଁ ଯୋଗ' (Yoga for Humanity)। ଏକାଗ୍ରତା ଦ୍ୱାରା ଶରୀରକୁ ସୁସ୍ଥ, ନୀରୋଗ ଓ ଦୀର୍ଘାୟୁ ରଖାଯାଇପାରିବ। ଆୟୁର୍ବେଦ ଶାସ୍ତ୍ରରେ 'ଯୋଗ'କୁ ଚିକିତ୍ସା ଶାସ୍ତ୍ରର ଏକ ଅଙ୍ଗ ଭାବେ ଗ୍ରହଣ କରାଯାଇଛି। ସରଳ ଭାଷାରେ ଏହାର ଅର୍ଥ ହେଲା ଶରୀରକୁ ସନ୍ତୁଳିତ ରଖି ମନକୁ ଏକାଗ୍ରତା ରଖିବା, ମନର ଆବେଗକୁ, ମନର ଚିନ୍ତା ଓ ବିଚାର ଶକ୍ତିକୁ ସନ୍ତୁଳିତ କରି ରଖିବାକୁ 'ଯୋଗ' କୁହାଯାଏ।

ମହାକବି କାଳିଦାସଙ୍କ ମତରେ 'ଶରୀର ମାଦ୍ୟଂ ଖଲୁ ଧର୍ମ ସଧାନଂ' ଅର୍ଥାତ ଧର୍ମ ରକ୍ଷା କରିବା ନିମନ୍ତେ ଶରୀର ପ୍ରଥମେ ସୁସ୍ଥ ରହିବା ଆବଶ୍ୟକ। ପ୍ରତ୍ୟେକ ମନୁଷ୍ୟ ଶରୀରରେ କିଛି ନା କିଛି ରୋଗ ରହିଥାଏ। ତେଣୁ ଶରୀରକୁ 'ବ୍ୟାଧି ମନ୍ଦିର' ବୋଲି କୁହାଯାଇଥାଏ। ଯୋଗାଭ୍ୟାସ ଦ୍ୱାରା ଶରୀରର ବ୍ୟାଧିକୁ ଦୂର କରିବା ଏକ ପ୍ରକ୍ରିୟା। ଆୟୁର୍ବେଦ ଶାସ୍ତ୍ରରେ ପତଞ୍ଜଳି ନାମକ ଜଣେ ଋଷି 'ଯୋଗ' ବିଷୟରେ ବିଶଦ୍ ଭାବେ ବର୍ଣ୍ଣନା କରିଛନ୍ତି। ଏହା 'ପତଞ୍ଜଳି' ଯୋଗ ଶାସ୍ତ୍ର ଭାବେ ଆୟୁର୍ବେଦ ଶାସ୍ତ୍ରରେ ଉଲ୍ଲେଖ ଅଛି। ଯୋଗାଭ୍ୟାସ ଦ୍ୱାରା ମନୁଷ୍ୟ ସୁସ୍ଥ, ତେଜସ୍ୱୀ ଓ ଦୀର୍ଘଜୀବୀ ହୋଇଥାଏ। ଯୋଗାଭ୍ୟାସ ନିମନ୍ତେ ସର୍ବପ୍ରଥମେ ଆହାର, ବିହାର, ଶୟନ, ଶଯ୍ୟାତ୍ୟାଗ ଆଦି ଦୈନନ୍ଦିନ ନିତ୍ୟକର୍ମ ଠିକ୍ ଭାବେ କରିବା ଉଚିତ, ଯଦ୍ୱାରା ଯୋଗ କରିବା ନିମନ୍ତେ ପ୍ରତିବନ୍ଧକ ଦୂର ହୋଇଥାଏ। ଯୋଗ ଶରୀରର ଅନେକ ଜଟିଳ ତଥା ଦୁରାରୋଗ୍ୟ ଉପଶମ ନିମନ୍ତେ ଏକ ଉତ୍ତମ ମାଧ୍ୟମ। ଯୋଗ ଦ୍ୱାରା ମାନସିକ ଓ ଶାରୀରିକ ସ୍ତରରେ ଶାନ୍ତି ମିଳେ। ଚେତନା ଶକ୍ତିର ବିକାଶରେ ଏହା ସହାୟକ ହୋଇଥାଏ। ଯୋଗାଭ୍ୟାସ ଦ୍ୱାରା ଶରୀରର ମାଂସପେଶୀଗୁଡ଼ିକ ସଙ୍କୋଚନ, ପ୍ରସାରଣ, ଉତ୍ତମ ରକ୍ତ ସଞ୍ଚାଳନ, ଶ୍ୱାସକ୍ରିୟା ନିୟନ୍ତ୍ରିତ ହେବାସହ ଏକାଗ୍ରତା ରହିବା ସହ ମନକୁ ଶାନ୍ତି ମିଳିଥାଏ।

ଭାରତୀୟ ସଂସ୍କୃତି, ପରମ୍ପରା ଅନୁଯାୟୀ ଯୋଗ ଏକ ବହୁପୁରାତନ ଶାସ୍ତ୍ର। ଭାରତୀୟ ମୌଳିକ ଚିକିତ୍ସା ଶାସ୍ତ୍ର ମତରେ ଯୋଗ ଏକ ଆସନ, ଏକ ବିଜ୍ଞାନ ଏବଂ ଏକ ଚିକିତ୍ସାର ମାର୍ଗ ଅଟେ। ଯୋଗ ଦ୍ୱାରା ଶରୀରର ଗଚ୍ଛିତ ରୋଗକୁ ଚିକିତ୍ସା କରାଯିବା ସହ ଶରୀର ଭିତରକୁ ରୋଗକୁ ପ୍ରତିରୋଧ କରିବାର ଏହା ଏକ ମାଧ୍ୟମ। ଆବାଳ ବୃଦ୍ଧବନିତା ଅର୍ଥାତ ବାଳକ, ବୟସ୍କ, ମହିଳା, ବୃଦ୍ଧଙ୍କ ସମେତ ଯୋଗୀ, ରୋଗୀ ଏବଂ ଭୋଗୀ ସମୂହ ଯୋଗାଭ୍ୟାସ କରିବାର ଆବଶ୍ୟକତା ରହିଛି। ଆବହମାନ କାଳରୁ ଯୋଗୀ, ମୁନିଋଷିମାନେ ଯୋଗାଭ୍ୟାସ କରି ସୁସ୍ଥ, ନୀରୋଗ ରହିବା ଓ କର୍ମଠ ହେବା ସହ ଦୀର୍ଘାୟୁ ହୋଇପାରୁଥିଲେ। ଯୋଗାଭ୍ୟାସ ଦ୍ୱାରା ମନୁଷ୍ୟ ଔଷଧ ବିନା ନୀରୋଗ, ପରିଣତ ବୟସ ପର୍ଯ୍ୟନ୍ତ କାର୍ଯ୍ୟଦକ୍ଷତା ସନ୍ତୁଳିତ ରହିବା ସହ ଶ୍ରବଣ ଶକ୍ତି, ଦୃଷ୍ଟି ଶକ୍ତି, ସ୍ମରଣ ଶକ୍ତି ଠିକ୍ ଭାବେ କାର୍ଯ୍ୟ କରିଥାଏ। ଏହାସହ ଦୀର୍ଘଜୀବୀ ହୋଇପାରିବାର ସୁଯୋଗ ସୃଷ୍ଟି ହୋଇଥାଏ। ଯୋଗାଭ୍ୟାସ ଶାସ୍ତ୍ର ଅନୁମୋଦିତ ଏବଂ ଯେକୌଣସି ଅଭିଜ୍ଞ ଗୁରୁଙ୍କଠାରୁ ଜଣେ ଯୋଗ ଶିକ୍ଷା ଲାଭ କରିପାରିବେ। ମହିଳାମାନେ ଯୋଗାଭ୍ୟାସ କରିବା ଦ୍ୱାରା ବହୁ ସୁଫଳ ମିଳିଥାଏ। ସେଗୁଡ଼ିକ ହେଲା ଗର୍ଭାବସ୍ଥା ସମୟର କଷ୍ଟର ଲାଘବ, ମାସିକ ଋତୁସ୍ରାବ ଠିକ୍ ଭାବେ ହେବା, ବ୍ରେଷ୍ଟ କ୍ୟାନସରକୁ ପ୍ରତିରୋଧ କରିବା, ଯୌନ କ୍ଷମତା, ହଜମ କ୍ରିୟା ସନ୍ତୁଳିତ ରହିବା, ଶରୀରର ମୋଟାପଣ କମେଇବା, ଉଚ୍ଚ ରକ୍ତଚାପ ଓ ମଧୁମେହଜନିତ ସମସ୍ୟାକୁ ସନ୍ତୁଳିତ ରଖିବା ସହ ମାନସିକ ଅବସାଦ ଅନେକାଂଶରେ ଦୂର ହୋଇଥାଏ। ମନରେ ଏକାଗ୍ରତା ସୃଷ୍ଟି ହେବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ, ଯଦ୍ୱାରା ଶରୀର ନୀରୋଗ ରହିଥାଏ।




ଭାରତର ବିଭିନ୍ନ ବଡ଼ବଡ଼ ଶିକ୍ଷାନୁଷ୍ଠାନ ମାନଙ୍କରେ 'ଯୋଗ'କୁ ଏକ ପାଠ୍ୟକ୍ରମ ଭାବେ ଗ୍ରହଣ କରାଯାଇଛି। ଏହାଦ୍ୱାରା ଆଗାମୀ ପିଢ଼ିଙ୍କ ଭବିଷ୍ୟତ ପାଇଁ ଯୋଗର ବହୁଳ ପ୍ରଚାର, ପ୍ରସାର ହେବାସହ ଏହା ସ୍ୱାସ୍ଥ୍ୟ ରକ୍ଷାରେ ସହାୟକ ହୋଇପାରିବ। ସାମ୍ପ୍ରତିକ ପରିସ୍ଥିତିରେ ମଣିଷ ସମାଜ ସୁସ୍ଥ, ନୀରୋଗ ଓ ଦୀର୍ଘାୟୁ ନିମନ୍ତେ ଯୋଗାଭ୍ୟାସର ନିତାନ୍ତ ଆବଶ୍ୟକତା ରହିଛି, ଯଦ୍ୱାରା ମନୁଷ୍ୟ ସର୍ବଦା ସତେଜ, କ୍ରିୟାଶୀଳ, ଚଳଚଞ୍ଚଳ, ନୀରୋଗ ହେବାସହ ଦୀର୍ଘଦିନ ବଞ୍ଚି ରହିପାରିବାର ମାର୍ଗ ସୃଷ୍ଟି ହୋଇପାରିବ।

ଆମ ଭାରତୀୟ ମୌଳିକ ଚିକିତ୍ସା ଶାସ୍ତ୍ରକୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଏକ ସ୍ୱତନ୍ତ୍ର ଆୟୁଷ ମନ୍ତ୍ରଣାଳୟ ଦ୍ୱାରା 'ଆୟୁଷ' (AYUSH) ନାମକ ଏକ ବିଭାଗ ଗଠନ କରାଯାଇଛି। ସେହିପରି ଦେଶର ସବୁ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗରେ ସ୍ୱତନ୍ତ୍ର 'ଆୟୁଷ' ବିଭାଗ ଖୋଲାଯାଇଛି। 'A'ର ଅର୍ଥ 'ଆୟୁର୍ବେଦ', 'Y'ର ଅର୍ଥ 'ଯୋଗ', 'U'ର ଅର୍ଥ 'ୟୁନାନୀ', 'S'ର ଅର୍ଥ 'ସିଦ୍ଧ', ଏବଂ 'H'ର ଅର୍ଥ 'ହୋମିଓପ୍ୟାଥି'। ଅନ୍ୟପକ୍ଷରେ ଯୋଗକୁ ଚିକିତ୍ସା ବିଜ୍ଞାନ ଭାବେ ଗ୍ରହଣ କରାଯାଇ ଏହାକୁ ଏକ ଚିକିତ୍ସା ଶାସ୍ତ୍ରର ମାନ୍ୟତା ମଧ୍ୟ ଦିଆଯାଇଛି। ଭାରତ ସରକାର ସର୍ବପ୍ରଥମେ ୨୦୧୪ ମସିହା ଡିସେମ୍ବର ୧୧ ତାରିଖରେ ଯୋଗ ଶାସ୍ତ୍ରକୁ ପ୍ରାଧାନ୍ୟ ଦେଇ ଯୋଗର ଉପଯୋଗିତା, ଆବଶ୍ୟକତା, ଶରୀର ସୁସ୍ଥତାକୁ ପ୍ରାଧାନ୍ୟ ଦିଆଯାଇଥିଲା। ତା' ସହ ଏହାର ପ୍ରଚାର, ପ୍ରସାର ଓ ଲୋକପ୍ରିୟତା ନିମନ୍ତେ ବିଶ୍ୱ ସ୍ତରରେ 'ଯୋଗ'ର ଉପଲବ୍ଧତା ପହଞ୍ଚାଇବା ନିମନ୍ତେ ଏକ ଚିଠା ପ୍ରସ୍ତାବ ନିର୍ଦ୍ଧାରିତ କରି ଏହାକୁ ବିଶ୍ୱସ୍ତରରେ ଉପସ୍ଥାପନା କରାଯାଇଥିଲା। ତାହା ବିଶ୍ୱର ରାଷ୍ଟ୍ର ସମୂହଙ୍କ ଦ୍ୱାରା ଅନୁମୋଦିତ ହୋଇ ଜୁନ୍ ୨୧କୁ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରାଯିବା ପାଇଁ ସରକାରୀ ସ୍ତରରେ ଘୋଷଣା କରାଯାଇଥିଲା। ଆମ ଦେଶର ପ୍ରତି ରାଜ୍ୟ ତଥା ସବୁ ସରକାରୀ ଓ ବେସରକାରୀ ସ୍ତରରେ ଏହି ଦିବସକୁ ଯୋଗ ଦିବସ ରୂପେ ୨୦୧୫ଠାରୁ ପାଳନ କରାଯାଇଆସୁଅଛି। ଏହି ଦିବସକୁ ଠିକ୍ ଭାବରେ ପାଳନ କରିବା ନିମନ୍ତେ ଯୁବପିଢ଼ି ତଥା ସବୁ ବର୍ଗର ବ୍ୟକ୍ତିବିଶେଷ ହାତକୁହାତ ମିଶାଇବା ଦରକାର। ତେବେ ଏହି ଦିବସ ପାଳନ ଉଦ୍ଦେଶ୍ୟ ପୂରଣ ହୋଇପାରିବ।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର, ମୋ : ୭୮୯୪୧୧୨୪୮୭

## ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ କରାଏ ଅମୃତଭଣ୍ଡା



କଞ୍ଚା ଅମୃତଭଣ୍ଡାରୁ ପ୍ରସ୍ତୁତ ଖାଦ୍ୟ କିମ୍ବା ପାଚିଲା ଅମୃତଭଣ୍ଡା ଖାଇଲେ ତାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅନ୍ୟପକ୍ଷରେ ମସ୍ତିଷ୍କ କାର୍ଯ୍ୟଧାରାକୁ ଅନେକାଂଶରେ ସକ୍ରିୟ ରଖିଥାଏ। କାରଣ ମସ୍ତିଷ୍କଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଅମୃତଭଣ୍ଡା ଖାଇବାକୁ ଦକ୍ଷିଣ କୋରିଆର ପୁଷ୍ଟିବିଜ୍ଞାନୀମାନେ ପରାମର୍ଶ ଦେଇଥିଲେ। ତା'ସହ ଏହାଦ୍ୱାରା ସେମାନଙ୍କଠାରେ କେଉଁ ପ୍ରକାର ଉପକାରୀ ଗୁଣ ପରିଲକ୍ଷିତ ହେଉଛି ତାହାକୁ ମଧ୍ୟ ନିରୀକ୍ଷଣ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ପୂର୍ବାପେକ୍ଷା ବେଶ୍ ସକ୍ରିୟ ଥିବାର ସେମାନେ ଜାଣିବାକୁ ପାଇଥିଲେ। କେବଳ ସେତିକି ନୁହେଁ, ଅମୃତଭଣ୍ଡାରେ ଥିବା 'ପପେନ୍ ଏଞ୍ଜାଇମ୍' ନାମକ ତତ୍ତ୍ୱ ଓଜନ କମାଇବାରେ ସହାୟକ ହୋଇଥାଏ। ଏଥିରେ କ୍ୟାଲୋରୀ ପରିମାଣ କମ୍ ଥାଏ ଓ ଫାଇବର୍ ଅଧିକ ଥାଏ। ଫଳରେ ଏହାକୁ ଖାଇବା ଦ୍ୱାରା ଆମ ଶରୀରର ଓଜନ କମିଥାଏ। ଏତଦ୍‌ବ୍ୟତୀତ ଏଥିରେ ପାଣିର ପରିମାଣ ପ୍ରଚୁର ମାତ୍ରାରେ ଥାଏ।

## କ୍ୟାନ୍‌ସର କୋଷ ବୃଦ୍ଧିକୁ ରୋକିଥାଏ ଲିଚି



ଲିଚିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ ନିକଟରେ ଆଉ ଏକ ବିଷୟକୁ ସାମିଲ କରାଯାଇଛି। ତାହା ହେଲା ଲିଚି। ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି ଯେ ଲିଚି ଖାଇଲେ ତାହା କ୍ୟାନ୍‌ସର କୋଷକୁ ବୃଦ୍ଧି କରିବାକୁ ଦେଇ ନ ଥାଏ। ଏଥିରେ ଏପରି ତତ୍ତ୍ୱ ରହିଛି ଯାହା କ୍ୟାନସର ପରି ମାରାତ୍ମକ ରୋଗ ସହ ଲଢ଼ିଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପରୀକ୍ଷାମୂଳକ ଭାବରେ କ୍ୟାନସର ଆକ୍ରାନ୍ତ କିଛି ରୋଗୀଙ୍କ ଖାଦ୍ୟ ତାଲିକାରେ ଲିଚିକୁ ସାମିଲ କରାଯାଇ ଏ ବିଷୟରେ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଥିଲେ। କେବଳ ସେତିକି ନୁହେଁ, ହୃତ୍‌ପିଣ୍ଡ ଏବଂ ଆଜମା ରୋଗୀଙ୍କ ପାଇଁ ଲିଚି ବେଶ୍ ଉପକାରୀ। ଶରୀରରେ ଜଳୀୟ ସ୍ତରକୁ ଏହା ମଧ୍ୟ ସନ୍ତୁଳିତ ରଖିଥାଏ। ତା'ସହ କୋଷ୍ଠକାଠିନ୍ୟ ପରି ସମସ୍ୟାଠାରୁ ଅନେକାଂଶରେ ଉପଶମ ଦେଇଥାଏ ଲିଚି।

## ଜୁସ୍ ଥେରାପି

ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ଆମ ଶରୀର ପାଇଁ ବେଶ୍ ଉପକାରୀ। ବିଶେଷଭାବରେ ବ୍ରେକ୍‌ଫାଷ୍ଟ ତାଲିକାରେ ଏହାକୁ ସାମିଲ କଲେ ତାହା କେତେ ଲାଭଦାୟକ ହୋଇଥାଏ ତାହା କହିବା ଅନାବଶ୍ୟକ। କୌଣସି କାମ କରିବା ପୂର୍ବରୁ ଜୁସ୍ ପିଇପାରନ୍ତି। କାରଣ ଏହାଦ୍ୱାରା କାମ କରିବାକୁ ଆଗ୍ରହ ସୃଷ୍ଟି ହେବ ସହ ତାହା ଶରୀରକୁ ଶକ୍ତି ଦେଇଥାଏ। ପ୍ରତିଦିନ ଆପଣ ୫-୬ ପ୍ରକାର ଜୁସ୍ ବିଭିନ୍ନ ସମୟରେ ପିଇପାରନ୍ତି। ସକାଳୁ ଶଯ୍ୟା ତ୍ୟାଗ କରିବା ପରେ ନିତ୍ୟକର୍ମ ଶେଷ କରନ୍ତୁ। ତା'ପରେ ପ୍ରଥମେ ସାଦା ପାଣି ଗ୍ଲାସେ ପିଅନ୍ତୁ। ଆଉ ତା'ପରେ ଲେମ୍ବୁ ଜୁସ୍ ପିଅନ୍ତୁ। କାରଣ ଦିନର ଆରମ୍ଭ ଏଥିରୁ ହେଲେ ତାହା ଶରୀର ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଟମାଟୋ, ଗାଜର ଏବଂ ବିଟ୍‌କୁ ମିଶାଇ ଜୁସ୍ ପ୍ରସ୍ତୁତ କରିପାରିବେ। ତରଭୁଜ ଜୁସ୍ ମଧ୍ୟ ବେଶ୍ ଉପକାରୀ। ସନ୍ଧ୍ୟା ସମୟରେ ପାଳଙ୍ଗ-କାକୁଡି ଜୁସ୍ ପିଇପାରନ୍ତି। ଶୋଇବା ପୂର୍ବରୁ ଯଦି ଜୁସ୍ ପିଅନ୍ତି ତେବେ ତାହା ମଧ୍ୟ ଶରୀର ପାଇଁ ଲାଭଦାୟକ ହୋଇଥାଏ। ହେଲେ ଏହି ସମୟରେ କମଳା, ସେଓ ଏବଂ ଅଙ୍ଗୁର ମିଶ୍ରିତ ଜୁସ୍ ପିଅନ୍ତୁ।



## ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗକୁ ଦୃଢ଼ କରେ ଯୋଗ

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହାଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବା ପାଇଁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଅନେକ ସମୟରେ ଅଧିକାଂଶ ଲୋକ ଚାପଗ୍ରସ୍ତ ହେବା ଯୋଗୁ ନିଦ୍ରାଜନିତ ବ୍ୟାଘାତ ସୃଷ୍ଟି ହୋଇଥାଏ। ତେଣୁ ଯଦି ଆପଣ ନିୟମିତ ଯୋଗ କରୁଛନ୍ତି ତେବେ ଭଲ ନିଦ ହୋଇଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ରଖେ। ଜର୍ମାନୀ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବାରେ ଯୋଗର ମଧ୍ୟ ଭୂମିକା ରହିଛି।



## ସ୍ୱାସ୍ଥ୍ୟ ସୂଚନା

➤ପ୍ରତିଦିନ ସୂର୍ଯ୍ୟକିରଣରେ କିଛି ସମୟ ବସନ୍ତୁ। ଏହାଦ୍ୱାରା ଶରୀରକୁ ପ୍ରଚୁର ପରିମାଣରେ ଭିଟାମିନ୍ 'ଡି' ମିଳିଥାଏ।

➤କୌଣସି ରୋଗ ପାଇଁ ଔଷଧ ଖାଉଥିଲେ ଡାକ୍ତର ଯେତେଦିନ ପର୍ଯ୍ୟନ୍ତ ଖାଇବାକୁ ପ୍ରେସକ୍ରିପସନରେ ଉଲ୍ଲେଖ କରିଛନ୍ତି ସେତିକି ଦିନ ଖାଆନ୍ତୁ। କିଛି ସମସ୍ୟା ହେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ଯଦି ଆପଣଙ୍କର ଅଣ୍ଟାଜନିତ ସମସ୍ୟା ରହିଛି, ତେବେ ବସିବା-ଉଠିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା ସମୟରେ ସାବଧାନ ରୁହନ୍ତୁ। କାରଣ ହୁଏତ ଓଜନିଆ ଜିନିଷର ପ୍ରେସର ଅଣ୍ଟା ଉପରେ ପଡ଼ିଥାଏ।

➤ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷଭାବରେ ଏହା ଥଣ୍ଡାରୁ ଅନେକାଂଶରେ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣିରେ ମିଶାଇ ପିଇପାରନ୍ତି।

➤ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।

➤ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରି କେତେକ ରୋଗର କାରଣ ସାଜିଥାଏ।



## ଆଲର୍ଜିରୁ ରକ୍ଷା ପାଇବାର ସହଜ ଉପାୟ

ଭିଟାମିନ୍ 'ଇ' ଆମ ଶରୀର ପାଇଁ ବେଶ୍ ଲାଭଦାୟକ। ବିଶେଷ ଭାବରେ ଏଥିରେ ଥିବା ସ୍ୱାସ୍ଥ୍ୟୋପକାରୀ ଗୁଣ ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ରଖିଥାଏ। ଏଭଳି ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଏରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖି ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦି ହେଉଛି ଭିଟାମିନ୍ 'ଇ'ର ପ୍ରମୁଖ ଉତ୍ସ।


## ବ୍ରହ୍ମାଣ୍ଡର ମୃତ୍ୟୁ

(ଶେଷ ଭାଗ)

ଘଟଣାଟି ଏତିକିରେ ସୀମିତି ନୁହେଁ। ଆହୁରି ଏକ ପଦ୍ଧତି ଅଛି, ଯାହାଦ୍ୱାରା ମଧ୍ୟ ବ୍ରହ୍ମାଣ୍ଡ ଧ୍ୱଂସ ହୋଇପାରେ। ପୁଣି ଅଧିକାଂଶ ବିଜ୍ଞାନୀ ଏହି ପଦ୍ଧତିଟିକୁ ବେଶି ଗ୍ରହଣଯୋଗ୍ୟ ବୋଲି ମନେ କରିଥାନ୍ତି। ବ୍ରହ୍ମାଣ୍ଡର ସମସ୍ତ କ୍ଷେତ୍ରରେ ପରିଲକ୍ଷିତ ହୁଏ ଏକ 'ସିମେଟ୍ରି' ବା ପ୍ରତିସାମ୍ୟ। ଅର୍ଥାତ୍ ମହାବିଶ୍ୱର ସମସ୍ତ ସ୍ଥାନରେ ଏକ ଭାରସାମ୍ୟ ବା ସନ୍ତୁଳନ ଲକ୍ଷ୍ୟ କରାଯାଏ। ସେହି ଦୃଷ୍ଟିରୁ ମହାକର୍ଷ ବଳ ଓ ପ୍ରତି-ମହାକର୍ଷ ବଳ ମଧ୍ୟରେ କେବେବି ଅସାମଞ୍ଜସ୍ୟ ଘଟି ନ ପାରେ। କେବେ ବି ଗୋଟିଏ ବଳ ଅନ୍ୟ ଗୋଟିଏ ବଳଠାରୁ ବେଶି ବା କମ୍ ହୋଇ ନ ପାରେ। ଅର୍ଥାତ୍ ଆମ୍ଭମାନଙ୍କ ମହାବିଶ୍ୱରେ ମହାକର୍ଷ ବଳ ଓ ପ୍ରତି ମହାକର୍ଷ ବଳର ପରିମାଣ ସମାନ। ଯଦି ଏହି ଘଟଣା ସତ୍ୟ ହୁଏ, ତେବେ ବ୍ରହ୍ମାଣ୍ଡର ମୃତ୍ୟୁ ହେବ ସ୍ୱାଭାବିକ ବାର୍ଦ୍ଧକ୍ୟ ଯୋଗୁ। ଯେହେତୁ ମହାକର୍ଷ ଓ ପ୍ରତି ମହାକର୍ଷ ବଳର ପରିଣାମ ସମାନ ହେବ, ତେବେ ମହାବିଶ୍ୱ ହୁଏତ ସଙ୍କୁଚିତ ହେବ, ନୋହିଲେ ଖୁବ୍ ବେଶି ପ୍ରସାରିତ ହେବ। ବରଂ ମହାବିଶ୍ୱ ଆସିଯିବ ଏକ ସାମ୍ୟାବସ୍ଥାକୁ। ପ୍ରତି ମହାକର୍ଷ ବଳ ବହୁ ଦୂରସ୍ଥ ନୀହାରିକାଗୁଡ଼ିକୁ ଦୂରକୁ ଠେଲିଦେଲେ ମଧ୍ୟ ନୀହାରିକା ମଧ୍ୟସ୍ଥ ନକ୍ଷତ୍ରଗୁଡିକର ଆନ୍ତଃ ଆକର୍ଷଣ ବଳକୁ ଛିନ୍ନ କରିପାରିବନି। ସେ କ୍ଷେତ୍ରରେ ନୀହାରିକା ବା କିଛି ସଂଖ୍ୟକ ନୀହାରିକାର ସଂଯୋଗ ସେଗୁଡିକର ସ୍ୱାଭାବିକ ଅବସ୍ଥାକୁ ଧରି ରଖିପାରିବ। କିନ୍ତୁ ତା'ର ଅର୍ଥ ଏଇଆ ନୁହେଁ ଯେ, ବିଶ୍ୱ ବ୍ରହ୍ମାଣ୍ଡ ଅମରତ୍ୱ ଲାଭ କରି ପକେଇଲା। ଯେତେ ଯାହା କଲେ ବି ଓ ଯେଉଁ ପ୍ରକାରରେ ହେଲେ ମଧ୍ୟ ବ୍ରହ୍ମାଣ୍ଡ ମୃତ୍ୟୁ ଅବସମ୍ଭାବୀ। ନୀହାରିକାରେ ରହିଥିବା ନକ୍ଷତ୍ରଗୁଡିକ କିନ୍ତୁ ଅମର ନୁହନ୍ତି। ବହୁ କୋଟି କୋଟି ବର୍ଷ ଧରି ଜ୍ୱଳନ୍ତ ରହିବା ଫଳରେ ଏକ ସମୟରେ ନକ୍ଷତ୍ରଗୁଡିକର ଜାଳେଣି ନିଃଶେଷ ହୋଇଯିବ। ଏକ ସମୟରେ ଯେଉଁ ନକ୍ଷତ୍ର ତାପ ମାଧ୍ୟମରେ ତା'ର ନକ୍ଷତ୍ରଜଗତର ଗ୍ରହଗୁଡିକୁ ଉତ୍ତପ୍ତ କରି ରଖିଥାଏ, ସେହି ନକ୍ଷତ୍ର ମଧ୍ୟ ଧୀରେ ଧୀରେ ହୋଇଯିବ ହିମ ଶୀତଳ। ଫଳରେ ତା'ର କକ୍ଷପଥରେ ଥିବା ଗ୍ରହଗୁଡିକ ଶୀତଳ ହୋଇଯିବେ। ଏହି ଭାବରେ ଉଜ୍ଜ୍ୱଳ ନୀହାରିକା ହୋଇପଡିବ ଅନ୍ଧକାରାଚ୍ଛନ୍ନ।

ସମସ୍ତ ପଦାର୍ଥର ରହିଛି ଏକ ଅର୍ଦ୍ଧାୟୁ ବା 'ହାଫ୍-ଲାଇଫ'। ଯେଉଁ ସମସ୍ତ ପଦାର୍ଥକୁ ଆମେ ଖୁବ୍ ସୁସ୍ଥିର ବୋଲି ମନେ କରିଥାଉ, ବହୁ ଲକ୍ଷ କୋଟି ବର୍ଷରେ ବି ତା'ର ସାମାନ୍ୟ ପରିମାଣରେ ହେଲେ ମଧ୍ୟ କ୍ଷୟ ହୋଇଥାଏ। କାରଣ ମୃତ୍ୟୁର ପଞ୍ଝା ମଧ୍ୟରୁ କେହି ମୁକ୍ତି ଯାଇ ନ ଥାନ୍ତି। ଏହିପରି ଭାବରେ ବହୁ କୋଟି କୋଟି ବର୍ଷ ସମୟ ଭିତରେ ବ୍ରହ୍ମାଣ୍ଡର ସକଳ ପଦାର୍ଥ କ୍ଷୟ ପାଇ ପାଇ ଶକ୍ତିରେ ରୂପାନ୍ତରିତ ହୋଇଯିବ ଏବଂ ଗୋଟିଏ ସମୟରେ ବ୍ରହ୍ମାଣ୍ଡର ଏନ୍‌ଟ୍ରୋପି ବା ଉପଲବ୍ଧ ଶକ୍ତିର ହ୍ରାସ ହୋଇଯିବ। ଫଳରେ ବ୍ରହ୍ମାଣ୍ଡରେ କୌଣସି ଘଟଣା ଘଟିବା ସମ୍ଭବ ହେବ ନାହିଁ। ବ୍ରହ୍ମାଣ୍ଡ ହୋଇଯିବ ଶୀତଳ ଓ ସ୍ଥିର, ଠିକ୍ ଯେପରି ଘଟିଥାଏ କୌଣସି ପ୍ରାଣୀର ମୃତ୍ୟୁ ପରେ। ମୃତ୍ୟୁ ପରେ ପ୍ରାଣୀର ଶରୀରରେ ଯେପରି ଯାବତୀୟ ବିପାକ କ୍ରିୟାର ଅନ୍ତ ଘଟେ, ଠିକ୍ ସେହିପରି ବ୍ରହ୍ମାଣ୍ଡର ବିପାକ କ୍ରିୟା ଅର୍ଥାତ୍ ନୂତନ ନୀହାରିକା ତିଆରି କରିବା, ଗ୍ରହ, ନକ୍ଷତ୍ର ଆଦି ସୃଷ୍ଟି ହେବା ଇତ୍ୟାଦି ସବୁ କିଛି ବନ୍ଦ ହୋଇଯିବ। ବ୍ରହ୍ମାଣ୍ଡର ତାପମାତ୍ରା ପହଞ୍ଚିଯିବ ପରମ ଶୂନ୍ୟ ଉଷ୍ମତାରେ। ମୃତ୍ୟୁ ଘଟିବ ଆମ୍ଭମାନଙ୍କ ପରିଚିତ ଜଗତର। ମୃତ୍ୟୁର ହାତରୁ ମହାବିଶ୍ୱ ମଧ୍ୟ ମୁକ୍ତି ପାଇପାରିବନି।

-**ଡା. ନିତ୍ୟାନନ୍ଦ ସ୍ୱାଇଁ,** ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ, କଟକ
ମୋ: ୯୪୩୭୭୬୬୧୧୭



# ଚେସ୍ ଅଲିମ୍ପିଆଡ୍ ମଶାଲ ରିଲେ ଆରମ୍ଭ

**ନୂଆଦିଲ୍ଲୀ, ୧୯।୬(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚେସ୍ ଅଲିମ୍ପିଆଡ୍ର ସର୍ବପ୍ରଥମ ମଶାଲ ରିଲେ ଶୁଭାରମ୍ଭ କରିଛନ୍ତି। ଅଲିମ୍ପିଆଡ୍ର ୪୪ତମ ସଂସ୍କରଣ ମହାବଳିପୁରମ୍ଠାରେ ଜୁଲାଇ ୨୮ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ଚେସ୍ ସଂଘ ଫିଡେ ପ୍ରଥମଥର ପାଇଁ ଅଲିମ୍ପିକ୍ ପରମ୍ପରା ଅନୁସାରେ ଚେସ୍ ଅଲିମ୍ପିଆଡ୍ ଲାଗି ମଶାଲ ରିଲେ ଆରମ୍ଭ କରିଛି। ଫିଡେ ସଭାପତି ଅର୍କାଡି ଭୋର୍କୋଭିଚ୍ ପ୍ରଧାନମନ୍ତ୍ରୀଙ୍କୁ ମଶାଲ ହସ୍ତାନ୍ତର କରିଥିଲେ। ପ୍ରଧାନମନ୍ତ୍ରୀ ତାହାକୁ କିମ୍ବଦନ୍ତୀ ଚେସ୍ ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କୁ ପ୍ରଦାନ କରିଥିଲେ। ଏହି ମଶାଲ ଆଗାମୀ ୪୦ ଦିନ ମଧ୍ୟରେ ଦେଶର ୭୫ଟି ସହର ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି। ଶେଷରେ ଏହା ଚେନ୍ନାଇ ନିକଟସ୍ଥ ମହାବଳିପୁରମ୍ଠାରେ ପହଞ୍ଚିବା ପରେ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରତି ରାଜ୍ୟର ଚେସ୍ ଗ୍ରାଣ୍ଡମାଷ୍ଟରମାନେ ମଶାଲ ଗ୍ରହଣ କରିବେ। ଲେହ, ଶ୍ରୀନଗର, ଜୟପୁର, ସୁରଟ, ମୁମ୍ବାଇ, ଭୋପାଳ, ପାଟଣା, କୋଲ୍କାତା, ଗ୍ୟାଙ୍ଗଟକ, ହାଇଦ୍ରାବାଦ, ବେଙ୍ଗାଲୁରୁ, ପୋର୍ଟବ୍ଲେୟାର ଓ କନ୍ୟାକୁମାରୀ ଆଦି ଏହି ୭୫ ସହର ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି। ଚେସ୍ ଅଲିମ୍ପିଆଡ୍ର ପାଖାପାଖି ୧୦୦ ବର୍ଷର ଇତିହାସରେ ଭାରତ ପ୍ରଥମଥର ପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ କରୁଛି। ଆସନ୍ତା ଅଲିମ୍ପିଆଡ୍ରେ ୧୮୮ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେଣୁ ଏହି କ୍ରୀଡ଼ା ଇଭେଣ୍ଟରେ ବହୁ କ୍ରୀଡ଼ାବିତ୍ଙ୍କର ସମାବେଶ ହେବ। ମୋଦି ଚେସ୍ ବୋର୍ଡରେ ମହିଳା ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କ ବିପକ୍ଷରେ ଗୋଟିଚାଳନା ସହ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। "ଚେସ୍ ଅଲିମ୍ପିଆଡ୍ର ସର୍ବପ୍ରଥମ ମଶାଲ ରିଲେ ଭାରତରୁ ଆରମ୍ଭ ହେଉଛି। ପ୍ରଥମଥର ପାଇଁ ଭାରତ ମଧ୍ୟ ଏହି ବୃହତ୍ ଇଭେଣ୍ଟକୁ ଆୟୋଜନ କରୁଛି। ଆମେ ଗର୍ବିତ ଯେ, ଏହି କ୍ରୀଡ଼ା ନିଜ ଜନ୍ମସ୍ଥାନ ସହିତ ସମଗ୍ର ବିଶ୍ୱରେ ନିଜର ଉପସ୍ଥିତି ଜାହିର କରିଛି। ଚେସ୍ ନିଜ ଜନ୍ମସ୍ଥାନକୁ ଫେରିଥିବା ଦେଖି ଖୁସି ଲାଗୁଛି। ଚେସ୍ ଅଲିମ୍ପିଆଡ୍ ସହ ଏବେ ଖୁସି ମନାଇବା ସମୟ" ବୋଲି ମୋଦି ପ୍ରକାଶ କରିଛନ୍ତି। ମଶାଲ ରିଲେ ଭାରତରୁ ଆରମ୍ଭ କରିବା ପାଇଁ ଫିଡେ ନିଷ୍ପତ୍ତି ନେଇଛି। ଏହା କେବଳ ଭାରତ ପାଇଁ ସମ୍ମାନ ନୁହେଁ, ଚେସ୍ ପ୍ରତି ମଧ୍ୟ ସମ୍ମାନ। ମୋଦି ପୁଣି କହିଛନ୍ତି, "ଚେସ୍ ଏବେ କେବଳ ଏକ ଖେଳ ହୋଇ ରହିନାହିଁ, ଶିକ୍ଷାକ୍ଷେତ୍ରରେ ମଧ୍ୟ ପ୍ରବେଶ କରିଛି। ଭାରତରେ ରେସ୍ଲିଂ, କବାଡ଼ି, ମାଲଖମ୍ବ ଆଦିକୁ ଫିଟ୍ ରହିବା ପାଇଁ ଏବଂ ଦକ୍ଷତା ବୃଦ୍ଧି ଲାଗି ଖେଳାଯାଉଛି। ଆମ ପୂର୍ବଜମାନେ ଚେସ୍ର ଉଦ୍ଭାବନ କରିଥିଲେ। ଏବେ ଚେସ୍ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇପାରିଛି। ଚେସ୍ ଖେଳାଳିମାନେ ସମସ୍ୟାର ସମାଧାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଚେସ୍ରେ ସଫଳତା ପାଇଁ ଯୋଗ ଏବଂ ମେଡିଟେଶନ ବହୁ ଗୁରୁତ୍ୱପୂର୍ଣ୍ଣ।" କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଏହି ମେଗା ଇଭେଣ୍ଟ ଅବସରରେ ଉପସ୍ଥିତ ଥିଲେ। ଚେସ୍କୁ ସମର୍ଥନ ଜଣାଉଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଚେସ୍ ଅଲିମ୍ପିଆଡ୍ ଆୟୋଜନ ଭାରତ ପାଇଁ ବଡ଼ ସୁଯୋଗ ସଦୃଶ। ଏହାକୁ ପ୍ରଧାନମନ୍ତ୍ରୀ ସମର୍ଥନ କରୁଥିବାରୁ ମୁଁ ଧନ୍ୟବାଦ ଜଣାଉଛି। ୧୯୫୬ରେ ଭାରତ ପ୍ରଥମଥର ପାଇଁ ଚେସ୍ ଅଲିମ୍ପିଆଡ୍ରେ ଅଂଶଗ୍ରହଣ କରିଥିଲା। ପଦକ ହାସଲ ପାଇଁ କିଛି ସମୟ ଲାଗିଥିଲା। ମାତ୍ର ଏହାପରେ ଭାରତ ଆଉ କେବେ ପଛକୁ ଫେରି ଚାହିଁନାହିଁ ବୋଲି ଅନୁରାଗ ପ୍ରକାଶ କରିଛନ୍ତି। ଭାରତ ସରକାର ଏହି ସମ୍ମାନଜନକ ଇଭେଣ୍ଟ ଆୟୋଜନ କରୁଥିବାରୁ ଫିଡେ ସଭାପତି ଭୋର୍କୋଭିଚ୍ କୃତଜ୍ଞତା ପ୍ରକାଶ କରିଥିଲେ। "ନୂଆ ପରମ୍ପରା ମଶାଲ ରିଲେ ଭାରତରେ ଆରମ୍ଭ ହୋଇଥିବାରୁ ମୁଁ ବହୁତ ଖୁସୀ। ଅଲିମ୍ପିକ୍ ମଶାଲ ହେଉଛି ଅଲିମ୍ପିକ୍ ଆନ୍ଦୋଳନ ଏବଂ ବନ୍ଧୁତ୍ୱର ପ୍ରତୀକ। ଏହି ମଶାଲ ରିଲେ ମଧ୍ୟ ସମାନ। ଭବିଷ୍ୟତରେ ଆମେ ସମଗ୍ର ବିଶ୍ୱରେ ମଶାଲ ରିଲେ ଆୟୋଜନ ପାଇଁ ଯୋଜନା କରୁଛୁ। ତେବେ ତାହା ସବୁବେଳେ ଭାରତରୁ ହିଁ ଆରମ୍ଭ ହେବ" ବୋଲି ଭୋର୍କୋଭିଚ୍ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚେସ୍ ଅଲିମ୍ପିଆଡ୍ ମଶାଲ ରିଲେର ଶୁଭାରମ୍ଭ କରୁଛନ୍ତି।

## ତ୍ରିପୁରା ପକ୍ଷରୁ ଖେଳିପାରନ୍ତି ଋଦ୍ଧିମାନ

**କୋଲ୍କାତା, ୧୯।୬(ପି.ଟି.)**

ଟିମ୍ ଇଣ୍ଡିଆରେ ସ୍ଥାନ ପାଉ ନ ଥିବା ଉଇକେଟ୍କିପର ଋଦ୍ଧିମାନ ଶାହା ତ୍ରିପୁରା ପକ୍ଷରୁ ଖେଳିବା ସହ ମେଣ୍ଟର ଭୂମିକା ନିର୍ବାହ କରିବା ପାଇଁ ଆଲୋଚନା ଚଳାଇଛନ୍ତି। ଘରୋଇ ଦଳ ବେଙ୍ଗଲ ସହିତ ମଧ୍ୟ ତାଙ୍କର ଭଲ ସମ୍ପର୍କ ନାହିଁ। "ଋଦ୍ଧିମାନ ମେଣ୍ଟର ରହିବା ସହିତ ତ୍ରିପୁରା ପକ୍ଷରୁ ଖେଳିବା ପାଇଁ ସେଠାକାର କେତେକ ଆପେକ୍ସ କାଉନ୍ସିଲ ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ମାତ୍ର ବର୍ତ୍ତମାନ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇନାହିଁ" ବୋଲି ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏଥିପାଇଁ ତାଙ୍କୁ ପ୍ରଥମେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ନିକଟରୁ ଏବଂ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ରୁ ନୋ ଅବ୍ଜେକ୍ସନ ସାର୍ଟିଫିକେଟ(ଏନ୍ଓସି)ଆଣିବାକୁ ପଡ଼ିବ। ତା' ପରେ ଯାଇ କିଛି ନିଷ୍ପତ୍ତି ନିଆଯାଇପାରିବ।

ଗୁଜରାଟ ଟାଇଟନ୍ସକୁ ଇଣ୍ଡିଆନ ପ୍ରିମିୟର ଲିଗ୍ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୩୭ ବର୍ଷୀୟ ଋଦ୍ଧିମାନ ଶ୍ରୀଲଙ୍କା ସିରିଜ୍ ପାଇଁ ଭାରତୀୟ ଦଳରେ ସ୍ଥାନ ନ ପାଇବାରୁ ବେଙ୍ଗଲ୍ ସେଟ୍-ଅପ୍ରୁ ଓହରି ଯାଇଥିଲେ। ଏହାପରେ ଋଦ୍ଧିମାନଙ୍କ ସମ୍ପର୍କରେ ସିଏବି ଯୁଗ୍ମ ସମ୍ପାଦକ ଦେବବ୍ରତ ଦାସ କିଛି ଅରୁଚିକର ମନ୍ତବ୍ୟ ଦେଇଥିଲେ ଏବଂ ତାଙ୍କ ପ୍ରତିଶ୍ରୁତିବଦ୍ଧତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହା ଋଦ୍ଧିମାନଙ୍କୁ ବିରକ୍ତ କରିଥିଲା। ଆଇପିଏଲ୍ରେ ଭଲ ପ୍ରଦର୍ଶନ କରିବା ପରେ ତାଙ୍କୁ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ପାଇଁ ବେଙ୍ଗଲ ଦଳରେ ସାମିଲ କରାଯାଇଥିଲା। ଏଥିପାଇଁ କିନ୍ତୁ ତାଙ୍କ ମତାମତ ନିଆଯାଇ ନ ଥିଲା। ମାତ୍ର ଏହି ଭେଟେରାନ ଉଇକେଟ୍କିପର ଦେବବ୍ରତଙ୍କଠାରୁ କ୍ଷମାପ୍ରାର୍ଥନା ଦାବି କରିବା ସହ ବେଙ୍ଗଲ ପକ୍ଷରୁ ଆଉ କେବେ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଥିଲେ। ୨୦୦୭ରେ ବେଙ୍ଗଲ ପକ୍ଷରୁ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରି ସେ ୧୨୨ଟି ମ୍ୟାଚ୍ ଖେଳିଛନ୍ତି।

## ଡବ୍ଲ୍ୟୁବିସି ଏସିଆନ୍ ଟାଇଟଲ ଫାଇଟ୍ରେ ହାରିଲେ ଲାଲବିୟାକିମା

**ଦୁବାଇ, ୧୯।୬(ପି.ଟି.)**

ଭାରତୀୟ ବକ୍ସର ଏନ୍ଟି ଲାଲବିୟାକିମା ଡବ୍ଲ୍ୟୁବିସି ଏସିଆନ ବକ୍ସିଂ କାଉନ୍ସିଲର କଣ୍ଟିନେଣ୍ଟାଲ ଲାଇଟ୍ ଫ୍ଲାଇୱେଟ୍ ଟାଇଟଲ ଫାଇଟରେ ଫିଲିପାଇନ୍ସର ଜେସନ ଭେସନଙ୍କଠାରୁ ପରାସ୍ତ ହୋଇଛନ୍ତି। ବିଶ୍ୱ ର୍ୟାଙ୍କିଙ୍ଗ୍ର ୪୭ତମ ସ୍ଥାନରେ ଥିବା ଭେସନ ପ୍ରତିପକ୍ଷ ଲାଲବିୟାକିମାଙ୍କୁ ପେସାଦାର ବକ୍ସିଂ କ୍ୟାରିୟରରେ ପ୍ରଥମ ପରାଜୟ ଦେଇଛନ୍ତି। ଦୁବାଇ ବିଶ୍ୱ ବ୍ୟାପାର କେନ୍ଦ୍ରରେ ଶନିବାର ରାତିରେ ୧୦ ରାଉଣ୍ଡ ବିଶିଷ୍ଟ ଟାଇଟଲ ମୁକାବିଲା ଅନୁଷ୍ଠିତ ହୋଇଥିଲା। ପୂରା ଫାଇଟ୍ରେ ଦୁଇ ବକ୍ସରଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। କିନ୍ତୁ ଫିଲିପାଇନ୍ସ ବକ୍ସର ତାଙ୍କ ଉଚ୍ଚତାର ଫାଇଦା ଉଠାଇଥିଲେ। ଏହି ବିଜୟ ସହ ଜେସନଙ୍କ ଅପରାଜେୟ ରେକର୍ଡ ୧୦ରେ ପହଞ୍ଚିଛି।

## ଆର୍ଜେଣ୍ଟିନାଠାରୁ ହାରିଲା ଭାରତ



ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

### ଏଫ୍ଆଇଏଚ୍ ପ୍ରୋ-ଲିଗ୍

**ରୋଟରଡାମ, ୧୯।୬(ପିଟି)**

ପ୍ରଥମ ମ୍ୟାଚକୁ ଜିତିବା ପରେ ଭାରତୀୟ ମହିଳା ଦଳ ଅଲିମ୍ପିକ୍ ରୌପ୍ୟ ପଦକଧାରୀ ଆର୍ଜେଣ୍ଟିନାଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ଏହି ବିଜୟ ସହ ଆର୍ଜେଣ୍ଟିନା ଏଫ୍ଆଇଏଚ୍ ପ୍ରୋ ଲିଗ୍ରେ ୧୬ ମ୍ୟାଚ୍ରୁ ସର୍ବାଧିକ ୪୨ ପଏଣ୍ଟ ସହ ଟାଇଟଲ ଜିତି ନେଇଛି। ୧୦ ପଏଣ୍ଟ ପଛରେ ଥିବା ନେଦରଲାଣ୍ଡ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଭାରତୀୟ ଦଳ ୩ୟ ସ୍ଥାନ ବଜାୟ ରଖିଛି। ପଦାର୍ପଣ ସିଜନରେ ଭାରତ ୧୨ ମ୍ୟାଚ୍ରେ ୨୪ ପଏଣ୍ଟ ହାସଲ କରିଛି।

ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ୨୩ତମ ମିନିଟ୍ରେ ଭାରତ ଖାତା ଖୋଲିଥିଲା। ସଲିମା ଟେଟେ ଆର୍ଜେଣ୍ଟିନା ଡିଫେନ୍ସ ଭାଗକୁ ଭେଦ କରି ଗୋଲ ସ୍କୋର କରିଥିଲେ। ଏହାର ୩ ମିନିଟ୍ ପରେ ଭାରତୀୟ କଷ୍ଟୋଡିଆନ ସବିତା ଏକ ଚମତ୍କାର ସେଭ କରିଥିଲେ। ଜୁଲିଏଟା ଜାଙ୍କୁନାସଙ୍କ ଶଟ୍କୁ ରୋକିବା ପରେ ସବିତା ବଲର ଦିଗ ବଦଳି ଦେଇଥିଲେ। ଏହାପରେ ଆର୍ଜେଣ୍ଟିନାର ଖେଳାଳିମାନେ ଲଗାତର ୩ ଶଟ୍ ଉଦ୍ୟମ କରିଥିଲେ, ହେଲେ ସବିତାଙ୍କୁ ଅତିକ୍ରମ କରିପାରି ନ ଥିଲେ। ତୃତୀୟ କ୍ୱାର୍ଟର ପ୍ରାୟତଃ ରହିଥିଲା ଆର୍ଜେଣ୍ଟିନା ନିୟନ୍ତ୍ରଣରେ। ୩୭ତମ ମିନିଟ୍ରେ ସବିତା ପୁଣି ଥରେ ଜାଙ୍କୁନାସଙ୍କ ଉଦ୍ୟମକୁ ବେକାର କରି ଦେଇଥିଲେ। ହେଲେ ପରବର୍ତ୍ତୀ ମିନିଟ୍ରେ ଡେଲଫିନେ ଥୋମ ମ୍ୟାଚ୍ର ସ୍କୋର ଲାଇନକୁ ବରାବର କରିଥିଲେ। ଏହାପରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଉଦିତା ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। କିନ୍ତୁ ଆର୍ଜେଣ୍ଟିନା ୩ ମିନିଟ୍ ମଧ୍ୟରେ ଦୁଇଟି ପେନାଲ୍ଟି କର୍ନରରୁ ୨ ଗୋଲ ଦେଇ ୩-୧ର ଅଗ୍ରଣୀ ହାସଲ କରିଥିଲା। ଏହାର ତୁରନ୍ତ ପରେ ଦୀପ ଗ୍ରେସ ଏକ୍କାଙ୍କ ଗୋଲ ବଳରେ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନକୁ ଭାରତ ୩-୨କୁ ଆଣିଥିଲା। ଏହାପରେ ମ୍ୟାଚ୍କୁ ଡ୍ର' କରିବା ପାଇଁ ଭାରତୀୟ ଖେଳାଳିମାନେ ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ ମଧ୍ୟ ଫଳାଫଳରେ କୌଣସି ପରିବର୍ତ୍ତନ ଆସି ନ ଥିଲା।


ପୁରୁଣା ଗଣ୍ଠି ବ୍ୟଥାର ପ୍ରଭାବୀ ଉପଚାର

ଆୟୁର୍ବେଦିକ ତେଲ/କ୍ୟାପ୍ସୁଲ

ଡା. ଅର୍ଥୋ




ଡା. ଅର୍ଥୋ ହିଁ କାହିଁକି କିଣିବେ?

ଗ୍ରାମ-ଗ୍ରାମ, ସହର-ସହର, ଯିଏ ବି ଆପଣାଇଲେ - ପରିଣାମ ପାଇଲେ

Maharashtra — ମାଧବୀ ଦେବରୁଖକର, 59 ବର୍ଷ, ଆମକୁ ଜଣାଇ- ଛନ୍ତି ଯେ ସେ ନିଜର ଗଣ୍ଠି ବ୍ୟଥା କାରଣରୁ ବହୁତ କଷ୍ଟରେ ରହୁଥିଲେ । ଦୈନିକ କାମରେ ବହୁତ ଅସୁବିଧା ହୋଇଥିଲା। ଦିନେ ତାଙ୍କୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ବିଷୟରେ ଜଣାପଡ଼ିଲା । ନିର୍ଦ୍ଦେଶ ଅନୁସାରେ ବ୍ୟବହାର ଦ୍ୱାରା ତାଙ୍କ ଗଣ୍ଠି ବ୍ୟଥା ସମସ୍ୟା ଅନେକ ମାତ୍ରାରେ ଦୂର ହୋଇଗଲା । ଡା. ଅର୍ଥୋର ରେଜଲ୍ଟ ବହୁତ ଭଲ ।

Uttar Pradesh — ମୁକେଶ କୁମାର, 44 ବର୍ଷ, କୁହନ୍ତି କି ବିଗତ କିଛି ବର୍ଷ ଧରି ତାଙ୍କ ଗଣ୍ଠିରେ ଅତ୍ୟଧିକ ଯନ୍ତ୍ରଣା ରହୁଥିଲା। ଔଷଧ ବି ବହୁତ ଖାଇଲେ କିନ୍ତୁ ଆରାମ ମିଳିଲାନାହିଁ । ଦିନେ ତାଙ୍କର ଜଣେ ପରିଚିତ ତାଙ୍କୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ । ମାତ୍ର 6 ମାସର ନିୟମିତ ବ୍ୟବହାର ଦ୍ୱାରା ତାଙ୍କ ଗଣ୍ଠିରେ ବହୁତ ଆରାମ ମିଳିଲା । ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ।

Bihar — ମୁନେଶ୍ୱର କୁମାର, 45 ବର୍ଷ, ମୁଁ ବିଗତ ଅନେକ ସମୟ ଧରି ଅଣ୍ଟା ଓ ଆଣ୍ଠୁ ବ୍ୟଥାକୁ ନେଇ ଚିନ୍ତିତ ଥିଲି । ବହୁତ ଚିକିତ୍ସା କରାଇଲି କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୋତେ ଖବରକାଗଜ ମାଧ୍ୟମରେ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ବିଷୟରେ ଜଣାପଡ଼ିଲା । ମାତ୍ର 3 ମାସର ନିୟମିତ ପ୍ରୟୋଗ ଦ୍ୱାରା ମୋର ଆଣ୍ଠୁ ଏବଂ ଅଣ୍ଟା ବ୍ୟଥା ସମସ୍ୟାରୁ ଅପେକ୍ଷାକୃତ ଆରାମ ମିଳିଛି । ଏବେ ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇଯାଇଛି ।

Bihar — ଖଲିଲ ଅହମଦ, 48 ବର୍ଷ, କୁହନ୍ତି କି ସେ ଜଣେ ବ୍ୟବସାୟୀ ଅଟନ୍ତି ଓ ବହୁ ସମୟ ଧରି ଦୁଇ ଆଣ୍ଠୁରେ ବ୍ୟଥା କାରଣରୁ ଚିନ୍ତିତ ଥିଲେ । ଦିନେ ସେ ଟି.ଭି.ରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲର ବିଜ୍ଞାପନ ଦେଖିଲେ । ନିୟମିତ ମାତ୍ର 2 ମାସ ବ୍ୟବହାର ଦ୍ୱାରା ହିଁ ତାଙ୍କ ଆଣ୍ଠୁ ବ୍ୟଥା ସମସ୍ୟା ବହୁ ମାତ୍ରାରେ କମିଗଲା। ସେ ଅନ୍ୟମାନଙ୍କୁ ମଧ୍ୟ ଆୟୁର୍ବେଦିକ ଡା. ଅର୍ଥୋ ବ୍ୟବହାର କରିବାର ପରାମର୍ଶ ଦେଉଛନ୍ତି ।

Uttar Pradesh — ରୋହିତ ସିଂହ, 66 ବର୍ଷ, କୁହନ୍ତି କି, କିଛି ବର୍ଷ ପୂର୍ବେ ତାଙ୍କ ଆଣ୍ଠୁରେ ଅତ୍ୟଧିକ ବ୍ୟଥା ହେଉଥିଲା ଯାହାର ସେ ଅନେକ ଚିକିତ୍ସା କରାଇଲେ କିନ୍ତୁ କିଛି ଆରାମ ମିଳିଲା ନାହିଁ । ଆୟୁର୍ବେଦିକ ଡା. ଅର୍ଥୋ ତେଲ ଏବଂ କ୍ୟାପ୍ସୁଲର ନିୟମିତ କମ୍ପ୍ଲିଟ୍ କୋର୍ସ କରିବା ପରେ ତାଙ୍କୁ ପୁନର୍ବାର ଆଣ୍ଠୁ ବ୍ୟଥା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନାହିଁ ।

Jharkhand — ପ୍ରହ୍ଲାଦ ଅଗ୍ରୱାଲ, 70 ବର୍ଷ, ଦିନସାରା ଦୋକାନରେ ବସି ରହିବା କାରଣରୁ ତାଙ୍କ ଆଣ୍ଠୁ ଓ ଅଣ୍ଟାରେ ଅସହନୀୟ ବ୍ୟଥା ରହିବାକୁ ଲାଗିଲା। ଚାଲିବା ବି କଷ୍ଟ ହେଉଥିଲା । ଦିନେ ତାଙ୍କ ଭାଇ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଏବଂ କ୍ୟାପ୍ସୁଲର ଚିକିତ୍ସା ହାସଲ କରିବାକୁ କହିଲେ । ବିଧି ଅନୁଯାୟୀ 6 ମାସ ପର୍ଯ୍ୟନ୍ତ ପ୍ରୟୋଗ ଦ୍ୱାରା ତାଙ୍କ ଆଣ୍ଠୁ ଓ ଅଣ୍ଟାରେ ଯେଉଁ ବ୍ୟଥା ରହୁଥିଲା, ତାହା ଏବେ ନାହିଁ ।

Bihar — ମୁନ୍ନା ଭଗତ, 46 ବର୍ଷ, କୁହନ୍ତି ଯେ ବିଗତ ଅନେକ ସମୟ ଧରି ତାଙ୍କ ଆଣ୍ଠୁ, ଗୋଡ଼ରେ ବ୍ୟଥାର ସମସ୍ୟା ରହୁଥିଲା । ଦିନେ ସେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ବିଷୟରେ ଜାଣିବାକୁ ପାଇଲେ । ନିର୍ଦ୍ଦେଶ ଅନୁସାରେ ସେ ତାହାର ବ୍ୟବହାର ଆରମ୍ଭ କଲେ ଏବଂ ଆଜି ସେ ସମ୍ପୂର୍ଣ୍ଣ ଠିକ୍ ଅଛନ୍ତି । ସେ ଯାହାକୁ ବି ଡା. ଅର୍ଥୋ ତେଲ ବ୍ୟବହାର କରିବାର ପରାମର୍ଶ ଦେଇଥିଲେ ସେମାନେ ବି ଆଜି ବହୁତ ଖୁସି ଅଛନ୍ତି ।

Uttar Pradesh — ରାଜ ନାରାୟଣ ଦୁବେ, 72 ବର୍ଷ, କୁହନ୍ତି କି ତାଙ୍କୁ ବିଗତ 2 ବର୍ଷ ଧରି ଆଣ୍ଠୁ ବ୍ୟଥାର ସମସ୍ୟା ଥିଲା । ଦିନେ ତାଙ୍କର ଜଣେ ସମ୍ପର୍କୀୟ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ବ୍ୟବହାର କରିବାକୁ କହିଲେ । ମାତ୍ର 2 ମାସର ବ୍ୟବହାର ଦ୍ୱାରା ହିଁ ତାଙ୍କର ଆଣ୍ଠୁ ବ୍ୟଥା ସମସ୍ୟା କମିଗଲା ଓ ସେ କହିଛନ୍ତି କି ଯଦି ଆଉ କାହାକୁ ଗଣ୍ଠି ବ୍ୟଥାର ସମସ୍ୟା ଅଛି ତେବେ ସେ ଡା. ଅର୍ଥୋ ନିଶ୍ଚୟ ବ୍ୟବହାର କରନ୍ତୁ ।

Madhya Pradesh — ରାମ ବାବୁ, 77 ବର୍ଷ, ଆର୍ମି ରିଟାୟର୍ଡ ଅଟନ୍ତି, ସେ ଆମକୁ କହିଛନ୍ତି କି ବିଗତ ଅନେକ ବର୍ଷ ଧରି ସେ ଆଣ୍ଠୁ ବ୍ୟଥାରୁ ବହୁତ ଚିନ୍ତିତ ଥିଲେ । ଚଲାବୁଲା ଓ ବସାଉଠା କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ଦିନେ ତାଙ୍କୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ବିଷୟରେ ଜଣାପଡ଼ିଲା । ନିୟମ ଅନୁସାରେ ଟ୍ରିଟ୍ମେଣ୍ଟ ନେବା ଦ୍ୱାରା ଆଣ୍ଠୁ ସମସ୍ୟାରୁ ବହୁତ ଉପଶମ ମିଳିଛି ।

Maharashtra — ବିଜୟ ଚଲ୍ପେ, 42 ବର୍ଷ, କୁହନ୍ତି କି ସେ ଅନେକ ସମୟ ଧରି ପିଠି ବ୍ୟଥା ସମସ୍ୟାକୁ ନେଇ ବ୍ୟଥିତ ଥିଲେ । ଡାକ୍ତରୀ ଚିକିତ୍ସା କରାଇଲେ କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ସେ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ବିଷୟରେ ଜାଣିବାକୁ ପାଇଲେ । ଯାହାକୁ ନିୟମିତ ବ୍ୟବହାର କରି ତାଙ୍କର ପିଠି ବ୍ୟଥା ଏବେ ସମ୍ପୂର୍ଣ୍ଣ ଭଲ ହୋଇଯାଇଛି । ସେ କୁହନ୍ତି କି ଏହାର କୌଣସି ସାଇଡ୍ ଇଫେକ୍ଟ ବି ନାହିଁ ।

Uttar Pradesh — ରାଜୀବ ନିୟୋଗେ, 66 ବର୍ଷ, କୁହନ୍ତି କି ଯଦି କେହି ବ୍ୟକ୍ତିଙ୍କୁ ଗଣ୍ଠି ବ୍ୟଥା ଯେପରିଃ ପିଠି, ଅଣ୍ଟା, ଆଣ୍ଠୁ, କହୁଣି ଆଦିର ସମସ୍ୟା ଅଛି ତେବେ ତାଙ୍କ ପାଇଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍ସୁଲ ଫଳପ୍ରଦ ଔଷଧି ହେବ । ଏହାର ନିୟମିତ ବ୍ୟବହାର ଦ୍ୱାରା ଗଣ୍ଠି ବ୍ୟଥାରୁ ମଧ୍ୟ ଅପେକ୍ଷାକୃତ ଆରାମ ମିଳିଥାଏ । ସେ ନିଜେ ବି ଡା.ଅର୍ଥୋ ବ୍ୟବହାର କରନ୍ତି ।

Madhya Pradesh — ବାବୁ ଖାନ ମଂସୁରୀ, 70 ବର୍ଷ ଆମକୁ କହିଛନ୍ତି କି ଅନେକ ସମୟ ଧରି ତାଙ୍କ ଆଣ୍ଠୁ ବ୍ୟଥାର ସମସ୍ୟା ଥିଲା । ଦିନେ ସେ ଖବରକାଗଜରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲର ଆର୍ଟିକଲ୍ ଦେଖିଲେ । ଏହା ପରେ ସେ 1 ବର୍ଷ ଏହାର ନିୟମିତ ପ୍ରୟୋଗ କଲେ । ଖୁସିର ସହିତ ସେ କୁହନ୍ତି କି ଆଜି ସେ ବିଲ୍କୁଲ ଠିକ୍ ଅଛନ୍ତି ଏବଂ ନିଜର ଦିନଚର୍ଯ୍ୟାର କାମ ସରଳତା ସହ କରୁଛନ୍ତି ।

Maharashtra — ଦାଦାରାଓ ବସନ୍ତ ରାଓ ଖୋଡ଼େ, 59 ବର୍ଷ । ମୁଁ ବିଗତ କିଛି ବର୍ଷ ଧରି ଆଣ୍ଠୁ ଓ ଅଣ୍ଟା ବ୍ୟଥା କାରଣରୁ ଚିନ୍ତିତ ରହୁଥିଲି। ଦିନେ ମୋତେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ବିଷୟରେ ଜଣାପଡ଼ିଲା । ଯାହାର ନିୟମିତ ବ୍ୟବହାର ଦ୍ୱାରା ମୋତେ ଆଣ୍ଠୁ ଓ ଅଣ୍ଟା ବ୍ୟଥାରୁ ବହୁତ ଲାଭ ମିଳିଲା । ଏହାଫଳରେ ମୋତେ ଏକ ନୂଆ ଜୀବନ ମିଳିପାରିଛି ।

Jharkhand — ସୁରେଶ ଜୈନ, 71 ବର୍ଷ ଜଣାଇଛନ୍ତି ଯେ, ଅନେକ ଦିନ ଧରି ମୋର ଆଣ୍ଠୁରେ ବ୍ୟଥା ସମସ୍ୟା ବଢ଼ିବାରେ ଲାଗିଥିଲା । ଚଲାବୁଲାରେ ବହୁତ ସମସ୍ୟା ହେଉଥିଲା । ଦିନେ ମୁଁ ଖବରକାଗଜରେ ଡା.ଅର୍ଥୋ ତେଲ ଓ କ୍ୟାପ୍ସୁଲର ଆର୍ଟିକଲ ପଢ଼ିଲି । ନିର୍ଦ୍ଦେଶ ଅନୁସାରେ ନିୟମିତ ମସାଜ୍ ଓ କ୍ୟାପ୍ସୁଲ ସେବନ ଆରମ୍ଭ କରିଦେଲି । ମାତ୍ର ଏକ ମାସରେ ହିଁ ଆଣ୍ଠୁ ବ୍ୟଥା ବହୁତ କମିଗଲା । ଅଦ୍ଭୁତ ଲାଭ ମିଳିଲା।

Haryana — ସୁରେଶ କୁମାର, 66 ବର୍ଷ ଜଣାଇଛନ୍ତି କି ବିଗତ କିଛି ସମୟ ଧରି ତାଙ୍କ ଗଣ୍ଠି ଯେପରି ପିଠି, ଅଣ୍ଟା, ଆଣ୍ଠୁ ଆଦିରେ ବ୍ୟଥାର ସମସ୍ୟା ଥିଲା । ଦିନେ ସେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍ସୁଲର ବିଜ୍ଞାପନ ଦେଖିଲେ । କିଛି ସମୟ ନିୟମିତ ବ୍ୟବହାର କରିବା ଦ୍ୱାରା ତାଙ୍କ ଗଣ୍ଠିର ବ୍ୟଥା ଏବେ ଠିକ୍ ହୋଇଯାଇଛି । ଏବେ ତାଙ୍କୁ ଗଣ୍ଠି ବ୍ୟଥା ସମ୍ବନ୍ଧୀୟ କିଛି ବି ସମସ୍ୟା ନାହିଁ ।

West Bengal — ତପନ କୁମାର ଘୋଷ, 36 ବର୍ଷ କହିଛନ୍ତି କି କିଛି ସମୟ ପୂର୍ବେ କୌଣସି କାରଣରୁ ତାଙ୍କ ଗଣ୍ଠିରେ ବହୁତ ଯନ୍ତ୍ରଣା ରହୁଥିଲା । ଦିନେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ମେଡିକାଲ ଷ୍ଟୋରରୁ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ଆଣି ଦେଲେ ଯାହାକି ସମ୍ପୂର୍ଣ୍ଣ ଆୟୁର୍ବେଦିକ ଅଟେ । ଏହାର ନିୟମିତ ପ୍ରୟୋଗ ଦ୍ୱାରା ତାଙ୍କ ଗଣ୍ଠି ବ୍ୟଥା ସମସ୍ୟା ବହୁତ କମିଯାଇଛି ।

Bihar — ବୀରେନ୍ଦ୍ର ପ୍ରସାଦ ସିଂହ, 70 ବର୍ଷ, କୁହନ୍ତି ଯେ ବିଗତ କିଛି ସମୟ ଧରି ମୋର ଆଣ୍ଠୁରେ ବହୁତ ବ୍ୟଥା ରହୁଥିଲା । ଚଲାବୁଲାରେ ମଧ୍ୟ କଷ୍ଟ ହେଉଥିଲା । ଦିନେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍ସୁଲ ବିଷୟରେ ଜାଣିବାକୁ ପାଇଲି । ଏହାର କମ୍ପ୍ଲିଟ୍ କୋର୍ସ କରିବା ପରେ ମୋର ଆଣ୍ଠୁ ବ୍ୟଥା ସମସ୍ୟାରୁ ବହୁତ ଉପଶମ ମିଳିଛି । ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ ।

Bihar — ନିମେ ହାଲ୍ଦାର, 66 ବର୍ଷ ଜଣାଇଛନ୍ତି କି କିଛି ସମୟ ପୂର୍ବେ ମୋର ଉଭୟ ଆଣ୍ଠୁରେ ଅତି ଅସହନୀୟ ଯନ୍ତ୍ରଣା ରହୁଥିଲା । ଡାକ୍ତରୀ ଚିକିତ୍ସାରୁ କେବଳ ଅସ୍ଥାୟୀ ଆରାମ ମିଳୁଥିଲା । ଦିନେ ମୁଁ ଟିଭିରେ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲର ବିଜ୍ଞାପନ ଦେଖିଲି ଓ ନିୟମାନୁସାରେ 3 ମାସ ପୂର୍ଣ୍ଣତଃ ବ୍ୟବହାର ଦ୍ୱାରା ଉଭୟ ଆଣ୍ଠୁ ବ୍ୟଥାରୁ ବହୁତ ଆରାମ ମିଳିପାରିଛି ।

Madhya Pradesh — ସୁରେଶ କୁଶୱାହ, 53 ବର୍ଷ କହିଛନ୍ତି କି ବିଗତ କିଛି ବର୍ଷ ଧରି ମୋର ଆଣ୍ଠୁରେ ଅସହନୀୟ ବ୍ୟଥା ରହୁଥିଲା । ବସିବାରେ ମଧ୍ୟ ବହୁ କଷ୍ଟ ହେଉଥିଲା । ଦିନେ ମୋର ଜଣେ ପରିଚିତ ମୋତେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ନିୟମିତ 3 ମାସ ବ୍ୟବହାର କରିବାର ପରାମର୍ଶ ଦେଲେ । ନିର୍ଦ୍ଦେଶ ଅନୁସାରେ ନିୟମିତ ମସାଜ୍ କରିବା ଓ କ୍ୟାପ୍ସୁଲ ସେବନ କରିବା ଦ୍ୱାରା ଆଜି ମୋର ବ୍ୟଥା ସମସ୍ୟା ଦୂର ହୋଇଯାଇଛି।

Bihar — ଶ୍ରୀମତୀ ଦେବୀ, 82 ବର୍ଷଙ୍କ ପୁତ୍ରବଧୂ କୁହନ୍ତି କି ତାଙ୍କ ଶାଶୁଙ୍କ ଆଣ୍ଠୁରେ ବ୍ୟଥା କାରଣରୁ ସେ ବହୁତ କଷ୍ଟରେ ରହୁଥିଲେ । ଦିନେ ସେ ଟି.ଭି. ରେ ଆୟୁର୍ବେଦିକ ଡା. ଅର୍ଥୋର ଏକ ବିଜ୍ଞାପନ ଦେଖିଲେ । ମାତ୍ର ଅଳ୍ପ ଦିନ ନିୟମାନୁସାରେ ଲଗାତର ବ୍ୟବହାର ଦ୍ୱାରା ତାଙ୍କୁ ଆଣ୍ଠୁ ବ୍ୟଥାରୁ ଅନେକ ମାତ୍ରାରେ ଆରାମ ମିଳିଛି ।

Maharashtra — ରଘୁବୀର ନୁନିଆ, 70 ବର୍ଷଙ୍କ ପୁତ୍ର ସତ୍ୟା ନୁନିଆ ଜଣାଇଛନ୍ତି କି ବହୁତ ସମୟ ଧରି ତାଙ୍କ ପିତାଙ୍କ ଅଣ୍ଟାରେ ବ୍ୟଥା ରହୁଥିଲା। ଅନେକ ଚିକିତ୍ସା କରାଇଲେ କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ସେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍ସୁଲ ବିଷୟରେ ଜାଣିବାକୁ ପାଇଲେ। ଦୈନିକ ବ୍ୟବହାର ଦ୍ୱାରା ତାଙ୍କ ପିତାଙ୍କ ଅଣ୍ଟା ବ୍ୟଥା ଅନେକ ମାତ୍ରାରେ କମିଗଲା ଏବଂ ସେ ଏଥିପାଇଁ ଡା.ଅର୍ଥୋକୁ ଧନ୍ୟବାଦ ଜଣାଇଛନ୍ତି ।

ନକଲକାରୀଙ୍କ ପ୍ରତି ସାବଧାନ

'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ । ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ । ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ ।



MARUTI SUZUKI COMMERCIAL

ନିଜର ସ୍ୱପ୍ନକୁ ଦିଅନ୍ତୁ BS6 ର ଦମ

ଆଜି ବୁକ୍ କରନ୍ତୁ BS6 ପେଟ୍ରୋଲ ଏବଂ S-CNG ମାରୁତି ସୁଜୁକୀ Super Carry




100% ପର୍ଯ୍ୟନ୍ତ ଫଣ୍ଡିଙ୍ଗ୍^

SUPER CARRY SAVE UP TO ₹51 000*

SUPER CARRY

Visit www.marutisuzukicommercial.com | For more details & bulk enquiries, please write to us at supercarry@maruti.co.in

| BHUBANESWAR | BHUBANESWAR | CUTTACK | BARGARH | JEYPORE | BALASORE | ROURKELA | ANGUL |
|---|---|---|---|---|---|---|---|
| JYOTE MOTORS | TUSHI MOTORS | NARAYANI MOTORS | ODYSSEY MOTORS | LEGEND CARS | JYOTE MOTORS | ORBIT MOTORS | ODYSSEY MOTORS |
| Near Sai Temple, Cuttack Puri By Pass Road | Rajendra Complex, Main Road, NH-16 Khandagiri Square, Near Mithal Express | Nirgundi, Tangi, Cuttack | In front of Friends Villa, Main Road, Bargarh | Near Old TATA Showroom, Jeypore | Januganj, Remuna, Balasore | Near Pahadi Bar, Besides Bharat Petrol Pump, Vedvyas | Near Cineplex, NH 55, Kandasar, Angul |
| Ph: 8338033990 | Ph: 9439539200 | Ph: 8338033999 | Ph: 7381011332 | Ph: 8114397003 | Ph: 8338033992 | Ph: 9437007440 | Ph: 6370702436 |

OTHER CITIES: RAYAGADA, NABARANGPUR, BERHAMPUR, NAYAGARH, KEONJHAR, BOUDH, BOLANGIR, SAMBALPUR, JHARSUGUDA, KORAPUT, MALKANGIRI, KENDRAPADA, JAJPUR, BARIPADA, DHENKANAL, PURI CALL: 9039044755.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. Terms and conditions are subject to change without any prior notice. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Colors shown may vary from actual body color due to printing on paper. Offers may vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th June, 2022.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ